



# ଶମ୍ଭୁ ସନ୍ଦେଶ

## ୨୦୧୭







## ଅଖିଳ ଭାରତୀୟ ଗୌଣ୍ଡୱାନା ଗୌଣ୍ଡ ମହାସଭା

ଓଡ଼ିଶା ପ୍ରଦେଶ


ଗୌଣ୍ଡ ଭବନ, କାପୁମାଳ, ଇଣ୍ଡଷ୍ଟ୍ରିୟାଲ୍ ଇଷ୍ଟେଟ୍, ଝାରସୁଗୁଡ଼ା


ପୂର୍ଣ୍ଣିମା ଫିଲ୍ମସ୍ ପ୍ରସ୍ତୁତ
ମେଗା ଧାରାବାହିକ
PURNIMA FILMS
ରୂପା ଜହ୍ନ
ପ୍ରଯୋଜନା ଓ ନିର୍ଦ୍ଦେଶନା
ପ୍ରେମାନନ୍ଦ ମାଝୀ
କାହାଣୀ ଚିତ୍ରନାଟ୍ୟ ଓ ଗୀତ ରଚନା
ଇଂ. ପ୍ରତାପ ଚନ୍ଦ୍ର ମହାପାତ୍ର
ଭୁବନେଶ୍ୱର ଦୂରଦର୍ଶନ DD-Odia ରେ ଦେଖନ୍ତୁ
ପ୍ରତ୍ୟେକ ଶନିବାର ଓ ରବିବାର ସନ୍ଧ୍ୟା ଘ.୭.୩୦ମି. ରେ
ପୁନଃ ପ୍ରସାରଣ ପ୍ରତ୍ୟେକ ସୋମବାର ଓ ମଙ୍ଗଳବାର ସକାଳ ଘ.୧୦.୩୦ମି. ରେ
For Advertisement Contact : 9937161815 / 9337339379

# ଶମ୍ଭୁ ସନ୍ଦେଶ

## ୨୦୧୭





ମୁଖ୍ୟ ସମ୍ପାଦକ

**ଶ୍ରୀଯୁକ୍ତ ପ୍ରାଣବଲ୍ଲଭ ନାୟକ**

ପୂର୍ବତନ ବିଧାୟକ, ତେଲକୋଇ

ସମ୍ପାଦନା ମଣ୍ଡଳୀ

ଶ୍ରୀଯୁକ୍ତ ହେମେନ୍ଦ୍ର ନାୟକ
ଶ୍ରୀଯୁକ୍ତ ଭାଗିରଥୀ ନାୟକ
ଶ୍ରୀଯୁକ୍ତ ବଦ୍ରିନାରାୟଣ ବରିହା
ଶ୍ରୀଯୁକ୍ତ ସଦାଶିବ ନାୟକ
ଶ୍ରୀଯୁକ୍ତ ଲୋକନାଥ ପାତ୍ର
ଶ୍ରୀଯୁକ୍ତ ଗୌତମ ପାତ୍ର
ଶ୍ରୀଯୁକ୍ତ ବିନୋଦ ବିହାରୀ ପାତ୍ର
ଶ୍ରୀଯୁକ୍ତ ବିନୋଦ ବିହାରୀ ମଲ୍ଲିକ
ଶ୍ରୀଯୁକ୍ତ ଲବ ଭୋଇ
ଶ୍ରୀଯୁକ୍ତ ସେବତରାମ କୁମୁରା
ଶ୍ରୀଯୁକ୍ତ ଦେବରାଜ ମାଝୀ
ଶ୍ରୀଯୁକ୍ତ ସାମକୁମର ଭୋଇ

## ଅଖିଳ ଭାରତୀୟ ଗୌଣ୍ଡୱାନା ଗୌଣ୍ଡ ମହାସଭା

### ଓଡ଼ିଶା ପ୍ରଦେଶ

ମୁଖ୍ୟ କାର୍ଯ୍ୟାଳୟ
ଗୌଣ୍ଡ ଭବନ, କାପୁମାଲ୍, ଇଣ୍ଡଷ୍ଟ୍ରିୟାଲ୍ ଇଷ୍ଟେଟ୍
ଝାରସୁଗୁଡ଼ା

# ଶମ୍ଭୁ ସନ୍ଦେଶ

## ସ୍ମରଣିକା ୨୦୧୭

**SAMBHU SANDESH**
**Souvenir - 2017**

इस स्मरणीका अखील भारतीय गोंड़वाना गोंड़ महासभा ओड़िशा प्रदेश की तरफ से प्रकाशीत हुआ है। लेकिन इस में प्रकाशीत लेखा और मतामत लेखक / लेखीका की है। इसे संगठन का मत या उद्देश्य नहिं समझना चाहिये।

This Souvenir aims at dissaminating knowledge and information concerning Akhil Bharatiya Gondwana Gond Mahasabha's socio economic development, Art and Culture, Views, Records, Statistics and information published in this Souvenir are not necessarily those of Akhil Bharatiya Gondwana Gond Mahasabha, Odisha Pradesh

ଏହି ସ୍ମରଣିକା ଅଖିଳ ଭାରତୀୟ ଗୌଁଡ଼ୱାନା ଗୌଁଡ଼ ମହାସଭା, ଓଡ଼ିଶା ପ୍ରଦେଶ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏଥିରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ମହାସଭାର ବୋଲି ବୁଝିବାକୁ ହେବ ନାହିଁ।

**Publisher**

**AKHIL BHARATIYA GONDWANA GOND MAHASABHA**
**Odisha Pradesh**
**Gond Bhawan, Kapumal, Industrial Estate, Jharsuguda**

Cover Description :

**Chausathi Jogini Pitha,** Ranipur Jharial, Balangir
**Nrusinghanath -** Baragada, **Siba Mandir**, Ranipur Jharial
**Water Fall**, Harisankar, Balangir

Cover Design, Page Layout and Printing

**Prasanta Kumar Senapati**
**Old Town, Bhubaneswar Cell : 8763216649**

Contribution : Rs. 100/-
With a Complimentary DVD of 11th National Conference 2015 held at Jharsuguda
ସହଯୋଗ ରାଶି : ଟ. ୧୦୦/-

# AKHIL BHARATIYA GONDWANA GOND MAHASABHA
## ODISHA PRADESH

## BOARD OF PATRONS

| | | |
|---|---|---|
| 1. | Sri Ramesh Chandra Majhi<br>Hon'ble Minister<br>S.T. & SC Development Minorities and<br>Backward Classes Welfare | Chief Patron |
| 2. | Sri Duryodhan Majhi<br>Hon'ble MLA,Khariar | Patron |
| 3. | Sri Balabhadra Majhi<br>Hon'ble M.P.,Nabarangpur | Patron |
| 4. | Sri Rabi Narayan Naik<br>Hon'ble MLA,Kuchinda | Patron |
| 5. | Sri Bedvyas Naik<br>Hon'ble M.L.A,Telkoi | Patron |
| 6. | Sri Subas Gond<br>Hon'ble MLA,Umerkote | Patron |
| 7. | Sri Rajib Patra<br>Hon'ble MLA,Baliguda | Patron |
| 8. | Sri Hemendra Mohapatra<br>Ex-MLA,Bonai | Patron |
| 9. | Sri Anant Nayak<br>Ex-MP,Kendujhar | Patron |
| 10. | Sri Pranaballav Nayak<br>Ex-MLA,Telkoi | Patron |
| 11. | Sri Kanhu Charan Nayak<br>Ex-MP, Keonjhar | Patron |
| 12. | Sri Upendra Nath Nayak<br>Ex-MP, Keonjhar | Patron |

# AKHIL BHARATIYA GONDWANA GOND MAHASABHA
## ODISHA PRADESH


## BOARD OF ADVISORS

| | | | |
|---|---|---|---|
| 1. | Sri Khamsingh Majhi | Chief Advisor | 9777885109 |
| 2. | Er. Jayapal Nayak | Advisor | 9437188394 |
| 3. | Sri Biranchi Nayak | Advisor | 9668027847 |
| 4. | Sri Ramesh Chandra Sai | Advisor | 9437043011 |
| 5. | Sri Fakira Naik | Advisor | 9556994815 |
| 6. | Sri Chihiru Bhoi | Advisor | 9938310768 |
| 7. | Er. Homesingh Majhi | Advisor | 9437071759 |
| 8. | Er. Rabindranath Naik | Advisor | 9437083424 |
| 9. | Er. Rajendra Kumar Naik | Advisor | 9777670887 |
| 10. | Er. Swarupsingh Majhi | Advisor | 9437623219 |
| 11. | Sri Bhawani Sankar Kalo | Advisor | 9438123063 |
| 12. | Smt.Sarojini Majhi | Advisor | 9861438707 |
| 13. | Sj. Purna Chandra Mohapatra | Advisor | 9437419400 |
| 14. | Sj. Bhagirathi Nayak | Advisor | 9437066375 |

# OFFICE BEARERS

| | | |
|---|---|---|
| Sri Mahendra Naik | President | 9437446346 |
| Smt. Damayanti Mohapatra | Vice-President | 9438235726 |
| Sri Lilambar Kumura | Vice- President | 9178129403 |
| Sri Adhikari Patra | Vice-President | 7684875276 |
| Sri Bunde Dhurua | Secretary General, Samaj | 9438387414 |
| Sri Ramakanta Singh | Secretary General, Cultural | 8763542421 |
| Sri Pyari Mohan Nayak | Secretary General, Organisation | 9437729230 |
| Sri Hemanta Dhurua | Secretary General, Office | 9337337889 |
| Sri Basanta Kumar Bhoi | Secretary | 8093292218 |
| Sri Madhusudan Pradhan | Secretary | 9437258006 |
| Sri Soudagar Kuanr | Secretary | 9556843472 |
| Sri Gobinda Chandra Bhoi | Treasurer | 8895674157 |
| Sri Ranjansing Majhi | Executive Member | 9556240587 |
| Sri Laxminarayan Singh | Executive Member | 8658410168 |
| Sri Dibakara Patra | Executive Member | 9437739590 |
| Sri Janardan Nayak | Executive Member | 9777784156 |
| Sri Shayamsundar Bhoi | Executive Member | 9437430178 |
| Sri Kanhei Patra | Executive Member | 8018561551 |
| Sri Bishnu Charan Pradhan | Executive Member | 9438404868 |
| Sri Dambrudhar Kalo | Executive Member | 9556928869 |
| Sri Jagannath Bhoi | Executive Member | 9556295543 |
| Sri Krushna Buruda | Executive Member | 8763134297 |
| Sri Sanuram Nayak | Executive Member | 9556877987 |
| Sri Chaitanya Dhurua | Executive Member | 9938799204 |
| Sri Punitram Gond | Executive Member | 9778641922 |
| Sri Kulamani Singh | Executive Member | 8280059517 |
| Sri Duryodhan Bhoi | Executive Member | 9437969838 |
| Sri Lalit Mohan Pradhan | Executive Member | 9938585271 |

सत्यमेव जयते



**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରାଜ୍ୟ ସଚିବାଳୟ**
ଭୁବନେଶ୍ୱର

# ବାର୍ତ୍ତା

ଅଖିଳ ଭାରତୀୟ ଗୋଁଣ୍ଡୱାନା ଗଣ୍ଡ ମହାସଭା ପକ୍ଷରୁ ଏହାର ପ୍ରଥମ ରାଜ୍ୟସ୍ତରୀୟ ଅଧିବେଶନ ୨୦୧୭ ଡ଼ିସେମ୍ବର ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ଠାରେ ଆୟୋଜନ କରାଯାଉଥିବା ଏବଂ ଏହି ଅବସରରେ ଏକ ସ୍ମରଣିକା **"ଶମ୍ଭୁ ସନ୍ଦେଶ"** ପ୍ରକାଶ ପାଉଥିବା ଜାଣି ମୁଁ ବହୁତ ଖୁସି।

ଆମର ଜନଜାତି ସଂସ୍କୃତି ଓ ପରମ୍ପରା ଅତି ମହାନ୍। ଓଡ଼ିଶାର ସଂସ୍କୃତିରେ ଜନଜାତି ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଗଣ୍ଡ ସମାଜ ଆମର ଜନଜାତି ସଂପ୍ରଦାୟଙ୍କ ମଧ୍ୟରେ ଏକ ବୃହତ ସଂପ୍ରଦାୟ ଏବଂ ଏହାର ପ୍ରଭାବ ଓଡ଼ିଶା ଓ ଏହାର ପଡ଼ୋଶୀ ରାଜ୍ୟମାନଙ୍କରେ ମଧ୍ୟ ରହିଛି। ପ୍ରଥମ ରାଜ୍ୟସ୍ତରୀୟ ଅବସରରେ ମୁଁ ମହାସଭାର ସମସ୍ତ ସଦସ୍ୟ ଓ ଗଣ୍ଡ ସଂପ୍ରଦାୟର ଭାଇଭଉଣୀମାନଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ରାଜ୍ୟର ବିକାଶ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ କାମନା କରୁଛି।

ମୁଁ ଏହି ଅଧିବେଶନ ଓ ପ୍ରକାଶନର ସଫଳତା କାମନା କରୁଛି।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)



SHRI RAMESH CHANDRA MAJHI
Minister
S.T. & S.C. Development, Minorities &
Backward Classes Welfare, Odisha

D.O. No. 1487/MSTSC
Date : 5.12.2017


# Message

I am happy to learn that the Akhil Bharatiya Gondwana Gond Mahasabha is going to organise its maiden Rajyastariya Adhibesan on 23rd, 24th & 25th December, 2017. In order to make this auspicious occasion memorable a Souvenir (Sambhu Sandesh) is also scheduled to be published.

I wish grand success of this 1st Rajyastariya Adhibesan of Akhil Bharatiya Gondwana Gond Mahasabha and successful publication and wide circulation of the Souvenir (Sambhu Sandesh)

(Ramesh Chandra Majhi)

सत्यमेव जयते



**KALIKESH N. SINGH DEO**
Member of Parliament
(Lok Sabha)

**Member :**
- Committee on Estimates
- Sanding Committee on Pretroleum & Natural Gas
- Consultative Committee on Finance

33, Meena Bagh
Maulana Azad Road
New Delhi - 110011
Mob. : 9013980220

## MESSAGE

I am very glad to know that Akhil Bharatiya Gondwana Gond Mahasabha is going to Organise its 1st Rajyastariya Adhibesan from 23.12.2017 to 25.12.2017 December at Bolangir. On this auspicious occasion a souvenir in the name of "**SAMBHU SANDESH**" containing glorious history and socio-economic position of Gond Samaj will published.

I convey my best wishes to the Organizing Committee of Akhil Bharatiya Gondwana Mahasabha for its success.

(K.N. Singh Deo)



SHRI JOGENDRA BEHERA, M.L.A
Chairman
Committee on Subordinate Legislation
&
Member
Departmentally Related Standing
Committee-IV
Odisha Legislative Assembly
Qrs. No. S.G.O.-2, Unit-VI
Bhubaneswar

## MESSAGE

It gives me immense pleasure to know that Akhil Bharatiya Gondwana Gond Mahasabha is organising 1st Rajyastariya Adhibesan from 23rd to 25th December, 2017 at Bolangir and a souvenir “Sambhu Sandesh”, is being released on this occasion.

As Gond people are spread over different States, issues unique to the Samaj may come up for discussion and encourage all round development of the Samaj.

As this is the first step of the Samaj, I extend my best wishes to the Samaj on its 1st Rajyastariya Adhibesan and publication of “Sambhu Sandesh” a grand success.

**(Jogendra Behera)**

सत्यमेव जयते



**SRI DURYODHAN MAJHI**
M.L.A., KHARIAR

## Message

I am glad to know that Akhil Bharatiya Gondwana Gond Mahasabha Odisha Pradesh Ayojana Samiti is organizing its 1st State Level Conference on December 23rd to 26th, 2017 at Balangir in Odisha. A souvenir "Sambhu Sandesh" is being brought out on the occasion. It is hearting that delegates from more than ten states will participate in the Mahasabha.

I welcome all delegates from all over Odisha with a hope for grand success of the conference.

**(Duryodhan Majhi)**
M.L.A.,Khariar



**Sri Rabi Narayan Naik**
M.L.A., KUCHINDA

## Message

I am happy to know thatAkhil Bharatiya Gondwana Gond Mahasabha Odisha Pradesh Ayojana Samiti is organizing its 1st State Level Conference on December 23rd to 26th, 2017 at Balangir in Odisha. A commemorative souvenir 'Sambhu Sandesh' is being brought out to mark the occasion.

Gonds are the one of the major tribal community in India. In the socio-cultural mosaic they are identified distinctly for their undiluted culture and inherent traditions. This is a unique opportunity for the organisers to send a positive message to each members of the community spread all over the country.

I extend my best wishes to all the delegates of the Mahasabha and wish the publication of souvenir 'Sambhu Sandesh' all success.

**(Rabi Narayan Naik)**
M.L.A.,Kuchinda



**Sri Bedvyas Naik**
M.L.A., TELKOI

## Message

It is great pleasure that Akhil Bharatiya Gondwana Gond Mahasabha Odisha Pradesh Ayojana Samiti is organizing its 1st State Level Conference on December 23rd to 26th, 2017 at Balangir, Odisha and a commemorative souvenir 'Sambhu Sandesh' is being brought out.

The term Gond refers to a tribal peoples who live all over India's Deccan Peninsula. They live all over central India, especially in the states of Maharashtra and Odisha. As "hill people," they traditionally have been associated with hills and uplands in the Deccan Peninsula. Their folklore is rich and religious belief is unique. I hope, their 11th National Conference will go a long way in uniting them and protecting their age old tradition and culture.

I extend my heartiest greetings to all members of Gond Community and wish their conference and publication of souvenir "Sambhu Sandesh" all success.

**(Bedvyas Naik)**
M.L.A,Telkoi

सत्यमेव जयते



**SRI SUBAS GOND**
M.L.A., Umerkote

## Message

I am extremely happy to know that the Akhil Bharatiya Gondwana Gond Mahasabha Odisha Pradesh Ayojana Samiti is organizing its 1st State Level Conference on December 23rd to 26th, 2017 at Balangir and bringing out a Souvenir "Sambhu Sandesh" in multi language format in order to commemorate the occasion.

This State level Mahasabha will certainly send a message of Social, educational & cultural upliftment among the Gond People of Odisha. Besides, this will provide a stimulus to the local tradition and culture. The effort of the Organizing Committee is commendable.

I extend my best wishes to the organizers of the Odisha Pradesh Ayojan Samiti and wish this function a grand success.

**(Subas Gond)**
M.L.A.,Umerkote

सत्यमेव जयते



**SRI RAJIB PATRA**
M.L.A., Baliguda

# Message

I am happy to know that Akhil Bharatiya Gondwana Gond Mahasabha, Odisha Pradesh Ayojana Samiti is organizing its 1st State Level Conference on December 23rd to 26th, 2017 at Balangir and a souvenir titled 'Sambhu Sandesh' will be brought out to commemorate the occasion.

Tribal people contribute significantly to mainstream socio-economic development, Besides, their substantial participation in growth of our cultural resources is well acknowledged by social scientists. A multilingual data based souvenir pertaining their culture, economic status, educational performance will be of immense feedback that can be a vision document as well as a strategy roadmap.

I wish the conference and the publication of "Sambhu Sandesh"a grand success.

**(Rajib Patra)**
M.L.A.,Baliguda

## ରିଜୋଲ୍ୟୁସନ

# ଅଖିଳ ଭାରତୀୟ ଗୋଁଣ୍ଡୱାନ ଗୋଁଣ୍ଡ ମହାସଭା

## ଓଡ଼ିଶା ପ୍ରଦେଶ କମିଟି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ସ୍ଥାନ : ଭୁବନେଶ୍ୱର

ତାରିଖ - ୧୩.୫.୨୦୧୭ ରୁ ୧୫.୫.୨୦୧୭

ସମୟ ସକାଳ ୭ ଘଟିକାରୁ ରାତ୍ରୀ ୮ ଘଟିକା

ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା, ଓଡ଼ିଶା ପ୍ରଦେଶ କମିଟି ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ୧୩ ମଇ ୨୦୧୭ ରୁ ୧୫ ମଇ ୨୦୧୭ ମଧ୍ୟରେ ଭୁବନେଶ୍ୱର ୟୁନିଟ୍ ୮ରେ ଥିବା ଡି.ପି.ଆଇ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ମାନ୍ୟବର ବିଧାୟକ, ଖରିଆର ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମାଝୀ ଅଧ୍ୟକ୍ଷତା କରିଥିଲାବେଳେ ଓଡ଼ିଶାର ସବୁ ଜିଲ୍ଲାର ସଭାପତି ତଥା ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ତିନି ଦିନିଆ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କମିଟି ୧୫ ଦଫା ସମ୍ବଳିତ ଜରୁରୀ ପ୍ରସ୍ତାବ ଗ୍ରହଣ କରିଛି। ଏଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ କମିଟି ନିଷ୍ପତ୍ତି ନେଇଛି।

### ପାରିତ ପ୍ରସ୍ତାବ

୧. ଗୁଡି/ପଲ୍ଲୀ/ପୁଞ୍ଜି, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ଚାରିସ୍ତରୀୟ କମିଟି ଗଠନ ହେବ।

୨. ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଯିଏ ମଦ ପିଇବ ତାକୁ ସମାଜର ସହଯୋଗ ମିଳିବ ନାହିଁ। ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ୫ ହଜାରରୁ ୫୦ ହଜାର ଯାଏ ସହଯାଗ ରାଶି ଆଦାୟ ହେବ। ଏଥିରେ ଉଲଂଘନ ହେଲେ ଗୋଁଣ୍ଡ ମହାସଭା ପରବର୍ତ୍ତୀ ଦଣ୍ଡ କ'ଣ ହେବ ସ୍ଥିର କରିବ।

୩. ଗୋଁଣ୍ଡ ସମାଜ ପକ୍ଷରୁ ପୌଷ୍ୟ ଶିକ୍ଷାର୍ଥୀ ଯୋଜନା କାର୍ଯ୍ୟକାରୀ ହୋଇଛି। ଏଣିକି ପ୍ରତି ଜିଲ୍ଲାରୁ ଅନ୍ୟୁନ ୫ ଜଣ ଛାତ୍ରଛାତ୍ରୀଙ୍କୁ ପୌଷ୍ୟ ଶିକ୍ଷାର୍ଥୀ ଗ୍ରହଣ କରାଯିବ। ମାଗଣାରେ ପିଲାମାନଙ୍କର ରହିବା ଓ ପଢ଼ିବା ବ୍ୟବସ୍ଥା କରାଯିବ।

୪. ଗୁଡି ପଲ୍ଲୀ ଓ ପୁଞ୍ଜି ସ୍ତରରେ ପାଠାଗାର ପ୍ରତିଷ୍ଠା ହେବ।

୫. ସୁନ୍ଦରଗଡ଼ ଜିଲ୍ଲା ଭୋଇପାଲିରେ ମହାପ୍ରଭୁ ଶ୍ରୀ ଶ୍ରୀ ଜଙ୍ଗୋବଡଦେବଙ୍କ ନାମରେ ଆବାସିକ ଇଂରାଜୀ ମାଧ୍ୟମ ସ୍କୁଲ୍ ରହିଛି। ଏଣିକି ପ୍ରତ୍ୟେକ ଜିଲ୍ଲାକୁ ଶ୍ରୀ ଶ୍ରୀ ଜଙ୍ଗୋ ଓ ବଡ଼ଦେବଙ୍କ ସ୍କୁଲ୍ ସଂପ୍ରସାରଣ ହେବ।

୬. ଓଡ଼ିଶା ରାଜ୍ୟ ତଥା ଜିଲ୍ଲା ଓ ବ୍ଲକ୍ ସ୍ତରରେ ଥିବା ଏକାଧିକ ସଂଗଠନ ଆଉ ରହିବ ନାହିଁ। ଏକାଧିକ ଥିବା ଏସବୁ ସଂଗଠନ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ସହ ବିଲୀନ ହେବ। ଏସବୁ କାର୍ଯ୍ୟ ତଦାରଖ ପାଇଁ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ ହେବ।

୭. ଗୋଟିଏ ସଂସ୍କୃତି ଓ ପରମ୍ପରାରେ ବାନ୍ଧି ହେବା ପାଇଁ ବଡଦେବ ପଞ୍ଜିକା ପ୍ରଚଳନ ହେବ। ଓଡ଼ିଶର ସବୁ ପ୍ରାନ୍ତରରେ ଗୋଁଣ୍ଡ ସମାଜ ଲୋକେ ଏହି ପଞ୍ଜିକାନୁସାରେ ରୀତିନିତି ପାଳିବେ। ପ୍ରତିଟି ଗୋଁଣ୍ଡ ଲୋକ ପଇତା ଧାରଣ ସହ ଶ୍ରୀ ଶ୍ରୀ ବଡଦେବଙ୍କ ପୂଜା କରିବେ। ଘର ସମ୍ମୁଖରେ ଫଳକ ଲଗାଇ ସେଥିରେ 'ଜୟ ବଡଦେବ' ଲେଖିବେ।

୮. ରାଜ୍ୟରେ ଗୋଁଣ୍ଡ ଲୋକଙ୍କ ସଂଖ୍ୟା କେତେ ? ତାହା ଆକଳନ ହେବ। ସେଥିପାଇଁ କମ୍ପ୍ୟୁଟରୀକୃତ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଏଥି ସହ ସମସ୍ତଙ୍କୁ ମିଳିବ ପରିଚୟ ପତ୍ର।

୯. ମେଧା ସମ୍ମାନ ପାଇଁ ମେଧାବୀ ଛାତ୍ର ଛାତ୍ରୀଙ୍କ ପଲ୍ଲୀ, ଗୁଡ଼ି ଓ ପୁଞ୍ଜି ସ୍ତରରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ।

୧୦. ଜଣେ ବ୍ୟକ୍ତି ଗୋଟିଏ ପଦବୀରେ ରହିବେ। ଯିଏ ଏକାଧିକ ପଦରେ ଥିବେ ତାଙ୍କୁ ଗୋଟିଏ ପଦରେ ରହି ବାକି ପଦ ଛାଡିବାକୁ ପଡ଼ିବ।

୧୧. ସମିତିର କାର୍ଯ୍ୟକାଳ ୨ ବର୍ଷ ରହିବ।

୧୨. ପ୍ରତିବର୍ଷ ଶମ୍ଭୁ ସନ୍ଦେଶ ପ୍ରକାଶ ପାଇବ।

୧୩. କଟକର ମଙ୍ଗୁଳି ଛକରୁ ସମ୍ବଲପୁର ଧନୁପାଲି ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯିବାକୁ ଦାବି ହେବ। ସେହିପରି ସାଏଙ୍କ ନାମରେ ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯିବ।

୧୪. ମହାସଭା ପାଇଁ ଗୁଡି, ପଲ୍ଲୀ ଓ ପୁଞ୍ଜ ସ୍ତରରେ ଗ୍ରହଣ ହୋଇଥିବା ସଭ୍ୟ ଚାନ୍ଦା ଓ ସହଯୋଗୀ ଅର୍ଥ ସେହି ଶାଖା ନିଧିରେ ଜମା ହେବ। ଆଜୀବନ ସଦସ୍ୟ ଚାନ୍ଦା ସଂପୃକ୍ତ ଜିଲ୍ଲା ଶାଖା ନିଧିରେ ଜମା ହେବ। ଅବଶିଷ୍ଟ ସଂରକ୍ଷିତ ସଦସ୍ୟ ମାନଙ୍କ ଠାରୁ ପ୍ରାପ୍ତ ଦାନ ଓ ଅନ୍ୟାନ୍ୟ ସୂତ୍ରରୁ ମିଳିଥିବା ଦାନ ରାଜ୍ୟ ପାଣ୍ଠିରେ ଜମା ହେବ। ଗୁଡି, ପୁଞ୍ଜ ଓ ପଲ୍ଲୀ ସ୍ତରରେ ଜମା ହୋଇଥିବା ବାର୍ଷିକ ପାଣ୍ଠି ୫୦ ପ୍ରତିଶତ ରାଶି ରାଜ୍ୟ ସ୍ତରୀୟ ପାଣ୍ଠିରୁ ଅନୁଦାନ ଆକାରରେ ସେମାନଙ୍କୁ ପୃଥକ ଭାବେ ପୈଠ ହେବ।

୧୫. ଚଳିତ ବର୍ଷ ଡ଼ିସେମ୍ବରରେ ପ୍ରଥମ ରାଜ୍ୟ ସ୍ତରୀୟ ଗୋଁଣ୍ଡ ମହାସଭା ବଲାଙ୍ଗୀରରେ ଅନୁଷ୍ଠିତ ହେବ। ତେଣୁ ସଂଗଠନର ପୂର୍ବ ଆୟ ବ୍ୟୟର ହିସାବ ତନଖି ସେପ୍ଟେମ୍ବର ପୂର୍ବରୁ ଶେଷ ହେବ।

ଉପରୋକ୍ତ ପ୍ରସ୍ତାବ ଗୁଡିକ କମିଟିର ସର୍ବସମ୍ମତ ମତାନୁସାରେ ପାରିତ ହୋଇଛି। ଏସବୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ।

| | | |
|---|---|---|
| **(ମହେନ୍ଦ୍ର ନାଏକ)** | **(ପ୍ୟାରମୋହନ ନାୟକ)** | **(ଖାମସିଂହ ମାଝୀ)** |
| ରାଜ୍ୟ ସଭାପତି | ମହାସଚିବ (ସଂଗଠନ) | (ମୁଖ୍ୟ ଉପଦେଷ୍ଟା) |

ବିଜ୍ଞାପନ ସଂଖ୍ୟା ୧/୧୦୧୭ ତାରିଖ ୨୯.୭.୨୦୧୭ ଏହାର ଏକକିତା ନକଲ ଜିଲ୍ଲା ସଭାପତି, ଗୋଁଣ୍ଡ ସମାଜ, ସୁନ୍ଦରଗଡ/ଝାରସୁଗୁଡା/ ସମ୍ବଲପୁର / ଦେବଗଡ/କେଉଁଝର/କନ୍ଧମାଳ/ନବରଂଗପୁର/ମାଲକାନଗିରି/ନୟାଗଡ଼/ଖୋର୍ଦ୍ଧା/ଗଜପତି ତାଙ୍କର ଅବଗତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଗଲା।

**(ମହେନ୍ଦ୍ର ନାଏକ)**
ସଭାପତି
ଓଡ଼ିଶା ପ୍ରଦେଶ

# ପ୍ରଥମ ରାଜ୍ୟସ୍ତରୀୟ ଅଧିବେଶନ ସମ୍ବନ୍ଧରେ ପଦେ



୨୦୧୫ ମସିହା ଡ଼ିସେମ୍ବର ମାସରେ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ୧୧ତମ ରାଷ୍ଟ୍ରୀୟ ଅଧିବେଶନ ଝାରସୁଗୁଡ଼ା ଠାରେ ଅନୁଷ୍ଠିତ ହୋଇଥିଲା । ବିଶେଷ କରି ଓଡ଼ିଶାରେ ଥିବା ଆମର ଭାଇଭଉଣୀ ମାନଙ୍କ ସହଯୋଗରେ ଏହା ଶତ ପ୍ରତିଶତ ସଫଳ ମଧ ହେଲା । ସବୁବେଳେ ରାଷ୍ଟ୍ରୀୟ ଅଧିବେଶନ ଆମ ଓଡ଼ିଶାରେ ସମ୍ଭବ ନୁହଁ । ଏଣୁ ପ୍ରଥମ ଥର ପାଇଁ ଓଡ଼ିଶା ପ୍ରଦେଶର ରାଜ୍ୟସ୍ତରୀୟ ଅଧିବେଶନ ଆୟୋଜନ କରିବା ପାଇଁ ସ୍ଥିର ହେଲା । ଏହା ଶେଷରେ ଆସି ପହଞ୍ଚି ଯାଇଛି । ପଥରଚେପା ପଡ଼ିଆ, ବଲାଙ୍ଗୀର ଠାରେ ଡ଼ିସେମ୍ବର ୨୩ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ।

ରାଜ୍ୟସ୍ତରୀୟ ଅଧିବେଶନ ଅବସରରେ ଆମେ ପରସ୍ପର ଆଲୋଚନା କରିବାର ସୁଯୋଗ ପାଇବା ସଂଗେ ସଂଗେ ନୃତ୍ୟ, ସଂଗୀତ ତଥା ସଂସ୍କୃତିର ପ୍ରଦର୍ଶନ କରିପାରିବା । ଆମର ଲୁପ୍ତ ହୋଇ ଯାଇଥିବା  କଳା, ସଂସ୍କୃତିକୁ ମନ୍ଥନ କରି ପୁର୍ନଜୀବନ ଦେବା । ଏହି ଅବସରରେ ପ୍ରସ୍ତୁତ ସ୍ମରଣିକା 'ଶମ୍ଭୁ ସନ୍ଦେଶ'ରେ ଯେଉଁମାନେ ଲେଖା ଦେଇଛନ୍ତି ସେମାନଙ୍କୁ ଧନ୍ୟବାଦ ଜଣାଉଛି । ଏତଦ୍ ବ୍ୟତୀତ ବିଜ୍ଞାପନ ଦାତା, ଶୁଭେଚ୍ଛୁ, ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମର ସମସ୍ତ ବନ୍ଧୁମାନଙ୍କୁ ସେମାନଙ୍କର ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି ।

ରାଜ୍ୟସ୍ତରୀୟ ପୃଷ୍ଠପୋଷକ ମଣ୍ଡଳୀ, ଉପଦେଷ୍ଟାମଣ୍ଡଳୀ, ଅଫିସ୍ କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ କମିଟି, ବ୍ଲକ, ଗୁଡ଼ି, ପଲ୍ଲୀ, ପୁଞ୍ଜା, ମଣ୍ଡଳ, ପଞ୍ଚାୟତ ତଥା ଗ୍ରାମମାନଙ୍କରେ ଥିବା ସମସ୍ତ କମିଟି ପାଖରେ ଓଡ଼ିଶା ପ୍ରଦେଶ ଆୟୋଜନ ସମିତି ଚିରଋଣୀ ହୋଇ ରହିବ । ସେମାନଙ୍କର ପୂର୍ଣ୍ଣ ସହଯୋଗ ଏ ଅଧିବେଶନର ସଫଳତା ଆଣିଦେବ । ଏହି ଅବସରରେ ମେଧା ସମ୍ମାନ ୨୦୧୭ ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରୁଛି ।

ମୁଁ ବଡ଼ଦେଓ ନିକଟରେ ସମସ୍ତଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହିତ ସମସ୍ତଙ୍କୁ ଇଂରାଜୀ ନବବର୍ଷ - ୨୦୧୮ ଶୁଭେଚ୍ଛା ଜ୍ଞାପନ କରୁଛି ।

**ଜୟ ବଡ଼ଦେଓ ଜୟ ସେବା**

**ମହେନ୍ଦ୍ର ନାଏକ**

ଅଖିଳ ଭାରତ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା

ରାଜ୍ୟ ସଭାପତି, ଓଡ଼ିଶା

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ / ଲେଖିକା | ପୃଷ୍ଠା |
|---|---|---|---|
| ୧. | କଥାକଞ୍ଚିତେ | ମୁଖ୍ୟ ସମ୍ପାଦକଙ୍କ କଲମରୁ | ୦୧ |
| ୨. | ବଡଦେଓ ଓରଫ କୁନ୍ଦାଦେଓ | କେଶରୀ କୁଅଁର | ୦୫ |
| ୩. | ମା' ଗଡ଼େନ | ଧନେଶ୍ୱର ବାରିକ | ୦୮ |
| ୪. | 'ଡଙ୍ଗର ଉହାଡ଼'ର କଥା | ଜିତେନ୍ଦ୍ର ପଟ୍ଟନାୟକ | ୧୩ |
| ୫. | 'ଗୋଁଣ୍ଡ ଆଦିବାସୀ ସମାଜର ଆର୍ଥିକ ପ୍ରଗତିରେ ମହିଳାଙ୍କ ଭୂମିକା' | ଅଧ୍ୟାପିକା ସୁକାନ୍ତି ନାୟକ | ୧୫ |
| ୬. | ଯଶୋମଣ୍ଡିତା - ଗୋଁଡ଼ ନାରୀ | ଶ୍ରୀ ଦିବାକର ପାତ୍ର | ୧୮ |
| ୭. | ନରମାଦା (ନର୍ମଦା) ନଦୀର ଉତ୍ପତି | ମାଧବ ଚନ୍ଦ୍ର ଗଡନାୟକ | ୨୪ |
| ୮. | "ଗୋଣ୍ଡି ଭାଷାର ସୃଷ୍ଟି (ଜନଶ୍ରୁତି) ଓ ଅନ୍ୟ ଭାଷା ଗୋଷ୍ଠୀ ସହ ସଂପର୍କ" | ଡୋଳାମଣି ଧରୁଆ | ୨୭ |
| ୯. | "ଦୁର୍ଗତି ନାଶିନୀ ଦେବୀ ଦୁଆରଶନୀ" | ଶ୍ରୀ ଗରୁଡଧ୍ୱଜ ମାଝୀ | ୩୩ |
| ୧୦. | ଗଣ୍ଡ ଜାତିର ସମସ୍ୟାର କାରଣ ଓ ନିରାକରଣ | ଶ୍ରୀ ଦେବରାଜ ମାଝୀ<br>ଶ୍ରୀମତୀ ସ୍ୱର୍ଣ୍ଣଲତା ଧରୁଆ | ୩୫ |
| ୧୧. | କୋୟା ପୁନେମ୍ ଧ୍ୱଜ ଦର୍ଶନ | ମୂଳହିନ୍ଦୀ - ମୋତିରାମ ଛତିରାମ କଙ୍ଗାଲୀ<br>ଭାଷାନ୍ତର - ଶ୍ରୀମତୀ ସୁରୁ ଭୋଇ | ୩୭ |
| ୧୨. | ସଂକଳ୍ପ | ଶ୍ରୀ ଖୁଜାର ନାୟକ | ୩୮ |
| ୧୩. | ମୂକ ହେଲେ ବଡ଼ଦେବ | ଗୌତମ ପାତ୍ର | ୪୦ |
| ୧୪. | ଆଜିର ସମାଜରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା | ଶ୍ରୀମତୀ କୁମାରୀ ଭୋଇ | ୪୨ |
| ୧୫. | ପ୍ରାଚୀନ ଇତିହାସରେ ଗୋଁଡ଼୍ | ବିନୋଦ ବିହାରୀ ପାତ୍ର | ୪୫ |
| ୧୬. | ଗୋଁଡ : ଇତିହାସର ସବୁଠାରୁ ବିଡ଼ମ୍ବିତ ଜାତି | ଶ୍ରୀ ବିରଞ୍ଚି ନାୟକ | ୪୭ |
| ୧୭. | ଜୟସେବା, ଜୟ ବଡାଦେବ, ଜୟ ଗୋଁଡ଼ୱାନା | ବଦ୍ରୀ କୁମାର ବରିହା | ୫୦ |
| ୧୮. | ଗୋଁଡ଼ି ଜାତି ସମାଜର ନୃତ୍ୟ କଳା ଦର୍ଶନ | ଶ୍ରୀ ବିନୋଦ ବିହାର ମଲ୍ଲିକ | ୫୨ |
| ୧୯. | ଇରୁକମା | ମୂଳ ଗୋଁଡିଭାଷା - ବସୁଧା ମଣବୀ<br>ଭାଷାନ୍ତର - ଶ୍ରୀ ଗୁଣନିଧି ଧୁରୁଆ | ୫୪ |
| ୨୦. | ଗଣ୍ଡୁକୀ ପୁରାଣ, ଗୋଁଡ଼ ସାଂସ୍କୃତିକ ସମାଜ ଓ<br>ଷଡ଼ବଂଶୀ ଗୋଁଡ଼ ଜାତିର ଅନ୍ତର୍ନିହିତ ରହସ୍ୟ | ପ୍ରାଣ ବଲ୍ଲଭ ନାୟକ | ୫୭ |
| ୨୧. | ସମ୍ବଲପୁର ମୁକ୍ତି ସଂଗ୍ରାମର ଗୋଁଣ୍ଡ ମାନଙ୍କର ଭୂମିକା | ଧନେଶ୍ୱର ସିଂହ | ୬୩ |
| ୨୨. | ବଡଦେଓ ଆବାହନ | କେଶରୀ କୁଅଁର | ୬୯ |
| ୨୩. | ଆଦିବାସୀ ଜୀବନ୍ | ହିମାଂଶୁ ଦଳପତି | ୭୦ |
| ୨୪. | ଗୋଲକ ଧନ୍ଦା | ଶ୍ରୀ ଯଦୁମଣି ପ୍ରଧାନ | ୭୧ |
| ୨୫. | ଭକ୍ତି ଜଣାଣ | | ୭୨ |
| ୨୬. | ଗଣ୍ଡ | ଦିବାକର ପାତ୍ର | ୭୩ |
| ୨୭. | ଛାଲ ମହାପାତ୍ର | ଶ୍ରୀ ନାରାୟଣ ନାୟକ | ୭୪ |
| ୨୮. | ରହସ୍ୟ | ଭୋଳାନାଥ ଜଗତ | ୭୫ |
| ୨୯. | ସୃଷ୍ଟି | ଭୋଳାନାଥ ଜଗତ | ୭୬ |
| ୩୦. | ସ୍ମୃତି ପଥେ | ପୁଷ୍ପା ନାଏକ | ୭୮ |
| ୩୧. | ମା | ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ | ୭୯ |
| ୩୨. | ଜାତିର ଜୟଗୀତି | ଶ୍ରୀ ଲବ ଭୋଇ | ୮୦ |
| ୩୩. | ଆମେ ଗୋଁଣ୍ଡୱାନା ଗୋଁଣ୍ଡ | ଚମରା ଧରୁଆ | ୮୧ |
| ୩୪. | ସମର୍ପଣ | ଅନନ୍ତ ଚରଣ ନାୟକ | ୮୨ |
| ୩୫. | ନାରୀ | | ୮୩ |
| ୩୬. | ସଂକ୍ଷିପ୍ତ ବିବରଣୀ - ବଡ଼ଦେଓ ମନ୍ଦିର - ନଅଗାଁ (ଖ) | | ୮୪ |

## ମୁଖ୍ୟ ସମ୍ପାଦକଙ୍କ କଲମରୁ.... ?

# କଥାକଞ୍ଚତେ

### ଓଁ ଜଙ୍ଘା ଦେବାୟେ ନମଃ...

ଗୋଁଡ଼ ସାଂସ୍କୃତିକ ସମାଜ ଭାଇ ଓ ଭଉଣୀମାନଙ୍କୁ ନମସ୍କାର। ମୋର ଏ ବିନମ୍ର ଆବେଦନକୁ ଆପଣମାନେ କିଭଳି ଗ୍ରହଣ କରିବେ ମୋତେ ଜଣାନାହିଁ। ଏଣୁ ଯଦି କିଛି ଭୁଲଭଟକା ବା ଅବୋଧ ଅବତାରଣା କରିଥାଏ ଆପଣମାନେ ଆପଣା ଆପଣା ମହାନ ଗୁଣରେ କ୍ଷମାଦେବେ। ଅନେକ ସମୟରେ ଦିଅଁ ଗଢୁ ଗଢୁ ବାନର ଗଢ଼ା ହୋଇଯାଏ। କିନ୍ତୁ ବାସ୍ତବତଃ ବିବର୍ତ୍ତନବାଦର ସୂତ୍ର ଅନୁସାରେ ବାନର ଗଢ଼ାରୁହିଁ ଦିଅଁ ଗଢ଼ା ସମ୍ଭବ ହୋଇଛି। 'ଯେତେ ଜନ ସେତେ ମନ' ଦର୍ପଣର କାଚ ଗୋଟିଏ ହୋଇଥିଲେ ମଧ୍ୟ ଦେଖିଲାବାଲାଙ୍କର ମୁହଁ ଅଲଗା ଅଲଗା। ଅସୁମାରୀ ଖଳ ପ୍ରକୃତି ସଂପ୍ରତି ପତ୍ୟେକ ମୁହୂର୍ତ୍ତରେ ଆମ୍ଭମାନଙ୍କୁ ଖିନଭିନ୍ କରି ଉସୁକାଇ, ଆମ ସଙ୍ଗରେ ପ୍ରତାରଣା ପୂର୍ଣ୍ଣ ମିତ୍ରତା ଆଚରଣ କରି ଆମ୍ଭମାନଙ୍କର ଏକତା ଓ ଏକାଗ୍ରତାରେ ଘୁଣ ଲଗାଇ ଭାଙ୍ଗି ଚାଲିଛନ୍ତି ସେମାନେ।

ଯେଣେ ଚାହିଁ କେବଳ ଷଡ଼ଯନ୍ତ୍ରର ଅଗ୍ନିଶିଖା ହୁତୁହୁତୁ ହୋଇ ଜଳୁଛି। ଯେଉଁମାନେ ଦିନେ ସେମାନଙ୍କ ପାଇଁ ସହସ୍ର ସହସ୍ର ଜାତି ଓ ଉପଜାତି ସୃଷ୍ଟି କରିଥିଲେ ପୁଣି ଆଜି ସେହିମାନେ ସୁଖ ସୁବିଧା ପାଇଁ ଜାତିବର୍ଣ୍ଣ କିଛି ନାହିଁବୋଲି ଡିଣ୍ଡିମପିଟି ବୁଲିଲେଣି। ଆମ୍ଭେମାନେ ସଂଗଠିତ ହେବାଟାକୁ ସେମାନେ ସହ୍ୟ କରିପାରୁ ନାହାନ୍ତି। ବେଳ, କାଳ ପାଗ ଅନୁକୂଳ ପରିସ୍ଥିତିକୁ ଦେଖି ସେମାନଙ୍କୁ ସୁହାଇଲାଭଳି ନୀତି, ନିୟମ, ରୀତିରିବାଜ୍ ସେମାନେ ସୃଷ୍ଟି କରି ଚାଲିଛନ୍ତି। ଏସବୁ ରହସ୍ୟ ଭିତରେ ଆମ୍ଭେମାନେ ସମସ୍ତେ ନିଃସହାୟ। ଏହାକୁ ଭେଦକରି ଏଥିରୁ ନିଜକୁ ମୁକୁଳାଇ ଏକ ସୁସ୍ଥ, ସଂସ୍କୃତିପୂର୍ଣ୍ଣ, ସ୍ୱଚ୍ଛଳ ଜୀବନଟିଏ ଲାଭ କରିବା ସକାସେ ଗୋଁଡ ସାଂସ୍କୃତିକ ସମାଜ ଓଡ଼ିଶା, ନିଜ ନିଜ ମଧ୍ୟ ସଚେତନତାର ପରିସରକୁ ଅଧିକ ବ୍ୟାପକ କରାଯିବା ସକାସେ ପ୍ରତ୍ୟେକ ବର୍ଷ ପଲ୍ଲୀ ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟ ସ୍ତରରେ ସାଂସ୍କୃତିକ ସମ୍ମେଳନମାନ ବ୍ୟବସ୍ଥା କରାଇ ଆସୁଅଛି। ଏହି ସମ୍ମେଳନ ମାନଙ୍କରେ ଆମ୍ଭେମାନେ ଏକାଠି ହେବା, ଭାଇ ବିରାଦରଭାବରେ, ଜତିଗୋତ୍ର ଓ ବଂଶାନୁସାରେ ପରସ୍ପର ଆତ୍ମଖୋଲା ଆଲୋଚନା କରିବା, ନିଜେ ନିଜେ ନିକଟତରରୁ ନିକଟତମ ହୋଇ ପରସ୍ପର ସମସ୍ତେ ନିବିଡ଼ ଭାବରେ ଭାବର ଆଦାନ ପ୍ରଦାନ କରିବା ଆମ ଇତିହାସକୁ ମନ୍ଥନ କରିବା ଓ ଭବିଷ୍ୟତକୁ ଗାରିମାମୟ କରିବାକୁ ସଙ୍କଳ୍ପବଦ୍ଧ ହେବା। ସତରେ ଗଙ୍ଗାଭଳି ସ୍ୱଚ୍ଛ ପବିତ୍ର, ହିମାଳୟ ପରି ସୁଉଚ୍ଚ, ବିଶାଳ ସମୁଦ୍ରପରି ଅଥଳ ଗଭୀର ଗୋଁଡ ଜାତିର ଦାୟାଦ ହିସାବରେ ଏହାର ପୂର୍ବାପର ପରାକାଷ୍ଠାକୁ ଆମ୍ଭେମାନେ ମନେପକାଇ ପାରିବା ନାହିଁ ? ପୁନଃର୍ଦ୍ଧାର କରିପାରିବା ନାହିଁ ଏହାର ହଜିଲା ଅତୀତକୁ ? ଗୋଁଡଜାତି ଏକ ବୀର ଜାତି, ସେଥିପାଇଁ କୁହାଯାଇଛି –

"ଗୋଁଡ ନାମ ହୈ ବୀରକା ନରମେ ନର ଯୋ ହୋୟ,
ପ୍ରତିପାଲେ ଅନ୍ନ ହୈ ଗୋଁଡ କାହାଓ୍ୱେ ସୋୟ।
ରାଜଗୋଁଡ ପ୍ରଣବୀର ହୈ କ୍ଷତ୍ରିୟ କେ ସରଦାର,
ରାଜପୁର ହୈ ବର୍ଣ୍ଣମେ ଗୋଁଡ ଉପାଧି ପ୍ରସାର।।"

ଏଠାରେ କଥା ପ୍ରସଙ୍ଗରେ କେତୋଟି ସତ୍ୟ ଉଦାହରଣ ଉପସ୍ଥାପନା କରିବାକୁ ବାଧ୍ୟ ହେଉଛି। ଆମ ଭିତରୁ କେତେକ ଆମ ଜାତିର ଭାଇ ଭଉଣୀ ତାସ୍ଛଲ୍ୟ ଭାବେ ଗୋଟିଏ କଥାକୁ ବାରମ୍ବାର ଦୋହରାଉ ଥବାର ଦୃଷ୍ଟାନ୍ତ ଅନେକ ଆମ୍ଭେ ଜାଣିଛେ। କଥାଟି ହେଲା, 'ଗୋଁଡ ଏକ ବୀର ଜାତି, ସେମାନେ ପରାକ୍ରମି, ସେମାନଙ୍କର ଅତୀତ ଅତି ଗୌରବମୟ, ଦୀର୍ଘଦିନ ଧରି ଏମାନେ ଭାରତର ବିଭିନ୍ନ ରାଜ୍ୟକୁ ଶାସନ କରୁଥିଲେ... ଇତ୍ୟାଦି... ଇତ୍ୟାଦି।' ଏହିକଥାକୁ ବ୍ୟଙ୍ଗାତ୍ମକ ଢ଼ଙ୍ଗରେ ସେମାନେ ଉପହାସ କରିଚାଲିଛନ୍ତି। ଆମ ସଂଗଠନ ଏହିସବୁ କଥା କହି ଗୋଁଡ ଜାତିକୁ ସଂଗଠିତ କରିବାରେ ବୃଥା ଅପଚେଷ୍ଟା କରୁଛି ବୋଲି ଦୋଷାରୋପ କରି ଚାଲିଛନ୍ତି। ଯେତେ କହିଲେ କ'ଣ ହେବ 'ଗଣ୍ଡ ହିଁ ଗଣ୍ଡ' ଏସବୁ ହେଲା ସେମାନଙ୍କର ଭାଷା। ଯେଉଁମାନେ ଏହି ବଂଶରୁ ଜନ୍ମ ହୋଇ, ଏହାରି ଐତିହ ଓ ପରମ୍ପରାରୁ ଆଜି ସୁଯୋଗ ପାଇଁ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଓ ସରକାରୀ କର୍ମକ୍ଷେତ୍ର ମାନଙ୍କରେ ପଶି କିମ୍ବା ସୁଯୋଗ ହେତୁ ଅଧିକ ରୋଜଗାରକ୍ଷମ ହୋଇଛନ୍ତି ସେହିମାନଙ୍କ ମଧ୍ୟରୁ କେତେକ ନିଜର ଗୋଁଡ ଜାତିର ଦାୟାଦ ବୋଲି ପରିଚୟ ଦେବାରେ ସାହସ ସେମାନଙ୍କର ନାହିଁ। ନିଜକୁ ଗୋପନ ରଖି ଆମ୍ଭମାନଙ୍କୁ ନିରୁତ୍ସାହିତ କରିବାହିଁ ସେମାନଙ୍କର ଉଦ୍ଦେଶ୍ୟ।

ଏଣୁ ଏ କ୍ଷେତ୍ରରେ ଗୋଟିଏ କଥାମାତ୍ର ଆମ୍ଭେ ସୂଚାଇ ଦେବାକୁ ଚାହୁଁ। ଦୀର୍ଘ ଦିନ ଧରି ଗୋଁଡ ଜାତିର ସଂଗଠିତ କରିବା କାମରେ ନିଜକୁ ନିୟୋଗ କରି ଆସିଥିବା ଗୋଁଡ ସାଂସ୍କୃତିକ ସଂଗଠନ କାହାରିକୁ ପ୍ରତାରିତ କରିବାକୁ ଚାହିଁ ନାହିଁ। ବରଂ ମହାଭାରତର ଦୁରାଚାରୀ ଦୁର୍ଯ୍ୟୋଧନ ଭ୍ରାତା ଦୁଃଶାସନ ଦ୍ୱାରା କୁରୁକ୍ଷେତ୍ରରେ ପ୍ରଥମେ ଆଘାତ ପ୍ରାପ୍ତ ହୋଇ ତଳେ ପଡ଼ିରହିଥିବା ମହାପରାକ୍ରମଶାଳୀ ବୀରପୁଙ୍ଗବ ଭୀମସେନର କର୍ଣ୍ଣ ପାର୍ଶ୍ୱରେ ପଞ୍ଚଜନ୍ୟର ଶବ୍ଦାୟିତ ତରଙ୍ଗରେ ଶପ୍ତଶୃଙ୍ଗ ଶପ୍ତଶୃଙ୍ଗ ବୋଲି ସାମର୍ଥର ଅତୀତର ଗୁପ୍ତରହସ୍ୟକୁ ସ୍ମରଣ କରାଇଦେଲା ଭଳି, ଏ ଜାତି ସଂଗଠନ କେବଳ ପ ଜନ୍ୟର ଭୂମିକା ଦେବାକୁ ପ୍ରୟାସ କରୁଛି ମାତ୍ର। ଏହାଦ୍ୱାରା ଗୋଁଡ ସମାଜ ପୁଣିଥରେ ପୁନଃର୍ଗଠିତ ହେବ, ଅଭାବ, କଷଣ, ଅନାଟନା ଇତ୍ୟାଦି ସଙ୍ଗରେ ଲଢ଼ି ତାର ଐତିହକୁ ଫେରାଇ ଆଣିବ।

ଆଜି ଦେଶ ଅନୁପାତରେ ଜାତିୟତାକୁ ଧରାଯାଉଅଛି। ଏପରି ବିଚାର ବେଳେ କୌଣସି ଏକ ଜାତିର ସ୍ଥିତି ନିହାତି ନଗଣ୍ୟ ହେବା ସ୍ୱାଭାବିକ। କିନ୍ତୁ ତଥା କଥିତ ଉଚ୍ଚବର୍ଗ ବ୍ୟକ୍ତିମାନେ ଓ ବଡପଣ୍ଡାମାନେ ଏହି ଜାତିୟତା ଆକ୍ଷାରୁ ମଧ୍ୟ ଲାଭବାନ ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ଭାରତର ଲୋକେ 'ଭାରତୀୟ' ଜାପାନର ଲୋକେ 'ଜାପାନୀୟ' ଓ ମିଶର ଦେଶର ଲୋକେ 'ମିଶରୀୟ' ଏହା ଦ୍ୱାରା ଦେଶର ମହାନ ସ୍ୱାର୍ଥ ସାଧିତ ହେବାର ଏଭଳି ଜାରତୀୟ ଭାବ ରହିବା ଏକାନ୍ତ ଅପରିହାର୍ଯ୍ୟ। କିନ୍ତୁ ଆମ ଭାରତ ବର୍ଷ ଭଳି ଦେଶର ସୁବର୍ଣ୍ଣ ବା ଉଚ୍ଚବର୍ଗମାନେ ନିଜର ବୁଦ୍ଧିମତା ପ୍ରୟୋଗ କରି ଏହି ଭାବକୁ ସୋମନଙ୍କର ନିଜ ସ୍ୱାର୍ଥରେ ବିନିଯୋଗ କରିବା ସକାଶେ ସମଗ୍ର ଭାରତୀୟ ନାଗରିକଙ୍କ ନାମ ପାଖରୁ ଜାତିକୁ ଉଚ୍ଛେଦ କରାଇ ଦେବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି। ଯାହା ଫଳରେ ଗତ ୨୦୦୧ ମସିହାରେ ବିସ୍ତୃତ ଜନଗଣନା ଅବସରରେ ଲୋକମାନଙ୍କର ନାମ ପଛରେ ଜାତି ଉଲ୍ଲେଖ ନ କରାଯିବାକୁ ପ୍ରାୟତଃ ଭାରତ ସରକାର ନିଷ୍ପତ୍ତି କରିଥିଲେ। କିନ୍ତୁ ଆମ ଓଡ଼ିଶା ରାଜ୍ୟ ଗୋଁଡ଼ ସାଂସ୍କୃତିକ ସମାଜ ଭଳି ବିଭିନ୍ନ ରାଜ୍ୟର ଦଳିତବର୍ଗ, ପିଛିଲାବର୍ଗ, ସଂଖ୍ୟାଲଘୁ ବର୍ଗସ୍ଥ ଜାତି, ଉପଜାତି ଓ ଜନଜାତିର ରାଜ୍ୟ ତଥାଃ କେନ୍ଦ୍ରିୟ ସଂଗଠନମାନେ ପ୍ରବଳ ବିରୋଧ କରିବାରୁ ସେହି ଜନଗଣନାରେ ଗଣନାଭୁକ୍ତ ସମସ୍ତ ବ୍ୟକ୍ତିଙ୍କ ନାମ ପଛରେ ଜାତିକୁ ଉଲ୍ଲେଖ କରାଯିବାକୁ ସରକାର ନିଷ୍ପତ୍ତି କଲେ। ଏଭଳି ନାମ ପଛରେ ଜାତିକୁ ଉଡାଇ ଦେବାର ଷଡ଼ଯନ୍ତ୍ର କରାଯିବା ପଛରେ ଉଚ୍ଚଜାତି ବ୍ୟକ୍ତିମାନଙ୍କ ସୁଦୂର ପ୍ରସାରି ଯୋଜନା ଥିଲା।' ଏଣୁ ତାକୁ ମୂଳରୁ ଭାଙ୍ଗି ଚୁରମାର କରିଦେଲେ କଥା ସରିଲା। କାରଣ ଜାତିଥିଲେ ସିନା ଥୋକେ ଆଦିବାସୀ, ଦଳିତ ପିଛିଲାବର୍ଗ ବା ସଂଖ୍ୟାଲଘୁ କହି ନିଜ ନିଜର ଦାବି ପୂରଣ ପାଇଁ ଚିତ୍କାର କରିବେ ? ଯଦି ଏଇଆ ହୋଇଥାନ୍ତା ତେବେ ସେଇମାନେ ପୂର୍ବଭଳି ସମସ୍ତଙ୍କର ସମସ୍ତ ସୁବିଧା ସୁଯୋଗକୁ ଏକଚାଟିଆ କରି ଉପଭୋଗ କଲାବେଳେ ତାଙ୍କ ବିରୋଦ୍ଧରେ କହିବାକୁ ସୁଯୋଗ ନଥାନ୍ତା।

ଟିକିଏ ତଳେଇ କରି ଦେଖିଲେ, ଆମ୍ଭେମାନେ ଅନେକ କଥା ସହଜରେ ବୁଝି ପାରିବା। ସ୍ୱାଧୀନ ହେବାର ସମୟ ଯା ମଧ୍ୟରେ ଅର୍ଦ୍ଧ ଶତାବ୍ଦୀ ବିତିଯାଇଥିଲେ ମଧ୍ୟ ଉଚ୍ଚବର୍ଗଙ୍କର ପୂର୍ବରୁ ଉପଜାତି, ଜନଜାତି, ପ୍ରଜାତି, ଦଳିତବର୍ଗ, ପିଛିଲାବର୍ଗ ଓ ସଂଖ୍ୟାଲଘୁଙ୍କ ପ୍ରତି ଯେଉଁ ଘୃଣା, ଦ୍ୱେଷ, ହିଂସା, ପରଶ୍ରୀକାତରତା, ହେୟ ଓ ନଗଣ୍ୟ ଭାବ ରଖିଥିଲେ, ଆଜି କ'ଣ ସେ ସବୁ ସେମାନଙ୍କ ମନରୁ ଦୂରିଭୂତ ହେଲାଣି ? ଆମେ ଯେତେ ବାହାସ୍ଫୋଟ ମାରୁଥିଲେ ମଧ୍ୟ ଏଭଳି ଜାତିଆଣ ବିଭେଦ ସମାଜକୁ ଦୂରହୋଇନାହିଁ। ବରଂ କେତେକ ସ୍ଥଳେ ଜାତିବାଦକୁ ଉପରଦେଖାଣିଆ ଗୌଣ କରାଯାଇ ରାଜନୈତିକ ବାଦରେ ବଶୀଭୂତ ହୋଇ ଏଥିରୁ କେବଳ ଫାଇଦା ଉଠାଯାଉଅଛି। ଏହି କାରଣରୁ ଆଞ୍ଚଳିକବାଦ, ଭାଷାବାଦ, ଦଳଗତ ବାଦ ଓ ଜାତିଗତ ବାଦ ଅଧିକ ସ୍ୱେଚ୍ଛାଚାରୀ ହୋଇ ଦେଶ ରାଜ୍ୟ ବା ଅଞ୍ଚଳମାନଙ୍କରେ ରହୁଥିବା ନିରୀହ ଆଦିବାସୀ, ହରିଜନ, ପିଛିଲା ବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ଉପେକ୍ଷା କରାଯାଉଅଛି। ଏହି ହେତୁରୁ ଆମ୍ଭେମାନେ ହୀନ ବଳ ହୋଇ ପଡୁଛନ୍ତି। ସରକାର କେବଳ ଭୋଟରାଜନୀତିରେ ବିଶ୍ୱାସ ରଖି ଆମ୍ଭ ସମଷ୍ଟିଙ୍କି କପଟ କରି ଚାଲିଛନ୍ତି।

ଯେତେବେଳେ ସରକାର ଓ ଉଚ୍ଚବର୍ଗ ବ୍ୟକ୍ତିଙ୍କଦ୍ୱାରା ଏଭଳି ଅଭିସନ୍ଧି ପୂର୍ଣ୍ଣ ଷଡ଼ଯନ୍ତ୍ର ବିଛାଇ ଦିଆଯାଇଛି, ସେତିକିବେଳେ ଆମ ସହିତ ରହୁଥିବା ଆମରି ଶିକ୍ଷିତ ଭାଇ ଭଉଣୀମାନେ ଏସବୁ କିଛି ବୁଛି ନପାରି ଗୋଡଟଣା ନୀତିରେ ବିଶ୍ୱାସ ରଖି ଜାତି ପ୍ରତି ଯେଉଁ ସାମାନ୍ୟତମ ଅନୁରକ୍ତି ରଖିବା କଥା ବା ସମାଜନୀତିକୁ ସମ୍ମାନ ଦେବାକଥା, ତାହାଯଦି ସେମାନେ ନଦିଅନ୍ତି ତେବେ ଏ ସମାଜର ଅବସ୍ଥା କ'ଣ ହେବ ? ଏଣୁ ହେ ମୋର ପ୍ରିୟ ସମାଜ ଭାଇଭଉଣୀମାନେ ଆସ ଆମେ ମନେ ରଖିବା–

"ଆମେକିରେ ଖାଲି
ଗୋଁଡ ଜାତିର
ଆକୁଳ ଆବେଗ ବ୍ୟାକୁଳ ଆଶା,
ଏଇମିତି ଖାଲି ଗାଇ ଚାଲିଥିବା
ଛନ୍ଦ ମଧୁର ଭାଷା।"

ଏଠାରେ ପ୍ରକୃତ ରହସ୍ୟ ଉନ୍‌ମୋଚନ କରିବାକୁ ଯାଇ ଆବଶ୍ୟକ ମୁତାବକ ଆଦିବାସୀ, ହରିଜନ, ପିଛିଲାବର୍ଗ ଓ ସଂଖ୍ୟାଲଘୁ ଇତ୍ୟାଦି ବର୍ଗ ବିଶେଷଙ୍କୁ ଆଲୋଚନା ପରିସର ମଧ୍ୟକୁ ଅଣାଯାଇଥିଲେ ମଧ୍ୟ ଆମ ଗୋଁଡ ସମାଜ କେନ୍ଦୁଝର ଜିଲ୍ଲାରେ ବାସକରୁଥିବା ଅନ୍ୟାନ୍ୟ ସଂପ୍ରଦାୟମାନଙ୍କ ମଧ୍ୟରେ ଏକ ମୁଖ୍ୟ ଅଙ୍ଗ ଅଟେ। ଦେଖିବାକୁ ଗଲେ ପ୍ରାୟତଃ ଏ ଜିଲ୍ଲାର ତେରୋଟି ଯାକ ବ୍ଲକ୍‌ରେ ଗୋଁଡ ଜାତି ବାସ କରନ୍ତି। ତନ୍ମଧ୍ୟରୁ ତେଲକୋଇ, ଘଟଗାଁ, ସଦର ଓ ପାଟଣା ବ୍ଲକରେ ବହୁତ ସଂଖ୍ୟାରେ ଗୋଁଡ ଜାତିର ଲୋକମାନେ ବାସ କରନ୍ତି। ସେହି ଦୃଷ୍ଟିରୁ ସମାଜ ଗଠନ, ଆମର ଆଗାମୀ ପିଢ଼ୀଙ୍କର ଶିକ୍ଷା ବ୍ୟବସ୍ଥା, ମାତୃଜାତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ଶିକ୍ଷିତ ବେକାର ଯୁବ ସମାଜକୁ କର୍ମ ସଂସ୍ଥାନ ପାଇଁ ଦିଗ ଦର୍ଶନ, ସମାଜସ୍ଥ ପ୍ରତ୍ୟେକ ପରିବାର ମଧ୍ୟରେ ନିଜ ନିଜର ଆୟ ଅନୁପାତରେ ମିତବ୍ୟୟିତା ଓ ସେମାନଙ୍କର ମଧ୍ୟରେ ସମନ୍ୱୟଭାବ ସୃଷ୍ଟି ଇତ୍ୟାଦିକୁ ଗୁରୁତ୍ୱ ଆରୋପ କରାଯାଇ ସଚେତନତା ବଢ଼ାଇବା ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କିରବା ପାଇଁ ଆଜି ଗୋଁଡ ସାଂସ୍କୃତିକ ସମାଜ ସଂକଳ୍ପବଦ୍ଧ। ଏସବୁ ବ୍ୟତିତ ଆମ କେନ୍ଦୁଝର ଜିଲ୍ଲାରେ ଥବା ତେରିସଗୋଟି ଗୋଁଡ ସାଂସ୍କୃତିକ ପଲ୍ଲୀ ସଂଗଠନ ମଧ୍ୟରେ ଗୋଟିଏ ଚଳନି, ଗୋଟିଏ ଆଦର୍ଶ, ସମସ୍ତ ସଂସ୍କାରରଏକ ସମାଭାବାତ୍ମକ ମୂଲ୍ୟବୋଧ, ପୂଜା ପୁଆଣି, ବାହାଘର, ସୂତୀକ, ମୃତକ କର୍ମକର୍ମାଣୀ, ବନ୍ଧୁତା ସ୍ଥାପନ, ସମାଜର ଉ ର ଦାୟିତ୍ୱ, ଷଡ଼ବଂଶର ପରମ୍ପରା ମଧ୍ୟରେ ଥିବା ତାତ୍‌ପର୍ଯ୍ୟ, ଷଡ଼ବଂଶ ମଧ୍ୟରେ ପ୍ରଚଳିତ ଦେବ ବ୍ୟବସ୍ଥା (ଦିଆ) ଗୁରୁ, ଗୋତ୍ର ଓ ଦେବତା ବା ଦେବୀମାନଙ୍କ ସମ୍ବନ୍ଧରେ ଅଧିକ ଶିକ୍ଷା ପ୍ରଦାନର ବ୍ୟବସ୍ଥା, ଲୁପ୍ତପ୍ରାୟ, ଐତିହାସିକ ଘଟଣାବଳିର ଅନୁସନ୍ଧାନ, ସମାଜ ମଧ୍ୟରେ ପୂଜ୍ୟ ପୂଜାର ପ୍ରଚଳନ ଓ ପ୍ରତ୍ୟେକ ଷଡ଼ବଂଶସ୍ଥ ପରିବାରଗୁଡ଼ିକ ମଧ୍ୟରେ ପରସ୍ପର ମୂଳତଃ କିଭଳି ସମ୍ପର୍କ ରହିବା ଆବଶ୍ୟକ ସେ ସବୁ ଅନାଦି କାଳରୁ କାହିଁକି ରହି ଆସିଅଛି ? ଏଥିପାଇଁ କାହିଁକି ସ୍ଥଳ ବିଶେଷରେ (ବିବାହାଦି କର୍ମରେ) ସମଗୋତ୍ର ଓ ସମବଂଶ ମଧ୍ୟରେ ବିବାହ କରାଯିବା ପାଇଁ କଠୋର ଭାବରେ ନିଷିଦ୍ଧ କରାଯାଇଅଛି ସେ ସବୁ ଦସଗରେ ଯୁବ ପିଢ଼ୀକୁ ଉଚ୍ଚିତ ଶିକ୍ଷାଦେବା ଇତ୍ୟାଦି ପାଇଁ କେନ୍ଦୁଝର ଜିଲ୍ଲା ଗୋଁଡ ସାଂସ୍କୃତିକ ସମାଜ କର୍ତ୍ତବ୍ୟରତ। କାରଣ ଆମ ନଜରକୁ ଅନେକ ଅନାଚାର ଘଟଣା ସମାଜ ମଧ୍ୟରେ ଘଟୁଥିବାର ଖବର ଆସୁଅଛି। ସମଗ୍ର ମାନବ ଜାତି ଆଜି ନିଜକୁ ଯେତେବଡ଼ ସଭ୍ୟସମାଜର ଅଧିକାରୀ ବୋଲି ଦେଖାଇ ହେଉଥିଲେ ମଧ୍ୟ ଗୋଁଡ ସାସଂସ୍କୃତିକ ସମାଜ ମଧ୍ୟରେ ଯେଉଁସବୁ ସଂସ୍କାର ରହିଛି ତାହା ଅନ୍ୟ କୌଣସି ସମାଜରେ ଦେଖିବାକୁ ମିଳେ ନାହିଁ। ଅନ୍ୟସମାଜରେ ଲୋକମାନେ କେବଳ ଦୁଇଜାତି (ନାରୀ ଓ ପୁରୁଷ) ପ୍ରତି ଗୁରୁତ୍ୱ ଦେଇ ବିବାହାଦି କର୍ମମାନ ସମ୍ପାଦନ କରିଥାନ୍ତି। ଏହି ଦୃଷ୍ଟିରୁ ବହୁ ଉଦଭଟ ସମାଜର ଅଭ୍ୟୁଦୟ ଘଟୁଅଛି। ଲୋକ ଚରିତ୍ର ଏଣିକି ପଶୁସ୍ତରକୁ ଆସି ପହଞ୍ଚି ଗଲାଣି। ଗୋଁଡ ସାଂସ୍କୃତିକ ସମାଜର ଅର୍ଥନୈତିକ ଜୀବନ ଶୈଳି ହୁଏତ ନିମ୍ନଗାମୀ ହୋଇଛି କିନ୍ତୁ ସମାଜ ଓ ସଂସ୍କାର ସ୍ତରରେ ଏ ଜାତି ଏବେବି ଭାରତ ବର୍ଷରେ ନିଜର ପରମ୍ପରା, ଐହତିହ ଓ ସ୍ୱାଭିମାନକୁ ବଜାଏ ରଖିଅଛି।

ଏଣୁ ପ୍ରସଙ୍ଗକ୍ରମେ ଆପଣମାନଙ୍କୁ (ସମସ୍ତଙ୍କୁ) ଉପରୋକ୍ତ ଦିଗ ଗୁଡ଼ିକ ପ୍ରତି ଅଧିକ ସଚେତନ ରହିବାକୁ ଆମ୍ଭେ ସୂଚାଇ ଦେଉଅଛୁକି ଆମ୍ଭେମାନେ ଯଦିଓ ଏହାକୁ ପ୍ରଗାଢ଼ ଆନ୍ତରିକତା ସହିତ ପାଳନ କରିବା ନାହିଁ ତେବେ ଆମର ଏ ଆନ୍ଦୋଳନ ମୂଲ୍ୟହୀନ ହୋଇପଡ଼ିବ। ଯେଭଳି ଆମ୍ଭେମାନେ ଜାଣିଛନ୍ତି, ନିଶା ରୂପକ ରାକ୍ଷସ କବଳରୁ ଏ ଜାତିର ଅଧୋଗତିଗାମୀ ବ୍ୟକ୍ତିମାନେ ତ୍ରାହି ପାଇବା ପାଇଁ ଯଦି ଅଧିକ ସତର୍କ ନ ରହିବେ ତେବେ ଜାତିର ସୁଦୂର ଭବିଷ୍ୟତ ଅନ୍ଧାରରେ ନିଶ୍ଚୟ ବିଲିନ ହୋଇଯିବ, ସେତେବେଳେ ପଛକୁ ଅଣ୍ଡାଳିଲା ବେଳେ ଆଉ କିଛି ନଥିବ।

ଦେଖିବାକୁ ଗଲେ ଏବେ ଆମ୍ଭମାନଙ୍କ ମଧ୍ୟରୁ ଅନେକ ଭାଇ ଭଉଣୀମାନେ ଶିକ୍ଷାଲାଭ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି। କିଛି ଭାଇ ଭଉଣୀମାନେ ମଧ୍ୟ ସୁବିଧା ସୁଯୋଗ ପାଇ ବିଭିନ୍ନ ପ୍ରକାର ଚାକିରୀ କ୍ଷେତ୍ରରେ ପ୍ରବେଶ କରିଛନ୍ତି। କିନ୍ତୁ ସତରେ ଏହା କ'ଣ ଆମ ପାଇଁ ଯଥେଷ୍ଟ ? ଅନ୍ୟ ସଂପ୍ରଦାୟର ଭାଇ ଭଉଣୀମାନଙ୍କ ତୁଳନାରେ ଆମ ସମାଜର ଭାଇ ଭଉଣୀମାନେ ଭାରତୀୟ ସେବାରେ, ଆଇନ ବ୍ୟବସାୟରେ, ବାଣିଜ୍ୟ ବ୍ୟବସାୟ, କଳା, ଶିଳ୍ପ, ସଂଗୀତ, ନୃତ୍ୟ ସମାଜ ସେବା, ଚିକିତ୍ସା, ଠିକାଦାରୀ ଇତ୍ୟାଦିରେ ପ୍ରବେଶ କରିଥିବା ହିସାବ ନିହାତି ନଗଣ୍ୟ। ଏଣୁ ଆମ୍ଭମାନଙ୍କର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ପରିସର କିପରି ସମୃଦ୍ଧ ହୋଇ ପାରିବ ? ଆମ୍ଭମାନଙ୍କର ଇଚ୍ଛା ଶକ୍ତିର ଘୋର ଅଭାବର କୌଣସି ଗୁରୁ ଦାୟିତ୍ୱ ବହନ କରିବାକୁ ଆମ୍ଭେମାନେ ସାହସ କରିପାର ନାହାଁନ୍ତି। ଏଣୁ ବ୍ୟକ୍ତିଗତ ଭାବରେ କିମ୍ବା ଦଳଗତ ଭାବରେ ଆମ୍ଭମାନଙ୍କ ମଧ୍ୟରୁ କୌଣସି ଭାଇ କିମ୍ବା ଭଉଣୀ ଆର୍ଥିକ ଓ ସମାଜିକ ସ୍ଥିତି ବଦଳାଇବାରେ ସମର୍ଥ ହୋଇ ପାରି ନାହାଁନ୍ତି। ଓଡ଼ିଶା ଗୋଁଡ ସାଂସ୍କୃତିକ ସମାଜ ମଧ୍ୟରୁ କୌଣସି ଭାଇ କିମ୍ବା ଭଉଣୀ ଦୁଃସାହସିକ ପଦକ୍ଷେପ ସ୍ୱରୂପ କୌଣସି ସ୍ୱାଧୀନ ଅନୁଷ୍ଠାନ ଗଠନକରି କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରି ଉନ୍ନତି କରିଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ବିରଳ। ଏହିସବୁ କାରଣରୁ

ସମଗ୍ର ରାଜ୍ୟରେ ଆସ୍ମମାନଙ୍କର ସତ୍ତା ଅନ୍ୟମାନଙ୍କ ତୁଳନାରେ ନିଃଛିନ୍ନ ପ୍ରାୟ। କେବଳ ବଞ୍ଚି ରହିବାକୁ ମାଟି ସଙ୍ଗେ ମାଟି ହୋଇ ପଥର ସଙ୍ଗେ ପଥର ପାଲଟି ଛୁଆ ପିଲାଙ୍କ ମୁହଁରେ ତୋରାଣି ମୁନ୍ଦାଏ ଦେବାଛଡା, ଅଧିକ ଆମେ କ'ଣ କରିପାରିଛନ୍ତି। ଅଧୁନାତନ ସମାଜରେ କିଏ କାହାକୁ ପୋଷଣ ବା କରିବ! ନିଜ ପାଇଁ ନିଜେ ଆମେ ଯଦି ସଜାଗ ନହେବା ତେବେ ସବୁ ନିରର୍ଥକ ହୋଇଯିବ।

ଏଣୁ ଆମ କେନ୍ଦୁଝର ଜିଲ୍ଲା ଗୋଁଡ ସାଂସ୍କୃତିକ ସମାଜର କିଛି ଶୁଭ ଚିନ୍ତକ ଭାଇମାନେ, ଆମର ଆରାଧ୍ୟ ଦେବୀ 'ମାତା ଗୌରୀଙ୍କ ନାମାନୁସାରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ''ଗୌରୀ ସମନ୍ୱିତ ପ୍ରଗତି ପ୍ରତିଷ୍ଠାନ'' ନାମରେ ଏକ ସାମାଜିକ-ଅର୍ଥନୈତିକ ଆନ୍ଦୋଳନ ଜନ୍ମଦେଲା ଭଳି ସଂସ୍ଥାଟିଏ ପ୍ରତିଷ୍ଠା କରିଛନ୍ତି। ଏହି ସଂସ୍ଥା ମାଧ୍ୟମରେ ଜିଲ୍ଲାରେ ସମସ୍ତ ପଲ୍ଲୀରେ ଶାଖାମାନ ଖୋଲାଯାଇ ନିଜ ନିଜର ତଥା ସମାଜର ଉନ୍ନତି ସାଧନ କରାଯାଇ ପାରିବ। ଆପଣମାନଙ୍କୁ ଦିଗ୍‌ଦର୍ଶନ ଦେବା ସକାଶେ ''ଗୌରୀ ପ୍ରଗତି ପ୍ରତିଷ୍ଠାନ''ର କର୍ମକର୍ତ୍ତାମାନେ ଉତ୍ସୁକ ଅଛନ୍ତି। ଏଣୁ ଏହାର ସଦୁପଯୋଗ ଆପଣମାନେ କରିବାକୁ ଆଶା କରୁ।

ଶେଷରେ ଆମ ଗୋଁଡ ସାଂସ୍କୃତିକ ସମାଜର ଶିକ୍ଷିତ ଭାଇ ଭଉଣୀମାନଙ୍କୁ ପଦେ ମନ କଥା କହି ବକ୍ତବ୍ୟ ଶେଷ କରୁଛି। କଥାଟା ଟିକିଏ ଅଡୁଆ ଲାଗିପାରେ, 'କଥାରେ ଅଛି ସୁଲକ୍ଷଣ ପୁଅ ବଂଶକୁ କାରଣ' ପୁଅ ଝିଅ ଚାହିଁଲେ ବଂଶ ଉଜ୍ଜ୍ୱଳ। ନୋହିଲେ, ମାନହାନୀ ଭଳି ଦୁଃଖ ହିଁ ଦୁଃଖ ଠାରୁ ମରମ ସୁଖ-କଥାଟା ହେଲା, ଅନ୍ୟ ସମାଜର ଚାଲାଖ ଚତୁର ଥିବା ବ୍ୟକ୍ତିମାନଙ୍କର ଅଶୁଭ ନଜର ଏଣିକି ଆମ ସମାଜ ଉପରେ ପଡ଼ିଛି। କାରଣ ଆମ ସମାଜର ଅବିବାହିତ ଶିକ୍ଷିତ-ଶିକ୍ଷିତା ସରକାରୀ କର୍ମରତ ଭାଇ ଭଉଣୀକୁ କଳେବଳେ କରାୟତ କରାଯାଇ ସେମାନଙ୍କୁ ଅକ୍ତିଆରକୁ ନେବା ପାଇଁ ସେମାନେ ଆଉପାଦେ ଆଗକୁ ଆଗେଇ ସାରିଛନ୍ତି। ଆମର କର୍ମରତ ଭଉଣୀଟିଏ ଜୀବନସାରା ଫଳନ୍ତି ବୃକ୍ଷଭାବରେ ପାଇବାକୁ ପ୍ରଲୋଭିତ କରାଇ କେହି କେହି ପତ୍ନୀ ବା କେହି କେହି ବନ୍ଧୁ ଭାବରେ ଗ୍ରହଣ କରିନେବାକୁ ଦ୍ୱିଧାହୀନ ପ୍ରସ୍ତୁତି ଆମ୍ଭେମାନେ ଦେଖୁଛନ୍ତି। ପୁଣି ଆମର ରୋଜଗାରିଆ ପୁଅଟି କେତେବେଳେ ନିଜ ଅଜ୍ଞାତରେ ସେମାନଙ୍କର ଭରଣପୋଷର ଦାୟିତ୍ୱ ବହନ କରିଯିବା ସାଙ୍ଗକୁ ତାଙ୍କ କନ୍ୟାଟିର ଭବିଷ୍ୟତକୁ ସ୍ୱଚ୍ଛନ୍ଦ ଓ ସୁଗମ କରି ଗଢ଼ି ତୋଳୁଛି। କେତେକ ଏଭଳି ଘଟଣାକୁ ବୟସ ଓ ବନ୍ଧୁତା ଦୃଷ୍ଟିରୁ ଘଟିଯାଉଛି ବୋଲି ଯୁକ୍ତି ବାଢ଼ି ପାରନ୍ତି ମାତ୍ର ଏଥିପାଇଁ ସେହିସବୁ ସମାଜମାନଙ୍କର ଅନ୍ତର୍ନିହିତ ଅଭିପ୍ସା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଯାଉଛି। ଯାହା ସେମାନଙ୍କର ସ୍ୱୀକୃତି ଏହା ଭିତରେ ଅନ୍ତରାଳରେ ଥିବା କଥା ବାହାରକୁ ଜଣା ପଡୁନାହିଁ। ଏହା ହେଲେ ଏ ସମାଜ ଯେଉଁ ତିମିରେ କୁ ସେହି ତିମିରେ। ଏଣୁ ଏଥିପ୍ରତି ପ୍ରତ୍ୟେକ ପିତାମାତା ସେମାନଙ୍କର ପୁତ୍ର ଓ କନ୍ୟା ପ୍ରତି ବେଳୁହିଁ ସାବଧାନରେ ରହିବା ବାଞ୍ଛନୀୟ। କାରଣ ଏଭଳି ଉଦାହରଣ ଆମ ପାଖରେ ଯଥେଷ୍ଟ ରହିଛି। ଯେଉଁ ଭାଇ ଭଉଣୀମାନେ ଥରେ ପଥ ହୁଡ଼ିଛନ୍ତି ସେମାନେ ଆଉ ଆମ ପାଖରେ ନାହାନ୍ତି।

ଦିନ ଥିଲା ଗୋଁଡ ଜାତି ତିନି ପର୍ଯ୍ୟାୟରେ ବିଭକ୍ତ ହୋଇ ଅସ୍ତ୍ରଧାରର ଚକମ୍‌ଖରେ ବସିଭୂତ କରିଥିଲା ମାନବ ଜାତିକୁ। 'ରାଜଗୋଁଡ' ରାଜ୍ୟ ଶାସନ ଦାୟିତ୍ୱ ମୁଣ୍ଡ ଉପରେ ବହନ କରି ରାଜ୍ୟର ସୀମାକୁ ଅଧିକ ପ୍ରସାର କରି ଚାଲିଥିଲା। ଶାସନର ଦଣ୍ଡରେ ସେ ବିମଣ୍ଡିତ ହୋଇ ପ୍ରଜାବତ୍ସଳ ରାଜ୍ୟ ଭାବରେ ଖ୍ୟାତି ଅର୍ଜନ କରିଥିଲା। 'ଅମାତ୍ୟଗୋଁଡ' ଉତ୍ତମ ପରାମର୍ଶ ଦେଇ ଓ ସମସ୍ତ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାରେ ନିଜର ପରାକାଷ୍ଠା ପ୍ରତିପାଦନ କରିପାରିଥିଲା। ସେ ଥିଲା ରାଜା ଓ ପ୍ରଜାଙ୍କର ଉତ୍ତମ ମିତ୍ର। 'ଧ୍ରୁବଗୋଁଡ଼' ନିଜର ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଏବଂ ସତ୍ୟ ଶାନ୍ତି ବଳୟରେ ସର୍ବଦା ରହି ନିଜକୁ ଉତ୍ସର୍ଗ କରୁଥିଲା ମାନବ ଜାତିର କଲ୍ୟାଣ ପାଇଁ। ସେହି ମାର୍ଗରେ ଆସନ୍ତୁ ଆମ୍ଭେ ସମସ୍ତେ ସମ୍ମିଳିତ ହୋଇଯିବା। ଅଗାଧ ବାରିଧି ପ୍ରାୟ ଗୋଁଡ ସାଂସ୍କୃତିକ ସମାଜର ସ୍ୱତନ୍ତ୍ର ପରିଚୟଟିଏ ପୁନଃ ସ୍ଥାପନ ନହେଲା ପର୍ଯ୍ୟନ୍ତ ଏ ସଂଗ୍ରାମ ଚାଲୁରଖି ସମସ୍ୱରରେ ଗାଇଯିବା-

ସଭିଏଁ ମିଳାଇ ହାତ<br>
ଏ ଜାତିର ଅଛ ଯେତେ ଭଉଣୀ ଓ ଭାଇ,<br>
ଏ ଧରାର ଯେଉଁ ପ୍ରାନ୍ତେ<br>
ଥାଅ ପଛେ ନିଜେ ନିଜର ପରିବାର ନେଇ।<br>
ଉଠିଛିରେ କିଏ କହ<br>
ଏକା ଏକା ଏକତାକୁ ଛାଡି,<br>
ଏଇ ଦେଖ ଦ୍ୱିତୀୟ ପାଣ୍ଡବ<br>
ଜାତିମହାସଭା ଦେଲାଣିରେ ରଡ଼ି।।

ପୁରୋଧା<br>
ଅଖିଳ ଭାରତ ଗୋଁଡୱାନା ଗୋଁଡ ମହାସଭା,<br>
ଓଡ଼ିଶା ଶାଖା




# ବଡଦେଓ ଓରଫ କୁନ୍ଦାଦେଓ

## କେଶରୀ କୁଅଁର

ଓଁ ଅକାର ଉକାର ମକାର ନିରାକାର ନିରଞ୍ଜନ ଶୂନ୍ୟଶୂନ୍ୟ ମହାଶୂନ୍ୟ
ନାହିଁ ଧରତୀ, ନାହିଁ ପୃଥ୍ୱୀ, ନାହିଁ ଜଳ, ନାହିଁ ସ୍ଥଳ, ନାହିଁ ମେଘ, ନାହିଁ ମାଳ,
ନାହିଁ ଦଶଗିଗ ପାଳ, ନାହିଁ ପବନ, ନାହିଁ ଆକାଶ, ନାହିଁ ରୂପ,
ନାହିଁ ରେଖ, ବ୍ରହ୍ମଦାରୁ ବଡଦେଓ ନମଃ ନମଃ ।

କୁନ୍ଦା ଅର୍ଥ ମୂକ ବା କଥା କହିପାରେ ନାହିଁ । ଦେଓ ଅର୍ଥ ଦେବତା ଅର୍ଥାତ ଯିଏ ଦିଏ ଓ ବତାଏ ତାକୁ ଦେବତା କୁହାଯାଏ । ବଡଦେଓ ଅର୍ଥ ଆପ, ତେଜ, ବାୟୁ, ପୃଥିବୀ ଓ ଆକାଶ ପଞ୍ଚ ମହାଭୂତକୁ ଯିଏ ପରିଚାଳିତ କରନ୍ତି । ସେ ଅବିନାଶୀ, ନିରାକାର, ଅଣାକାର. ନିରଞ୍ଜନ, ସର୍ବବ୍ୟାପୀ, ସର୍ବଶକ୍ତିମାନ ଅଟନ୍ତି । ସର୍ବଭୂତ ବାସୀ ସତ୍ୟ ଶିବ ସୁନ୍ଦର ହେଉଛନ୍ତି ବଡଦେବ ବା ଦେବଙ୍କ ଉପରେ ଦେବ ବଡଦେବ । ବଡଦେଓଙ୍କୁ ଆମ ଓଡିଶାର ପଶ୍ଚିମା ଳରେ ଲୋକେ ବଡଦେଓ ବା କୁନ୍ଦାଦେଓ କହନ୍ତି । କହିବାର ତାତ୍ପର୍ଯ୍ୟ ଏହି ଯେ ବୁଢାଦେଓ ବରୁଆ ଦେହରେ ଆର୍ବିଭାବ ହେଲେ କଥା କହନ୍ତି ନାହିଁ । ଭକ୍ତର ଗୁହାରୀକୁ ପ୍ରତ୍ୟୁତ୍ତରେ ଠାର ନାର, ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ ବା ସଂକେତ ମାଧ୍ୟମରେ ଉତ୍ତର ପ୍ରଦାନ କରିଥାନ୍ତି । ଦିହା ବା କୁମୁରା ସେହି ସଂକେତକୁ ବୁଝି ବିଚାରି ଭକ୍ତର କି ସମସ୍ୟା ଅଛି, ଭକ୍ତକୁ କହନ୍ତି ଓ ତାର କିପରି ସମାଧାନ ହେବ ବତାଇ ଦେଇଥାନ୍ତି । ଠାର ନାର ବା ସଂକେତ ମାଧ୍ୟମରେ କଥା କହୁଥିବାରୁ ବଡଦେଓଙ୍କୁ କୁନ୍ଦାଦେଓ କହନ୍ତି ।

ଶ୍ରୀ ବଡଦେଓଙ୍କୁ କାହିଁକି କୁନ୍ଦାଦେଓ କହନ୍ତି ତାର ଭୌଗଳିକ, ଐତିହାସିକ, ବୈଜ୍ଞାନିକ, ପୌରାଣିକ ତଥ୍ୟ ବିଶ୍ଳେଷଣ କଲେ ଯେଉଁ ତଥ୍ୟ ଗୁଡିକ ଆମ ସମ୍ମୁଖକୁ ଆସୁଛି ତାକୁ ଆମ୍ଭେ ଆଲୋଚନା କରିବା ।

ପୃଥିବୀ ସୃଷ୍ଟିର କେତେ କୋଟୀ ବର୍ଷପରେ ଜଳଭାଗକୁ ସ୍ଥଳଭାଗ ଅଗ୍ନୀଉଦ୍‌ଗୀରଣ ଭୂମିକମ୍ପ ଇତ୍ୟାଦି କାରଣରୁ ପ୍ରଥମେ ଯେଉଁ ଦୁଇଟି ସ୍ଥଳଭାଗ ସୃଷ୍ଟି ହେଲା ତାକୁ ୧ମଟି – ଲେରୋସିଆ ଓ ୨ୟଟି – ଗୋଣ୍ଡୱାନାହ୍ୟାଣ୍ଡ ରୂପେ ନାମିତ ହେଲା । କାଳକ୍ରମେ ମାଟି, ପାଣି ପବନ, ଆକାଶ ଓ ସୂର୍ଯ୍ୟଙ୍କ ତାପରୁ ପଞ୍ଚ ମହାଭୂତର ସମିଶ୍ରଣରୁ ପୃଥିବୀରେ ପ୍ରଥମେ ଉଦ୍‌ଭିଦ୍ ଜଗତ ଓ ପରେ ଜଳଚର ସ୍ଥଳଚର କୀଟପତଙ୍ଗ ପ୍ରଭୃତି ଜୀବଜଗତ ସୃଷ୍ଟି ହେଲା । ମାନବ ଜାତି ମଧ୍ୟ ପୃଥିବୀରେ ସୃଷ୍ଟି ହେଲେ । ଲେରୋସିଆ ଅଞ୍ଚଳରେ ଯେଉଁ ମାନବ ଜାତି ସୃଷ୍ଟି ହୋଇ ବାସ କରୁଥିଲେ ସେମାନଙ୍କୁ ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର, ଦକ୍ଷ ଓ ମନୁଙ୍କ ବଂଶଧର ବୋଲି କହନ୍ତି । ଗୋଣ୍ଡୱାନା ଲ୍ୟାଣ୍ଡରେ ଯେଉଁ ମାନବ ଜାତି ସୃଷ୍ଟି ହୋଇ ବାସ କଲେ ସେମାନଙ୍କୁ ଶମ୍ଭୁ ବଂଶଧର ବୋଲି କୁହାଯାଏ ।

ବର୍ତ୍ତମାନ ଗୋଣ୍ଡୱାନା ଅଞ୍ଚଳରେ ଲୋକଙ୍କ ବିଷୟରେ ଆଲୋଚନା କରିବା, ଗୋଣ୍ଡୱାନା ଅଞ୍ଚଳରେ ଯେଉଁ ଲୋକ ମାନେ ବାସ କଲେ ସେମାନଙ୍କୁ ଗୋଣ୍ଡ କୁହାଯାଏ । କେତେକ ସ୍ଥାନରେ ଗୋଣ୍ଡ ମାନଙ୍କୁ କୋୟା, କେୟିତୁର ପରଜା ଗଣ୍ଡ ଇତ୍ୟାଦି କୁହାଯାଏ। କୋୟା ଅର୍ଥ ଗୁମ୍ଫାରେ ବାସ କରୁଥିବା ମଣିଷ । ପ୍ରଥମେ ଏମାନେ ଗୁମ୍ଫାରେ ବାସ କରୁଥିଲେ ସେହି ସମୟରେ ଏମାନଙ୍କର ଭାଷା, ଜ୍ଞାନ ନଥିଲା। ନିଜର ମନ କଥା ଏମାନେ ଅନ୍ୟକୁ ଠାର ମାଧ୍ୟମରେ ପ୍ରକାଶ କରୁଥିଲେ ଓ ପ୍ରତ୍ୟୁତ୍ତରେ ମଧ୍ୟ ଠାର ନାର ବା ସଂକେତ ମାଧ୍ୟମରେ ଉତ୍ତର ପାଉଥିଲେ । ଭାଷାହୀନ ମାନବ ଯେତେବେଳେ କୌଣସି ବଡ଼ ବିଘ୍ନ ରୋଗ, କ୍ଲେଶ ବା ଭୟଙ୍କର ବିପଦର ସମ୍ମୁଖୀନ ହେଉଥିଲା କିମ୍ବା ନିରାଶ୍ରୟ ବିପଦରୁ ମୁକ୍ତି ପାଇଁ ବ୍ୟାକୁଳ ହୃଦୟର ଆବେଗକୁ ସେହି ଅଦୃଶ୍ୟ ଶକ୍ତିକୁ ମନର ଭାବ ଦ୍ୱାରା ଜଣାଉଥିଲା । ସେହି ବିଶ୍ୱ ନିୟନ୍ତା ନିରାକାର ଦେବଦେବ ମହାଦେବ ବା ବଡଦେବ ଭକ୍ତକୁ ତାର ନିରାକରଣ ବିଷୟ ଭାଷାରେ ନ କହି ଠାର ବା ସଂକେତ ମାଧ୍ୟମରେ ତାର ଉତ୍ତର ପ୍ରଦାନ କରୁଥିଲେ। କାରଣ ଯଦି ଭାଷା ମାଧ୍ୟମରେ ତାର ଉତ୍ତର ଦେଇଥାନ୍ତେ ତାହାହେଲେ ଭାଷାହୀନ ମାନବ ପକ୍ଷରେ ବୁଝି ପାରିବା ଶକ୍ତି ନଥିଲା। ଯାହାକି ବର୍ତ୍ତମାନ ସୁଦ୍ଧା (ବଡଦେଓ ଓ ଭକ୍ତ) ଲୋକ ସଂପର୍କ ଭାବ ଆଦାନ ପ୍ରଦାନ ଠାର ନାର ବା ସଂକେତ ମାଧ୍ୟମରେ ହେଉଛି । ଭାଷାଜ୍ଞାନ ପରେ ମଧ୍ୟ (ଆଜି ପର୍ଯ୍ୟନ୍ତ) ଦେବତାଙ୍କ ଦୈବୀଶକ୍ତି ଦେହୁରୀ ଦେହରେ ପ୍ରବେଶ କଲେ ମଧ୍ୟ ଭକ୍ତର ଉତ୍ତର ଆବିର୍ଭାବିତ ଦେବତାଙ୍କ ଭାଷା ମାଧ୍ୟମରେ ନ କହି ସେହି ପୂର୍ବବତ ଠାର ନାର ବା ସଂକେତ ମାଧ୍ୟମରେ ଆବେଦନର କାରଣ ଉତ୍ତର ପ୍ରଦାନ କରିଥାଏ ।

ତେଣୁ ଗୋଣ୍ଡ ଜାତିର ଇଷ୍ଟଦେବଙ୍କୁ ଆମ ଓଡିଶାର ପଶ୍ଚିମାଞ୍ଚଳ ଲୋକମାନେ ବୁଢାଦେଓ ବା କୁନ୍ଦାଦେଓ ବୋଲି କହନ୍ତି। ଏଥିରୁ ପ୍ରତୀୟମାନ ହୁଏ ଯେ ଭାରତର ଗୋଣ୍ଡୱାନାଲ୍ୟାଣ୍ଡରେ ବାସ କରୁଥିବା ଲୋକେ କାହିଁ କେଉଁ ଅନାଦି କାଳରୁ ବାସ କରି ଆସୁଅଛନ୍ତି। ଏମାନଙ୍କ ଧର୍ମ ଗୋଣ୍ଡି ଧର୍ମ, ପ୍ରକୃତି ପୂଜକ ଓ ତାଙ୍କର ଭାଷା ଗୋଣ୍ଡି ଅଟେ । ବର୍ତ୍ତମାନ ବସ୍ତର, ତେଲେଙ୍ଗାନା, ମହାରାଷ୍ଟ୍ର ଅଞ୍ଚଳରେ ଲୋକମାନେ ଗୋଣ୍ଡିଭାଷା ବ୍ୟବହାର କରୁଛନ୍ତି। ଗୋଣ୍ଡ ଧର୍ମର ଲୋକମାନଙ୍କର ଆରାଧ୍ୟ ଦେବତା ବୁଢାଦେଓ ବା ଫଡାପେନ ସଜୋରପେନ କହନ୍ତି ଏବଂ ସାଲଗାଘାଗରା ରୂପେ (ଅଷ୍ଟଧାତୁ ନିର୍ମିତ ଖଣ୍ଡା ଓ ଘୁଲଘୁଲୀ ଦ୍ୱାରା ନିର୍ମିତ ଖଣ୍ଡାକୁ ପୂଜା କରାଯାଏ । ଆବଶ୍ୟକ ସ୍ଥଳେ କୁଶଖର ବା ଦାବଖର ଦ୍ୱାରା ମଧ୍ୟ ଦେବତା ଆବିର୍ଭାବ କରାଯାଏ । ତାହା ପରେ ଦେବତା ପୂଜନ ପଦ୍ଧତି ବିଷୟରେ ଆଲୋଚନା କରାଯିବ।

କେତେକ ଲୋକ ପ୍ରଶ୍ନ କରନ୍ତି ଯେ ତୁମେ ତ ଗଣ୍ଡ ଜାତି, ତୁମର ଦେବତାର ଗଣ୍ଡ ଅଛି, ମୁଣ୍ଡ କାହିଁ ? ଉକ୍ତ ପ୍ରଶ୍ନର ଲୋକ କଥା ଅଛି ଯେ ଦ୍ୱାପର ଯୁଗରେ ମହାଭାରତ ଯୁଦ୍ଧ ସମୟରେ ବେଲାଲସେନର ମସ୍ତକ ଶୁଭସ୍ତମ୍ଭରେ ସ୍ଥାପନ କରାଯାଇଥିଲା । ପରେ ସେହି ମୁଣ୍ଡ ମହାଦେବଙ୍କ କମଣ୍ଡଳୁରେ ରହିଲା । ବେଲାଲସେନର ଗଣ୍ଡି ମୁଣ୍ଡ ନଥାଇ ମଧ୍ୟ ସମପରିମାଣ କାର୍ଯ୍ୟ କରୁଥିଲା ବୋଲି ଲୋକ କଥା ଅଛି । ତେଣୁ ଗୋଣ୍ଡ ସଂପ୍ରଦାୟର ଲୋକେ ଦେବତା ଆରାଧନା ବା ଆବିର୍ଭାବ କରିବା ସମୟରେ ବରୁଆ ହସ୍ତରେ ଶାଲଗା ଘାଗରା ଓ କୁମୁରା (ଦିହା) ବା ଆବାହକ ସମୟରେ ଜଳ କଳସୀ ଥୋଇ ଯୋଡହସ୍ତରେ ଆବାହନ କରୁଥାଏ। ବରୁଆ ଦେହରେ ଶକ୍ତି ପ୍ରକଟ ହୋଇ ପ୍ରଥମେ କୁମୁରାର ସମ୍ମୁଖରେ ଥିବା କଳସକୁ ଛୁଇଁବ ଓ ଠାର ନାର ସଂକେତ ମାଧ୍ୟମରେ ଶକ୍ତି ପ୍ରବେଶର ସୂଚନା ପ୍ରଦାନ କରେ । ଉକ୍ତ ଲୋକ କଥାରେ ଆମ୍ଭର ବିଶ୍ୱାସ ଅଛି ।

ବର୍ତ୍ତମାନ ଆମେ ପୌରାଣିକ ତଥ୍ୟ ଉପରେ ଆଲୋଚନା କରିବା । ଦ୍ୱାପର ଯୁଗର ଶେଷ ସମୟ ଆସନ୍ନ ଜାଣି ଭାଗବାନ ଶ୍ରୀକୃଷ୍ଣ ଦ୍ୱାରିକା ଲୀଳା ସମାପ୍ତ କରି କୋଇଲି ବୈକୁଣ୍ଠର କିଛି ଦୂର ଶିଆଳିଲତା କୁଞ୍ଜରେ ପାଦ ଉପରେ ପାଦ ରଖି ଶୟନ ମୁଦ୍ରାରେ ଥିଲେ । ଉକ୍ତ ସମୟରେ ଏକ ଜାରା ଶବର ଦୂରରୁ କୃଷ୍ଣଙ୍କ ପାଦକୁ ମୃଗର କାନ ଭାବି ଶର ନିକ୍ଷେପ କଲା ଓ ତାହା କୃଷ୍ଣଙ୍କ ପାଦରେ ବାଜିଲା । ଯେତେବେଳେ ଜାରା ଆସି ଦେଖେତ ଶରଟି କୃଷ୍ଣଙ୍କ ପାଦରେ ବାଜିଛି, ତତ୍‌ପଶ୍ଚାତ ଜାରା କୃଷ୍ଣଙ୍କୁ ଭୁଲ ପାଇଁ କ୍ଷମା

ପ୍ରାର୍ଥନା କରିଛି ଓ କୃଷ୍ଣ ତାକୁ କ୍ଷମା ପ୍ରଦାନ ସହିତ ଉକ୍ତ ସମ୍ବାଦ ଯୁଧିଷ୍ଠିରଙ୍କୁ ଅବଗତ କରିବା ପାଇଁ ଜାରାଙ୍କୁ ହସ୍ତିନା ପ୍ରେରଣ କଲେ। ହସ୍ତିନାରେ ପହଞ୍ଚି ଜାରା ଶବର ମହାରାଜ ଯୁଧିଷ୍ଠିରଙ୍କୁ କୃଷ୍ଣଙ୍କ ପ୍ରେରଣ ବାର୍ତ୍ତା କହିଲା ।  ଜାରା ମୁଖରୁ କୃଷ୍ଣଙ୍କ ଅବସ୍ଥା ବିଷୟରେ ଶୁଣି ସଙ୍ଗେ ସଙ୍ଗେ ଯୁଧିଷ୍ଠିର ଚାରି ସହୋଦର ତଥା ବନ୍ଧୁବାନ୍ଧବ ସୈନ୍ୟ ସାମନ୍ତ ସହିତ ଉକ୍ତ ଶିଆଳିଲତା କୁଞ୍ଜ ନିକଟରେ ପ୍ରବେଶ ହେଲେ । ପାଞ୍ଚପାଣ୍ଡବ ଓ କୃଷ୍ଣଙ୍କ ସାକ୍ଷାତ ପରେ କୃଷ୍ଣ ଅର୍ଜୁନଙ୍କୁ ତାଙ୍କ ପାଦରେ ଲାଗିଥିବା ଶର କାଢିବାକୁ କହିଲେ କିନ୍ତୁ ଯୁଧିଷ୍ଠିରଙ୍କ ବାରଣ ସତ୍ତ୍ୱେ ଅର୍ଜୁନ କୃଷ୍ଣଙ୍କ ପାଦରୁ ଶର କାଢନ୍ତେ । କୃଷ୍ଣ ଅର୍ଜୁନଙ୍କ ଠାରୁ ତାଙ୍କର କୃଷ୍ଣ କଳା ହରଣ କରିନେଲେ । ତାପରେକୃଷ୍ଣ ଯୁଧିଷ୍ଠିରଙ୍କୁ କୃଷ୍ଣ କହିଲେ, ହେ ଯୁଧିଷ୍ଠିର ବର୍ତ୍ତମାନ ଦ୍ୱାପର ଯୁଗରଶେଷ ସମୟ ଉପଗତ । କଳି ଯୁଗର ଆରମ୍ଭ ହେବାକୁ ଅଳ୍ପ ସମୟ ବାକି ଅଛି । କଳି ଯୁଗରେ  ତୁମର ଓ  ମୋର ସାକ୍ଷାତ ହେବ ନାହିଁ । କାରଣ ମୁଁ କଳିଯୁଗରେ ମୌନ ଅବତାରେ ନୀଳାଚଳ ଧାମରେ ରହିବି । ମୁଁ ଯାହା କହୁଛି ତାହା କର, ତୁମେ ପଶ୍ଚିମ ଦିଗକୁ ଗମନ କର, ମୁଁ ପୂର୍ବ ଦିଗକୁ ଯିବି କିନ୍ତୁ ଆଉ ଏକ କଥା ସତ୍ୟ ଯେ ତୁମେମାନେ ମୋତେଯେତେବେଳେ ସ୍ମରଣ କରିବ ମୁଁ ତତକ୍ଷଣାତ ତୁମ ସମ୍ମୁଖରେ ଦାରୁଶକ୍ତି ରୂପେ ଉପସ୍ଥିତ ହେବି । ଆଜି ଦିନ ଠାରୁ ଉକ୍ତ ସ୍ଥାନର ନାମ ସତ୍ୟବାଦୀ ହେଲା । ତୁମ୍ଭେମାନେ କେବେହେଲେ ନୀଳାଚଳ ଧାମ ପୁରୀକୁ ଆସିବ ନାହିଁ । ଯଦି ଆସିବ ଏହି ସତ୍ୟବାଦୀ ଠାରୁ ପ୍ରତ୍ୟାଗମନ କରିବ । ତାପରେ ଯୁଧିଷ୍ଠିର କହିଲେ ହେ କେଶବ ଯଦି ତୁମ୍ଭେ କଳି ଯୁଗରେ ମୌନ ରହିବ ଆମ୍ଭେମାନେ ମଧ କଳିଯୁଗରେ କେହିହେଲେ କଥା କହିବୁ ନାହିଁ । କୃଷ୍ଣଙ୍କ ଠାରୁ ଯୁଧିଷ୍ଠିର ମେଳାଣି ନେଇ ପଶ୍ଚିମ ଦିଗକୁ ଗମନ କଲେ । ଏହି କାରଣରୁ ଗୋଣ୍ଡ ଜାତିର ଯେତେ ଗୁଡି ବା ମନ୍ଦିର ଭାରତରେ ଅଛି ସବୁ ମନ୍ଦିରର ମୁହଁ ପଶ୍ଚିମ ଦିଗକୁ  ହୋଇଛି । ଉକ୍ତ ଦିନ ଠାରୁ ଗୋଣ୍ଡ ଜାତିର ଲୋକଙ୍କୁ ପୁରୀ ଜଗନ୍ନାଥ ଦର୍ଶନ ମନା ଅଛି । ଯଦି ଯିଏ ଅକସ୍ମାତ ଯାଏ, ତେବେ ସେ ସତ୍ୟବାଦୀ ଠାରୁ ଫେରି ଆସନ୍ତି। କାରଣ ନିଜ ଘରେ ବଡଦେଓ ରୂପି ଭଗବାନଙ୍କୁ ସ୍ମରଣ କଲେ ଦର୍ଶନ ଦିଅନ୍ତି । ଜଗନ୍ନାଥ ଧର୍ମ ସହିତ ଗୋଣ୍ଡି ଧର୍ମର ଅନେକ ସାମଞ୍ଜସ୍ୟ ଅଛି । ଜଘାଂ, ଲିଘାଂ ଓ ଛତ୍ରଦେବୀଙ୍କୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରୂପେ ପୂଜା କରନ୍ତି ।

ଉପରୋକ୍ତ ଭୌଗୋଳିକ, ଐତିହାସିକ ତଥା ପୌରାଣିକ ତଥ୍ୟାବଳୀ ନେଇ ଗୋଣ୍ଡ ଜାତିର ଲୋକଙ୍କ ବଡଦେଓ କଥା କହୁ ନଥିବାରୁ ତାଙ୍କୁ କୁନ୍ଦାଦେଓ କହନ୍ତି । ଏଥିରେ ଦ୍ୱିମତ ନାହିଁ ।

ଏଥିରେ କହିବା ବାହୁଲ୍ୟ ଏହିକି ଯେ ବଲାଙ୍ଗିର ଗଡଜାତ ଅଧିନସ୍ଥ ଲୋଇସିଂହା ଏକ ଗୋଁଡ ଜମିଦାରୀ ଗ୍ରାମ ଅଟେ । ଲୋଇସିଂହା ଜମିଦାର ତାଙ୍କର ଇଷ୍ଟଦେବ ବଡଦେଓଙ୍କ ପାଇଁ ପ୍ରାୟ ୫୨ ଖଣ୍ଡ ଗ୍ରାମର ନିଷ୍କର ଭୋଗ ଦଖଲ ସକାଶେ ପାଟଣା ରାଜାଙ୍କ ଠାରୁ ପାଇଥିଲେ । ଅଦ୍ୟାବିଧି ୧୭ ପିଢି ହେବ ଲୋଇସିଂହାର ଜମିଦାର ବଂଶ ଓ ଏହି ଅଞ୍ଚଳରେ ତାଙ୍କର ଭାଇ ବଂଶ ଓ ବନ୍ଧୁ ବାନ୍ଧବ ଗୋଁଡ ମାନଙ୍କର ମୁଖ୍ୟ ଭାବରେ ସମ୍ମାନିତ ହୋଇ ଆସୁଛନ୍ତି । ଉକ୍ତ ଜମିଦାର ସୋମବଂଶୀ ଅଟନ୍ତି । ମହାଭାରତ ପୁରାଣ ଅନୁସାରେ ଦ୍ୱାପର ଯୁଗର ସୋମବଂଶ କୌରବ ଓ ପାଣ୍ଡବ ବଂଶର ପଣ୍ଡୁ, କୁନ୍ତୀ, ଦ୍ରୋପଦୀ, ମାଦ୍ରୀ, ଭୀମ, ଯୁଧିଷ୍ଠିର, ଅର୍ଜୁନ, ନକୁଳ, ସହଦେବ ସମସ୍ତ କୌରବ ବଂଶ ନଅଗାଁ, ଲୋଇସିଂହା, ଟେଭାଡୁଙ୍ଗରୀ, କୁଟେନପାଲି, ଡୁମ୍ବେରପାଲି ଓ ଆଖପାଖ ବିଭିନ୍ନ ଗ୍ରାମରେ ଅନ୍ୟ ଭାଇ ଓ ବନ୍ଧୁ ମାନଙ୍କ ଦ୍ୱାରା ନିଜ ନିଜର ଇଷ୍ଟଦେବ ଭାବରେ ବ୍ରହ୍ମଦାରୁ ରୂପେ ଶକ୍ତି ପୂଜା କରି ଆସୁଛନ୍ତି । ବଡଦେଓ ପୂଜା ପାଉଥିବା ସମସ୍ତ ଗ୍ରାମରେ ବର୍ଷର ଅନାନ୍ୟ ପୂଜା ବ୍ୟତୀତ ପୌଷ ଶୁକ୍ଲପକ୍ଷ  ପ୍ରଥମୀ ଠାରୁ ପୂର୍ଣ୍ଣିମା ମଧ୍ୟରେ ଉକ୍ତ ବଡଦେଓ ବା କୁନ୍ଦାଦଓଙ୍କ ବାର୍ଷିକ ପୂଜନୋତ୍ସବ ମହାସମାରୋହରେ ପ୍ରତିବର୍ଷ ପାଳିତ ହୁଏ । ଉକ୍ତ ଉତ୍ସବରେ ଗୋଁଡ ବଂଶର ଆବାଳ ବୃଦ୍ଧ ବନୀତା ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥାନ୍ତି ।

ଜୟ ସେବା ଜୟ ବଡଦେଓ
ଜୟ ଗଙ୍ଗା ଜୟ ଗଣ୍ଡୱାନା

ଅବସରପ୍ରାପ୍ତ ଶିକ୍ଷକ
ତଥା ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ
ଗୋଣ୍ଡୱାନା ଗୋଣ୍ଡ ମହାସଭା
ଶାଖା - ବଲାଙ୍ଗିର
ମୋ.- ୭୩୨୫୯୭୬୯୦୫



# ମା' ଗଡ଼େନ

**ଧନେଶ୍ୱର ବାରିକ**

ପୁରା କାଳରେ ମଣିଷ ଯେଉଁଠି ବି ସ୍ଥାୟୀ ଭାବେ ବାସ କରିବାକୁ ଚାହିଁଲା ସେଇଠି ପଥର ଖଣ୍ଡେ ବା କାଠ ଖଣ୍ଡେ ପୋତି ମନକୁ ଦମ୍ଭ କଲା ଏଇ ମୋର ଇଷ୍ଟ ଦେବୀ, ଯେ ମୋର ସକଳ ଦୁର୍ଗତି ଦୂର କରି ମୋତେ ଅଖଣ୍ଡ ଶକ୍ତି ପ୍ରଦାନ କରିବେ। ଶିଶୁକୁ ମା' ରକ୍ଷା କଲା ପରି ରକ୍ଷା କରିବେ ତେଣୁ ଏଇ ହେଲା ମାଁ ଶକ୍ତି।

ସୁତରାଂ ମଣିଷର ସେ ସୃଷ୍ଟି ଦିନଠାରୁ ମାତୃଶକ୍ତି ପୂଜା ଚାଲି ଆସିଛି। ସିନ୍ଧୁ ସଭ୍ୟତାରେ ଗ୍ରୀକ୍ ଆଦି ପ୍ରାଚୀନ ସଭ୍ୟତାର ବି ଏହାର ସନ୍ଧାନ ମିଳିଛି। ଭାରତୀୟ ସଭ୍ୟତାରେ ଏହା କେତେ ପ୍ରାଚନୀ ଏହା କିଏ କହି ପାରିବ ଏହି ମାତୃଶକ୍ତିର ପୂଜା କେତେବେଳେ କରିପାରିବ ଜଗତ ଜନନୀ ମହିଷା ମର୍ଦ୍ଦନୀ ଦୁର୍ଗତୀ ତାରିଣୀ ଦୁର୍ଗା ରୂପରେ, କେବେ କେବେ ଧନ ଦାତ୍ରୀ ଲକ୍ଷ୍ମୀ ରୂପରେ ଜନ୍ମଦୌଷଷ୍ଠୀ ସ୍ୱରୂପରେ ସପ୍ତ ମାତୃକା ଅଷ୍ଟ ମାତୃକା, ଅଷ୍ଟ ଦଶ ମାତୃକା ଚଣ୍ଡୀ, ଚାମୁଣ୍ଡା ଭୈରବୀ କାଳୀ ଓ କିଳିକିଳା ରାବକାରିଣୀ ଚଉଷଠି ଯୋଗିନୀ ରୂପରେ। ସ୍ଥାନ କାଳ ପାତ୍ରରେ ମାତୃ ଶକ୍ତିର ନାମ ବଦଳିଛି କେଉଁଠି ବିରଜା, ବିମଳା, ଚଣ୍ଡୀ ଭୁବନେଶ୍ୱରୀ ଓ କେଉଁଠି, ସୁରେଶ୍ୱରୀ, ସମଲେଶ୍ୱର, ମାଁ ମାଣିକେଶ୍ୱରୀ, ପାଟଣେଶ୍ୱରୀ ଘ ।ସେନୀ, ଲଙ୍କେଶ୍ୱରୀ, ଘସିଏନ୍, ବାଉତି, ମାଉଲୀ, ମେଟାକାନୀ, ଦ୍ୱାରା ସେନୀ, ଡୋକରୀବୁଢ଼ୀ, ଭଣ୍ଡାରଘରଣୀ, ବାବୁରାଏ ପେରରାଗଣେନ୍, ଗଣେନ୍, ଗଣପତି, ଆଦି ନାମ ଘେନି ପୂଜତି ହେଉଛନ୍ତି। ନାମ ରୂପ ଭିନ୍ନ କଳ୍ପନା ନେଇ ଆରାଧିତ ହେଲେ ମଧ୍ୟ ଏ ସମସ୍ତ ଦେବୀ ସେଇ ଏକା ମାତୃଶକ୍ତିର ଦେବୀର ପ୍ରତୀକ ଅଟନ୍ତି। ପଶ୍ଚିମା ଳରେ କେତେ ଯେ ଦେବୀ ପୂଜା ପାଆନ୍ତି ନାଆଁ ଗଣିବା ଏହି ପ୍ରବନ୍ଧରେ ଉଦ୍ଦେଶ୍ୟ ନୁହେଁ। ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ବଡଗାଁ ତୁକଲା ଏହି ଗାଁର ଅଧିଷ୍ଠାତ୍ରୀ 'ମା ଗଣେନ' ବା ଗଣିଆଣୀ ବଷୟରେ ଆଲୋଚନା କରିବା। ତୁକଲା ଗାଁର ପୂର୍ବ ଦିଗକୁ ଶିପୋ ଗଛ ମୂଳରେ ଦେବୀଙ୍କ ଆସ୍ଥାନ ଉପରେ ପୂଜା ପାଆନ୍ତି ଠିକ୍ ସମ୍ମୁଖରେ ଧରଣୀ ମାଁଙ୍କ ପଛ ପଟରେ ଗଣପତି ପୂଜା ପାଆନ୍ତି। ମନ୍ଦିର ନାହିଁ ଖୋଲା ଆକାଶରେ ତଳେ ଆସ୍ଥାନରେ ପୂଜିତ ହୁଅନ୍ତି। ଥରୁଟିଏ ମନ୍ଦିର ତିଆରି କରିଦେବେ ବୋଲି ତତ୍କାଳୀନ ସୁନ୍ଦର ନଦୀର ବ୍ରିଜ୍ ଠିକା ନେଇଥିବା ଓସିସି କମ୍ପାନୀ ମାଁଙ୍କ ମନ୍ଦିର ତିଆରି (୧୯-୭୨) କରିଦେବା ପାଇଁ ଗୁହାରି କରିଥିଲା କିନ୍ତୁ ମା ମନାକଲେ ଖୋଲା ଆକାଶ ତଳେ ମୁଁ ମୋର ସନ୍ତାନ ସନ୍ତତୀକୁ ଦେଖିବାକୁ ପାଉଛି ସେମାନଙ୍କ ସୁଖ ଦୁଃଖ ବୁଝିବାକୁ ଦେଖିବାକୁ ବାଧା ନାହିଁ। ମୁଁ କାହିଁକି ମନ୍ଦିର ଭିତରେ ଆବଦ୍ଧ ହେବି କାହାକୁ ଅବା ଦେଖି ପାରିବି ଭଲମନ୍ଦ କେମିତି ଜାଣିବି, ସେହି ଦିନଠାରୁ ମନ୍ଦିର ଯୋଜନା ରହିଲା ଉପରୋକ୍ତ ଅବତାରଣା, ଜଣେ ଦେବୀ କେମିତି ସନ୍ତାନ ବତ୍ସଳା ତାଙ୍କ ଦୃଷ୍ଟିକୋଣ ସର୍ବବ୍ୟାପକତାର ଅସଲ ମହତ୍ତ୍ୱକୁ ବୁଝି ହୁଏ।

ଗଡ଼ିଆନ ବା ଗଡ଼ିଆଣୀଙ୍କ ନାମକରଣ କାହିଁକି ଏହିପରି ହେଲା ସାଧାରଣତଃ ମନରେ ଏ ଧାରଣା ଜନ୍ମେ, ଏ ଯେ ଗଡ଼ ବା ଜିଲ୍ଲାର ରାଜା ଶାସନ କର୍ତ୍ତା ଥିଲେ। ସେଥିପାଇଁ ଏଭଳି ନାମକରଣ ହୋଇଛି ପୁରାତନ କାଳରେ ଆଦିମ ଅଧିବାସୀମାନେ ଗଡ଼ ତିଆରି କରି ରହୁଥିଲେ। ଗୁଡିରୁ ଗଡ଼ ବା ଅଞ୍ଚଳ ବା ନିଜ ଅକ୍ତିଆରରେ ଥିବା ଇଲାକାକୁ ବୁଝାଏ। ନିର୍ଦ୍ଦିଷ୍ଟ ସ୍ଥାନରେ ଗଡ଼ ସ୍ଥାପନା କଲାବେଳେ

ଶତ୍ରୁ ତଥା ବନ୍ୟଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବଡ ବଡ ପାଚେରୀ ପ୍ରାୟ ହିଡ଼ ତିଆରି କରି ଏକାଧିକ ରାସ୍ତା ରଖୁଥିଲେ । ଏ ପ୍ରକାଣ୍ଡ ହୀଡ ଉପରେ ବିଭିନ୍ନ ଗୁଳ୍ମ ବା ଗଛ ରୋଉଥିଲେ । ଫଳରେ ସହଜରେ କେହି ପ୍ରବେଶ କରିବା ସମ୍ଭବ ହେଉ ନଥିଲା । ଏ ଗଡ଼ ଭିତରେ ଦଳପତି ବା ରାଜା ହିଁ ରହୁଥିଲେ ।

ସମ୍ଭବତଃ ଗୁଡା ଗଡ଼ିଏନ୍, ନୂଆଗଡ଼ିଏନ୍, ଲୁହାଗଡ଼ିଏନ୍, ରାମଗଡ଼ିଏନ୍ ଓ ଗଡ଼ିଏନ, ଗଣପତି ଆହୁରି ଅନେକ ଦେବତା ଯେଉଁମାନଙ୍କ ନାମ ସହ ଗଡ଼ ବ୍ୟବହୃତ ହେଉଛି ସେମାନେ ଗଡ଼ ଭିତରେ ରହୁଥିଲେ । ସେହି ଗଡ଼ର ସେମାନେ ରାଜା ବା ଶାସନ କର୍ତ୍ତା/କର୍ତ୍ତୀ ଥିଲେ ଫଳରେ ଏଭଳି ନାମକରଣ ହୋଇଛି ।

ଆଜିକାଲି ଏହି ଦେଶର ଲୋକମାନେ ବିବାହ ସୂତ୍ରରେ ଯେଉଁ ଯେଉଁ ଗାଁକୁ ଝିଅମାନେ ଦେଉଥାନ୍ତି ଯେଉଁ ଗାଁକୁ ନାମକରଣ କରିଥାନ୍ତି । ଯଥା ଫୁଲଝରେ ଓ ଦେଓଧରା ଦୁଇଟି ଗାଁ ଯଦି ଫୁଲଝରରୁ ଦେଉଧରାକୁ ବିବାହ ସୂତ୍ରରେ କୌଣସି ଝିଅକୁ ଆଣନ୍ତି ତେବେ ଦେଓଧରାର ଲୋକେ ସେ ସ୍ତ୍ରୀ ଲୋକକୁ ଫୁଲଝରେନ୍ କହନ୍ତି । ଏବଂ ଫୁଲଝରେ ଅର୍ଥାତ୍ ନିଜ ଗାଁର ଲୋକେ ପରବର୍ତ୍ତି ପର୍ଯ୍ୟାୟରେ ଡାକିଲେ ତାର ନିଜ ବଦଳରେ ସାଧାରଣତଃ ଡାକିଥାନ୍ତି ଦେଓଧରେନ୍ ପୁଣି ଏହାବି ସ୍ୱୀକାର କରିବାକୁ ହେବ ସେହି ଗଡ଼ର ବୟସ୍କାର ମହିଳା ସମସ୍ତ ଗଡ଼ର ଅଧିବାସୀଙ୍କୁ ମନଖୋଲା ହୃଦୟର କଥା ଆତ୍ମୀୟତା ସହ ଉପଯୁକ୍ତ ଦିଗ୍‌ଦର୍ଶନ ଦେଉଥିଲେ ତାଙ୍କର ମୃତ୍ୟୁ ପରେ ସେହି ଗାଁର ଲୋକେ ଗଡ଼ିଆନ୍ ବା ଗଡ଼ୀଆଣୀ କହୁଥିଲେ ।

ଗୋଣ୍ଡୀ ଧର୍ମର ମହାନ୍ ସୂତ୍ରଧର ଚାନ୍ଦିଗଡ଼ର ରାଜା ୟାତବସାହା ଆକ୍ରମଣ ଦ୍ୱାରା ଆୟୋଜିତ ଗୋଣ୍ଡୀ ସମାଜର ସମ୍ମିଳନୀରେ ଭାଷଣ ଉଲ୍ଲେଖ ଯୋଗୁଁ ୧୯୩୧ ମସିହାରେ ଆୟାଜିତ ଏହି ମହାନ୍ ସାମାଜିକ ସମ୍ମିଳନୀରେ କହିଥିଲେ ଆମ୍ଭମାନଙ୍କ ଦେବାଦେବୀଙ୍କୁ ପୂଜା ଆଦିକୁ ଦେଖି ଆର୍ଯ୍ୟମାନେ ଆମକୁ ଅନ୍ଧବିଶ୍ୱାସୀ ବୋଲି କହିଥାନ୍ତି । ପ୍ରକୃତରେ ଦେଖିବାକୁ ଗଲେ ଆମ୍ଭେ ଅନ୍ଧ ବିଶ୍ୱାସୀ ନୋହୁଁ ଆମ୍ଭର ଦେବ ଦେବୀ ହିଁ ଆମର ପୂର୍ବଜ ଅଟନ୍ତି ତାହାଙ୍କ ଉପାସନା କଲେ ଆମ୍ଭମାନଙ୍କ ମନୋବଳ ବଢ଼େ ଓ ଆମର ଆତ୍ମ ଜାଗୃତି ହୋଇଥାଏ ଆମେ ଯେଉଁ ପରସାପେନ୍ (ସଜୁରପେନ) ଉପାସନା କରୁଛୁ ସେଗୁଡ଼ିକ ପ୍ରକୃତରେ ଶକ୍ତି ଅଟନ୍ତି । ଆମ୍ଭେ ଦୁଇଟି ତତ୍ତ୍ୱରେ ମାତା ଓ ପିତା ପୂଜା କରୁ ତାହାହିଁ ଠିକ୍ ଅଟେ ।

ଏହି ଅବତାରଣାକୁ ସଠିକ୍ ପ୍ରତିପାଦିତ କରୁଛି ଏହି ଲୋକ ଉକ୍ତି ବର୍ତ୍ତମାନ ସିନାପାଲି ବ୍ଲକ୍ ଅନ୍ତର୍ଗତ ଗଣ୍ଡାବାହାଲି ଗ୍ରାମ ପଞ୍ଚାୟତରେ ସର୍ବ ଜନାଦୃତ ଭାବରେ ଗ୍ରହଣୀୟ ତଥା ମାଁ ଗଣେନ୍ ଓ ଜନ୍ମଜାତକକୁ ଏକ ପ୍ରାମାଣିକ ତଥ୍ୟ । ତାହା ଏଠାରେ ଉଲ୍ଲେଖ ଯୋଗ୍ୟ ଗଣ୍ଡାବାହାଲିର ଉତ୍ତର ପଶ୍ଚିମ ଦିଗରେ ରାମ ଗଡ଼ ପାହାଡ ଓ ଗ୍ରାମର ଆରାଧ୍ୟ ରାମଗଣୀଆଣୀ ଗ୍ରାମର ନାମ ସହ ସଂଶ୍ଲିଷ୍ଟ ଥିବା ଜଣାଯାଏ ଗଣ୍ଡାବାହାଲି ଅଞ୍ଚଳର ସର୍ବପୁରାତନ ଗ୍ରାମ ହେଉଛି ଗଣ୍ଡାବାହାଲି ଏହାର ଚତୁଃପାର୍ଶ୍ୱରେ ଥିବା ଗ୍ରାମ ଯଥା ଗମ୍ଭାରିଗୁଡ଼ା, ସୁନାରୀସିକୁଆଁ, ମୁଣ୍ଡାପାଲି, ବୋଟୋପାଲି, ବରଗାଁ, କପିଆ, କିରକିଟା, ରାମପୁର ଆଦି ମଧରାମ ରାମଗଡ଼ ଓ ମା ଗଣୀଆଣୀଙ୍କ ସହ ଓତୋପ୍ରତଃ ଭାବେ ଜଡ଼ିତ ଥିବା ସୂଚନା ମିଳେ । ଗଣ୍ଡବାହାଲି ମାଟିର ମୂଳ ଆଦିବାସୀ ଭାବେ ମୁଖ୍ୟତଃ ଗଣ୍ଡ (ମାଝୀ) କନ୍ଧ ଓ ଗଣ୍ଡା (ଡମ) ଜାତିର ଲୋକେ ବସବାସ କରୁଥିବା ଅନୁମାନ କରାଯାଏ । ଶୁଣାଯାଏ ୧୫୯୦ ଖ୍ରୀଷ୍ଟାବ୍ଦରେ ଏ ଅଞ୍ଚଳଟି ଘୋର ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ସେତେବେଳେ ଗ୍ରାମର ଜନସଂଖ୍ୟା ଦୁଇଶହ ମଧରେ ସୀମିତ ଥିଲା ଅଧୁନା ଗଣ୍ଡାବାହାଲି ଗ୍ରାମ ମଧରେ ସେହି ସମୟରେ ପାଞ୍ଚଟି ଛୋଟ ଛୋଟ ପାହାଡ ଥିଲା, ଯେଉଁଠାରେ କି ଆଜି ଶିବାଳୟ ସ୍ଥାପିତ ହୋଇଅଛି । ସେହିପରିସରରେ ରାମଗଣ୍ଡ ମାଝୀ ନାମକ ବ୍ୟକ୍ତି ନିଜପତ୍ନୀଙ୍କ ସହ ରହୁଥିବା ଜଣାଯାଏ । ଦୁର୍ଭାଗବଶତଃ କୌଣସି କାରଣରୁ ରାମଗଣ୍ଡର ସ୍ତ୍ରୀର ଅକାଳ ବିୟୋଗ ଘଟିଲା, ପରବର୍ତ୍ତୀ ସମୟରେ ଏହି ଡୁମା ଗଣ୍ଡାବାହାଲି ଅଞ୍ଚଳରେ ଦେବୀ ରୂପରେ ପୂଜା ପାଇଲେ । ଆଞ୍ଚଳିକ ଭାଷାରେ ଗଣ୍ (ମାଜୀ) ସହ ପରିବାର ଯେଉଁ ଅଞ୍ଚଳରେ ରହୁଥିଲେ ଅର୍ଥାତ୍ ଯେଉଁ ପାହାଡ ଚରାଭୂଇଁ ଥିଲା ସେହି ପାହାଡ ରାଗଗଡ଼ ନାମରେ ନାମିତ ହେଲା ଏବଂ ସେହିରାମ ଗଡ଼ ପାହାଡର ରାମଗଣେନ୍ ଦେବୀଙ୍କ ଆସ୍ଥାନ ପାହାଡର ଅନତିଦୂରରେ ରାମ ପୁର ଗ୍ରାମ ସ୍ୱର୍ଗତଃ ରାମଗଣ୍ଡ (ମାଝୀ) ଓ ମା ଗଡ଼ିଆଣୀଙ୍କ ସ୍ମୃତି ଚାରଣ କରିଆସୁଛି । ସେହିଦିନଠାରୁ ଗଣ୍ଡାବାହାଲି ସମେତ ଗମ୍ଭାରୀଗୁଡା, ସୁନାରୀ ସିକୁଁ, କିରିକିଟା, ବରଗାଁ, ବୋଟାପାଲି, କୋପିଆ, ମୁଣ୍ଡାପଲା ଆଦି ଗ୍ରାମର ଆଦିବାସୀ ମାଁ ଗଡ଼ିଆଣୀଙ୍କୁ ପୂଜାକରି ଆସୁଛନ୍ତି । ଅଞ୍ଚଳ ଲୋକଙ୍କ ବିଶ୍ୱାସ ରାମ ଗଣୀଆଣୀ ପ୍ରତ୍ୟକ୍ଷ ଦେବୀ ତାଙ୍କର ଲୀଳା ଅବର୍ଣ୍ଣନୀୟ ଲୋକଙ୍କ ମୁଖରୁ ଶୁଣାଯାଏ । ଯେ ମାଁ ଗଡ଼ିଆଣୀ ନିଜେ ରାମଗଡ଼ ଠାରେ ଖଡ଼ିଆଳ ରାଜ୍ୟର ରାଜ ସ୍ୱର୍ଗତ ଆର୍ତ୍ତତ୍ରାଣ ସିଂହ ଦେଓ ଶୀକାର କରିବା ଉଦ୍ଦେଶ୍ୟରେ ଆସିଥିବା ସମୟରେ ଏକ ଭୟଙ୍କର ବ୍ୟାଘ୍ର ରୂପରେ ତାଙ୍କୁ ଦେଖାଦେଇଥିଲେ ରାଜା ମା ଗଣୀଆଣୀଙ୍କ ଚମତ୍କାରିତା ମହିମା ପ୍ରତ୍ୟକ୍ଷ ଉପଲବ୍ଧି କଲାପରେ ନଜେ ଘରେ

ପୂଜା କରିଥିଲେ ତେଣୁ ସେହି ଦିନ ଠାରୁ ଖଡ଼ିଆଳ ଅଞ୍ଚଳରେ ପୂଜା କରାଯାଉଛି। ମାଁ ନିଜେ ଚମତ୍କାରିତା ପ୍ରଦର୍ଶନ କରି ରାମଗଡ଼ ପୀଠରେ ପଥର ତିଆରି ପାଚେରୀ ଓ ଜେନାଖାଲ ନିର୍ମାଣ କରିଥିବା ଶୁଣାଯାଏ କି ଆଦ୍ୟବଧି ଅତୀତ ମୁକସାକ୍ଷୀ ରୂପେ ବିଦ୍ୟମାନ ରାମଗଡ଼ ପାହାଡ଼ ପାଦଦେଶରେ ବିରାଟ ହାତୀ ଆକୃତିର ପଥର ମାଁଙ୍କ ସୁରକ୍ଷା ବଳୟ ସମ କେଉଁକାଳରୁ ଦଣ୍ଡାୟମାନ ଯାହାକି ଆଜି ଏ ଅଞ୍ଚଳର ଲୋକଙ୍କ ପାଇଁ ପର୍ଯ୍ୟଟନ ସ୍ଥଳୀ ହୋଇଅଛି ରାମଗଣ୍ଡ (ମାଝୀ)ଙ୍କ ନାମ ଅନୁସାରେ ହିଁ ରାମଗଡ଼ ପାହାଡ ଓ ରାମଗଡ଼ିଆଣୀ ତଥା ଗ୍ରାମର ନାମ ଗଣ୍ଡାବାହାଲି ହେଲା ବୋଲି ଜଣାଯାଏ।

ମାଁ ଗଡ଼ିଆଣୀଙ୍କ ଉତ୍ପତ୍ତି କେବେ କେମିତି ହୋଇଥିଲା କେହି କହିପାରନ୍ତି ନାହିଁ, ତାଙ୍କୁ କେଉଁମାନେ ସର୍ବ ପ୍ରଥମେ ପୂଜା କରୁଥିଲେ ତା'ର ସଠିକ୍ ପ୍ରାମାଣିକ ତଥ୍ୟ ନାହିଁ। ମାଁଙ୍କ ପ୍ରଥମେ ସେବକ ବା ପୂଝାରୀ କିଏ ତାହାର ରହସ୍ୟମୟ କଥା ଅନ୍ଧାର ଭିତରେ କିନ୍ତୁ ଜନଶ୍ରୁତି କୁହେ ଯେ କନ୍ଧ ସମ୍ପ୍ରଦାୟ ଆଦିବାସୀ ତୁକଲାର ଗଡ଼ିଆଣୀଙ୍କୁ ପୂଜା କରୁଥିଲେ। ସେମାନେ ଦେବୀଙ୍କ ଠାରେ ନର ବଳି ଦେବାକୁ ଗାଁର ସମସ୍ତ ଜନତା ରାଜା ବୀର ବିକ୍ରମଙ୍କ ଠାରେ ଫେରାଦ ହେଲେ। ଏହି କୁତ୍ସିତ ନରବଳି ସେମାନେ କାହିଁକି କଲେ ତାର ବିଚାର ପାଇଁ ଗୋଟିଏ ଦିନ ନିର୍ଦ୍ଦିଷ୍ଟ ଧାର୍ଯ୍ୟ କଲେ। ରାଜା ତୁକଲା ଆସିବାର ପୂର୍ବ ଦିନ ଗାଆଁରେ ଥିବା ସମସ୍ତ କନ୍ଧ ସମ୍ପ୍ରଦାୟ ସହିତ ପୁଝାରୀ ଅନ୍ୟତ୍ର ପଳାୟନ କଲେ। ତା'ପରେ ଗାଁର ଗୌନ୍ତିଆ ପୃଥିରାଜ ମାଝୀଙ୍କ ପୂର୍ବ ପୁରୁଷ ଗାଆଁର ଗୌନ୍ତିଆଙ୍କୁ ମା ଗଡ଼େନଙ୍କ ପୂଝାରୀ ଦାୟିତ୍ୱ ରାଜା ଅର୍ପଣ କଲେ। ତା'ପରେ ବାମଣ୍ଡା ରାଣୀ କନକ ମଞ୍ଜରୀ ଖଡ଼ିଆଳ ନିଜ ପିତୃ ଗୃହକୁ ଫେରୁଥିଲେ। (୧୯୪୨) ସେହି ତୁକଲାରେ ରହଣୀ ବ୍ୟବସ୍ଥାର କିଛି ତ୍ରୁଟି ପରିଲକ୍ଷିତ ହେବାର ଜୟରାମ ମାଝୀଙ୍କୁ ଗ୍ରାମ୍ୟ ଦେବୀଙ୍କ ପୂଜାରୀ ଦାୟିତ୍ୱ ଦିଆଗଲା ଏହି ଜୟରାମ ମାଝୀ ସିଂହଝର ଗାଁଆର ଉମରାଙ୍କ ନିଜ ଭାଇ ଅର୍ଥାତ୍ ବଡ ଭାଇ ସିଂହଝର ଉମରାଙ୍କ ସହିତ ମନୋମାଳିନ୍ୟ ହେତୁ ସିଂହଝରରୁ ତୁକଲା ପଳାଇ ଆସିଥିଲେ। ସାନ ଭାଇ ବଲାଙ୍ଗିର ଜିଲ୍ଲାରତ ବଡ଼ଗଡ଼ବାହାଲରେ ରହିଲେ। ଜୈରାମଙ୍କ ପୁଅ ଲୋକନାଥ ସୌରୀ, ତାଙ୍କ ପୁଅ ଶ୍ରୀଧର ସୌରୀରାଜ ଆର୍ତ୍ତତ୍ରାଣଙ୍କ ସମସାମୟୀକ ବ୍ୟକ୍ତି ସେ ଜଣେ ସିଦ୍ଧ ତାନ୍ତ୍ରୀକ ଥିବାର ଜନସ୍ଥିତି କହେ। ସେହି ସମୟରେ ସୁନାବେଡ଼ା ଉପତ୍ୟକାରୁ ଜଣେ ଭୁଂଜିଆ ସାଧକ ତନ୍ତ୍ର ବିଦ୍ୟାରେ ନିପୁଣ ଥିଲେ। ସେ ଖଡ଼ିଆଳ ରାଜାଙ୍କୁ ଦରବାରରେ ଆହ୍ୱାନ କଲେ। ସେ ତାଙ୍କର ସମକକ୍ଷ ତାନ୍ତ୍ରିକ କେହି ଯଦି ଅଛି ତାକୁ ଉପସ୍ଥିତ କରାଯାଉ। ତାଙ୍କର ମୁକାବିଲା କରିବା ପାଇଁ ରାଜା ଏହି ଆହ୍ୱାନକୁ ରାଜା ଗ୍ରହଣ କଲେ ଏବଂ ତୁକଲାର ପୂଝାରୀ ଶ୍ରୀଧର ସୌରୀଙ୍କୁ ଖଡ଼ିଆଳ ଆସି ଦରବାର ଉକ୍ତ ତାନ୍ତ୍ରିକ ମୁକାବିଲା କରିବା ପାଇଁ ଅନୁରୋଧ କଲେ। ଶ୍ରୀଧର ଗୋଟିଏ ଶଗଡ଼ରେ ଦୁଇଗୋଟି ବାଘ ଯୋଚି ରାଜାଙ୍କ ଠାରେ ପଇଠ କରୁଥିବା ଖଜଣା ଧରି ଦରବାର ଅଭିମୁଖେ ବାହାରିଲେ ଖଡ଼ିଆଳ ପୂର୍ବକୁ ୨ କିଲୋମିଟର। ରାଣିପୁର ପର୍ଯ୍ୟନ୍ତ ପହ୍ଞ୍ଚିଲାବେଳକୁ, ଉକ୍ତ ବାଘ ଯୋଡ଼ି ସହିତ ଶ୍ରୀଧର ଦରବାର ଆସୁଛନ୍ତି ବୋଲି ଦରବାରକୁ ଖବର ଗଲା। ତୁକଲା ମନ୍ତ୍ରାୟୀତ ମାଟୀର ଶ୍ରୀଧରଙ୍କ ତାନ୍ତ୍ରୀକ ଦକ୍ଷତା କେତେ ଉକ୍ତ ଭୁଞ୍ଜିଆ ତାନ୍ତ୍ରୀକ ବୁଝିବାକୁ ବାକି ରହିଲା ନାହିଁ ତେଣୁ ସେ ଦରବାର ତ୍ୟାଗ କରି ପଳାୟନ କଲା। ଦରବାରରେ ଉପସ୍ଥିତି ଥିବା କେହି ବି ଲୋକେ ଜାଣି ପାରିଲେ ନାହିଁ ଠିକ୍ ଅନୁରୂପ ଲୋକ ଉକ୍ତିଟି କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ସବଡିଭିଜନ୍‌ର ଅନ୍ତର୍ଗତ ବେହେରା ଗ୍ରାମର ବୟସ୍କାର ବ୍ୟକ୍ତି କହନ୍ତି।

ଯେ କଳାହାଣ୍ଡିର ମହାରାଜାଙ୍କୁ ଯେତେବେଳେ ବାଉଁଶ ଦରକାର ହେଲା ଉକ୍ତ ଗାଁର ପୂଝାରୀଙ୍କୁ ଖବର ଦିଆଗଲା। ପୂଝାରୀ ଦୁଇଗୋଟି ବାଘ ଯୋଚି ବାଉଁଶ ଧରି ଦରବାରରେ ହାଜର ହେଲେ। ଏସବୁ କାଣ୍ଡ କାରଖାନା ରାଜା ଦେଖି ବିସ୍ମିତ ହେଲେ ଏବଂ ଦଣ୍ଡ ପାଟର ଶାସକ ପ୍ରତିନିଧି ଭାବରେ ପୁଝାରୀଙ୍କୁ ନିଯୁକ୍ତି କଲେ। ଏହିପରି ଭୟାବହ ତାନ୍ତ୍ରିକ କାର୍ଯ୍ୟ ପ୍ରଦର୍ଶନ ନ କରିବା ପାଇଁ ମହାରାଜା ପୂଝାରୀଙ୍କୁ ପରାମର୍ଶ ଦେଲେ।

ତୁକୁଲାର ମାଁ ଗଣେନ୍‌ଙ୍କ ପୂଜା ଆଶ୍ୱିନ ମାସରେ ପୂଜା ଅନେକ ଉତ୍ସାହ ଉଦ୍ଦିପନା ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ପୂର୍ବେ ମୂଳାଷ୍ଟମୀ ବା ଦୂତିବାହାନ ଓଷା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋହଳ ଦିନ ଅତ୍ୟନ୍ତ ନିଷ୍ଠାର ସହିତ ପୂଜିତ ହେଉଥିଲା। ଏହି ପୂଜା ସମ୍ପର୍କରେ ଏକ ମାଳଶ୍ରୀ ତୁକୁଲା ଖଏରଭାଡି ଗ୍ରାମର ଟିକେରାମ ଶଗ୍ରୀଆଙ୍କ ଲିଖିତ ବର୍ତ୍ତମାନ ସୁଦ୍ଧା ପ୍ରାପ୍ତ ଏକମାତ୍ର ମାଳଶ୍ରୀ ଯାହାକୁ ଖଏରଭାଡ଼ିର ଘୁମୁରା ଦଳ, ଘୁମୁରା ନୃତ୍ୟ ପରିବେଷଣ ପୂର୍ବରୁ ଗାଉଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ମା ଗଣେନ୍‌ଙ୍କ ସହିତ ସାତ ଭଉଣୀ ସେମାନେ ହେଲେ ଖଡ଼ିଆଳ ରାଜ୍ୟର ରାଷ୍ଟ୍ର ଦେବୀ ରକ୍ତାମ୍ବରୀ, ସିନ୍ଧେକେଲାର ଛତରବାହୀ, ଗର୍ନ୍ଧେଲାର ଗଞ୍ଜାଝାଲୀ, ତାଳ ଭଟାର ସେଜୋକଟେନ୍, ବଡମୂଳାର ସୁଭଲେନ, ତୁକଲାର ଗଣେନ୍, ଖଇରଭାଡିର ବିରବାହୁତି, ପରସ୍ପର ସାତ ଭଉଣୀ ପଶ୍ଚିମାଞ୍ଚଳର ପ୍ରତ୍ୟକ ଗାଁର ଦେବଦେବୀ ପ୍ରତ୍ୟକଙ୍କ ସହିତ ସାମାଜିକ ଓ ଲୌକିକ ସମ୍ପର୍କ ଅଛି। ଏହି ସାମାଜିକ ସମ୍ପର୍କ ପ୍ରମାଣ କରାଏ ଆମର ଦେବଦେବୀ ହିଁ ଆମର ପୂର୍ବ ପୁରୁଷ ଏଠାରେ ମାଳଶ୍ରୀ ଉଲ୍ଲେଖ କରାଯିବାର ତାତ୍ପର୍ଯ୍ୟ ହେଲା ପୂର୍ବ କାଳରେ ଷୋହଳ ଦିନ ଧରି ମାଗଣେନ୍‌ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

"ଓଁ ନମୋ ମାଁ ଗୋ ଗଡ଼ିଆଣୀ ଜୟ ମା ଗଡ଼ିଆଣୀ
ଦଶହରା ଅଷ୍ଟମୀ ଦିନ ଗୋ ମାଁ ତୋହରି ପୂଜା ଦିନ
ଡ଼ଂ ଡ଼ଂ ଡ଼ଂ ଘ । କେ ମୁହରୀ ନିଷାଣ ବାଜାଣ
ଷୋଳବତୀ ଷୋଳଦୀପ ପାଉଥାଉ ପୂଜା"

ବର୍ତ୍ତମାନ ସାତଦିନ ପୂଜା ହେଉଛି ଶେଷଦିନ ନିଶି ପୂଜା ଅର୍ଦ୍ଧ ରାତ୍ରରେ ଅନୁଷ୍ଠିତ ହୋଇଥାଏ । ମାଁ ଗଣେଶନ୍‌ଙ୍କ ବଡ଼ ଭଉଣୀ, ବଡ ମୂଳା ଗ୍ରାମର ଇଷ୍ଟଦେବୀ ମାଁ ସଅଲେନ୍ ଗଣେଶନ୍‌ଙ୍କ ସାନ ଭଉଣୀ ଖଇରଭାଡ଼ି ଗ୍ରାମଦେବୀ ମାଁ ବାଉତି ମଧ୍ୟ ପୂଜାରେ ଉପସ୍ଥିତ ହୁଅନ୍ତି । ମାଁ ସଅଲେନ୍ ଅତି ପ୍ରଚଣ୍ଡା ସେଥିପାଇଁ ସନ୍ଧ୍ୟା ସମୟରେ ବଡ଼ମୂଳାରୁ ଦେବୀ ଆସୁଛନ୍ତି ବୋଲି ଝାଙ୍କର ଘରକୁ ଦୈନିକ ବଜାର ଏଠାରୁ ଫୁଣ୍ଡାପଡ଼ା ଗାୟତ୍ରୀ ମନ୍ଦିର ରାସ୍ତା ପ୍ରାୟତଃ ଜନଶୂନ୍ୟ ରୁହେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମାଁ ଗଡେନ୍‌ଙ୍କ ପୂଜା ପାଇଁ ମାଟିର ଦୀପରୁଖା, ଧୂପଦାନି ତିଆରି କରୁଥିବାର କୁମ୍ଭାର ଘନଶ୍ୟାମ ରଣା ସ୍ୱୀକାରୋକ୍ତି ଦେଖିବାର କଥା, ଏହି ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋହଳ ଦିନ ନିଷ୍ଠାର ସହ କଠିନ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଏକ ଓଳି ଭୋଜନ କରନ୍ତି । ପୂଜା ସାମଗ୍ରୀ ପାଇଁ ଭୁଲିଆ ଭଟାକୁ ମାଟି ଆଣିବାକୁ ଯାଆନ୍ତି । ସେହି ସମୟରେ ତାଙ୍କୁ ସମସ୍ତେ ଦେଖନ୍ତି । କିନ୍ତୁ କଥାବାର୍ତ୍ତା ହେବା ମନା । ସେ ନିଜେ କହନ୍ତି ମାଟିଗଦାକୁ ଯିବା ଓ ସେଠାରେ ମାଟି ଖନନ କରିବା ପର୍ଯ୍ୟନ୍ତ ହେତୁ ଥାଏ ପରେ ଯେତେବେଳେ ମାଟି ଝୁଡ଼ି ଭର୍ତ୍ତି କରି ଭାର କାନ୍ଧରେ ରଖିଲେ । ସେ ଅର୍ଦ୍ଧ ଚେତନ ଅବସ୍ଥାରେ ଘରକୁ ଫେରନ୍ତି । ବାଟରେ କିଏ ତାଙ୍କ ସମ୍ମୁଖରେ ଥାଏ ଜାଣନ୍ତି ନାହିଁ ଯେତେବେଳେ ଘର ସାମନାରେ ଭାର ରଖନ୍ତି ତାଙ୍କ ଚେତନା ଫେରିଆସେ । ପୂଜା ଉପକରଣ ପ୍ରସ୍ତୁତି ହେଲା ପରେ ଏହି ସାତ ଦିନ ପୂଝାରୀ ନରେଶ ମାଝୀ ନିଜେ ବାଜାଗଡ଼ା ସହିତ ପୂଜା ସହାୟକ ଏକ ଦଳ ପଟୁଆର ସହିତ ମାଟି ଉପକରଣ ନେବାକୁ ଆସିଥାନ୍ତି । ଏହି ସମୟରେ ମଧ୍ୟ ରାସ୍ତା ଜନଶୂନ୍ୟ ଦେଖାଯାଏ କୁମ୍ଭାର ଘରକୁ ବାହାରି ଝାଙ୍କର ଘର ପୂଜା ସାମଗ୍ରୀ ସହିତ ମାଙ୍କ ଗୁଡ଼ି ଅଭିମୁଖେ ବାହାରିଥାଆନ୍ତି । ଆଶ୍ୱିନ ମାସର ମହାଳୟା ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ପୂଜା ମା ଗଡ଼ିଆନଙ୍କ ବାର୍ଷିକ ଉତ୍ସବ ବୋଲି କୁହାଯାଇପାରେ । ଏହି ଦିନ ଗାଁରେ ଥିବା ପ୍ରାୟ ଯେତେ ଲୋକ ବିଦେଶରେ ଥିବା ସମସ୍ତେ ଆସି ମାଁଙ୍କ ଦର୍ଶନ କରି ଆଶିର୍ବାଦ ନେବା ଉପସ୍ଥିତ ହୋଇଥାନ୍ତି ।

ଗୋମୟରେ ମାଁଙ୍କ ଆସ୍ଥାନ ମାର୍ଜନା କଲା ପରେ ଗୋରସ ଅରୁଆଚାଉଳରେ ବେଲପତ୍ର ଉପରେ କେବଳ ଗୋଟିଏ ପୁଞ୍ଜି ଦିଆଯାଏ । ପୁଞ୍ଜି ସମ୍ମୁଖରେ ଗୋଟିଏ ଦୀପ ଦିଆଯାଇ ମାଁଙ୍କୁ ପୂଜା ଆରମ୍ଭ କରାଯାଏ । ଉପସ୍ଥିତ ସମସ୍ତେ ନିଜର ଭଲମନ୍ଦ ପୂଝାରୀଙ୍କ ମାଧ୍ୟମରେ କହନ୍ତି । ମା ଗଡ଼ିଏନ୍ ପୂଜା ସାରିଲା ପରେ ତାଙ୍କ ସମ୍ମୁଖରେ ଗଡ଼େନ ଖୁ  ଅଛି । ତାହାକୁ ଗଡ଼େନ ଖୁଟା ବୋଲି ସ୍ଥାନୀୟ ଭାଷାରେ କହନ୍ତି । ଏଠାରେ ବଳିଯୋଗ୍ୟ ମେଣ୍ଢା ଚରୁଅର୍ଣ୍ଣ ଖାଇଲା ପରେ ବଳି ଦିଆଯାଏ । ବଳି ପରେ ମାଙ୍କ ଆସ୍ଥାନ ପଛପଟେ ଗଣପତିଙ୍କୁ ପୂଜା କରାଯାଏ ପୂର୍ବ ମୁହଁ କରି ପୂଜା କରାଯାଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମା ଗଡ଼େନ୍ ପୂର୍ବକୁ ମୁହଁ କରିଥାନ୍ତି ଗଣପତିଙ୍କ ପୂଜା କଲାପରେ କପାଟ ଘରେନଙ୍କ ପୂଜା କରାଯାଏ । ଏହିଠାରେ ପୂଜା ଶେଷ ହେଲେ କାର୍ତ୍ତିକ ମାସରେ କୌଣସି ବଳିପଡେ ନାହିଁ, ଶୁକ୍ଳ ପୂଜା କରାଯାଏ । କାହାର ହାନି ଲାଭ ଦୁଃଖ ଜଣାଇବାକୁ ବର୍ଷକର ପ୍ରତ୍ୟକ ଦିନ ପରେ ଯେ କୌଣସି ସମୟରେ ପୂଜା କରାଯାଏ । କିନ୍ତୁ ସକାଳେ ମାଗଡେନ୍ ମାଙ୍କୁ ପୂଜା ପାଇଁ ପୂଝାରୀ ଆସିଥିଲେ । ସନ୍ଧ୍ୟାରେ ଆସନ୍ତି ନାହିଁ । ସେ ଦିନ ରାତିରେ ପୂଜା ହୁଏ ନାହିଁ । ତା' ଆରଦିନ ଦରକାର ହେଲେ ସକାଳେ କିମ୍ୱା ସନ୍ଧ୍ୟାରେ ପୂଜା ହୁଏ ।

ପୁଣି ନବାନ୍ନ ମଧ୍ୟ ମାଁଙ୍କ ଠାରେ ପାଳନ କରାଯାଏ । ନବାନ୍ନ ପୂର୍ବରୁ ରୋଗି ବହୁଳା ହୁଏ । ପ୍ରତ୍ୟକ ଘରୁ ଚାଉଳ ଧୂପ ଫୁଲ ପୂଝାରୀଙ୍କୁ ଦିଆଯାଏ ଐର ଓ ସୁନ୍ଦର ନଦୀର ସଙ୍ଗମ ସ୍ଥଳରେ ରୋଗଦୌରାଗ୍ୟ ଓ ଅପଦେବତା କିମ୍ବା ତନ୍ତ୍ରକ୍ରିୟାର ଖରାପ ପ୍ରଭାବରୁ ଗାଁକୁ ମୁକ୍ତ କରାଯାଏ । ପାରା, କୁକୁଡା, ନଡ଼ିଆ ଦେଇ ପୂଜା କରି ବୋଦା ବଳି ଦିଆଯାଏ । ତା'ପରେ ନବାନ୍ନର ଗୋଟିଏ ଦିନ ପୂର୍ବରୁ ମାଁଙ୍କ ଠାରେ ନବାନ୍ନ ଲାଗି ହୁଏ ଏହା ପରେ ଗାଁର ସମସ୍ତ ଘରରେ ଗୋଟିଏ ନୂଆ ଧାନର ଶସ୍ୟକେଣ୍ଡା ପୂଝାରୀ ଲଗାଇ ଦିଅନ୍ତି । ତା' ଆର ଦିନ ବଡ଼ ଧୂମଧାମରେ ପାଳନ କରାଯାଏ ।

ଆଉ ଗୋଟିଏ ବିଶେଷ ପୂଜା ମଧ୍ୟ ହୁଏ କେହି ପୁରୁଷ କିମ୍ବା ମହିଳା ପାଗଳ ହୋଇଥିଲେ ହାତରେ ଲଗାଇବା ଦୁଇଟି ଲୁହାବଳା ଲୁହୁରା ଠାରେ ତିଆରି କରାଇ ଆବଶ୍ୟକ ପୂଜା ସାମଗ୍ରୀ ସହିତ ମାଁ ଗଣେନଙ୍କ ଠାରେ ପୂଜାହୁଏ । ଉକ୍ତ ଲୁହା ବଳାକୁ ମଧ୍ୟ ଲୁହୁରା ଉପବାସ ରହି ତିଆରି କରେ । ପୂଜା ପରେ ଲୁହା ବଳାକୁ ଉକ୍ତ ମହିଳା କି ପୁରୁଷ ହାତରେ ପିନ୍ଧାଇ ଦେଲେ ଅଳ୍ପ ଦିନ ମଧ୍ୟରେ ଆଶ୍ଚର୍ଯ୍ୟ ଜନକ ଭାବରେ ପାଗଳ ରୋଗ ଦୂର ହୁଏ । ଏହାଛଡ଼ା ଚୈତ୍ରମାସରେ ମଧ୍ୟ ମାଁଙ୍କ ପୂଜା ହୁଏ । ହୋଲି ଦିନର ପୂର୍ବ ରାତ୍ରରେ ମାଁଙ୍କୁ ରଙ୍ଗ ଅର୍ପଣ କଲାପରେ ଆରଦିନ ସକାଳେ ରଙ୍ଗ ଖେଳ ଆରମ୍ଭ ହୁଏ ।

ଏଠାରେ ଦୃଷ୍ଟି ଆକର୍ଷଣକାରି କଥାଟିଏ ଉଲ୍ଲେଖ କରାଯାଇ ପାରେ ଗୋଟିଏ ସରଳ ରେଖାରେ ପଶ୍ଚିମକୁ ମୁହଁକରି ଗ୍ରାମକୁ ସଜାଗ ପ୍ରହରୀତୁଲ୍ୟ ମା କପାଟଘରେନ୍ ଉପବିଷ୍ଟ ମଝିରେ ସିପୋଗଛ ତଳରେ ମା ଗଡ଼ିଆନ୍ ପାଖରେ ଗଣପତି ଓ କିଛି ଦୂରରେ ଦୁକଲା ହସପିଟାଲ୍ ପାଖରେ ପଶ୍ଚିମ ମୁହଁକରି ପିପ୍ପଳ ଗଛତଳେ ମା ଠାକୁରାଣୀ ପୂଜାସ୍ଥଳ ସତେ କି ଗାଁର ହାନି ଲାଭ ମାଁ ଠାକୁରାଣୀ ଓ ମାଁ ଗଡ଼ିଆନ ଗଭୀର ଚିନ୍ତାର ଆଲୋଚନାରତ ସମ୍ମୁଖରେ କପାଟଘରେନ୍ ସଜାଗ ପ୍ରହରୀ ତୁଲ୍ୟ ଦଣ୍ଡାୟମାନ।

ଆହୁରି ଆଶ୍ଚର୍ଯ୍ୟ ଘଟଣାଟିଏ ଉଲ୍ଲେଖ କରାଯାଇ ପାରେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକର ଉଛଲା ଗ୍ରାମ ପ ।ୟତର ଗୋଟିଏ ଗାଁ ହଳଦୀ ଏଠାରେ ବେଶୀ ସଂଖ୍ୟକ 'ଗଞ୍ଜା' ବଂଶୀୟ କନ୍ଧ ଦେଖାଯାଆନ୍ତି ଏମାନେ ଗାଁର ଝାକର ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ଏହି ହଳଦୀ ଗାଁରେ ପୋଡ ବଳି ଦେବା ପାଇଁ ପୋଡଟିଏ ଝାକର ପାଖରେ ଥିଲା ଉକ୍ତ ପୋଡ ତେଲ ନଦୀ ପାଖରେ ଥିବା ମଖଲା ଗ୍ରାମର ସରକୁ ନିୟମିତ ଯାଏ ସେଠାର ବୁଡ ଦେଇ ସରରେ ଥିବା ଜଗଳ ନିଜ ସଙ୍ଗରେ ଧରି ଉକ୍ତ ଗାଁକୁ ଫେରେ ଗାଁର ଝାକର ଏହି ସବୁ ଲକ୍ଷ କରୁଥାନ୍ତି ଗୋଟିଏ ଦିନ ଝାକର ଆଉ ଧର୍ଯ୍ୟ ଧରି ରହି ପାରିଲେ ନାହିଁ ଉକ୍ତ ପୋଡ ଅନୁଧାବନ କଲେ ପୋଡ କେଉଁଠାରୁ ଜଗଳ କିପରି କାହିଁକି ଆଣୁଛି ସତର୍କତା ସହିତ ଲକ୍ଷ୍ୟ କଲେ। ମଖଳା ହଳଦୀର ଗୋଟିଏ ପଡା ପାଖରେ--ପୂର୍ବ ପରି ବୁଡଦେଇ ଗୋଟିସ୍ ସିଂହରେ ଜଗଳ ନେଇ ପୂର୍ବପରି ନିର୍ଦ୍ଧିଷ୍ଟ ଜାଗାରେ ରଖିଲା ତା'ପରେ ଝାକର ନିଜ ଗାଁ ଜ୍ଞାତି କୁଟୁମ୍ବକୁ ଡକାଇ ପୋଡର ସେହି ଆଚରଣ କଥା କହିଲେ ଗାଁ ଲୋକଙ୍କ ସର୍ବଶେଷରେ ମତ ପ୍ରକାଶ କଲେ ଯେ, ହଦଳୀ ବା ମଖଲା ପାଖ ସରର ପୂର୍ବବର୍ତ୍ତୀ ଅଞ୍ଚଳ ବା ଗ୍ରାମ ଗୁଡିକ ସେମାନଙ୍କର ଅଧିକାର କରିବା ନିହାତି ଜରୁରୀ ଆଉ ସେମାନେ ନିଶ୍ଚିତ ଭାବରେ ସେହି ଅଞ୍ଚଳ ଗୁଡ଼ିକ ଅଧିକାର କରିବେ କାରଣ ସେହି ଅଞ୍ଚଳ ଗୁଡିକ ସେମାନଙ୍କର ଅଧିକାରରେ ନାହିଁ। ତାହା ହିଁ ସେହ ପୋଡର ଆଚରଣରେ ସୂଚନା ମିଳୁଛି। ତା'ପରେ ସେମାନେ ଯୁଦ୍ଧ କରିବା ପାଇଁ ପାରମ୍ପାରିକ ଅସ୍ତ୍ର ଶସ୍ତ୍ର ଓ ବୀରବାଦ୍ୟ ଘୁମୁରା ସହିତ ସୁ ନିୟୋଜିତ ରଣନିତୀରେ ଯୁଦ୍ଧକ୍ଷେତ୍ରକୁ ପ୍ରସ୍ଥାନ କରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା। ପୁଣି ଦୁଇ ପକ୍ଷ୍ୟର ଅର୍ଦ୍ଧାଧିକ ସୈନ୍ୟ ଯୁଦ୍ଧରେ ସହୀଦ ହେଲେ ବଞ୍ଚିଥିବା ଅନେକ ସୈନ ଆହତ ହେଲେ ଯୁଦ୍ଧରେ କେହି କାହାରିକୁ ପରାସ୍ତ କରି ପାରିଲେ ନାହିଁ ଉଭୟ ପକ୍ଷ ନିରାଶ ହୋଇ ନିଜ ନିଜ ଇଷ୍ଟ ଦେବୀଙ୍କୁ ସୁମରଣା କଲେ ବଞ୍ଚିଥିବା ସୈନ୍ୟଙ୍କୁ ସାହସ ଦେବା ପାଇଁ ଆକୁଳ ନିବେଦନ କଲେ କିନ୍ତୁ ଉଭୟ ପକ୍ଷର ଇଷ୍ଟ ଦେବୀ ନିରାଶ ବାଣୀ ଶୁଣାଇଲେ। କିନ୍ତୁ ଶେଷରେ ପକ୍ଷ ହଳଦୀ ଶିବିରରେ ଦୈବବାଣୀ ହେଲା ଯେ ଯୁଦ୍ଧରେ ସେମାନେ ବିଜୟଶ୍ରୀ ମଣ୍ଡିତ ହେବେ ଯଦି ତାଙ୍କର କଥାକୁ ସେମାନେ ସ୍ୱୀକାର କରନ୍ତି ସେମାନେ ସମସ୍ତେ ରାଜି ହେଲେ ସେହି ସର୍ତ୍ତଟି କ'ଣ ? ଦେବୀ କହିଲେ, ଜଣେ ବ୍ୟକ୍ତି ଦେବୀ ପାଖରେ ସମର୍ପଣ ହେବେ ସେ ଦେବୀଙ୍କର ପୂଜା ଉପାସନା କରିବେ ଓ ଦେବୀଙ୍କ ମହିମା ପ୍ରଚାର କରିବେ। ଉକ୍ତ ସର୍ତ୍ତରେ ସମସ୍ତେ ରାଜି ହେଲେ। ଝାକର ନିଜ ଜ୍ୱାଇଁକୁ ଉକ୍ତ ସମର୍ପଣ କଲେ। କହିବା ବାହୁଲ୍ୟ ସେହି ଯୁଦ୍ଧରେ ହଳଦୀ ପକ୍ଷଙ୍କ ବିଜୟ ହେଲା ସେହି ଦିନ ଠାରୁ କନ୍ଧ ଆଦିବାସୀ ସମ୍ପ୍ରଦାୟ ତାଙ୍କ ଦେବୀ ଜାଜେନଙ୍କ ସହିତ ମା ଗଡ଼ିଆଣୀଙ୍କୁ ପୂଜାକଲେ। ଏହିପରି ଆଶ୍ଚର୍ଯ୍ୟ ଜନକ ଅନେକ ମହିମା ଦେବୀଙ୍କ କରୁଣା ତୁକଲାର ପ୍ରତ୍ୟକ ବ୍ୟକ୍ତି ଅନୁଭବ କରିପାରିଛନ୍ତି। ସେଗୁଡିକ ଉଲ୍ଲେଖ କଲେ ଏକ ଦୀର୍ଘ ପ୍ରବନ୍ଧ ହେବ।

**ସହାୟକ ସୂଚୀ ;**


୧. କୁମାରୀ ପାଟଣେଶ୍ୱରୀ ଓ ରମାଇ ଦମାଇ ଚରିତ-ଶ୍ରୀନାମଯଜ୍ଞ ମିଶ୍ର, ବଲାଙ୍ଗିର ଲୋକ ଉତ୍ସବ ସ୍ମରଣୀକା ୨୦୦୯, ପୃଷ୍ଠା-୫

୨. ଦଳିତ ସଂସ୍କୃତିର ଇତିହାସ, ଲେଖକ-ଡ. ବାସୁଦେବ ସୁନାମୀ ପୃଷ୍ଠା-୪୨୯

୩. ଗୋଣ୍ଡି ପୁନମ ଦର୍ଶନ, ଗୋଣ୍ଡୱାନା କି ସଂସ୍କୃତିକି ଇତିହାସ (ହିନ୍ଦି) ଲେଖ-ମୋତିରାମ କଙ୍ଗାଲି, ପୃଷ୍ଠା-୨୯୯

ପ୍ରକାଶକ-ଉଜ୍ଜଳ ସୋସାଇଟି, ଜୟତଲା ରୋଡ ନାଗପୁର ମହାରାଷ୍ଟ୍ର

୪. ଗଣ୍ଡା ବାହାଲି ଓ ରାମ ଗଡ଼ ଐତିହାସିକ ଅବଲୋକନ, ପୃଷ୍ଠା-୧

ଗଣ୍ଡାବାହାଲି ଉଚ୍ଚବିଦ୍ୟାଳୟ ରୌପ୍ୟ ଜୟନ୍ତି ସ୍ମରଣିକା-୨୦୧୨, ଲେଖକ-ବୈକୁଣ୍ଠ ମେହେର

୫. କଳାହାଣ୍ଡି ଏକ୍ସପ୍ରେସ ଭବାନୀପାଟଣା (୦୬.୧୩.୨୦୧୧ ଦଶହରା)

ସଂପାଦକ - ଜୟନ୍ତ ବେହେରା

୬. କଳାହାଣ୍ଡୀ ଦେବୀ, ସଂପାଦକ-ଶ୍ରୀ ପରମେଶ୍ୱର ମୁଣ୍ଡ-୨୦୦୬


ଏହି ପ୍ରବନ୍ଧର ଅନେକ ତଥ୍ୟ ପୃଥିରାଜ ମାଝୀ, ଜିତାମିତ୍ର ସିଂ ଦେଓ, ପିତାମ୍ୱର ବାରିକ, ମକୁନ୍ଦ ମାଝୀଙ୍କ ଠାରୁ ପାଇଥିବାରୁ ଲେଖକ କୃତଜ୍ଞ।

# 'ଡଙ୍ଗର ଉହାଡ଼'ର କଥା

## ଜିତେନ୍ଦ୍ର ପଟ୍ଟନାୟକ

ହଠାତ୍ ଭାଇବ୍ରେଟ୍ ଥିବା ମୋ ମୋବାଇଲଟା ଥରି ଉଠିଲା। ମୁଁ ଧରିଲି। ଗୁରୁ ଗମ୍ଭୀର କଣ୍ଠରେ ଭାସି ଉଠିଲା ତାଙ୍କ ସ୍ୱର।

– କୁଆଡେ ଗଲୁ? ଫୋନ ନାହିଁ କି ଦେଖା ନାହିଁ।

– ସାର୍‌ଙ୍କୁ କ'ଣ ଭୁଲିଗଲୁ? ଯେତେ ଶୀଘ୍ର ପାରିବୁ ମୋତେ ଆସି ଦେଖାକର। ସକାଳଟାରେ ଏମିତି କଥା ଶୁଣି ମୁଁ କାଳ ମିଳମ୍ବ ନ କରି ଭୁବନେଶ୍ୱରରୁ କଟକ ବାହାରିଲି। ସିଡିଏ ସ୍ଥିତ ତାଙ୍କ ବାସଭବନରେ ପହଞ୍ଚିଲି। ଦେଖିବା ମାତ୍ରେ 'ମାଡାମ'ଙ୍କୁ ଡାକ ଛାଡି କହିଲେ- ମାନି! ଦେଖ, ଯଦୁ କୁଆଡେ ଉଭାନ୍ ହୋଇଯାଇଥିଲା। ତାକୁ ଆଗ ଖାଇବାକୁ ଦିଅ। ତା' ପରେ ମୁଁ ଯାଇ ଡ୍ରଇଁ ରୁମ୍‌ରେ ବସିବା କ୍ଷଣି ସେ କହିଲେ- ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କ ଉପରେ ସେମିତି କିଛି କାମ ହୋଇନାହିଁ। ସେମାନଙ୍କ ସଂସ୍କୃତି ଓ ପରମ୍ପରା ଲୋକଲୋଚନକୁ ଆସିପାରୁନାହିଁ। ଆନ୍ତ୍ରିକ ଗବେଷଣା ଦରକାର। ପୁସ୍ତକ ରଚନା ଜରୁରୀ। ଭାରତ ସରକାରଙ୍କ ମାନବ ସମ୍ବଳ ମନ୍ତ୍ରଣାଳୟ ମୋ ଦରଖାସ୍ତକୁ ଗ୍ରହଣ କରି ଜନଜାତିଙ୍କ ଉପରେ ଗବେଷଣା ପାଇଁ ଅନୁମତି ଦେଇଛନ୍ତି। ସେ ପାଇଁ ମଧ୍ୟ ପଇସା ମିଳିବ। ତେଣୁ ତୁ କିଛି ବହି, ଡକ୍ୟୁମେଣ୍ଟସ୍ ବା ମ୍ୟାଗାଜିନ୍ ଆଣିବୁ। ତା' ପରେ ରିସର୍ଚ୍ଚ କାମ ଆଗାଇବା।

– ମୁଁ ହଁ କହିଲି। ଆଉ ସ୍ମିତ ହାସ୍ୟରେ କହିଲି- ଭାଇ ! ମୁଁ ବି ଗୋଁଣ୍ଡ ଜନଜାତିଙ୍କ ଉପରେ ଏ 'ପ୍ରାମାଣିକ ଟେଲିଫିଲ୍ମ' କରିବାକୁ ନିଷ୍ପତ୍ତି ନେଇସାରିଛି। ଗବେଷଣା ସରିଛି। ସେଥିପାଇଁ କିଛି ବହି ଓ ମ୍ୟାଗାଜିନ୍ ବି ଆପଣଙ୍କ ପାଇଁ ଆଣିଛି। କେବଳ ତା'ର ସ୍କ୍ରିପ୍ଟ ଓ ଟାଇଟଲ ଆପଣ ଲେଖିବେ।

ମୋ କଥା ନସରୁଣୁ ସେ ନେଇଥିବା ବହି ଗୁଡିକ ହାତରୁ ନେଇ କହିଲେ – ଗୋଁଣ୍ଡ ଜନଜାତି ଏକ ପ୍ରାଚନୀ ଜନଜାତି। ଏମାନେ ଓଡ଼ିଶାରେ ଥିବା ବାସଠି ପ୍ରକାରର ଜନଜାତିଙ୍କ ଅପେକ୍ଷା ଉନ୍ନତ, ଶିକ୍ଷିତ ଓ ସଭ୍ୟ। ଏମାନେ ନିଜର ବିଶ୍ୱାସ ଓ ପରମ୍ପରାକୁ ନିବିଡ଼ ଭାବରେ ବାନ୍ଧି ରଖିଛନ୍ତି। ରାଜ୍ୟର ପ୍ରାୟ କୋଡିଏ ଜିଲ୍ଲାର ଗୋଁଣ୍ଡମାନେ ବସତି ସ୍ଥାପନ କରିଛନ୍ତି। କନ୍ଧ ଜାତିରେ ଏମାନଙ୍କ ସନ୍ଧ୍ୟା ଦ୍ୱିତୀୟ ବୃହତ୍ତମ। ତେଣୁ 'ଡକ୍ୟୁମେଣ୍ଟାରୀ ଫିଲ୍ମ୍' ଟା ଭଲ ହେବ। ଏମାନେ ଯେହେତୁ ଉନ୍ନତ, ସେଥିପାଇଁ ଟାଇଟଲ ରହିବ – 'ଡଙ୍ଗର ଉହାଡେ ଜହ୍ନ'। ଅର୍ଥାତ୍ ଡଙ୍ଗର (ପାହାଡ) ଆରପାରିରେ ଉନ୍ନତ ସଭ୍ୟତା। ସାର୍‌ଙ୍କ କଥାନୁସାରେ ପ୍ରାମାଣିକ ଟେଲିଫିଲ୍ମର ନାମ ରହିଲା 'ଡଙ୍ଗର ଉହାଡେ ଜହ୍ନ'। ସ୍କ୍ରିପ୍ଟ ଲେଖା ହେଲା। ସୁଟିଂ ବି ନିର୍ଦ୍ଧାରିତ ଦଶ ଦିନ ଭିତରେ ଦଶଟି ଜିଲ୍ଲାରେ ଶେଷ ହେଲା। କେବଳ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗରେ 'ଆୱାର୍ଡ' ପାଇଁ ଆବେଦନ କଥା ବାକି ରହିଥିଲା। ସାର୍ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ ଏହା ବିଷୟରେ ବିସ୍ତୃତ ଆଲୋଚନା ହୋଇଥାନ୍ତା। ହେଲେ ବିଧିର ବିଧାନ ଥିଲା ବିଚିତ୍ର। ଭଗବାନ ତାହାକୁ ଅଧାରେ ହିଁ ଲଟକି ଦେଲେ। 'ଡଙ୍ଗର ଉହାଡ'ର କଥା ଆଉ ସେ କହିବେ ନାହିଁ। ସବୁଦିନ ପାଇଁ ମୁହଁରୁ ନିଃସୃତ ବାକ୍ୟ ଓ ତାଙ୍କ କଲମ ବନ୍ଦ ହୋଇଗଲା। କିଏ ସେ? କାହା ପାଇଁ ଏତେ ବ୍ୟାକୁଳତା? ତାଙ୍କ ବିଷୟରେ ଏତେ କଥା କାହିଁକି କୁହାଯାଉଛି?

ହଁ, ସେ ଥିଲେ ଜାତୀୟ, ଆନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ କବି, କଥାକାର, ପ୍ରବୀଣ ଗବେଷକ, ମର୍ଯ୍ୟାଦାବନ୍ତ ଗୀତିକାର ଏବଂ କଟକ ଆକାଶବାଣୀର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ଡ଼ଃ ହୃଷୀକେଶ ପଣ୍ଡା। ସେ ଆଉ ଇହଜଗତରେ ନାହାନ୍ତି, ଏବେ ସେ ଆର ପାରିରେ। ହେଲେ ସେ ଛାଡ଼ିଯାଇଥିବା ସ୍ମୃତି ଜର୍ଜରିତ କଥା ସବୁ ମୋ ଭଳି ଅନେକ ଯୁବକଙ୍କ ପାଇଁ 'ସ୍ମୃତିର ସନ୍ତକ' ଭାବେ ରହିଯାଇଛି। ବଂଚିଥିବା ଯାଏ ରହିଥିବ ମଧ୍ୟ। ୧୯୯୦ ରୁ ୨୦୧୭ ମଧ୍ୟରେ ସାର୍‌ଙ୍କ ସହ ଅନେକ ମୁହର୍ତ୍ତ ବିତାଇଛି। ପ୍ରାୟ ପ୍ରତିବର୍ଷ କଥା ହୋଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ସାହିତ୍ୟ – ସାମ୍ବାଦିକତା ଉପରେ ଆଲୋଚନା କରିଛି। ଏ ସବୁକୁ ବଖାଣିବା ଆଦୌ ସମ୍ଭବ ନୁହେଁ। ସବୁଠୁଁ ଦୁଃଖଦ ବିଷୟ ହେଉଛି ଯଦି କୌଣସି କାରଣରୁ ସପ୍ତାହେ ଧରି କଥା ହୋଇନଥାଏ ସେ ଫୋନ୍ ପରେ ଫୋନ୍ କରି ବ୍ୟସ୍ତ କରିଥାନ୍ତି ଓ କଟକକୁ ଡକାଇଥାନ୍ତି। ମୁଁ ବି ସକାଳେ ଯାଇ

ସନ୍ଧ୍ୟାରେ ଫେରିଆସେ । ଯେତେବେଳେ ମୁଁ ଯାଇଛି ସେ ସମୟ ଅପଚୟ ନ କରି ସାହିତ୍ୟ, ଡକ୍ୟୁମେଣ୍ଟାରୀ ଫିଲ୍ମ ବା କ୍ୟାରିଅର ଉପରେ ଆଲୋଚନା କରିଥାନ୍ତି । ନହେଲେ ହସ୍ତରେଖା ଉପରେ ତର୍ଜମା ହୋଇଥାଏ । ଦୀର୍ଘ ବର୍ଷରୁ ତାହା ଚାଲିଥିଲା ।

ମୁଁ ଅନୁଭବ କରିଛି ସେ ଥିଲେ 'ପୂର୍ଣ୍ଣ ମଣିଷ' । ମ୍ୟାଡମ୍ ମାଳତୀ ପଣ୍ଡା ବି ତାଙ୍କୁ ବହୁ କ୍ଷେତ୍ରରେ ସହଯୋଗ କରୁଥିଲେ । ସାହିତ୍ୟ ତାଙ୍କର ଉଚ୍ଚକୋଟୀର ଥିଲା । ତାଙ୍କ ଲେଖା ଯେପରି ମାର୍ଜିତ ଓ ରୁଚିବନ୍ତ, ଭାଷଣ ସେହିପରି ଥିଲା ହୃଦୟସ୍ପର୍ଶୀ । ଯେ କୌଣସି ମୁହୂର୍ତ୍ତରେ ଯେ କୌଣସି ବିଷୟରେ ତତ୍କାଳ ଲେଖିବାର ଦକ୍ଷତା ହିଁ ତାଙ୍କ ଥିଲା । ଦିନେ ତାଙ୍କୁ ପଚାରିଥିଲୁ - କ'ଣ ପାଇଁ ସାହିତ୍ୟ ସାଧନା ?

ଡ଼ଃ ପଣ୍ଡା କହିଥିଲେ - 'ମୋର ପ୍ରକୃତ ମୃତ୍ୟୁପରେ ମୁଁ ମଣିଷ ହୃଦୟରେ ବଂଚିବାକୁ ଚାହେଁ । ସେଥିପାଇଁ ମୁଁ କଲମ ଧରିଛି । ତା' ଛଡା ମୋ ଚାରିପଟେ ମୋ ଭିତରେ ଏମିତି ଚରିତ୍ର ମୋତେ ଛଟପଟ କରାନ୍ତି, ଯେଉଁମାନଙ୍କର ଦୁଃଖ ଯନ୍ତ୍ରଣା, ଆଶ୍ୱାସନା ମୋ ଗଳ୍ପ ଭିତରେ ହିଁ ପ୍ରକାଶ କରେ । ଏହା କେବଳ ହୃଦୟଶୀଳ ଆବେଗ ନୁହେଁ, ସାମାଜିକ ଅଙ୍ଗୀକାର ଜୀବନବୋଧ ପ୍ରତି ବିଶ୍ୱସ୍ତତା ଏବଂ ଅନ୍ତର୍ବେଦନା ପ୍ରତି ଅନୁଗତ୍ୟ ଓ ଈଶ୍ୱରଙ୍କ ପ୍ରତି ସମର୍ପିତ ହେବାରେ ଏକ ଦିବ୍ୟ ବିମୁଗ୍ଧତା ।'

ସାର୍‌ଙ୍କ ପ୍ରତିଟି ଲେଖା 'ଜୀବନ'କୁ ନେଇ ସୃଷ୍ଟି । ଜୀବନକୁ ସେ ଏକ ସୁନ୍ଦର 'ଆର୍ଟ' ଭାବେ ବିବେଚନା କରିଥିଲେ । ତେଣୁ ସେ କହୁଥିଲେ - 'ଜୀବନ ରୂପକ ଆର୍ଟରେ ରସ ଦେଇପାରିଲେ ସେ ସବୁବେଳେ ନୂଆ ଦିଶେ । ଆଉ ରଂଗ ଦେଇ ନ ପାରିଲେ 'ସମୟର ଧୂଳି' ଜମିଯାଏ ସେଇ ଆର୍ଟ ଉପରେ ଅସ୍ପଷ୍ଟ ହୋଇଯାଏ ଜୀବନର ପ୍ରତିଛବି ।'

ସତରେ ଜୀବନକୁ କ୍ୟାନ୍‌ଭାସ୍‌ରେ ଆଙ୍କିଥିଲେ ସେ । ମରି ବି ସେ ଅମର । ଭଗବାନଙ୍କ ନିକଟରେ ମୋ ପ୍ରାର୍ଥନା ତାଙ୍କର ଆତ୍ମାର ସଦ୍‌ଗତି ହେଉ । ଉପରୁ ଥାଇ ଆମକୁ ଆଶୀଷ ଦିଅନ୍ତୁ - ଯେମିତି ପୂର୍ବରୁ ଦେଇ ଆସିଥିଲେ ।





# 'ଗୋଁଣ୍ଡ ଆଦିବାସୀ ସମାଜର ଆର୍ଥିକ ପ୍ରଗତିରେ ମହିଳାଙ୍କ ଭୂମିକା'

ଅଧ୍ୟାପିକା ସୁକାନ୍ତି ନାୟକ

ଓଡ଼ିଶାର ମୟୁରଭଞ୍ଜରୁ ଯେ ମାଲକାନଗିରୀ ଜିଲ୍ଲା ପର୍ଯ୍ୟନ୍ତ ଗୋଁଣ୍ଡ ଆଦିବାସୀ ସମାଜର ଲୋକ ବାସ କରନ୍ତି। ଆଦିବାସୀ ସଂଖ୍ୟା ଦୃଷ୍ଟିରୁ କନ୍ଧଙ୍କ ପରେ ଗୋଣ୍ଡ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି (ତୃତୀୟ ସ୍ଥାନରେ ସାନ୍ତାଳ)। ଏହି ବିରାଟ ଜନ ସଂଖ୍ୟାର (ଓଡ଼ିଶାର ୨୫% ଆଦିବାସୀ ମଧ୍ୟରୁ ୧୦% ରୁ ଅଧିକ ଗୋଣ୍ଡ) ୫୦%ରୁ ଅଧିକ ମହିଳା ଅଟନ୍ତି। ଏମାନେ ଗୋଣ୍ଡ ସମାଜର ପ୍ରଗତି ଦିଗରେ ପ୍ରମୁଖ ଭୂମିକା ଲିଭାଇ ଆସୁଛନ୍ତି। ଗୋଣ୍ଡ ସଭ୍ୟତା ନାରୀକୁ ଉଚ୍ଚ ସ୍ଥାନ ଦେଇ ଆସିଛି। ପ୍ରାଚୀନ ଗୋଣ୍ଡ ସଭ୍ୟତାର ଧର୍ମ, ସାମାଜିକ ବିଧି ବିଧାନ ନିଷ୍ଠାର ସହ ପାଳନ କରି ଆସୁଛନ୍ତି। ଏ ଗୋଷ୍ଠୀର ଲୋକ ସୁଶୃଙ୍ଖଳିତ, କର୍ମଠ ଅଟନ୍ତି। ଚୋରୀ, କଳା ବଜାରୀ ପରି ନୀଚ ହୀନ କାମକୁ ଘୃଣା କରନ୍ତି। ଭୀକ୍ଷା ମାଗିବା ଅପମାନର କାମ ଭାବନ୍ତି। କୃଷିକୁ ଜୀବନ ଜୀବିକା ଭାବରେ ଗ୍ରହଣ କରିଛନ୍ତି। ସ୍ୱାଭିମାନର ସହ ବଞ୍ଚି ଶିଖିଛନ୍ତି। ଏ ଗୋଷ୍ଠୀର ମହିଳା ଅତ୍ୟନ୍ତ ପରିଶ୍ରମୀ ସୁଂସଜତ ଅଟନ୍ତି।

ଉତ୍ତର-ଓଡ଼ିଶା (ମୟୁରଭଞ୍ଜ, କେନ୍ଦୁଝର)ର ଗୋଣ୍ଡ ମହିଳା ୧୯୬୦-୧୯୭୦ ଦଶକ ବେଳକୁ କୃଷି କାମ, ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ। ହାଟ ବଜାରରେ ବିକ୍ରି କରି ପରିବାର ଚଳାଇବାରେ ପ୍ରମୁଖ ଭୂମିକା ଲିଭାଇ ଥିଲେ। ଗରିବ ପରିବାର, ଭୋଗ ଉପାସର ଦିନ ଗୁଡିକୁ ଦକ୍ଷତାର ସହ ମୁକାବିଲା କରୁଥିଲେ। ୧୯୮୦ ଦଶକ ବେଳକୁ ପରିସ୍ଥିତି ବଦଳି ଗଲା। ଜମି ବାଲିଚର ହେଲା। ଜଙ୍ଗଲ ଭାଙ୍ଗି ପଡ଼ିଲା। ତେବେ ମଜୁରୀ ବଢ଼ିଲା। ଶାଳ ପତ୍ର ଖଲି ଦୋନା ର ଚାହିଦା ବଢ଼ିଲା। ଏଣୁ ପରିବାର ଚଳାଇବା ମହିଳାମାନଙ୍କ ପାଇଁ ସୁବିଧା ହେଲା।

୨୦୦୦ ମସିହା ପରଠୁ ଉତ୍ତର-ଓଡ଼ିଶାର ଗୋଣ୍ଡ ପରିବାର ଗୁଡିକର ଆର୍ଥିକ ସ୍ଥିତି କ୍ରମେ ବଦଳିବାକୁ ଆରମ୍ଭ କରିଛି। ସରକାରୀ ସାମାଜିକ ସୁରକ୍ଷା ଯୋଜନା ବା 'ଭୀକନୀତି' (ସରକାର ଅଧିକାର ବଦଳରେ ବି.ପି.ଏଲ ଚାଉଳ, ବିଭିନ୍ନ ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ନାଁରେ ଭତ୍ତା ଯୋଗାଉଛି।) ଗରିବ ଗୋଣ୍ଡ ପରିବାର ଗୁଡିକୁ ଆର୍ଥିକ ଦୃଷ୍ଟିରୁ ଆଶ୍ୱସ୍ତ କରିଛି। ଏହା ସହିତ ଗୋଟିଏ ଲଢୁଆ ମନଭାବ ନେଇ ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଯୁବଗୋଷ୍ଠୀ (ଉଭୟ ମହିଳା ଓ ପୁରୁଷ) ବିଭିନ୍ନ ସରକାରୀ, ବେସରକାରୀ କର୍ମ କ୍ଷେତ୍ରରେ ପ୍ରବେଶ କରୁଛନ୍ତି। ସାରାବର୍ଷ ନିରନ୍ତର ରୋଜଗାର କରିବାରେ ସମର୍ଥ ହେଉଛନ୍ତି। କୁଶଳୀ କାରିଗର ଭାବରେ ଦକ୍ଷତା ଦେଖାଇ ପାରୁଛନ୍ତି।

**ସରକାରୀ ଚାକିରୀ :** ପ୍ରତି ଗାଁର ଗୋଣ୍ଡ ସମାଜରୁ ଅନ୍ତତଃ ୫ ରୁ ୧୦ ଜଣ (ଉଭୟ ମହିଳା ଓ ପୁରୁଷ) ସରକାରୀ ଚାକିରୀରେ ଅବସ୍ଥାପିତ ହୋଇଥିବା ଜଣାଯାଏ। ସରକାରୀ ଚାକିରୀ କ୍ଷେତ୍ରରେ ମହିଳାମାନଙ୍କ ୩୩% ସଂରକ୍ଷଣ ସୁବିଧା ରହିଛି। ରକ୍ଷଣଶୀଳ ଗୋଣ୍ଡ ସମାଜର ବାଡ ଭାଙ୍ଗି ମହିଳାମାନେ ଏହାର ସୁଯୋଗ ନେଉଛନ୍ତି। ପୋଲିସ, ଫରେଷ୍ଟ ଗାର୍ଡ ପରି ଆହ୍ୱାନ ମୂଳକ ସରକାରୀ ଚାକିରୀରେ ପ୍ରବେଶ କରୁଛନ୍ତି। ଏହା ବ୍ୟତୀତ ଶିକ୍ଷୟିତ୍ରୀ, ନର୍ସ ଠାରୁ ଡାକ୍ତର, ଅଧ୍ୟାପିକା, ଓ.ଏ.ଏସ ପରି ଉଚ୍ଚ ପଦବୀକୁ ଯାଇ ଦକ୍ଷତାର ସହ କାମ ତୁଲାଉଛନ୍ତି। ଏହି ସବୁ ପ୍ରଗତିଶୀଳା ମହିଳାମାନେ ଧନ୍ୟବାଦର ପାତ୍ର ଅଟନ୍ତି। ସମାଜ ପାଇଁ ପ୍ରେରଣାର ଉତ୍ସ ହୋଇଛନ୍ତି। ସାମାଜିକ ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ନିଭାଉଛନ୍ତି। ଗୋଣ୍ଡ ସମାଜର ମୂଳଦୁଆ ବା ଭିତ୍ତିଭୂମିକୁ ଶକ୍ତିଶାଳୀ କରିବା ପାଇଁ ଅଧିକ ସଂଖ୍ୟକ ଶିକ୍ଷୟତ୍ରୀଙ୍କ ଆବଶ୍ୟକତା ରହିଛି। ଓଡ଼ିଶା ଗୋଣ୍ଡୱାନା ଗୋଣ୍ଡ ମହାସଭା ଶାଖା ଏ ଦିଗରେ ଗଠନ ମୂଳକ କାମ କରିବା ଆବଶ୍ୟକ ହେଉଛି।

**ବେସରକାରୀ ସଂସ୍ଥାରେ ଚାକିରୀ :** ଉତ୍ତର-ଓଡ଼ିଶାର ପ୍ରାୟ ୩୦% ଯୁବ ଗୋଷ୍ଠୀ (୧୮-୪୦ ବର୍ଷ) ସ୍ଥାନୀୟ ଇଲାକାର ବିଭିନ୍ନ ଧନ୍ଦାମୂଳକ କାମରେ ହାତ ଦେଉଛନ୍ତି। ସେମାନେ (୧) କମ୍ପୁଟର ଚଳାଇବା (୨) ଇଲେକ୍ଟ୍ରିସିଆନ ହେବା (୩) ଡ୍ରାଇଭର (୪) ଟେଲର (୫) ଗ୍ରୁପ ହୋଇ ଘର ନିର୍ମାର ମିସ୍ତ୍ରୀ, କାଠ ମିସ୍ତ୍ରୀ, ଖାଦ୍ୟ ମିସ୍ତ୍ରୀ (ଭୋଜିଭାତ ପାଇଁ) ଇତ୍ୟାଦି କାମ ଦକ୍ଷତାର ସହ ତୁଲାଇ ପାରୁଛନ୍ତି। ଅନେକ ବହୁ ଝିଅ, ଟେଲରିଂ ବା ଘରେ ବସି ମେସିନ୍‌ରେ ପୋଷାକ ତିଆର ଧନ୍ଦାକୁ ବ୍ୟବସାୟରେ ପରିଣତ କରି ପାରିଛନ୍ତି। ଏହି ମହିଳାମାନେ ଧନ୍ୟବାଦର ପାତ୍ର ଅଟନ୍ତି। ପ୍ରେରଣାର ଉତ୍ସ ହୋଇଛନ୍ତି। ଗାନ୍ଧୀଙ୍କ ଭାଷାରେ 'କାଟି ପିନ୍ଧ କୁଟି ଖାଅ' ନୀତି ଆପଣାଇ ସମାଜର ମଙ୍ଗଳ କରୁଛନ୍ତି। କିଛି ଅର୍ଥନୀତି ତ ନିଜ ହାତରେ ରଖି ପାରିଛନ୍ତି। ଏଣୁ ବିବାହ ସମୟରେ ପ୍ରତିନୂଆ ବହୁ ସହିତ ସିଲେଇ ମେସିନ୍ ଆସିବା ଉଚିତ୍।

ଉତ୍ତର-ଓଡ଼ିଶାର ୬୦%ରୁ ଅଧିକ ଯୁବଗୋଷ୍ଠୀ ଦକ୍ଷିଣ ଭାରତ ମୁହାଁ ହୋଇଛନ୍ତି। ସେମାନେ ଆନ୍ଧ୍ର ଚିଙ୍ଗୁଡ଼ି ପ୍ରକ୍ରିୟାକରଣ କମ୍ପାନୀ, ବାଙ୍ଗାଲୋର, ଚେନ୍ନାଇ, କେରଳର ମାର୍ବଲ ପ୍ରକ୍ରିୟାକରଣ, ପରିବହନ, ପୋଷାକ ତିଆରି କମ୍ପାନୀ, ବିଭିନ୍ନ କଳ କାରଖାନାରେ କାମ, ଆପାର୍ଟମେଣ୍ଟ ଗୁଡ଼ିକରେ ସିକ୍ୟୁରିଟି ଗାର୍ଡ ଭାବରେ କାମ କରୁଛନ୍ତି। ମାସକୁ ସାତ ରୁ ପନ୍ଦର ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଏ ଦିଗରେ ଗୋଣ୍ଡ ମହିଳା ପଛରେ ପଡ଼ି ନାହାଁନ୍ତି। ଚିଙ୍ଗୁଡ଼ି ଓ ପୋଷାକ କମ୍ପାନୀରେ କାମ କରି ସାରା ବର୍ଷ ଅର୍ଥ ରୋଜଗାର କରୁଛନ୍ତି। ବାସ୍ତବରେ ଏହି ଅର୍ଦ୍ଧ ଶିକ୍ଷିତ ବିଶାଳ ଯୁବଗୋଷ୍ଠୀ ଗୋଣ୍ଡ ସମାଜର ଆର୍ଥିକ ଭିତ୍ତିଭୂମି ଶକ୍ତିଶାଳୀ କରିବାରେ ବ୍ୟାପକ ଭୂମିକା ନିଭାଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ନୂତନ ଗୃହ ନିର୍ମାଣ, ବିବାହ, ଶୁଦ୍ଧଘର, କୃଷି ଇତ୍ୟାଦି କ୍ଷେତ୍ରରେ ଅର୍ଥ ଖର୍ଚ୍ଚ କରି ପାରୁଛନ୍ତି। ଅନେକ ମଟର ସାଇକେଲର ଅଧିକାରୀ ଅଟନ୍ତି।

**ମହିଳା ସ୍ୱୟଂସହାୟକ ଗୋଷ୍ଠୀ** (S.H.G. ବା Self help Group)**:** ଉତ୍ତର ଓଡ଼ିଶାର ହଜାର ହଜାର ଗୋଣ୍ଡ ମହିଳା S.H.G. ଗଠନ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟାଙ୍କ ଗୁଡ଼ିକରେ ସ ୟ କରିପାରୁଛନ୍ତି। ନିଜର ଦୈନନ୍ଦିନ ଆର୍ଥିକ ଆହ୍ୱାନ (Challenge) ବା ଅଭାବକୁ ସଫଳତାର ସହ ମୁକାବିଲା କରି ପାରୁଛନ୍ତି। ସେମାନେ ତାଲିମ ଅପେକ୍ଷାରେ ଅଛନ୍ତି। ତାଲିମ ପାଇଲେ, ସମବାୟ ସମିତି ଗଠନ ହୋଇ ପାରିଲେ, ଲକ୍ଷ ଲକ୍ଷ ସ୍କୁଲ ପିଲାଙ୍କ ପାଇଁ ଖାଦ୍ୟଶସ୍ୟ ଯୋଗାଇବା ସହ, ହାତ ତିଆରି ପୋଷାକ ଯୋଗାଇ ପାରିବେ। ନିଜ ପାଣ୍ଠିରେ ଶାଳ ପତ୍ର ଦୋନା ଖଲି ଠାରୁ ଯେ ମହୁଲରୁ ଚକୋଲେଟ ତିଆରି ବ୍ୟବସାୟ କରିପାରିବେ। ଗୋଣ୍ଡ ସମାଜର ବିବାହ ଭୋଜି ଗୁଡ଼ିକରେ ଖୁବ୍ ସହଜରେ ବ୍ୟବହାର ହେଉଥିବା କାଗଜ ଖଲି ଦୋନା ବଦଳରେ ଶାଳପତ୍ର ଖଲି-ଦୋନା କୁ ବିକଳ୍ପ ଭାବରେ ଯୋଗାଇ ପାରିବେ। ସ୍ଥାନୀୟ ଇଲାକାର ଅର୍ଥନୀତିକୁ ନିଜ ହାତରେ ରଖି ପାରିବେ। ୨୦୧୫ ସାଲରେ ଓଡ଼ିଶାର ଝାରସୁଗୁଡ଼ା ଠାରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ତିନି ଦିନିଆ ଅଧିବେଶନ ଚାଲିଥିଲା। ଅନୁଷ୍ଠାନରେ ତିନି ଲକ୍ଷରୁ ଉର୍ଦ୍ଧ୍ୱଲୋକଙ୍କୁ ହାତ ତିଆରି ଶାଳପତ୍ର (ବିନା ପ୍ରେସ ହୋଇଥିବା) ଖଲି ଦୋନାରେ ଖାଦ୍ୟ ଠାରୁ ଯେ ନାଲି ଚା ପର୍ଯ୍ୟନ୍ତ ପରଶା ଯାଇଥିଲା। ଆତ୍ମ ନିର୍ଭରଶୀଳ ଆଦିବାସୀ ଅର୍ଥନୀତିର ବଡ ଉଦାହରଣ ଥିଲା।

**ଶିକ୍ଷା ଓ ବ୍ୟବସାୟ କ୍ଷେତ୍ରରେ ଶିକ୍ଷିତା ମା' ମାନଙ୍କ ଭୂମିକା:** ଅନେକ ଶିକ୍ଷିତା ଉଦ୍‌ଯୋଗୀ ପରିଶ୍ରମୀ ଗୋଣ୍ଡ ମହିଳା ଶିକ୍ଷାକୁ ବ୍ୟବସାୟକୁ ବିପ୍ଳବ ଭାବରେ ନେଉଛନ୍ତି। ଶୃଙ୍ଖଳାର ସହ ଘର ଚଳାଇବା ସହ ପିଲାଙ୍କ ଶିକ୍ଷାର ଦାୟିତ୍ୱ ବହନ କରୁଛନ୍ତି। ଉଦାହରଣ ଭାବରେ ମୟୁରଭଞ୍ଜ ଜିଲ୍ଲାର ତିନି ଜଣ ଇଂଜିନିୟରଙ୍କ ଶିକ୍ଷିତା ପତ୍ନୀଙ୍କ ପ୍ରତିଭା ଏଠାରେ ଉଦ୍ଧାର କରାଗଲା। ଜଣେ ମହିଳା ଘର ଚଳାଇବା ସହ ପିଲାଙ୍କୁ ନିଜେ ପାଠ ପଢ଼ାଇ (ବିନା ଟିଉସନ) ୯୦% ଉପରେ ନମ୍ବର ରଖାଇ ବୁର୍ଲା ସରକାରୀ ଇଂଜିନିୟରିଂ କଲେଜରେ ଦାଖଲ କରିଥିବା, ଅନ୍ୟ ଜଣେ ଘର ଚଳାଇ, ଶିକ୍ଷୟତ୍ରୀ

ପଦବୀ ତୁଲାଇ ଦୁଇ ପିଲାଙ୍କ ଯତ୍ନ ନେଇ ଜଣକୁ ଜର୍ମାନ୍ ଗବେଷଣା ପାଇଁ ଅନ୍ୟଜଣଙ୍କୁ ଏମସ୍‌ରେ ପଢ଼ିବା ପାଇଁ ପଠାଇ ଥିବା, ଅନ୍ୟ ଜଣେ ଘର ଚଳାଇ, ପିଲାଙ୍କ ଯତ୍ନ ନେଇ ନିଜ ଆପାର୍ଟମେ (ଭୁବନେଶ୍ୱର) ସାହି ପଡ଼ିଶା ମହିଳାଙ୍କ ପାଇଁ ହାତରେ ପୋଷାକ ସିଲେଇ ଯୋଗାଇ ପାରୁଥିବା (ବ୍ୟବସାୟ) ପରି କାମ କରି ପାରୁଛନ୍ତି। ଏମାନେ ଗୋଣ୍ଡ ସମାଜ ପାଇଁ ପ୍ରେରଣାର ଉତ୍ସ ଅଟନ୍ତି। ଓଡ଼ିଶାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମାତ୍ର ୧୨% ସଂରକ୍ଷଣ (୨୩% ରିହବା ଉଚିତ୍) ହେତୁ ଗୋଣ୍ଡ ସମାଜ କ୍ଷତି ସହୁଛି। ସେହିପରି ସ୍କୁଲ୍ ଶିକ୍ଷା କ୍ଷେତ୍ରରେ ଷଡ଼ଯନ୍ତ୍ର କରି ପରୀକ୍ଷା ଉଠାଇ ଦିଆଯାଇ ଥିବାରୁ ଆଦିବାସୀ ସମାଜର ପ୍ରାଥମିକ ଶିକ୍ଷା ଭୁଷୁଡି ପଡ଼ିଛି। ଏ ଦିଗରେ ଓଡ଼ିଶା ଗୋଣ୍ଡ ମହାସଭା ଗଠନ ମୂଳକ କାମ କରିବା ଉଚିତ୍। ଯୁବଗୋଷ୍ଠୀ ସ୍ୱେଚ୍ଛାସେବୀ ଭାବରେ କାମ କରିବା ଉଚିତ୍। ପ୍ରତି ମା' ନିଜ ଘରେ ଶିକ୍ଷୟିତ୍ରୀ କାମ ତୁଲାଇବା ଉଚିତ୍। ଗୋଣ୍ଡ ସମାଜରେ ପ୍ରତିଭାଶାଳୀ କର୍ମଠ ମହିଳାଙ୍କ ଅଭାବ ନାହିଁ। ଡାଇନାମିକ୍ ହୋଇ ବର୍ଣ୍ଣାଢ଼୍ୟ ବ୍ୟକ୍ତିତ୍ୱ ବିକଶିତ କରି ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଦେଖାଇ ପାରିବେ। ଗୋଣ୍ଡ ସମାଜର ନେତୃତ୍ୱ ନେଇ, ଦିଗ ଦର୍ଶନ ଦେଇ ପାରିବେ। ପ୍ରତ୍ୟେକ ମା' ମାସକୁ ଦଶ ଟଙ୍କା, ଦିନକୁ ଅଧା ଘଣ୍ଟା ସମୟ ସମାଜ ପାଇଁ ଦେଇ ପାରିବେଲେ, ଗୋଣ୍ଡ ସମାଜର ମଙ୍ଗଳ ହୋଇ ପାରିବ।

**ଗୋଣ୍ଡ ସଭ୍ୟତାର ସୁରକ୍ଷା :** ଗୋଣ୍ଡ ସଭ୍ୟତା ଏକ ପ୍ରାଚୀନ ମହାନ ସଭ୍ୟତା ଅଟେ। ତାହାର ସ୍ୱତନ୍ତ୍ର ଭାଷା, ଧର୍ମ, ସଂସ୍କୃତି ରହିଛି। ଗତ ୧୩.୮.୨୦୧୭ ତାରିଖ ଦିନ ଦିଲ୍ଲୀ ଠାରେ ଗୋଣ୍ଡି ଭାଷାର ଅଭିଧାନ ଉଦଘାଟିତ ହୋଇଯାଇଛି। ନିଜର ପରିଚୟ ବଞ୍ଚାଇ ରଖିବା ପାଇଁ ଏକ ବିରାଟ ପଦକ୍ଷେପ ହୋଇଛି। ଗୋଣ୍ଡ ସଭ୍ୟତାର ଖାଦ୍ୟ, ବାସଗୃହ ନିର୍ମାଣ (ଅଗ୍ନି, ଭୂମିକମ୍ପ ନିରୋଧ ଘର), କୃଷି, ଚେରମୂଳ ଔଷଧ ବ୍ୟବହାର କ୍ଷେତ୍ରରେ ଅପାର ଜ୍ଞାନ ଭଣ୍ଡାର ରହିଛି। ଯୁଗ ଯୁଗ ଧରି ସମାଜକୁ ନିରୋଗ, ଆତ୍ମ ନିର୍ଭରଶୀଳ, ସ୍ୱାଭିମାନୀ କରି ରଖି ପାରିଛି। ଏହି ପାରମ୍ପାରିକ ଜ୍ଞାନ କୌଶଳର ସୁରକ୍ଷା ଓ ତାଲିମ, ଉତ୍ତର-ପୂର୍ବା ଳ ଭାରତର ଆଦିବାସୀଙ୍କ ପରି ରହିବା ଉଚିତ୍। ଏହା ସହିତ ଆଧୁନିକ ଜ୍ଞାନ କୌଶଳ (Science & Technology) କମ୍ପୁଟର ଜ୍ଞାନର ବିକାଶ ହେବା ଉଚିତ୍। ସାନ୍ତାଳ ଆଦିବାସୀ ସମାଜ ରାଜନୀତି କ୍ଷେତ୍ରରେ ଅଧିକ ସଚେତନ ଥିବାରୁ ଅଧିକ ସଂଗଠିତ ହୋଇ ପାରିଛନ୍ତି। ପରସ୍ପରକୁ ସାହାଯ୍ୟ କରି ଲଢୁଆ ମନୋଭାବ ନେଇ ଆଗକୁ ବଢୁଛନ୍ତି। ଗୋଣ୍ଡ ସମାଜ ମଧ ଲଢୁଆ ମନୋଭାବ ନେଇ ଆଗକୁ ବଢୁଛି। ଏହା ସମାଜ ପାଇଁ ଖୁସି ଖବର ହୋଇଛି।

କରଞ୍ଜିଆ, ମୟୁରଭଞ୍ଜ
ମୋ-୯୪୩୮୧୨୮୦୦୯





# ଯଶୋମଣ୍ଡିତା - ଗୋଁଡ଼ ନାରୀ

**ଶ୍ରୀ ଦିବାକର ପାତ୍ର**

ପୃଥିବୀ ସୁବିଖ୍ୟାତ ପୂଣ୍ୟଭୂମି ଭାରତର ଆଦିମ ଅଧିବାସୀ ମାନଙ୍କ ମଧ୍ୟରେ ଗୋଁଡ଼ ଜାତି ସର୍ବଜ୍ଞାତ। ସଂପ୍ରତି ଏ ଜାତି ଆଦିବାସୀ ଅନ୍ତର୍ଭୁକ୍ତ। ମୁଖ୍ୟତଃ ଚାରିବର୍ଣ୍ଣ ଅନୁସାରେ କ୍ଷତ୍ରୀୟବର୍ଣ୍ଣ ପର୍ଯ୍ୟାୟଭୁକ୍ତ। ବହୁ ଅତୀତରୁ କ୍ଷତ୍ରୀୟ ଧର୍ମ ପାଳନ କରିବାରେ ଅର୍ଥାତ୍ ଯୋଦ୍ଧା ଭାବରେ କୃତିତ୍ୱ ଓ ଯଶବାନ୍ୱିତ ହୋଇ ଖ୍ୟାତି ଅର୍ଜନ କରିଛି। ଜୀବନ ଯାପନ ପ୍ରଣାଳୀ ବା ଶୈଳୀରେ ଅତିବ ନିରାଡମ୍ବର, ସରଳ ସତ୍ତ୍ୱେ ଆବଶ୍ୟକ ସ୍ଥଳେ ନିଜର ଜୀବନକୁ ଉତ୍ସର୍ଗ ଓ ବଳିଦାନ ଦେଇ ସ୍ୱାଭିମାନ ପ୍ରଦର୍ଶନ କରିଛି। ଏ ଜାତି ପୁରୁଷ ଓ ନାରୀ ମାନଙ୍କ ମଧ୍ୟରେ ଥିବା ଅର୍ନ୍ତନିହିତ କପଟହୀନତା ଏବଂ ସାହସୀକତା ବହୁ ଗୁଣଗ୍ରାହୀ ବ୍ୟକ୍ତିଙ୍କୁ ଆକୃଷ୍ଟ କରି ସବୁରି ପ୍ରିୟ ଭାଜନ ହୋଇ ପାରିଛି।

ଏ ଜାତିର ପୁରୁଷ ପରିସ୍ଥିତି ଅନୁସାରେ ବାହ୍ୟକର୍ମ ଅର୍ଥାତ୍ ଚାଷ, ଶିକାର କରିବା, ଆନ୍ଦୋଳନ ବା ଆବଶ୍ୟକ ସ୍ଥଳେ ଯୁଦ୍ଧ କରିବାରେ ଅଗ୍ରଣୀ ଭୂମିକା ନେଇ ପାରିଛି। ସମାଜରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସେମାନେ ଗୃହର ଲିପା ପୋଛା କରି ଗୃହ ସଜାଇବା, ଗୃହ ସାମଗ୍ରୀ ସାଇତି ରଖିବା, ପରିବାରଜନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା, ଅତିଥି ଅଭ୍ୟାଗତଙ୍କୁ ପରିଚର୍ଯ୍ୟା କରିବା, ନିଜର ପିଲାପିଲିଙ୍କୁ ଯତ୍ନ ନେବା ସହିତ ଗୁଣାତ୍ମକ ଶିକ୍ଷା ଦେବା ଓ ଖାଦ୍ୟାଭାବ ବେଳେ ବଣ ଜଙ୍ଗଲରୁ ପତ୍ର, ଫୁଲ, ଫଳ ମୂଳ ସଂଗ୍ରହ କରି ପେଟର ଜ୍ୱାଳା ଦୂରିଭୂତ କରିଥାନ୍ତି। ଗୃହଜଞ୍ଜାଳରେ ପାହାନ୍ତାପର ଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସର୍ବଦା ବ୍ୟସ୍ତ ରହୁଥିବା ଗୃହିଣୀ ଗୃହ ଧନ୍ଦା ବୁଝାଝୁଛା କରି ସମାଜସେବା କାର୍ଯ୍ୟରେ ଅଗ୍ରଣୀ ଭୂମିକା ନେଉଥବା କିଛି ଚରିତ୍ର ହତଚକିତ କରିବା ବେଶ୍ ଜଣାଶୁଣା। ଭାତ ହାଣ୍ଡିରୁ ଗୋଟିକୁ ଚିପୁଡିଲେ, ହାଣ୍ଡିକ ଯାକର ସ୍ଥିତି ଜଣାଗଲା ପରି, ବର୍ଣ୍ଣିତ ଚରିତ୍ରକୁ ଅନୁଧ୍ୟାନ କଲେ ସମାଜରେ ଏ ଗୋଁଡ଼ ନାରୀ ଭୂମିକା ଅନୁମେୟ ଅଟେ।

ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରେ ମୋଗଲ ସମ୍ରାଟ ପ୍ରତାପୀ ଆକବରଙ୍କ ନିଦ ହଜାଇ ପ୍ରଧାନ ଚିନ୍ତାର କାରଣ ସାଜିଥିବା ମଧ୍ୟପ୍ରଦେଶ ସ୍ଥିତ ଗଡ଼ା ମଣ୍ଡଳର ମହାରାଣୀ ଦୁର୍ଗାବତୀଙ୍କୁ ଭାରତର କିଏ ବା ନ ଜାଣେ। ଯୁବାବସ୍ଥାରେ ଜୀବନର ଅତିପ୍ରିୟ ସ୍ୱାମୀକୁ ହରାଇ, ଦୁର୍ଦ୍ଦିନର ଅପାର ନିର୍ଯ୍ୟାତନା ଭୋଗବେଳେ, ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ବୀରତ୍ୱର ପରାକାଷ୍ଠା ସହ ଉପଯୁକ୍ତ ବୀର ମଣିଷ କରି ଗଢ଼ିବା, ନିଜ ରାଜ୍ୟ ସୁଶାସନ କରି ନିଜର ଅସୀମ ଧୈର୍ଯ୍ୟ ଓ ସାହାିକତା ପ୍ରଦର୍ଶନ ପୂର୍ବକ, ଯୁଗ ଯୁଗ ପାଇଁ ଅମର ଅମ୍ଳାନ କୀର୍ତ୍ତି ସ୍ଥାପନ ପ୍ରସଙ୍ଗ କାହାକୁ ବା ଅଜଣା।

ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଓ ଦ୍ୱିତୀୟ ଦଶକ ଦୁଇ ଶତବ୍ଦୀ ମଧ୍ୟରେ (୧୭୦୪ ରୁ ୧୭୧୯) ଦୀର୍ଘ ୧୫ ବର୍ଷ ଚନ୍ଦଗଡ଼ (ଚନ୍ଦ୍ରପୁର) ଶାସିକା ମହାରାଣୀ ହୀରାଇ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି। ବ୍ରିଟିଶ୍ କୁଚକ୍ରୀ ଗଣଙ୍କ ଅଲଙ୍ଘ୍ୟ କୂଟକପଟ ପରିହାର କରି ଜଣେ ନାରୀ କିପରି ନିଜର ଶାସନ ପଦ୍ଧତି, କୌଶଳପୂର୍ଣ୍ଣ ଚାତୁରୀ ପ୍ରଦର୍ଶନ କରିଛନ୍ତି, ଶାସନ କ୍ଷେତ୍ରରେ ଏ ଗୋଁଡ଼ ମହିୟସୀ ନାରୀଙ୍କ ଭୂମିକା ଆମର ଅଭୁଲା ଗୌରବ। ତାଙ୍କ ପ୍ରଦର୍ଶିତ ଅନୁପମ କୀର୍ତ୍ତି ଏ ଗୋଁଡ଼ ସମାଜ ତଥା ଜଗତର ସମ୍ପୂର୍ଣ୍ଣ ନାରୀ ସମାଜକୁ ଜାଜ୍ୱଲ୍ୟମାନ ତାରକା ଭାବରେ ଜନ ସମାଜର ମାନସ ଆକାଶରେ 'ଧ୍ରୁବ ତାରକା' ଭଳି ଚିରଦିନ ଝଟକୁ ଅଛି ଓ ଝଟକୁ ଥିବ।

ଏକ ନଗଣ୍ୟ ସାଧାରଣ ପରିବାରରେ ଜନ୍ମିତ ଏକ ମହିୟସୀ ନାରୀ 'ମାତା ରାଜମୋହିନୀ ଦେବୀ' ଆଜି ମଧ୍ୟ ଅନେକଙ୍କ ଅଗୋଚରରେ। ତାଙ୍କ ସଂଘର୍ଷମୟ ଜୀବନୀ ସଂକ୍ଷେପରେ ଅବତାରଣା କରି ଯଶୋବିଭୁଷିତା ଆଉ ଜଣେ ଉଜ୍ଜ୍ୱଳ ତାରକାଙ୍କୁ ଆସନ୍ତୁ ଜାଣିବା।

**ବାଲ୍ୟକାଳ :-** ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ସୀମାନ୍ତ ପର ଜଙ୍ଗଲ ପରିବେଶ ମଧ୍ୟରେ ଶରଦାପୁର ଅନ୍ତର୍ଗତ ସରସେଡ଼ା ନାମକ ଅନାମଧେୟ ଗ୍ରାମଟି ଅବସ୍ଥିତ। ଉକ୍ତ ଗ୍ରାମର ବୀର ସାୟ ଗଣ୍ଡ ଓ ତାଙ୍କ ଧର୍ମପତ୍ନୀ ଶୀତଳା ଦେବୀ ଗର୍ଭରୁ ତିନିପୁତ୍ର ଓ ସର୍ବଶେଷରେ ତା ୦୭.୦୭.୧୯୧୪ ମଃର ପ୍ରଭାତ ସମୟରେ ଏକ କନ୍ୟା ରତ୍ନ ଲାଭ ହୋଇଥିଲା। ପିତା ମାତା ଏହାର ନାମ କରଣ 'ରଜମନ୍' ରଖିଥିଲେ। ପରାଧିନତା ଦୁର୍ଦ୍ଦିନ କାଳରେ ଶିକ୍ଷା ଲାଭ ପାଇଁ ଗାଁ ମାନଙ୍କରେ ବିଦ୍ୟାଳୟ ନଥିଲା। ସେହି ଗ୍ରାମର ପଡ଼ିଶା ଜମିଦାରୀ ଗାଁ ପ୍ରତାପପୁରରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏକ ବିଦ୍ୟାଳୟ ଥିଲା। ସେହି ସମୟରେ ସମାଜର ପ୍ରଭାବଶାଳୀ, ବିଭବ ଶାଳୀ ସମ୍ଭ୍ରାନ୍ତ ଶ୍ରେଣୀର ବାଳକ-ବାଳିକା ମାନେ କିଛି ପାଠ ପଢୁଥିଲେ।

ବୀର ସାୟ ଜଣେ ଗରିବ ମୂଲିଆ ଶ୍ରେଣୀର ଲୋକ ଥିବାରୁ ପିଲାଙ୍କ ପାଠପଢ଼ା ଚିନ୍ତାରୁ ବହୁଦୂରରେ ଥିଲେ। ପର ଘରେ ମୂଲ ଖଟି ଯାହା ପାଆନ୍ତି ଛଅ ପ୍ରାଣୀଙ୍କ ପେଟ ପୋଷିବା ଚିନ୍ତା ଦୂରହ ବ୍ୟାପାର ହୋଇ ପଡ଼ିଥିଲା। ତେଣୁ ସେ ନିଜ ପିଲା ମାନଙ୍କୁ ବିଦ୍ୟାଳୟ ପଠାଇ ପାରି ନଥିଲେ। ଫଳରେ 'ରଜମନ୍' ସମ୍ପୂର୍ଣ୍ଣ ଅଶିକ୍ଷିତା ତଥା ନୀରକ୍ଷରା ଥିଲେ। ସେ ସମୟରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ଥିଲା। ତେଣୁ ରଜମନ୍‌କୁ ୧୪-୧୫ ବର୍ଷ ହେଲା ବେଳକୁ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଅତି କମ୍ ବୟସ ମଧ୍ୟରେ ସେ ଗୃହ ଜଞ୍ଜାଳରେ ଆବଦ୍ଧ ହୋଇ ପଡ଼ିଥିଲେ।

**ବୈବାହିକ ଜୀବନ :** ରମକୋଲା ଜମିଦାରୀ କ୍ଷେତ୍ରରେ ଗୋବିନ୍ଦପୁର ଗ୍ରାମର ଏକ କ୍ଷୁଦ୍ର ଚାଷୀ ପରିବାରରେ ରଞ୍ଜିତ୍ ଗଣ୍ଡ ନାମକ ଯୁବକ ସହ ରଜମନ୍‌ଙ୍କ ଆଦିବାସୀ ପରମ୍ପରା ନୀତି ନିୟମାନୁସାରେ ବିବାହ କାର୍ଯ୍ୟ ସମାପନ କରାଯାଇଥିଲା। ବିବାହ ଯୋଗୁଁ ନିଜର ପୈତୃକ ପରିବାର ତ୍ୟାଗ କରି ନିଜ ଶ୍ୱଶୁରାଳୟରେ ଅବସ୍ଥାପନ କରିବାକୁ ହୋଇଥିଲା। ଛୋଟ ବୟସରୁ ନିଜର ଗୁଜୁରାଣ ମେଣ୍ଟାଇବାକୁ ଚାଷ କାର୍ଯ୍ୟକୁ ମୁଖ୍ୟ ଜୀବିକା ଭାବେ ଆଦରି ନେଇଥିଲେ। ଗୃହିଣୀ ଭାବରେ ନିଜ ପରିବାର ସମସ୍ତ ଦାୟିତ୍ୱ ବହନ କରିବାକୁ ପଡ଼ିଲା। କାଳକ୍ରମେ ତାଙ୍କ ଗର୍ଭରୁ ଦୁଇ ପୁତ୍ର ବଦଲଦେବ ରାଜ ଓ ମୁନଦେବ ରାଜ ଏବଂ ପାଞ୍ଚ ପୁତ୍ରୀ ଜନ୍ମିଥିଲେ। ସାତ ପୁତ୍ରପୁତ୍ରୀ ସହ ପରିବାର ଜଞ୍ଜାଳ ପ୍ରତିପୋଷଣ ଦୂରୁହ ବ୍ୟାପାରରେ ଛନ୍ଦି ହୋଇ ଐସ୍ତବ୍ୟସ୍ତ ଜୀବନ ଘଣାରେ ପେସି ହେବାକୁ ପଡ଼ିଲା।

**ପରିବର୍ତ୍ତନ ଜୀବନ :** ବୈବାହିକ ଜୀବନର ୨୧/୨୨ ବର୍ଷ ଦୁଃଖସୁଖ ମଧ୍ୟ ଦେଇ କାଳାତିପାତ କଲା ପରେ ୧୯୫୧ ମସିହାରେ ତାଙ୍କ ଅଞ୍ଚଳରେ ଅକାଳ ମରୁଡ଼ି ଉପସ୍ଥିତ ଥିଲା। ବିସ୍ତିର୍ଣ୍ଣ ସରଗୁଜା ଅଞ୍ଚଳ ସହ ନିଜ ଗୋବିନ୍ଦପୁର ଗ୍ରାମ ବାସିନ୍ଦା ଅନାଟନ ରାକ୍ଷସର କବଳରେ ଖାଦ୍ୟାଭାବ, ବସ୍ତ୍ରାଭାବ ଘୋର ଯନ୍ତ୍ରଣାର ଶିକାର ହେଲେ। ସାରା ଅଞ୍ଚଳ ହାହାକାରରେ ତ୍ରାହି ତ୍ରାହି ଡାକ ଛାଡ଼ିଲେ। ଶ୍ରାବଣ ମାସରେ ଚାରିଆଡେ ବୈଶାଖ ମାସ ପରି ଜଳ ଟୋପାଏ ଦେଖିବାକୁ ମିଳିଲା ନାହିଁ। କ୍ଷେତରେ ଲଙ୍ଗଳ ଗାର ଦେଖା ନାହିଁ। ଧାନବୁଣା ଦୂରୁହ ବ୍ୟାପାର। ଯଦିବା କେହି କାଁ ଭାଁ ବୁଣା କାର୍ଯ୍ୟ  କରିଥିଲେ, ଧାନ ଗଜା ଦେଖିବାକୁ ମିଳିଲା ନାହିଁ।

ଲୋକମାନେ ଖାଇବାର ଘୋର ଅଭାବ ମଧ୍ୟରେ ହନ୍ତସନ୍ତ ହେଲେ। ଅନେକ ଘରେ ଚୁଲି ଜଳିବା ବନ୍ଦ ହୋଇଗଲା। ଦେଶ ସ୍ୱାଧୀନ ହୋଇଗଲା। ସ୍ୱାଧୀନତାର ମାତ୍ର ଦୁଇତିନି ବର୍ଷ ଚାଲିଥାଏ। ରାଜା, ମହାରାଜା, ଜମିଦାରଙ୍କ ଶାସନ କବଳିତ ପଞ୍ଝାରୁ ମୁକଳିତ ହୋଇ ନଥାଏ। ଚାଷ କାର୍ଯ୍ୟ ହିଁ ସମସ୍ତଙ୍କର ମୁଖ୍ୟ କାର୍ଯ୍ୟ ଥିଲା। ବର୍ଷା ବନ୍ଦ ଯୋଗୁଁ ତାହା ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇ ପଡ଼ିଲା। ଗରିବ ଲୋକେ ମୂଲିଆ କାମ ପାଇଲେ ନାହିଁ। ଫଳରେ ଲୋକଙ୍କ ରୋଜଗାର ବନ୍ଦ ହୋଇଗଲା। ଖାଇବା ଅଭାବ ନେଇ ଲୋକଙ୍କ ମଧ୍ୟରେ ରୋଗ ଦେଖା ଦେଲା। ଖାଇବା ଯୋଗାଡ଼ ଯେଉଁଠି ହୋଇ ପାରୁନି ସ୍ୱାସ୍ଥ୍ୟ କଥା ପଚାରେ କିଏ। ତେଣୁ ଲୋକ ମୃତ୍ୟୁ ସଂଖ୍ୟା ବଢ଼ିବା ସ୍ୱାଭାବିକ। ଲୋକ ଜୀବନ ଯାପନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଲା। ଗରିବ ଅସହାୟ ଲୋକ ଜଙ୍ଗଲକୁ ଯାଇ ଜଙ୍ଗଲ ଜାତ ଖାଦ୍ୟ ପଦାର୍ଥ ଅନ୍ୱେଷଣରେ ଲାଗି ପଡ଼ିଲେ। ବର୍ଷା ଅଭାବ

ନେଇ ଜଙ୍ଗଲରେ କଅଁଳ ଶାଗ, ବିଭିନ୍ନ କନ୍ଦା ମଧ ଦେଖିବାକୁ ଅଭାବ ହୋଇ ପଡ଼ିଲା । କିମ୍ଭୁତ କିମାକାର ଜୀବନଶୈଳୀ । ଖାଦ୍ୟାଭାବ ଯୋଗୁଁ ଲୋକଙ୍କ ରୂପ ବଦଳିବାରେ ଲାଗିଥିଲା । ଲୋକ ଅବସ୍ଥା ଶୋଚନୀୟ ଯୋଗୁଁ ଲୋକଙ୍କୁ ଚିହ୍ନି ହେଲା ନାହିଁ । ପରିବେଶ ପୂର୍ଣ୍ଣଭାବେ ବଦଳିଗଲା ।

ଏ ପରିସ୍ଥିତରେ 'ରଜମନ୍' ନିଜ ପତି ଓ ତା ସାତ ସନ୍ତାନ ସନ୍ତତିଙ୍କ ପରିବାର ଚିନ୍ତାରେ ଚିନ୍ତିତ ହୋଇ ଦୁର୍ବଳ କ୍ଷୀଣକାୟ ହେବା ସ୍ୱାଭାବିକ । ପିଲାଙ୍କର ଭୋଗ ଦାଉର ବିକଳ ମୁଖ ଓ କାନ୍ଦଣା ଏକ ମା'ର ଅର୍ନ୍ତଦ୍ୱନ୍ଦ ମଧରେ କିପରି ହଲ୍‌ଚଲ୍ ସୃଷ୍ଟି କରୁଥିବ ତାହା ବେଶ୍ ଅନୁମେୟ । ବନ୍ଧାଛନ୍ଦା ପାଇଁ ଘରେ ମଧ କିଛି ନାହିଁ । ବାଧ ହୋଇ ରଜମନ ଜଙ୍ଗଲକୁ ଯାଇ 'ପୁଟୁ କନ୍ଦା' ସନ୍ଧାନ କରି କିଛି ସଂଗ୍ରହ କରି ଆଣି, ପିଲାଙ୍କୁ ଭୋକ ଦାଉରୁ ସାମାନ୍ୟ ରକ୍ଷା କରିବାକୁ ପଡ଼ିଥିଲା ।

ଦିନକର ଘଟଣା । ରଜମନ୍ ଅଭାବ ଅନାଟନ ଭୋକ ଦାଉ ଚିନ୍ତାର ଭାରକ୍ରାନ୍ତ ଅସ୍ଥିର ମନରେ, ସଙ୍ଗରେ ଟୋକେଇ ଖୋଳିବା ଲୁହା ନେଇ ପାଖ ଜଙ୍ଗଲକୁ କିଛି କନ୍ଦା ପାଇଁ ଗଲେ । ଜଙ୍ଗଲର ଗଛମୂଳ ସବୁ ଖୋଜିବାରେ ବ୍ୟସ୍ତ । ସକାଳରୁ ଦିନ ଦ୍ୱିପ୍ରହର ବିତାଇ ପାଖାପାଖି ଦୁଇଟା ସମୟ ସୁଦ୍ଧା କିଛି ହସ୍ତଗତ ହେଲା ନାହିଁ । ଭୋଗ ଶୋଷରେ ନିଜେ ବ୍ୟଥିତ ହୋଇନିରାଶରେ ଘର ଫେରିବା ଛଡା ଅନ୍ୟ ପନ୍ଥା ନାହିଁ ।

ଜଙ୍ଗଲ ମଧରେ ଥିବା ଏକ କ୍ଷୁଦ୍ର ନଦୀ କୂଳରେ ଏକ ବଅଁର ଗଛ ମୂଳରେ ନିରାଶ ହୋଇ ଅସହାୟ ହୋଇ ଗୁମ୍ ମାରି ବସିଗଲେ । ଚାଲିବାକୁ ବଳ ନାହିଁ । ଭଗବାନଙ୍କୁ ଆକୁଳ ଭରା ପ୍ରାର୍ଥନା କଲେ । ପିଲାଙ୍କ ଭୋକିଲା ମୁହଁ, ଆକୁଳ ଭାବ ଆଖି ଆଗରେ ନାଚି ଉଠିଲା । ଅତିବ ଅନୁଶୋଚନାରେ ନିଜେ ଭୋ ଭୋ କାନ୍ଦିବା ସ୍ଥିତି ଆସି ପହଞ୍ଚିଲା । ଭଗବାନଙ୍କୁ ନିଜର ବେଦନାରେ କରୁଣ ଭାବ ଜଣାଇ କେତେବେଳେ ଭତ୍ସନା ଗାଳି ଗୁଲଜ ତ କେତେବେଳେ ସହାନୁଭୂତି ଲାଭର ପ୍ରାର୍ଥନା ଚାଲିଥାଏ, ତାର ଅନ୍ତ ନାହିଁ । ଦୁର୍ବଳ ସ୍ଥିତି ଯୋଗୁଁ କାନ୍ଦି କାନ୍ଦି ଭୂମିରେ ଲୋଟି ପଡ଼ିଲେ ।

ଏପରି ଦୟନୀୟ ସ୍ଥିତି ବେଳେ, ସେଇଠି ଏକ ଶ୍ୟାମଳ ବର୍ଣ୍ଣ ଧବଳ ବସ୍ତ୍ର ପରିହିତ ସନ୍ଥ ବ୍ୟକ୍ତିଙ୍କ ଉପଗତ ହେଲା । ଆପଣା କୋହ ସମ୍ଭାଳି ନ ପାରି ସେହି ସନ୍ଥ ଦିବ୍ୟ ପୁରୁଷଙ୍କୁ ନିଜ ଅସହ୍ୟ ବେଦନା, ଅକାଳ ମରୁଡିଗସ୍ତ ଅଭାବର ରୂପରେଖ ବର୍ଣ୍ଣନା କରିଗଲେ । ଆବିର୍ଭୂତ ସନ୍ଥ ଅକାଳ ମରୁଡ଼ି କାରଣ ବୁଝାଇ କହିଲେ – ଲୋକଙ୍କ କୃତକର୍ମ ଯୋଗୁଁ ଏ ଦୁର୍ଦ୍ଦଶା- ଦୁର୍ବିପାକ ଘଟୁଛି । ଲୋକସବୁ ପାପାଚାର, ଅଧର୍ମ, ଅନୀତି, ଅସତ୍ୟ, କୁକର୍ମରେ ସର୍ବଦା ବ୍ୟସ୍ତ ରହୁଛନ୍ତି । ପ୍ରାୟ ସମସ୍ତେ ଧର୍ମ କର୍ମ ଭୁଲି ଯାଉଛନ୍ତି । ସବୁରି ହୃଦୟରେ ହିଂସା, କ୍ରୋଧ, ଲୋଭ, ମୋହ ଭରି ଉଠିଛି । ଦେଶର ଧର୍ମ-ସଂସ୍କୃତି ପୁରା ନଷ୍ଟ ହୋଇ ଯାଇଛି । ଚୋରୀ, ବ୍ୟଭିଚାରୀ, ନିଶାଖୋର, ମଦ ମାଂସ ଆହାର ଦୂରାଚାରରେ ଏ ସଂସାର ପୂର୍ଣ୍ଣ ହୋଇ ଯାଇଛି । ଏଥିପାଇଁ ଆଜିର ପ୍ରକୃତି ନାରାଜ । ତେଣୁ ଏପରି ଅବସ୍ଥା ଭୋଗିବାକୁ ଓ ଦେଖିବାକୁ ମିଳୁଛି ।

ଦିବ୍ୟ ପୁରୁଷ ପୁଣି କହିଲେ – ତୁମର ଜନ୍ମ କେବଳ ନିଜର ଭରଣ ପୋଷଣ ତଥା ଗୃହସ୍ଥି ଜୀବନ ବିତାଇବାକୁ ହୋଇନାହିଁ । ତୁମ ଜନ୍ମ ଭଗବାନଙ୍କ କାର୍ଯ୍ୟ, ରାଷ୍ଟ୍ରହିତ ଏବଂ ଧର୍ମ ଜାଗରଣ ପାଇଁ ହୋଇଛି । ନିଜକୁ ଚିହ୍ନ, ଜାଣ, ଯାଅ ନିଜର ସମାଜ, ରାଷ୍ଟ୍ର ପାଇଁ ଧର୍ମ ରକ୍ଷା କରିବା କାର୍ଯ୍ୟରେ ଲଗାଅ । ଗାଁ ଲୋକ ମନରେ ପ୍ରେରଣା ଜଗାଅ । ଚେତନା ଆଣିବାରେ ନିଜର ସମୟ ଦାନ କର । ତୁମର ନାମ ରଜମନ୍ ପରିବେର୍ତ୍ତେ ଏବେ 'ମାତା ରାଜମୋହିନୀ ଦେବୀ' ଭାବେ ବିଖ୍ୟାତ ହେବ । ଏହାପରେ ସେ ଦିବ୍ୟ ପୁରୁଷ କେଉଁଆଡେ ଉଭେଇ ଗଲେ । ହତ ଚକିତ ରଜମନ୍‌ଙ୍କ ନିନ୍ତନର ଧାରା ବଦଳିବାକୁ ଲାଗିଲା । ସେ ସ୍ଥାନ ତ୍ୟାଗୀ, ନିଜ ଗ୍ରାମାଭିମୁଖୀ ହେଲେ ।

ନିଜଗ୍ରାମର ନିଜ ଗୃହ ସନ୍ନକଟରେ ଥିବା ଏକ ଚଟାଣରେ ନେଇଥିବା ଟୋକେଇ ଓ ଲୁହା ଥୋଇ ଦେଇ ଚକାପାରି ବସିଗଲେ । ପତିଦେବ ରଞ୍ଜିତ ଏବଂ ପୁତ୍ରପୁତ୍ରୀଗଣ ଘରକୁ ଯିବାକୁ କହିଲେ, କିନ୍ତୁ ସେ ଶୁଣି ନଶୁଣିଲା ପରି ଚୁପ୍ ହୋଇ ବସି ରହିଲେ । ପଡ଼ିଶା ଲୋକ ବି ଆସି ତୁମକୁ କ'ଣ ହୋଇଛି ? କାହିଁକି ଏଠି ବସିଛ ? ଘରକୁ କାହିଁକି ଯାଉନାହିଁ ? ବୋଲି ପଚାରିଲେ । କିନ୍ତୁ ତାଙ୍କ ମୁହଁରୁ କଥା ପଦେହେଲେ ବାହାରିଲା ନାହିଁ । ମୌନବ୍ରତ କଲାପରି ସମ୍ପୂର୍ଣ୍ଣ ନୀରବ । ସନ୍ଧ୍ୟା ହେଲା, ବେଳକୁ ବେଳ ଅନ୍ଧାର ମାଡି ଆସିଲା, କ୍ରମଶଃ ରାତି ବଢ଼ିବାରେ ଲାଗିଲା, ନିଜର ପରିବାର ବାରମ୍ବାର ଆସି ଡ଼ାକିଲେ । ପିଲାମାନେ ବିନତୀଭରା କଣ୍ଠରେ ଯିବାକୁ ଟାଣିଲେ, ହେଲେ କିଛି ପରିବର୍ତ୍ତନ ନାହିଁ । ସେଇ ଅବିଚଳିତ ଭାବଧାରା, ସତେ ଯେମିତି ସେ ଏକ ପଥର ମୂର୍ତ୍ତିରେ ପରିଣତ । ସାଇ ପଡ଼ିଶା ଭାବିଲେ କିଛି ସମୟ ପରେ ଯାଇପାରେ । କିନ୍ତୁ ସେ ନିର୍ବିକାର ସମାଧିସ୍ଥ ହୋଇ ପଡ଼ିଥିଲେ ।

ବିନା ଖିଆ ପିଆରେ ତିନିଦିନ ତିନିରାତି ବିତିଗଲା । ସେଇ ନିବଚ୍ଛିନ୍ନ ଭାବ । କୌଣସି ପରିବର୍ତ୍ତନ ନାହିଁ । ଏକଥା ଗାଁ ସାରା ଓ ଆଖ ପାଖ ଗାଁକୁ ଜଙ୍ଗଲ ନିଆ ସଦୃଶ ବ୍ୟାପିଗଲା । ଅନେକ ଲୋକ ଆସି ରୁଣ୍ଡ ହେଲେ । ଲୋକେ କେତେ କଥା ନିଜ ଭାବନା ନେଇ

କହିବାରେ ଲାଗିଲେ । କିନ୍ତୁ ରଜମନ୍ ମଧରେ କିଛି ପରିବର୍ତ୍ତନ ହେବାର ଦେଖିବାକୁ ମିଳିଲା ନାହିଁ । ଗାଁର ମୁଖିଆ-ମଙ୍ଗଳରାମ ପଟେଲ, କାମା ପ୍ରଧାନ, ବୈଦ୍ୟ ମନୋହର ରାମ ଓ ଅନେକ ଆସି ବୁଝାଇଲେ, କିନ୍ତୁ କିଛି ଉ  ର ବା ପରବର୍ତ୍ତନ ନାହିଁ । ସେ କେବଳ ଧ୍ୟାନରେ ହିଁ ଧ୍ୟାନ ମଗ୍ନ ।

ତଦ୍‌ପରେ ଗାଁ ମୁଖିଆ ଓ ଲୋକେ ଚିନ୍ତାକଲେ, ତିନିଦିନ ତିନିରାତି ନଖାଇ ନପିଇ ରହିବା ମୁସ୍କିଲ୍ କଥା । ହାତ ପାଦ କପଡ଼ ପଡ଼ି ଯାଇନି ତ ? ବୈଦ୍ୟ ମହାରାଜଙ୍କୁ ନାଡି ଓ ଦେହର ତାପ ପରୀକ୍ଷା କରିବା ପାଇଁ କୁହାଗଲା । ସେ ନାଡ଼ି ଓ ତାପ ପରୀକ୍ଷା କଲେ । ବାରମ୍ବାର ସନ୍ଦେହ ସହ ଦେଖିଲେ ରଜମନ୍ ନାଡ଼ି ସ୍ୱାଭାବିକ ଓ ତାପମାତ୍ରା ମଧ ସାଧାରଣ ଥିଲା । ବୈଦ୍ୟଙ୍କ ଉତ୍ତର ଉପସ୍ଥିତ ଲୋକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କଲା । ଫଳରେ ଲୋକେ ବସିଥିବା ଚଟାଣ ଚାରିପାଖରେ ଏକ ଝୋପଡ଼ି ତିଆରି କରିଦେଲେ । ସେ ସ୍ଥାନକୁ କୋଳାହଳ ମୁକ୍ତ ଶାନ୍ତ ରଖିବାକୁ ସ୍ଥିର କରି କାର୍ଯ୍ୟକାରୀ କଲେ ।

ଦୀର୍ଘ ଛଅଦିନ ଅହରହ ନିର୍ବିକଳ୍ପ ସାମାଧିରେ ଅବସ୍ଥାନ ପରେ ଲୋକ ତୁଣ୍ଡ ବାଇଦ ବହୁ ଦୂରାନ୍ତର ବ୍ୟାପି ଯାଇଥିଲା । ଅନେକ ଲୋକ ତାଙ୍କୁ ଦେଖିବାକୁ ଆସିଲେ । ତାଙ୍କୁ ଅନେକ ଲୋକ ଦେଖିଲା ପରେ ତାଙ୍କ ପ୍ରତି ଅଧିକରୁ ଅଧିକ ଶ୍ରଦ୍ଧା ଭକ୍ତି ଉଦ୍ରେକ ହେବାରେ ଲାଗିଲା । ସପ୍ତମ ଦିନ ଅଚାନକ ଆକାଶରେ ମେଘ ମଣ୍ଡଳ ଦେଖିବାକୁ ମିଳିଲା । ତାହା କଳାମେଘରେ ପରିଣତ ହୋଇ ଘଡ଼ଘଡ଼ି ସହ ମୁଷଳ ଧାରାରେ ନିର୍ଘାତ ବର୍ଷା ହେବାରେ ଲାଗିଲା । ସଙ୍ଗେ ସଙ୍ଗେ ଚାରିଆଡ ଜଳମଗ୍ନ ହୋଇଗଲା । ଉତ୍ତପ୍ତ ପରିବେଶ ଶାନ୍ତ ଶୀତଳ ହୋଇ ପଡ଼ିଲା । ଗଛଲତା ଇତର ଜୀବଜନ୍ତୁ ସହ ମଣିଷ ଆଶ୍ୱସ୍ତ ଲାଭ କରିବାକୁ ଲାଗିଲେ । ଉପସ୍ଥିତ ଜନ ସାଧାରଣ ଆନନ୍ଦ ଉଲ୍ଲାସରେ ଭିଜି ଭିଜି ନାଚିବାକୁ ଲାଗିଲେ । ମାତାଙ୍କର ଜୟଧ୍ୱନୀରେ ଗାଁ କମ୍ପି ଉଠିଲା । କୀର୍ତ୍ତନ ବାଦ୍ୟ, ତାଳ, ଶଙ୍ଖ ଘଣ୍ଟା ଧ୍ୱନୀରେ ଅଞ୍ଚଳ ମୁଖରୀତ ହେଲା ।

ମାତାଙ୍କର ଧ୍ୟାନ ଭଗ୍ନ ହେଲା । ସେ ଚକ୍ଷୁ ଖୋଲି ଚାରିଆଡ ଚାହିଁଲେ । କୀର୍ତ୍ତନରତ ଜନସାଧାରଣଙ୍କୁ ଶାନ୍ତି ଶୃଙ୍ଖଳା ସହ ବସିବାକୁ ରଜମନ୍ କହିଲେ । ନୀରବତା ରକ୍ଷା କରି କିଛି ଶୁଣିବାକୁ ଲୋକ ସମୁହକୁ ସମ୍ବୋଧନ କରି କହିଲେ - ତୁମ୍ଭେମାନେ ସବୁ ମଦ ସେବନ, ମାଂସ ଭକ୍ଷଣ ତ୍ୟାଗ କର । ନିର୍ମଳ ଦେହ ମନରେ ଧର୍ମ କର୍ମ କର । ଭଗବାନଙ୍କୁ ଶ୍ରଦ୍ଧାରେ ଭକ୍ତିରେ ପୂଜାପାଠ କର । ଦିନକୁ ଦିନ ଏ ସଂସାରରେ ପାପ ଭାର ବଢ଼ିବାରେ ଲାଗିଛି । ଦୁରାଚାରୀଙ୍କ ଅପକର୍ମ ଯୋଗୁଁ ଭଗବାନ ନାରାଜ ହୋଇ ଯାଇଛନ୍ତି । ତାଙ୍କରି ସନ୍ତୋଷ ବିଧାନ ପାଇଁ ଆମର ଆଚରଣ ବଦଳାଇବାକୁ ହେବ । ପିଲାଙ୍କର ଭଲ ଓ ଉତ୍ତମ ଆଚରଣ ପିତାମାତାଙ୍କୁ ସନ୍ତୋଷ ପ୍ରଦାନ କଲାଭଳି, ଆମର ମନ୍ଦ ଆଚରଣ ବଦଳିଲେ ଭଗବାନ ଖୁସି ହେବେ । ମିଛ କୁହ ନାହିଁ । ଜୀବନ ପ୍ରତି ଦୟାକର । ପ୍ରତି ଘର ମାନଙ୍କରେ ତୁଳସୀ ଗଛ ଲଗାଅ । ଗୋମାତାର ସେବା କର । ରାମ ନାମ ଜପ । ସର୍ବଦା ସତ କୁହ । ମଙ୍ଗଳମୟ ଭଗବାନ ସବୁରୀ ମଙ୍ଗଳ ବିଧାନ କରିବେ । ଏହା ପରେ ନିଜ ପ୍ରତି ବିତି ଯାଇଥିବା ଘଟଣା କଥା ରହସ୍ୟ ବଖାଣିଲେ ଏବଂ ନିଜ ବାସଗୃହକୁ ଗମନ କଲେ ।

ଆସିଥିବା ପାଖ ଆଖ ପଡ଼ିଶା ଗାଁ ଲୋକ ନିଜ ଗାଁକୁ ନ ଯାଇ ପ୍ରତାପପୁର ଗାଁରେ ରହିଲେ । ଗାଁ ମୁଖିଆ ମଙ୍ଗଳରାମ ପଟେଲ ସମସ୍ତଙ୍କ ପାଇଁ ଭଜନ ବ୍ୟବସ୍ଥା କରାଇଲେ । ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ବୃଦ୍ଧବୃଦ୍ଧା ମାନେ ନିଜ ପରିଚିତ ଘରମାନଙ୍କରେ ରାତ୍ରିଯାପନ କଲେ । ପରଦିନ ପ୍ରଭାତରେ ନିତ୍ୟକର୍ମ ସାରି ଶୁଚିମନ୍ତ ମନରେ ରଜମନ୍‌ଙ୍କ ଘରକୁ ଲୋକ ରୁଣ୍ଡିଭୂତ ହେବାର ଦେଖାଗଲା ଏବଂ ଦର୍ଶନ ପରେ ନିଜ ନିଜ ଘରକୁ ଯିବା ପ୍ରସଙ୍ଗ ବଖାଣିଲେ । ମାତାଜୀ ଲୋକ ଭିଡ଼ ସ୍ଥାନକୁ ଆସି ପୁଣି ପ୍ରାର୍ଥନା କାର୍ଯ୍ୟକ୍ରମ ପରେ ଉପଦେଶ ଦେଇ କହିଲେ - ନିଜ ନିଜ ମଧରେ ଥିବା ଲୋଭ, ମୋହ, ହିଂସା, ଅଂକାର, ଚୋରୀଦାରୀ ଯେତେକ କୁକର୍ମ ତ୍ୟାଗ କରି ଓ ଶୁଦ୍ଧ ପବିତ୍ର ଚିତ୍ତରେ ପ୍ରତ୍ୟେହ ନିଜ ଗୃହ ମାନଙ୍କରେ ପୂଜାପାଠ, ପ୍ରାର୍ଥନା ଭଗବାନଙ୍କୁ କର । ନିଜ ନିଜ ବୁଦ୍ଧି, ଚାଷବାଡ଼ି, ବ୍ୟବସାୟ ଚାକିରୀ ଆଦି ଇଜ୍ଜତ ସହିତ ସଦାଚାରୀ ପ୍ରବୃତ୍ତିକୁ ଆଧେୟ କରି କାମ କର । ଅନ୍ୟର ଉପକାର ଚିନ୍ତା କର । କାୟ ମନ ବାକ୍ୟରେ ଅନ୍ୟର ଅମଙ୍ଗଳ କାରବାର ସମ୍ପୂର୍ଣ୍ଣ ତ୍ୟାଗ କର । ନିଜ ନିଜ ଘରକୁ ଯାଇ ଆପଣା କର୍ମ ସମ୍ଭାଳିବାକୁ କହି ବିଦାୟ କଲେ । ସେହି ଦିନ ଠାରୁ ଦିବ୍ୟପୁରୁଷଙ୍କ ବାକ୍ୟକୁ ଲୋକେ ଚିନ୍ତା କରି ଜନମନ୍ ନାମ ପରିବର୍ତ୍ତେ 'ମାତା ରାଜମୋହିନୀ ଦେବୀ' ଭାବରେ ପରିଚୟ ଦେବାକୁ ଠିକ୍ କଲେ ।

**କାର୍ଯ୍ୟପନ୍ଥା :** ଦୁଇତିନି ବର୍ଷ ହେବ ଜାତିର ପିତା ମହାତ୍ମା ଗାନ୍ଧିଙ୍କର ଦେହାବସାନ ହୋଇଥାଏ । ଗାନ୍ଧିଜୀଙ୍କ ମହିମା ଓ ସ୍ୱାଧୀନତା ଆନ୍ଦୋଳନର ପ୍ରଭାବ ଲୋକମାନଙ୍କ ମନରେ ତେଜିୟାନ ହୋଇ ରହିଥାଏ । ମାତାଜୀ (ରାଜମୋହିନୀ) ମହାତ୍ମା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ତାଙ୍କର ଆଚାର ବିଚାର, ସ୍ୱରାଜ ଚିନ୍ତନ, ସତ୍ୟ, ଅହିଂସା ଧର୍ମ ମାର୍ଗ ନୀତି ଅନୁସରଣ କରିବାରେ ଲାଗିଲେ । ସରଗୁଡ଼ା, ମିର୍ଜାପୁର, ଉତ୍ତର ପ୍ରଦେଶ ଓ ବିହାର ସୀମାବର୍ତ୍ତି ଅଞ୍ଚଳରେ ଗାନ୍ଧିଜୀଙ୍କ ମାର୍ଗକୁ ଧ୍ୟେୟ କରି ପ୍ରଚାର ପ୍ରସାର କରିବାରେ ଲାଗିଲେ । ୧୯୫୨

ଖ୍ରୀଷ୍ଟାବ୍ଦରେ ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନରେ ନିଜକୁ ସାମିଲ କରି କାଟି ପିନ୍ଧ, କୁଟି ଖାଅ ପ୍ରଥାକୁ ପ୍ରଚାର କଲେ। ପରେ ଚରଖା ସ୍ଥାପନ, କପାଚାଷ କରିବା, ହାତବୁଣା ଖଦି ଧୋତି ଶାଢ଼ି ପରିଧାନ କରି ଦେଶର ଗୌରବ ରଖିବାକୁ ପଦଯାତ୍ରା ମାଧ୍ୟରେ ଲୋକ ଜାଗରଣ କାର୍ଯ୍ୟ ଚଳାଇଲେ।

**ଧାର୍ମିକ ଚେତନା :** ମାତା ରାଜମୋହିନୀ ଦେବୀ ବିଶେଷ ଭାବେ ଅହିଂସା ପ୍ରତି ଗୁରୁତ୍ୱ ପ୍ରଦାନ କରୁଥିଲେ। ସେ ସବୁଠି ସର୍ବଦା ମନ, ବଚନ, କର୍ମରେ ଆନ୍ତରିକତା ସହ ହିଂସାକୁ ପୂର୍ଣ୍ଣରୂପେ ତ୍ୟାଗ କରି ଜୀବନ ନିର୍ବାହ ପାଇଁ ପ୍ରେରଣା ପ୍ରଦାନ କରୁଥିଲେ। କାହାରି ମନରେ କଷ୍ଟ ନ ଦେବାକୁ କହୁଥିଲେ। ତାଙ୍କର ଅର୍ନ୍ତଧ୍ୱନୀ ହେଉଛି :-

ରାମ ଭଜୋ ରାମ ଭଜୋ ରାମଭଜୋ ମନୱା।
ରାମ ନହିଁ ଭଜେ ୱ ହାଡ଼ା ଚାୱେ ଦନୱା।।

ରାମ ଭଜନ କର। ରାମ ନ ଭଜିବା ଲୋକ ଜୀବମାରି ମାଂସ ଖାଉଥିବା ଦାନବ ବା ଅସୁର ଅଟେ। ମଦର ବ୍ୟବହାର ନିରୋଧ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରି, ମଦ୍ୟପାନକାରୀ ନିଜର ଅସଲ ଶକ୍ତି ବିବେକକୁ ହରାଇ, ନିଜର ନିଜତ୍ୱ, ବିଚାରଧାରାକୁ ପ୍ରଥମେ ସମ୍ପୂର୍ଣ୍ଣ ଧ୍ୱଂସ କରିଥାଏ। ଫଳରେ ଭସ୍ମାସୁର ଭଳି ନିଜକୁ ଧ୍ୱଂସ କରି, ପରେ ନିଜର ପରିବାର, ଗାଁ ଏବଂ ସମାଜ ତଥା ଦେଶକୁ ଧ୍ୱଂସ କରିବାର ଦୃଷ୍ଟାନ୍ତ ପ୍ରଦାନ କରୁଥିଲେ। ଦେଶର ପ୍ରଗତିରେ ମଦ ପ୍ରଧାନ ପ୍ରତିବନ୍ଧକ ସାଜିବାର ବାଣୀ ପଦଯାତ୍ରା କରି, ସମାଜ ସୁଧାରିବା ପାଇଁ, ଜାଗରଣ ଓ ନୂତନ ଚେତନା ଦେଉଥିଲେ। ୧୯୬୩-୬୧ ମସିହାରେ ଦିଲ୍ଲୀରେ ଆୟୋଜିତ 'ନିଶା ନିବାରଣ ଯୋଜନା' ସମ୍ମିଳନୀରେ ନିଶା ପରିହାର କରି, ରାଷ୍ଟ୍ର ଗଠନରେ ନିଜକୁ ସାମିଲ କରିବା, ଅନ୍ତରର ବାଣୀ ଜନସାଧାରଣଙ୍କ ଆଗରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ସେହି ସମ୍ମିଳନୀରେ ଉପସ୍ଥିତ ଥିବା ମହାମହିମ ଲାଲ ବାହାଦୁର ଶାସ୍ତ୍ରୀ ଓ ମୋରାରଜୀ ଦେଶାଇ ସମେତେ ମୁଖ୍ୟ ଚେତନଶୀଳ ଜନନାୟକ ଗଣ ଭୁରି ଭୁରି ପ୍ରଶଂସ ଗାନ କରିଥିଲେ। ୧୯୬୫ ମସିହାରେ ଅମ୍ବିକାପୁର କଚେରୀ ସମ୍ମୁଖରେ 'ନିଶା ବନ୍ଦ' ସମ୍ମିଳନୀ ଧାରଣାରେ ବସିଥିଲେ। ଯାହା ଫଳରେ ଘରେ ଘରେ ପ୍ରସ୍ତୁତ କରୁଥିବା ମହୁଲି ମଦ କଟକଣା ନେଇ ସରକାର ଆଇନ ପ୍ରଣୟନ କଲେ। ସରକାର ମହୁଲି ମଦ ପ୍ରସ୍ତୁତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିବାରୁ ମାତାଜୀ ସରକାରଙ୍କ ପ୍ରଶଂସା କରିଥିଲେ।

**ଗୋହତ୍ୟା ବନ୍ଦ ଡାକରା :** ସେତିକିବେଳେ ପ୍ରବଳ ଗୋହତ୍ୟା କରାଯାଉଥିବାର ନଜିରକୁ ଆସିଲା ପରେ ମାତାଜୀ ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଥିଲେ। ହିନ୍ଦୁସ୍ଥାନରେ ହିନ୍ଦୁଙ୍କ ଅରାଧ୍ୟ ଦେବୀ ଭାବରେ ଗାଈକୁ ମାନ୍ୟତା କେଉଁ କାଳରୁ ରହି ଆସିଛି। ଭଗବାନଙ୍କ ସୃଷ୍ଟି ମଧ୍ୟରେ ସମସ୍ତ ଜୀବ ମଧ୍ୟରେ ଗାଈ ଶ୍ରେଷ୍ଠତ୍ୱର ଅଧିକାରୀ ବୋଲି ସେ କହୁଥିଲେ। ତାର ସର୍ବାଙ୍ଗରେ ଦେବାଦେବୀ ଅଧିଷ୍ଠିତ, ତାର ଶରୀରରୁ ଜାତ ମଳ, ମୁତ୍ର, କ୍ଷୀରଜାତ ଦ୍ରବ୍ୟ, ଚମଡା, ଶିଙ୍ଗ ଏପରିକି ଗୋଧୂଳି ସଂସାର କଲ୍ୟାଣକାରୀ, ଲୋକ ହିତକାରୀ, ତାର ଅବଦାନ ଅତୁଳନୀୟ ହୋଇଥିବାରୁ ତାର ହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରାଯିବା ଉଚିତ୍ ବୋଲି ମତ ପ୍ରଦାନ କରୁଥିଲେ।

ସେ ସବୁ ଜାଗାରେ ଗୋବଂଶ ଯୋଗୁଁ ମାନବଗଣଙ୍କ ସାମାଜିକ, ଆର୍ଥିକ ଓ ଧାର୍ମିକ ଲାଭ ମହତ୍ତ୍ୱକୁ ଉପସ୍ଥାପନ କରି ତା'ର ନିଷେଧ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ। ଗୋମାତା ନିଜ ଜନ୍ମିତ ମାତା ପରି ଉପକାରୀ। ତେଣୁ ତାକୁ କେଉଁ ଆବାହନ କାଳରୁ ଆମେ ଗୋମାତା ବୋଲି ପୂଜା କରି ଆସିଛୁ। ତେଣୁ ତାର ହତ୍ୟା ନିହାତି ବନ୍ଦ ହେବା ଜରୁରୀ ବୋଲି କହୁଥିଲେ। ଗୋ-ଚମଡାରେ ଚପଲ, ଜୋତା ତିଆରି ହେଉଥିବା ଯୋଗୁଁ ସେ ସବୁଦିନ ପାଇଁ ଚପଲ ମାଡିବା ତ୍ୟାଗ କରିଥିଲେ। ସେ ଖାଲି ପାଦରେ ପଦଯାତ୍ରା କରୁଥିଲେ। ସେ ଅଢ଼େଇ ହଜାର ଅନୁଗାମୀ ସହ ତା ୨୨.୦୪.୧୯୭୮ ମସିହାରୁ ତା ୨୫.୦୪.୧୯୭୮ ମଃ ମୋଟ ୪ ଦିନ ସରକାରଙ୍କୁ ଗୋହତ୍ୟା ବିରୋଧରେ କଠୋର ଓ ଚରମ ପଦକ୍ଷେପ ନେବାକୁ ଉପବାସ ସାମୁହିକ ଭାବରେ ରହି, ସ୍ମାରକୀ ପତ୍ର ପ୍ରଦାନ କରିଥିଲେ।

**ଭୂଦାନ ଆନ୍ଦୋଳନ :** ସେତିକିବେଳେ ଜମିଦାର, ରାଜା ମହାରାଜ ଓ ସମ୍ଭ୍ରାନ୍ତ ଶ୍ରେଣୀଙ୍କ ନିକଟରେ ପ୍ରାୟ ଚାଷ ଜମି ରହୁଥିଲା। ଅନ୍ୟ ଲୋକମାନେ ତାଙ୍କ ନିକଟରେ ଚାଷ କାମ କରି ଚଳୁଥିଲେ। ବହୁ ଭୂମିହୀନ ଲୋକ ରହିଥିଲେ। ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ବିନୋବା ଭାବେଙ୍କ ଚିନ୍ତାଧାରା ଓ ଭାବାବେଗକୁ ପୂରଣ ପାଇଁ ସେ ନିଜକୁ ସମର୍ପି ଦେଇ ଆନ୍ଦୋଳନର ଭାଗିଦାରୀ ହୋଇଥିଲେ। ତାଙ୍କର ଚେଷ୍ଟାରେ ବହୁ ପଦଯାତ୍ରା କରି ଜମିଦାର ଓ ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ଜମିଦାନ କରୁଥିଲେ। ସେଇ ପ୍ରାପ୍ତ ଜମିକୁ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ କରି ଗରିବ ଅସହାୟ ଲୋକଙ୍କୁ ଅର୍ଣ୍ଣ ଯୋଗାଣ କରି ସ୍ଥାୟୀ ବ୍ୟବସ୍ଥାପକ ସାଜିଥିଲେ।

**ଗୋଚର ଓ ଜଙ୍ଗଲ ଟିକସ ବନ୍ଦ ଆନ୍ଦୋଳନ :** ୧୯୬୦-୭୦ ଦଶକ ମଧ୍ୟରେ ସରକାର ପ୍ରତି ଗାଈ ପିଛା ୧ ଅଣା, ମହିଁଷି ପ୍ରତି ୪ ଅଣା, ବଳଦ ପ୍ରତି ୪ ଅଣା, ଛେଳି ପ୍ରତି ୨ ଅଣା ଓ ଜଙ୍ଗଲରୁ ଗଛକାଟି ଲଙ୍ଗଳ ତିଆରି ପାଇଁ ସ୍ୱତନ୍ତ୍ର ଟିକସ ଆଦାୟ କରୁଥିଲେ। ଉପରୋକ୍ତ ସମୟରେ ସରକାର ୨୦/୩୦ ଗୁଣ ଟିକସ

ବଢ଼ାଇ ଦେଲେ ଓ ପ୍ରଜାଙ୍କ ଠାରୁ ଅସୁଲି କରିବାରେ ଲାଗିଲେ। ଏ କଥା ମାତାଜୀ ଦେଖି ଓ ଶୁଣିଲା ପରେ ବହୁ ଦୁଃଖିତ ହେଲେ। ତାଙ୍କର ସରଳ ମନ ଉଦ୍‌ବେଳିତ ହୋଇ ପଡ଼ିଲା।

ସେ ପଦଯାତ୍ରା କରି ଅନେକ ଗୁଣି, ମୁଖିଆ ଲୋକଙ୍କୁ ଭେଟି ଏ ସମ୍ବନ୍ଧରେ ଆଲୋଚନା କରି, ଏହାରି ବିରୋଧରେ ସ୍ୱର ଉ ୋଳନ କରିବାକୁ ସ୍ଥିର କଲେ। ତାଙ୍କର ଅନୁଗାମୀ ଦଶ ହଜାର ଲୋକଙ୍କୁ ନେଇ ଅମ୍ବିକାପୁର କଚେରୀ ସମ୍ମୁଖରେ ୭ ମଇ ୧୯୭୪ ମସିହାରୁ ୧୨ ମଇ ୧୯୭୪ ପର୍ଯ୍ୟନ୍ତ ଛଅ ଦିନ ଧାରଣାରେ ବସିଥିଲେ। ଦିନକୁ ଦିନ ଧାରଣାରେ ଲୋକ ଉପସ୍ଥିତ ବଢ଼ିଲା ପଛେ କମିବାର ଦେଖାଗଲା ନାହିଁ। ସରକାରଙ୍କ ନିକଟରେ ଦୃଢ଼ ନେତୃତ୍ୱ ନେଇ, ଦୃଢ଼ ପ୍ରତିବାଦ ଯୋଗୁଁ ଶେଷର ସରକାର ହାର ମାନିଲେ। ତାଙ୍କର ଉଦ୍ୟମ ସଫଳ ହେଲା। ସବୁଦିନ ପାଇଁ ଗୋଚର ଓ ଜଙ୍ଗଲ ଟକସରୁ ପ୍ରଜାଗଣ ମୁକ୍ତି ପାଇଲେ।

**ସର୍ବୋଦୟ ସମିତି ଗଠନ :** ୯ ଜୁଲାଇ ୧୯୫୮ ମସିହାରେ ମାତାଜୀ ସରଗୁଜା - 'ସର୍ବୋଦୟ ସମିତି' ସ୍ଥାପନ କରିଥିଲେ। ଦାଦା ଭାଇ ନାୟକ ସେଇ ସଂଗଠନର ସଂଯୋଜକ ଥିଲେ। 'ବାପୁଧର୍ମ ସେବା' ଆଦିବାସୀ ସେବା ମଣ୍ଡଳ ପାଇଁ ୨୩ ଟି ଆଶ୍ରମ ସ୍ଥାପନ କରିଥିଲେ। ଅଭାବୀ, ଅସହାୟ, ଗରିବ ଲୋକଙ୍କୁ ଅର୍ଣ୍ଣ ସଂସ୍ଥାନର ବ୍ୟବସ୍ଥା କରିଥିଲେ, ଫଳରେ ଅକାଳ ମରୁଡ଼ି, ଅଭାବ ଅନାଟନର ମୁକାବିଲା କରି ଲୋକ ମଙ୍ଗଳ, ସମାଜ ସେବାରେ ବ୍ରତୀ ହୋଇଥିଲେ।

**ସମାଜ ସେବା ପୁରସ୍କାର :** ବିଭିନ୍ନ କ୍ଷେତ୍ରରେ ମାତା ରାଜମୋହିନୀ ଦେବୀଙ୍କ ସମାଜ ସେବା କାର୍ଯ୍ୟକ୍ରମ ଅନେକ ଗୁଣଗ୍ରାହୀ ଲୋକଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲା। ମଧ୍ୟ ପ୍ରଦେଶ ରାଜ୍ୟପାଳ ମାନ୍ୟବର କେ.ଏମ.ଚାଣ୍ଡି ମଧ୍ୟ ପ୍ରଦେଶ କଳା ପରିଷଦ ପ୍ରାଙ୍ଗଣରେ ୧୯୮୫-୮୬ ମସିହାରେ 'ଇନ୍ଦିରା ଗାନ୍ଧି ସମାଜ ସେବା' ପୁରସ୍କାର ପ୍ରଦାନ କରିଥିଲେ।

**ପଦ୍ମଶ୍ରୀ ପୁରସ୍କାର :** ମାତାଜୀଙ୍କ ସେବା କାର୍ଯ୍ୟକଳାପରେ ପ୍ରଭାବିତ ହୋଇ ଭାରତ ସରକାର ତା ୨୫.୦୩.୧୯୮୯ ମସିହାରେ ମହାମହିମ ରାଷ୍ଟ୍ରପତି ଶ୍ରୀ ଆର. ଭେଙ୍କଟରମଣଙ୍କ ଦ୍ୱାରା ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ବୋଧହୁଏ ଗୋଁଡ଼ ଜାତିର ବ୍ୟକ୍ତି ପ୍ରତି ଏତେବଡ଼ ଉଚ୍ଚ ସମ୍ମାନ, ଏହା ହିଁ ପ୍ରଥମ ହୋଇଥିବ।

**ଶେଷ ସମୟ :** ଆମ ସବୁରି ପରିଚିତ ଭାଗବତରେ ଜଗନ୍ନାଥ ଦାସଙ୍କ ବାଣୀ ମନେ ପଡ଼େ :-

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,
ଦେବତା ହେଲେ ହେଁ ମରଇ ॥

ଏ ମହାନ୍ ମହିଳା ସନ୍ଥ ମାତା ରାଜମୋହିନୀ ଦେବୀ ୧୯୯୦ ମସିହା ବେଳକୁ ବୃଦ୍ଧାବସ୍ଥାରେ ଉପନୀତ ହୋଇ ସାରିଥିଲେ। ତେଣୁ ପଦଯାତ୍ରା ଆଉ ତାଙ୍କ ପକ୍ଷେ ସମ୍ଭବ ହୋଇ ପାରିଲା ନାହିଁ। ସମାଜ ସେବା କାର୍ଯ୍ୟକ୍ରମରୁ ଅବସର ନେବାକୁ ବାଧ୍ୟ ହେଲେ। ଶାରୀରିକ ଦୁର୍ବଳତା ଯୋଗୁଁ ଦିନକୁ ଦିନ ଦେହ କ୍ଷୀଣ ହେବାକୁ ଲାଗିଲା। ଶ୍ରାବଣ ମାସ ୧୯୯୨ ମସିହାରେ ଦୁର୍ବଳ ଯୋଗୁଁ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇ ତାଙ୍କର ବେକ ପାଖ ହାଡ଼ ଭାଙ୍ଗି ଯାଇଥିଲା। ମଧ୍ୟପ୍ରଦେଶ ସରକାର ତାଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ରାୟପୁର ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ତାଙ୍କର ସ୍ୱାସ୍ଥ୍ୟର କୌଣସି ଉନ୍ନତି ନ ହେବାରୁ ଅମ୍ବିକାପୁର ଜିଲ୍ଲା ଡାକ୍ତରଖାନାରେ ଚିକିତ୍ସାର ବ୍ୟବସ୍ଥା କରାଗଲା। ଶେଷରେ ୬ ଜାନୁଆରୀ ୧୯୯୪ ମସିହାରେ ଅନ୍ତିମ ଶ୍ୱାସ ତ୍ୟାଗ କରିଥିଲେ। ତା ୦୭.୦୧.୧୯୯୪ ମସିହାରେ ଶତଦୃନଦୀର ରୋଜମେଲାନ କୂଳରେ ରାଷ୍ଟ୍ରୀୟ ସମ୍ମାନ ସହ ଗୋଁଡ଼ ସମାଜର ଏ ମହାନ ବିଭୂତି, ପ୍ରେରଣା ପ୍ରଦାୟିନୀଙ୍କ ଚୀର ସମାପ୍ତ ହୋଇଗଲା।

ଏକ ଅନାମଧେୟ ଦରିଦ୍ର ପରିବାରରେ ଜନ୍ମି ଏକ ଝିଅ, ପୁନରାୟ ସେହି ଦରିଦ୍ର ପରିବାରରେ ମୁରବୀ ସାଜି ନିଜ ଜୀବନକୁ ତିଳ ତିଳ ରି ଦଗ୍‌ଧିଭୂତ ହୋଇଥିବା ଏକ ବହୂ, ବିଦ୍ୟାଳୟ ପାଖ ମାଡ଼ଇ ନଥିବା ଏକ ନିରକ୍ଷରା ନାରୀ, ନିଜର କୋଠର ସତ୍‌ଚରିତ୍ର, ବିଚାର ଧାରା ଓ ଆଧ୍ୟାତ୍ମିକତାକୁ ମୂଳପିଣ୍ଡ କରି, ଜୀବନର ଶ୍ରେଷ୍ଠ ବ୍ରତ ସମାଜ ସେବା କାର୍ଯ୍ୟକୁ ଧ୍ୟେୟ କରି, ଯେଉଁ ସମ୍ମାନର ଅଧିକାରୀ ହୋଇ ପାରିଲେ, ଏହା ବାସ୍ତବିକ ମର୍ମସ୍ପର୍ଶି ଓ ହୃଦୟଗ୍ରାହୀ। ସେ ଆମ ଗୋଁଡ଼ ଜାତି ଚେତା ଓ ଚୈତନ୍ୟ, ଗର୍ବ ଓ ଗୌରବ। ଏ ଜାତି ତାଙ୍କ ପ୍ରତି ଚୀର କୃତଜ୍ଞ। ଜାତି ତରଫରୁ ତାଙ୍କ ପୂଣ୍ୟ ଆତ୍ମାକୁ ଶତ ଶତ ପ୍ରଣାମ...।

ତାଳବାହାଳୀ, ତେନ୍ତୁଳାବାହାଳ, ଦେବଗଡ଼,ଓଡ଼ିଶା




# ନରମାଦା (ନର୍ମଦା) ନଦୀର ଉତ୍ପତି

**ମାଧବ ଚନ୍ଦ୍ର ଗଡନାୟକ**

କୋୟା ବଂଶୀୟ ଗୌଁଡ଼ ସମୁଦାୟରେ ପ୍ରଚଳିତ ପୌରାଣିକ କିମ୍ବଦନ୍ତି (ଗାଥା) ଅନୁଯାୟୀ ନରମାଦା ନଦୀ, ସୋନନଦୀ, ଜୱ୍ୱରାଲ (ଜ୍ୱାଲା) ନଦୀ ଅମୁରକୋଟ (ଅମର କଣ୍ଟକ)ର ମାଇକେଲ ପର୍ବତ ଏବଂ ବିନ୍ଧ୍ୟାଚଳ ପର୍ବତର ଗୌଁଡା ସଂସ୍କୃତି ଏବଂ ଧାର୍ମିକ ମୂଲ୍ୟରେ ବହୁତ ନିକଟ ସମ୍ପର୍କ ଅଟେ। ଏହି ଅନୁସାରେ ପ୍ରାଚୀନ କାଳରେ କୋୟାମୁରୀ ଦୀପରେ ଏକ ମହାପ୍ରଳୟ ହୋଇଥିଲା। ଯାହାର ପ୍ରଭାବରେ ସମ୍ପୂର୍ଣ୍ଣ ଧରାପର ଚାରିଆଡେ ଜଳମୟ ହୋଇଯାଇଥିଲା। ସମ୍ପୂର୍ଣ୍ଣ ପୃଥିବୀ ଜଳରେ ବୁଡି ଯାଇଥିଲା। ଅସୁର କୋଟ (ବର୍ତ୍ତମାନ ଅମର କଟକ)ର ଏକମାତ୍ର ପର୍ବତଶୃଙ୍ଗ ଜଳର ପରିବ୍ୟାପ୍ତ ଠାରୁ ଉପରକୁ ଦେଖାଯାଉଥିଲା। ସେଠାରେ ଫାରୱେନେ ସଇଲାଂଗରା (ଜ୍ୟେଷ୍ଠ ଦାଉ ଦାଇ) ନାମକ ଏକ ଦମ୍ପତି ଏକ କଇଁଛ ଏବଂ ଏକ କାଉ ସହିତ ଜୀବିତ ଥିଲେ। କୋୟାମୁରୀ ଦୀପର ଶେଷ ପର୍ଯ୍ୟନ୍ତ ସମସ୍ତ ଜୀବଜନ୍ତୁ ସମାପ୍ତ ହୋଇଯାଇଥିଲେ। କିଛି ଦିନପରେ ଫରାୱେନ ସଇଲାଂଗରାଙ୍କ ଠାରୁ ଦୁଇଟି ସନ୍ତାନ ଜନ୍ମ ହେଲେ, ପୁତ୍ର ସନ୍ତାନର ନାମ ଆଦି ରାୱେଣ ପେରୀୟୋର ଏବଂ କନ୍ୟା ସନ୍ତାନର ନାମ ଅନ୍ଦୀ ସୁକମାପେରୀ ଥିଲା।

ପିଲା ଦୁଇଜଣ ବୟସ୍କ ହୋଇ ଯିବା ପରେ ତାଙ୍କର ଦାଉଦାଇ (ପିତାମାତା) ସେମାନଙ୍କୁ ସିଙ୍ଗାର ଦୀପ ଖୋଜିବା ପାଇଁ କହିଲେ। ନିଜର ଦାଉଦାଇଙ୍କ ଆଦେଶ ଅନୁସାରେ ସେମାନେ ସିଙ୍ଗାର ଦୀପ ଖୋଜିବାକୁ ସାଥିରେ କାଉକୁ ଆକାଶ ମାର୍ଗରେ ଏବଂ କଇଁଛକୁ ଜଳମାର୍ଗରେ ପଠାଇଲେ। କଇଁଛ ଜଳମାର୍ଗରେ ଏବଂ କାଉ ଆକାଶ ମାର୍ଗରେ ଯାଇ ସିଙ୍ଗାର ଦୀପକୁ ଠାବ କଲେ। କିନ୍ତୁ ସେ ପର୍ଯ୍ୟନ୍ତ ଯିବାପାଇଁ ସେମାନଙ୍କ ସମ୍ମୁଖରେ ଅନେକ ସମସ୍ୟା ଦେଖାଦେଲା। ସେମାନଙ୍କ ପାଖରେ କଇଁଛ ହିଁ ଏକମାତ୍ର ସାଧନ ଥିଲା। ଯାହା ଉପରେ ବସି ସେମାନେ ସିଂଗାର ଦୀପ ପର୍ଯ୍ୟନ୍ତ ଯାଇ ପାରିବେ। ଫରାୱେନ ସଇଲାଂଗରା ନିଜର ଦୁଇ ପିଲାଙ୍କୁ କଇଁଛ ଉପରେ ବସି ଯିବା ପାଇଁ କହିଲେ। ଦୁଇ ପିଲା କଇଁଛ ଉପରେ ବସିଗଲେ, ଆକାଶ ମାର୍ଗରେ କାଉ ଏବଂ ଜଳ ମାର୍ଗରେ କଇଁଛ ଏହି ଦୁଇ ପିଲାଙ୍କୁ ଧରି ଧରାତଳ ଆଡକୁ ଯିବାପାଇଁ ବାହାରିଗଲେ। କିଛି ଦୂର ଯିବା ପରେ କଇଁଛ ଥକି ଗଲା, ଦୁଇ ପିଲା ଭୟରେ ଥରହର ହେଲେ, ସେମାନେ ସମୁଦ୍ର ଦାଇକୁ କାକୁତି ମିନତି ହୋଇ ପ୍ରାର୍ଥନା କଲେ ଯେ ସେମାନଙ୍କୁ ଧରାତଳ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସାହାଯ୍ୟ କରନ୍ତୁ। ସମୁଦ୍ର ଦାଇ



ସେମାନଙ୍କ କଥାକୁ ଶୁଣିନେଲେ। ଏହାପରେ ଅଚାନକ ସମୁଦ୍ର ଭିତରେ ବିରାଟ ହଲଚଲ ହେଲା ଏବଂ ଦେଖୁ ଦେଖୁ ଅମୁରକୋଟ ପାହାଡର ଶୃଙ୍ଗ ଜଳ ଉପରକୁ ଉଠିଗଲା। ସେମାନଙ୍କ ଚାରିପାଖରେ ଯେଉଁ ଜଳ ଥିଲା ତାହା ତିବ୍ରଗତିରେ ଗଡାଣି ଆଡକୁ ବହିବାକୁ ଲାଗିଲା, ଯାହାର ପ୍ରବାହରେ କଇଁଛ ଦୁଇ ପିଲାଙ୍କୁ ନେଇ ଭାସିଗଲେ ଏବଂ ସେମାନେ ସିଙ୍ଗାର ଦୀପରେ ପହଞ୍ଚିଗଲେ।

ଅମୁରକୋଟର ଚାରିଆଡେ ଯେଉଁ ପାଣିଥିଲା, ତାହା କେତେ ଦିନ ପର୍ଯ୍ୟନ୍ତ ପ୍ରବାହିତ ହେବାର ଲାଗିଲା। କାଳାନ୍ତରରେ ନଦୀନାଳ ମାଧ୍ୟମରେ ଯେତେବେଳେ ସମ୍ପୂର୍ଣ୍ଣ ପାଣି ବହିଗଲା ଏବଂ ସେଠାରେ ଭୂଭାଗ ନଜର ଆସିଲା, ସେତେବେଳେ ଦୁଇଜଣ ପିଲା ନିଜର ମାତାପିତାଙ୍କୁ ଖୋଜିବା ପାଇଁ ଅମରକଣ୍ଟକ ଗଲେ, କିନ୍ତୁ ସେଠାରେ ସେମାନଙ୍କର ଦାଉ ଦାଇଙ୍କୁ କୌଣସି ଠାରେ ଦେଖିବାକୁ ପାଇଲେ ନାହିଁ। ଯେଉଁଠାରେ ସେମାନଙ୍କର ନିବାସ ଥିଲା, ସେଠାରୁ ଏକ ଜଳଧାରା ପୃଥିବୀର ଗର୍ଭରୁ ବାହାରି ପ୍ରବାହିତ ହେଉଥିଲା। ସେମାନେ ବୁଝିଗଲେ ଯେ ସେମାନଙ୍କର ଦାଉଦାଇ ଏହି ଜଳଧାରାରେ ପ୍ରବାହିତ ହୋଇ ଯାଇଥିବେ। ସେମାନେ ନିଜର ଜନ୍ମଦାତା ଫରାୱେନ ସଇଲାଂଗରା (ଜ୍ୟେଷ୍ଠ ଦାଉ ଦାଇ)ଙ୍କ ନାମରେ ସେଠାରେ ଏକ ପ୍ରତିକ ସ୍ଥାପନା କଲେ, ଯାହା ଫରାୱେନ ସଇଲାଂଗରାଙ୍କ ଅବସାନପରେ, ଫରାପେନ 'ସଲ୍ଲାଙ୍ଗଗରା' ନାମରେ ଜଣାଯାଏ, ଏହି ଫରାୱେନ ସଲ୍ଲାଙ୍ଗାଗରା ପ୍ରତୀକକୁ ଫରାପେନ୍ ଶକ୍ତି, ଫଡାପେନ ଶକ୍ତି, ବୁଢ଼ାଲପେନ ଶକ୍ତି କିମ୍ବା ସଜୋର (ସର୍ବଚୋ) ପେନ ଶକ୍ତି କୁହାଯାଏ। ଫଡାପେନ୍ ସଲ୍ଲାଂଙ୍ଗଗରାଙ୍କ ପ୍ରତୀକ ଯେଉଁଠାରେ ସ୍ଥାପିତ କରାଗଲା, ଏହି ସ୍ଥାନକୁ କୋୟା ବଂଶ ଭାଡ଼ି କୁହାଯାଏ। ଏବଂ ସେଠାରୁ ଯେଉଁ ଜଳଧାରା ବାହାରହୋଇ ପ୍ରବାହିତ ହେଉଅଛି ଏହାକୁ ଦାଉଦାଇ ରୂପି ଜନ୍ମଦାଇନୀ 'ନରମାଦା' ଶକ୍ତି କୁହାଯାଏ। ଏହି ନରମାଦା ଶକ୍ତିର ପ୍ରବାହକୁ ନରମାଦା ନଦୀ କିମ୍ବା ନରମାଦା ଶକ୍ତି କୁହାଯାଏ। କୋୟା ବଂଶୀୟ ଗୋଁଡ଼ ସମୁଦାୟଙ୍କ ଗୋଁଡଲୋକମାନଙ୍କ ଏହା ମାନ୍ୟତା ଅଟେ। ଯାହା ଫରାୱେନ ସଇଲାଂଗରା ତାହା ଶକ୍ତି ଅଟେ। ଯେଉଁମାନେ ତାଙ୍କର ପୂର୍ବ ପୁରୁଷଙ୍କୁ ନିଜର କୋୟା (କୋଳ)ରୁ ଜନ୍ମଦେଇ କୋୟା ପିଲାଙ୍କ ଧାରାକୁ ନେଇ ଏଠାରୁ ପ୍ରବାହିତ ହୋଇଛନ୍ତି।

ଏହା ମଧ୍ୟ ମାନ୍ୟତା ଅଛି ଆଦି ରାୱେନ ପେରୀ ଯୋର ଏବଂ ଆଦି ସୁକମାପେରୀଙ୍କ ଜନ୍ମର ପଶ୍ଚାତେ ତାଙ୍କର ଦାଉଦାଇ ତାଙ୍କର ସୋନତାଡି ନାଡକାଟିକରି ସମୁଦ୍ରକର ପାଣିରେ ଯେଉଁ ଦିଗରେ ପ୍ରବାହିତ କରିଥିଲେ ସେହି ଦିଗରେ ସୋନତାଡ଼ ଅର୍ଥାତ୍ ସୋନନଦୀ ପ୍ରବାହିତ ହୋଇଅଛି ଏବଂ ବାଳ କାଟିକରି ଯେଉଁ ଦିଗରେ ଭସାଇ ଦେଲେ ସେହି ଦିଗରେ ଜାଉରଲା (ଜ୍ୱାଲା) ନଦୀ ପ୍ରବାହିତ ହୋଇଅଛି। ଏହି ନଦୀମାନଙ୍କ କୂଳରେ ଆଦି ରାୱେନ ପେରୀଯୋର ଏବଂ ଆଦି ସୁକମାପେରୀଙ୍କ ସନ୍ତାନମାନେ ଆଗକୁ ଯାଇ ନିଜର ବଂଶ ବିସ୍ତାର କଲେ।

ଏହିପରି ଅନାଦିକାଳରୁ ଅମରକଟକ, ସିର୍ଡୀସିଙ୍ଗର ଦୀପ, ନରମାଦା, ସୋନତାଡ (ସୋନ) ଏବଂ ଜଉରଲା (ଜ୍ୱାଲା) ନଦୀ ସହିତ କୋୟା ବଂଶୀୟ ଗୋଁଡ ସମୁଦାୟଙ୍କ ଗୋଁଡ଼ ଲୋକମାନଙ୍କ ସମ୍ପର୍କ ରହିଅଛି।

ଆଗକୁ ଯାଇ ସମ୍ପୂର୍ଣ୍ଣ କୋୟାମୁରୀ ଦୀପରେ କିମ୍ବା ସମ୍ପୂର୍ଣ୍ଣ ସୀର୍ଡି ସିଙ୍ଗାର ଦୀପରେ କୋୟାବଂଶୀୟ ଗୋଁଡ଼ ଲୋକମାନେ ନିଜର ବଂଶ ବିସ୍ତାର ଗିରିକନ୍ଦର, ଗୁମ୍ଫା, ପଥରଖୋଲ, ପର୍ବତ ଉପତ୍ୟାକାରେ ଆଶ୍ରୟ ପାଇ ସାମୁହିକ ଭାବରେ ବସବାସ କରିବା ଆରମ୍ଭ କରି ନିଜର ଛୋଟ ଛୋଟ ଗଣରାଜ୍ୟ ସ୍ଥାପନ କରି ନିଜର ରାଜ୍ୟ ବ୍ୟବସ୍ଥା ସ୍ଥାପନ କଲେ। ଏହିପରି ପ୍ରସ୍ଥାପିତ ଗଣରାଜ୍ୟର ବ୍ୟବସ୍ଥାରେ ସୀର୍ଡୀ ସିଙ୍ଗାରଗଣରାଜ୍ୟ, ଅମୁର ଗଣରାଜ୍ୟ, ସୁରଗୁଡା

ଗଣରାଜ୍ୟ, ତୀୱେର ଗଣାରଜ୍ୟ ଆଦି ରୀୱସିଧି ସିଙ୍ଗରେଲୀ ଶହଡୋହ ପରିକ୍ଷେତ୍ରରେ ବ୍ୟାପ୍ତ ହୋଇଥିଲା।

କାଳାନ୍ତରରେ କୋୟାମୁରୀ ଦୀପକୁ ପେନ୍ୱାମେଡ଼ୀ ଗଣାରାଜ୍ୟକୁ କୁଲୀତରା ନାମକ ଗୋଁଡ଼ ମୁଖିଆର ପରିବାରରେ ଏକ କୋସାଡ଼ୁମ ନାମକ ପୁତ୍ର ଜନ୍ମହେଲା ଏବଂ ସେ ନିଜର ଯୋଗ୍ୟତା ବଳରେ ପାଂଚଖଣ୍ଡ ରାଜ୍ୟର ସ୍ୱାମୀ ହେଲା। ସେ ହିଁ ସଂୟୁଭୁଇର ରାଜା ରୂପରେ ଶମ୍ଭୁ ମାଦାୱର ଉପାଧିରେ ସମ୍ମାନିତ ହେଲେ। ଏହି ପାଞ୍ଚଖଣ୍ଡ ପୃଥିବୀର ଅଧିପତି ଏକ ପରେ ଏକ ମିଶିକରି ଅଠାଅଶୀ ସମ୍ଭୁମାଦାୱ ହେଲେ। ଯେଉଁଥିରେ ଶମ୍ଭୁଗୱରା (ଗୌରୀ) ମଧ ଏକଥିଲେ। ଯାହାର ବାସସ୍ଥାନ ଅମୁରକୋଟ (ଅମରକଣ୍ଟକ)ରେ ଥିଲା। ଏହି ଶମ୍ଭୁଗୱରାଙ୍କ ଜୀବନ କାଳରେ ପୂର୍ବାକୋଟର ଗୋଁଡ ମୁଖିଆ ପୁଲଶିବର ପରିବାରରେ ରୂପୋଲିଙ୍ଗ ପହାନ୍ଦୀପାରୀ କୁପାରଲିଙ୍ଗୋଙ୍କ ଜନ୍ମ ହେଲା। ସେ କୋୟଲୀକଛାର ଲୋହଗଡ଼ ଗୁମ୍ଫାରୁ କଳୀ କଙ୍କାଳୀ ଦାଇଙ୍କ ପିଲାମାନଙ୍କୁ ମୁକ୍ତ କଲେ ଏବଂ ସେମାନଙ୍କୁ ନିଜର ଶିଷ୍ୟ ବନାଇ ସେମାନଙ୍କ ମାଧମରେ ସମ୍ପୂର୍ଣ୍ଣ କୋୟାବଂଶୀୟ ଗୋଁଡ ଲୋକମାନଙ୍କ ସମୁଦାୟଙ୍କ ମଧରେ ସଗାୱେନୋର ବ୍ୟବସ୍ଥାରେ ସଂରଚିତ କଲେ। ଏମିତି ଏହି କୋୟା ବଂଶୀୟ ଗୋଁଡଲୋକଙ୍କ ସଗାୱେନୋକୁ ଜନ୍ମ ଦେଇଥିବା ୱେନଦାଇଙ୍କ ନିବାସ ଯେଉଁ ପର୍ବତରେ ଥିଲା, ଏହି ପର୍ବତକୁ ୱେନଦାଇ ମେଟଟା (ବିନ୍ଧ୍ୟପର୍ବତ) କୁହାଯାଉଥିଲା। ଯାହା ରୀୱସୀଧି ସିଙ୍ଗରୋଲୀ, ଶହଡୋହ ଅଞ୍ଚଳର ଉ ରଭାଗରେ ଅବସ୍ଥିତ ଅଛି। ଗୋଁଡ଼ି ପୁନେମ ମୁଠ୍ୱା (ଧର୍ମଗୁରୁ) ପହାନ୍ଦୀ ପାରୀକୁପାରଲିଙ୍ଗୋଙ୍କ 'ଲିଙ୍ଗୋଗଡ଼' ଆଜି ମଧ ଅମର କଣ୍ଟକ ପର୍ବତୀୟ ଶୃଙ୍ଖଳାରେ କେରଜିୟାର ପାଖରେ ଅଛି। କୋୟା ମର୍ରାୟ (କୋୟାପୁତ୍ର)ଙ୍କ କୋୟମୁର ପର୍ବତ ଶୃଙ୍ଖଳା ମଧ ଏହି ପରିକ୍ଷେତ୍ରରେ ଅଛି। ଏହାପରେ ଏହା ସ୍ୱଷ୍ଟ ହେଉଅଛି କି ଏହି ଅଞ୍ଚଳରେ ଅନାଦିକାଳରୁ କୋୟାବଂଶୀୟ ଗୋଁଡ଼ ସମୁଦାୟଙ୍କ ଗୋଁଡଲୋକମାନଙ୍କ ବାସସ୍ଥାନ ରହିଥିଲା।

ରୀୱା ସୀଧି ସିଙ୍ଗରୋଲୀ ଏବଂ ଶହଡୋଲର ସମସ୍ତ ପରିକ୍ଷେତ୍ରରେ ଯେଉଁଠାର ଶମ୍ଭୁ ମହାଦେବ ଏବଂ ଗୌରୀ ଦାଇଙ୍କ ପ୍ରତୀକକୁ ସ୍ଥାପନା ଅନାଦି କାଳରୁ ଅଛି। ଯାହାର ଉପାସନା କୋୟା ବଂଶୀୟ ଗୋଁଡ ସମୁଦାୟଙ୍କ ଗୋଁଡ଼ଲୋକମାନେ କରନ୍ତି। ଏହି ପରିକ୍ଷେତ୍ରରେ ଆର୍ଯ୍ୟ ଚିନ୍ତାଧାରରେ ଯେଉଁ ଚିହ୍ନ ପ୍ରାପ୍ତ ହୁଏ, ଏହା ଗୁପ୍ତ କାଳର ପୂର୍ବର ନୁହେଁ। ଗୁପ୍ତରାଜଙ୍କ ଶାସନ କାଳରେ ହିଁ ମୂର୍ତ୍ତିକଳାର ପ୍ରେରଣା ମିଳେ। ଏବଂ ଯେଉଁଆଡେ ସେମାନଙ୍କ ଶାସନ ଥିଲା, ସେହି ସ୍ଥାନମାନଙ୍କରେ ବ୍ରହ୍ମା ବିଷ୍ଣୁଙ୍କ ପ୍ରତିମା ଅଙ୍କିତ ହୋଇଅଛି। ଗୁପ୍ତ, ସାତବାହାନ, କଟଚୁରୀ, ଚନ୍ଦେଲ, ରାୱେନ, ଆଦି ସମସ୍ତେ କୋୟା ବଂଶୀୟ ଗୋଁଡ ସମୁଦାୟଙ୍କ ହିଁ ରାଜା ମହାରାଜା ଥିଲେ। ପରନ୍ତୁ ବ୍ରାହ୍ମଣ ମାନଙ୍କ ବିଚାର ଧାରାର ଗୋଲାମ ହୋଇ ସେମାନେ ନିଜ ରାଜ୍ୟରେ ବ୍ରାହ୍ମଣମାନଙ୍କୁ ରାଜାଶ୍ରୟ ପ୍ରଦାନ କଲେ। ଏହି ପରିଭାବରେ ଗୋଁଡୱାନାର ଗୋଁଡଲୋକମାନଙ୍କ ଅଞ୍ଚଳରେ ଆର୍ଯ୍ୟଧର୍ମର ବିଚାରଧାରାର ପ୍ରଚାର ପ୍ରସାର ବ୍ରାହ୍ମଣମାନେ କଲେ ଏବଂ ନିଜର ମନଗଢ଼ା ପୌରାଣିକ ଗାଥା, ଯାହା ମାତ୍ର କାଳ୍ପନିକ କାବ୍ୟରୂପୀ ଗ୍ରନ୍ଥରେ ବର୍ଣ୍ଣନା କରିଥିଲେ। ଏହି ଧରିତ୍ରୀ ଉପରେ ନକଲି ପୋଷାକ ପିନ୍ଧାଇବା କାର୍ଯ୍ୟ ସେମାନେ କରିଗଲେ।

ଅନ୍ୟ ଏକ ଜନଶ୍ରୁତି ଅନୁସାରେ ରେୱାନାୟକ ନାମକ ଏକ ଛୋଟ ବେପାରୀ ହରିଡ଼ା, ବାହାଡ, ଅଁଳା, ଚେରମୂଳ ଓ ଜଙ୍ଗଲ ସମ୍ପଦ ସଂଗ୍ରହ କରିବା ପାଇଁ ନିଜର ଝିଅ ସହିତ ଅମର କଣ୍ଟକର ଘଞ୍ଚ ଜଙ୍ଗଲକୁ ଯାଆନ୍ତି। ସେମାନେ ଜଙ୍ଗଲ ସମ୍ପଦ ସଂଗ୍ରହ ପରେ ସେଠାର ଥିବା ବାଉଁଶ ବୁଦା ପାଖରେ ବସି ରୋଷେଇ କରନ୍ତି। ଦିନେ ଜଙ୍ଗଲ ସମ୍ପଦ ସଂଗ୍ରହ କରିବା ପାଇଁ ଅମରକ  କର ନିକାଞ୍ଚନ ଅଞ୍ଚଳକୁ ଯାଇଥିଲେ। ଜଙ୍ଗଲ ସମ୍ପଦ ସଂଗ୍ରହ କରି ସାରିବା ପରେ ଏହି ବାଉଁଶ ବୁଦା ଆଡକୁ ଆସିଲେ। ରେବା ନାୟକକୁ ଭୀଷଣ ଶୋଷ ଲାଗିଲା। ନିଜକୁ ଝିଅକୁ ପାଣି ଆଣିବା ପାଇଁ ପଠାଇଲେ। କିନ୍ତୁ ବହୁ ସମୟ ପର୍ଯ୍ୟନ୍ତ ନିଜର ଝିଅ ନଫେରିବାରୁ, ରେବା ନିଜର ଝିଅକୁ ଖୋଜିବାକୁ ଯାଇ ଜୋର ଜୋର ଡାକିବାକୁ ଲାଗିଲା। କୌଣସିଠାରେ  ନ ପାଇ କାନ୍ଦିବାକୁ ଲାଗିଲା। ଏହି ସମୟରେ ଆକାଶବାଣୀ ହେଲା ହେ ରେୱା କାନ୍ଦ ନାହିଁ। ମୁଁ ନର୍ମଦା ତୁମର ଝିଅ ରୂପରେ ତୋ ଘରେ ଜନ୍ମ ହୋଇଥିଲି। ବାଉଁଶ ବୁଦା ମୂଳରୁ ଯେଉଁ ଜଳଧାରା ବହିଯାଉଛି, ତାହା ହେଉଛି ନର୍ମଦା ନଦୀ। ତୁ ଯେଉଁ ଜଙ୍ଗଲ ସଂପଦ ସଂଗ୍ରହ କରିଛୁ ତାହା ମହୁମୂଲ୍ୟ ରତ୍ନରେ ପରିଣତ ହୋଇ ଯାଇଛି। ତାହାକୁ ବିକ୍ରୟ କରି ମୋର ଉଦ୍‌ଗମ ସ୍ଥଳରେ ମୋର ଏକ ମନ୍ଦିର ନିର୍ମାଣ କରିବୁ। ସମ୍ଭବତଃ ରେୱାନାୟକ ସେଠାର ଏକ ମନ୍ଦିର ନିର୍ମାଣ କରିଥିଲେ, ତାହା ବର୍ତ୍ତମାନ ସେଠାରେ ବିଦ୍ୟମାନ ଅଛି। ସେଥିପାଇଁ ନର୍ମଦାର ଅନ୍ୟନାମ ରେୱା। ଏହି କାହାଣୀର କେତେ ସତ୍ୟତା ଅଛଇ ତାହା ଅନୁସନ୍ଧାନ ସାପେକ୍ଷ। ନରମାଦା ନଦୀ ମାଇକେଲ ପର୍ବତରୁ ବାହାରିଥିବାରୁ ନରମାଦାର ଅନ୍ୟ ଏକ ନାମ 'ମାଇକେଲ ସୁଧା' ମଧ। ପରବର୍ତ୍ତୀ ସମୟରେ ସେଠାର ଅନେକ ମନ୍ଦିର ନିର୍ମାଣ ହୋଇଅଛି। ବର୍ତ୍ତମାନ ଅମର କଣ୍ଟକ ଏକ ପର୍ଯ୍ୟଟନ ସ୍ଥଳି ଭାବରେ ପରିଚିତ। ସେଠାରେ ମନୋରମ ପରିବେଶ ଦର୍ଶକଙ୍କ ମନକୁ ଛୁଇଁଲା ପରି।

ସହାୟକ ଲେଖା ଅଧିକାରୀ
ଡାକଲେଖା ବିଭାଗ, ନିର୍ଦ୍ଦେଶକ କାର୍ଯ୍ୟାଳୟ
ମହାନଦୀ ବିହାର କଟକ

# "ଗୋଣ୍ଡି ଭାଷାର ସୃଷ୍ଟି (ଜନଶ୍ରୁତି) ଓ ଅନ୍ୟ ଭାଷା ଗୋଷ୍ଠୀ ସହ ସଂପର୍କ"

ଡୋଳାମଣି ଧରୁଆ



"ଗୋଁଣ୍ଡ" ଶବ୍ଦ ତେଲୁଗୁ ଶବ୍ଦ "କୋଣ୍ଡ"ରୁ ସୃଷ୍ଟି ହୋଇଛି । ତେଲୁଗୁ କୋଣ୍ଡ ଶବ୍ଦର ଅର୍ଥ ପାହାଡ । ସାଧାରଣତଃ ଗୋଁଣ୍ଡମାନେ ପ୍ରାକୃତିକ ସୁଷମାରେ ଭରପୂର ସବୁଜ ଅରଣ୍ୟାନୀ, କଳକଳ ନାଦିନୀ ଗିରି ନିର୍ଝରିଣୀର ପାଦଦେଶରେ ଅବସ୍ଥାନ କରୁଥିଲେ । ତେଣୁ ଉକ୍ତ ଗୋଁଣ୍ଡ ଶବ୍ଦର ସୃଷ୍ଟି ପଛରେ କୌଣସି ସନ୍ଦେହ ପ୍ରକାଶ ପାଏ ନାହିଁ । ଏହା ଐତିହାସିକ ଗବେଷକମାନଙ୍କର ପ୍ରାମାଣିକ ମତ । ଯଦି ଆମେ ଇତିହାସ ପୃଷ୍ଠାକୁ ଓଲଟାଇବା ତାହେଲେ ଗୋଁଣ୍ଡମାନଙ୍କ ସମ୍ବନ୍ଧରେ ଅନେକ ବୀରତ୍ୱ ବ୍ୟଞ୍ଜକ କାହାଣୀ ଆମ ଦୃଷ୍ଟି ସମ୍ମୁଖରେ ଉଦଭାସିତ ହୋଇଉଠିବ । ଭାରତରେ ବସବାସ କରୁଥିବା ଅନ୍ୟାନ୍ୟ ଆଦିବାସୀମାନଙ୍କ ଅପେକ୍ଷା ଗୋଁଣ୍ଡମାନେ ସଂଖ୍ୟାଲଘୁ ସଂପ୍ରଦାୟ ରୂପେ ପରିଚିତ । ଏମାନଙ୍କ ସ୍ୱତନ୍ତ୍ର ପ୍ରଥା-ପରମ୍ପରା, ରୀତି-ନୀତି, ଚାଲିଚଳଣୀ, ହାବ-ଭାବ ରହିଛି । ଯାହାକି ଅନ୍ୟ ଆଦିବାସୀମାନଙ୍କଠାରୁ ସ୍ୱତନ୍ତ୍ରତାର ପ୍ରମାଣ ରୂପେ ବିଦ୍ୟମାନ । ସମୟ ଚକ୍ରରେ ପେଶି ହୋଇ ସେହି ସ୍ୱତନ୍ତ୍ରତା ରୂପକ ସୌଧ ଆଜି ନିଶ୍ଚିହ୍ନ ହେବାକୁ ବସିଛି । ପାଶ୍ଚାତ୍ୟ କରଣର ମୋହ ନିଜର ପରମ୍ପରାଠାରୁ ଦୂରେଇ ନେଇ ଛାଡିଦେଉଛି କଂଟକିତ ପୂଷ୍ପ ମରୁଭୂମିରେ । ଯେଉଁଠାରେ କି ଉତପ୍ତ ବାଲୁକାର ସ୍ପର୍ଶରେ ଶୁଭୁଛି ହାହାକାର ହତାଶର ଚିତ୍କାର ।

ଗୋଁଣ୍ଡ ସମ୍ପ୍ରଦାୟର ସ୍ୱତନ୍ତ୍ର ଭାଷା ସହିତ ଲିପି ମଧ୍ୟ ରହିଛି । ଉକ୍ତ ସଂପ୍ରଦାୟର ନାମାନୁଯାୟୀ ଏହାକୁ ଗୋଣ୍ଡି ଭାଷା ଓ ଲିପିକୁ ଗୋଣ୍ଡି ଲିପି କୁହାଯାଏ । ଭାଷା ସମ୍ବନ୍ଧରେ ମନୀଷିମାନେ କହି ଯାଇଛନ୍ତି-

"ଭାଷାତେ ବ୍ୟକ୍ତ ବାଗ୍ ରୂପେଣ
ଅଭିବ୍ୟଜ୍ୟତେ ଇତି ଭାଷା"

ଅର୍ଥାତ୍ ବ୍ୟକ୍ତ ବାକ୍ (ବାଣୀ) ରୂପରେ ଯାହାର ଅଭିବ୍ୟକ୍ତି ଘଟିଥାଏ, ତାହାକୁ ଭାଷା କୁହାଯାଏ । ସଂସ୍କୃତ "ଭାଷ୍" ଧାତୁରେ "ଆ" ପ୍ରତ୍ୟୟ ଯୁକ୍ତ ହେଲେ ଭାଷା ଶବ୍ଦର ବ୍ୟୁତ୍ପତ୍ତି ଘଟେ, ଯାହାର ଅର୍ଥ ହେଉଛି ବ୍ୟକ୍ତବାଣୀ ।

ମଣିଷର ମୁଖ ନିଃସୃତ ବାଣୀ ହେଉଛି ଭାଷା । ଏହାର ଭାବର ଆଦାନ ପ୍ରଦାନ ତଥା ଯୋଗସୂତ୍ର ସ୍ଥାପନର ପ୍ରକୃଷ୍ଟ ମାଧ୍ୟମ । ଗଭୀର ଚିନ୍ତାଶକ୍ତି ହିଁ ଭାଷାକୁ ସଫଳ ରୂପ ଦେଇଥାଏ । ଭାଷାଗତ ଦୃଷ୍ଟିକୋଣରୁ ଗୋଁଣ୍ଡମାନେ ଦ୍ରାବିଡ ଗୋଷ୍ଠୀର ବୋଲି ନୃତତ୍ତ୍ୱବିତ୍‌ମାନେ ମତପୋଷଣ କରିଛନ୍ତି । ଦ୍ରାବିଡମାନଙ୍କର ଇଷ୍ଟଦେବତା ହେଉଛନ୍ତି ପଶୁପତି ଶିବ । ହରପ୍ପା ଓ ମହେଞ୍ଜୋଦାରୋରୁ ମିଳିଥିବା ସିଲ୍ ମୋହର ଏହାର ପ୍ରମାଣ ବହନ କରେ । ପୁଣି ଗୋଁଣ୍ଡ ସମ୍ପ୍ରଦାୟର ପ୍ରାଚୀନତାକୁ ମଧ୍ୟ ସୂଚିତ କରେ । ଗୋଁଣ୍ଡମାନେ ଦ୍ରାବିଡ ସମ୍ପ୍ରଦାୟର ହୋଇଥିବାରୁ ଅଧୁନା ଶିବଙ୍କୁ ଜଂଘାଦେଓ, ଲିଙ୍ଗାଦେଓ, ବୁଢାଦେଓ, ବଡଦେଓ, କୁନ୍ଦାଦେଓ ଓ ବୁଢାରଜା ରୂପରେ ପୂଜା କରି ଆସୁଛନ୍ତି ।

## ଗୋଣ୍ଡିଭାଷାର ସୃଷ୍ଟି

ଗୋଣ୍ଡି ଭାଷାର ସୃଷ୍ଟି ସମ୍ବନ୍ଧରେ ଏକ ଜନଶ୍ରୁତି ରହିଛି । ଯାହାକି ଯୁଗ ଯୁଗ ଧରି ଲୋକ ଲୋଚନରେ ବେଦସ୍ୱରୂପ ଉତରାଧିକାରୀ ସୂତ୍ରରେ ତିଷ୍ଠି ରହି ଆସିଅଛି । ପ୍ରଚୀନ କାଳରେ ପୂର୍ବକୋଟା ନାମକ ଗୋଁଣ୍ଡ ରାଜ୍ୟରେ ପୁଲଶିବ ନାମକ ଜଣେ ରାଜା ଶାସନ କରୁଥିଲେ । ତାଙ୍କର ଗୋଟିଏ ପୁତ୍ର ଜନ୍ମ ହୋଇଥିଲା । ତାହାର ନାମ ରଖିଥିଲେ ପାରି କୁପାର ଲିଙ୍ଗୋ । ଡଉଲ ଡାଉଲ ଚେହେରା, ଦେଖିବାକୁ ବହୁତ ସୁନ୍ଦର । ରୂପ ଯେମିତି ଗୁଣ ମଧ୍ୟ

ସେମିତି । ବିଦ୍ୟାନୁରାଗୀ, ଜ୍ଞାନ ପିପାସୁ, ଉଚ୍ଚାଭିଳାସୀ ଏହି ସବୁ ଗୁଣର ଅଧିକାରୀ ଥିଲେ ପାରିକୁପାର ଲିଙ୍ଗୋ । ପୁତ୍ରର ରୂପ, ଗୁଣ ଦେଖି ପିତା ପୁଲ ଶିବଙ୍କ ଆନନ୍ଦ କହିଲେ ନସରେ । ଏମିତି ଆନନ୍ଦ ଉଲ୍ଲାସରେ ତାଙ୍କ ଦିନ ବିତି ଯାଉଥିଲା । ଦିନେ ଭ୍ରମଣ ଉଦ୍ଦେଶ୍ୟରେ ପାରୀ କୁପାର ଲିଙ୍ଗୋ ଘରୁ ବାହାରକୁ ଚାଲିଗଲେ । ସେ କୋୟାମୁରୀ ଦ୍ୱୀପରେ ଯାଇ ପହଞ୍ଚିଲେ । ସେହି ଦ୍ୱୀପରେ ତାଙ୍କ ଗୋଡ ଖସି ଯିବାରୁ ସେ ଜଳରେ ଭାସିଗଲେ । ଜଳରେ ଭାସି ଭାସି ସେ ବହୁତ ଦୂରକୁ ଚାଲିଗଲେ । ଏହି ସମୟରେ ଶମ୍ଭୁସେକ୍ (ଶିବ) ନିଜର ବୃଷଭ ବାହାନରେ ବସି କୋୟାପୁରୀ (ଜମ୍ବୁଦ୍ୱୀପ) ଦ୍ୱୀପରେ ସମୁଦ୍ରକୂଳରେ ଭ୍ରମଣ କରୁଥିଲେ । ତାଙ୍କର ନଜର ପଡିଲା ଜଳରେ ଭାସି ଯାଉଥିବା ପାରୀ କୁପାର ଲିଙ୍ଗୋଙ୍କ ଉପରେ । ସଙ୍ଗେ ସଙ୍ଗେ ସେ ନିଜର କୁହୁକ ବିଦ୍ୟା ବଳରେ ତାଙ୍କୁ ଜଳରୁ ଉଦ୍ଧାର କଲେ ଏବଂ କୂଳକୁ ଆଣି ଶୁଆଇଲେ । ଅନେକ ସମୟଧରି ଜଳରେ ଭାସିଥିବା ଯୋଗୁଁ ଥଣ୍ଡାର ପ୍ରଭାବରେ ପାରୀକୁପାର ଲିଙ୍ଗୋଙ୍କ ଚେତନାଶୂନ୍ୟ ହୋଇଥିଲା । ସଂଜ୍ଞାହୀନ ଅବସ୍ଥାରେ ସେ ପଡିରହିଥିଲେ । ତାଙ୍କର ଚେତା ଫେରାଇବା ପାଇଁ ଶମ୍ଭୁସେକ୍ (ଶିବ) ଡମ୍ବରୁ ନାଦ କଲେ ।

ଦୀର୍ଘ ସମୟଧରି ଡମ୍ବରୁ ବାଜି ଉଠିବାରୁ ପାରୀ କୁପାରଲିଙ୍ଗୋଙ୍କ ଚେତା ଫେରି ଆସିଲା । ଚେତା ପାଇ ସେ ଭୂମି ଉପରେ ବସି ପଡିଲେ । ସମ୍ମୁଖରେ ଛିଡା ହୋଇଛନ୍ତି ଶମ୍ଭୁସେକ୍ (ଶିବ) । ଶିବଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତ କରିଛନ୍ତି । ଶମ୍ଭୁସେକ୍ (ଶିବ)ଙ୍କ ଡମ୍ବରୁ ନାଦ ପାରୀକୁପାର ଲିଙ୍ଗୋଙ୍କ କର୍ଣ୍ଣ ଗହ୍ୱରରେ ପ୍ରବେଶ କରିବାରୁ ଗୋଣ୍ଡି ଭାଷାର ସାରକଥା ସେ ଜାଣିପାରିଛନ୍ତି । ଏହା ବ୍ୟତୀତ ଗୋଣ୍ଡି ଭାଷାର ଗୀତ, ବାଦ୍ୟ ଯନ୍ତ୍ର, ନୃତ୍ୟକଳା, ଗୋଣ୍ଡି ସଗାବେଦ (ଦେଓ), ଗୋଣ୍ଡି ଜୀବନ ମାର୍ଗ ଦର୍ଶନ ଉପରେ ଜ୍ଞାନ ଅର୍ଜନ କରିପାରିଛନ୍ତି । ଏହାପରେ ଶିବ ଅନ୍ତର୍ଧାନ ହୋଇଛନ୍ତି ।

ଶମ୍ଭୁସେକ୍ (ଶିବ)ଙ୍କଠାରୁ ପାଇଥିବା ଜ୍ଞାନକୁ ପ୍ରଚାର ପ୍ରସାର କରିବା ଦିଗରେ ପାରୀ କୁପାର ଲିଙ୍ଗୋ ଲାଗିଗଲେ । ସେତିକି ବେଳେ ତାଙ୍କୁ ୧୭ ବର୍ଷ ବୟସ ହୋଇଥିଲା । ୨ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ଗଣ୍ଡ ରାଜ୍ୟମାନଙ୍କୁ ଭ୍ରମଣ କରି ଶିକ୍ଷା ପ୍ରଦାନ କଲେ । ଏହାପରେ ଦୀର୍ଘ ୭ ବର୍ଷ ପର୍ଯ୍ୟନ୍ତ ତପସ୍ୟା କରି ୨୬ ବର୍ଷ ବୟସ ବେଳକୁ ଦିବ୍ୟ ଜ୍ଞାନ ଲାଭ କଲେ । ବିଭିନ୍ନ ସ୍ଥାନ ଭ୍ରମଣ କରି ଗୋଟୁଲ (ଶିକ୍ଷାକେନ୍ଦ୍ର) ମାନ ସ୍ଥାପନ କଲେ ଓ ତାହାରି ମାଧ୍ୟମରେ ଶିକ୍ଷା ପ୍ରଦାନ କଲେ । ମାତା କଳିକଙ୍କାଳିଙ୍କ ତେତିଶ ଗୋଟି ପୁତ୍ରକୁ ଗୁମ୍ଫାରୁ ଉଦ୍ଧାର କରି ନିଜର ଶିଷ୍ୟ ରୂପେ ଗ୍ରହଣ କଲେ । ସେ ପାଂଚଗୋଟି ତତ୍ତ୍ୱ ପ୍ରଦାନ କରିଥିଲେ । ଯାହା ପଂଚ ବନ୍ଦନୀୟ ବା ପୂଜନୀୟ ତତ୍ତ୍ୱ ଭାବରେ ଗୃହୀତ । ସେଗୁଡିକ ହେଲା-

୧. ସଗା – ଦେଓ

୨. ଗୋଟୁଲ – ଶିକ୍ଷାକେନ୍ଦ୍ର

୩. ପେନକଡା - ପ୍ରାକୃତିକ ଶକ୍ତି ଉପାସନା ସ୍ଥଳ

୪. ପୁନେମ – ଜୀବନର ସତ୍ ମାର୍ଗ, ଧର୍ମ

୫. ମୁଂବା - ଧର୍ମଗୁରୁ, ସତ୍ୟ ଜ୍ଞାନର ଅଧିଷ୍ଠାତା

ଏହିପରି ଭାବରେ ଶମ୍ଭୁସେକ୍ (ଶିବ)ଙ୍କ ଡମ୍ବରୁ ନାଦରୁ ଗୋଣ୍ଡି ଭାଷାର ସୃଷ୍ଟି ହୋଇଛି । କିନ୍ତୁ ଦୁଃଖର ବିଷୟ ଏ ସମ୍ବନ୍ଧରେ ଯେଉଁ ପୁସ୍ତକଗୁଡିକ ଲେଖା ହୋଇଥିଲା ତାହା ଆଜି ଅନୁପଲବ୍ଧ । ତେଣୁ ଏହା କେବଳ ଜନଶ୍ରୁତି ହୋଇ ରହିଆସିଛି ।

## ଗୋଣ୍ଡି ଭାଷାର ଅନ୍ୟ ଭାଷା ଗୋଷ୍ଠୀ ସହ ସମ୍ପର୍କ

ଭାଷା ହେଉଛି ଭାବ ଆଦାନ ପ୍ରଦାନର ମୁଖ୍ୟ ମାଧ୍ୟମ । ଏହା ମାଧ୍ୟମରେ ମନର ଭାବକୁ ଅନ୍ୟମାନଙ୍କ ପାଖରେ ବଖାଣି ହୁଏ । ଭାଷା ଦୃଷ୍ଟିକୋଣରୁ ଭାରତୀୟ ଭାଷାମାନଙ୍କୁ ଚାରୋଟି ମୁଖ୍ୟ ଭାଷା ଗୋଷ୍ଠୀରେ ବିଭକ୍ତ କରାଯାଇଛି । ଯଥା-

୧. ଅଷ୍ଟ୍ରିକ୍ ଭାଷା ପରିବାର

୨. ତୀବ୍ବତୀୟ – ଚାଇନିଜ୍ ଭାଷା ପରିବାର

୩. ଦ୍ରାବିଡୀୟ ଭାଷା ପରିବାର

୪. ଇଣ୍ଡୋ- ଇଉରୋପୀୟ ଭାଷା ପରିବାର

ନିମ୍ନରେ ଦ୍ରାବିଡ ଭାଷା ଗୋଷ୍ଠୀର ଏକ ରୂପରେଖ ପ୍ରଦାନ କରାଗଲା ।

ଦ୍ରାବିଡ ଭାଷା

ତେଲୁଗୁ କୁଇ ପେଙ୍ଗୁ ପାର୍ଜୀ କୋୟା ଗୋଣ୍ଡି କଣ୍ଡା

ସାଧାରଣତଃ ଗୋଁଣ୍ଡମାନେ ଭାଷାଗତ ଦୃଷ୍ଟିରୁ ଦ୍ରାବିଡ ସଂପ୍ରଦାୟର । ତେଣୁ ଏମାନଙ୍କ ଭାଷା ଗୋଣ୍ଡି ହେଉଛି ଦ୍ରାବିଡ ଭାଷା ଗୋଷ୍ଠୀର ଏକ ଅନ୍ୟତମ ମୁଖ୍ୟ ଭାଷା । ଗୋଣ୍ଡି ଭାଷା ଦ୍ରାବିଡର ଭାଷା ପରିବାରର ହୋଇଥିବାରୁ ଏହା ତେଲୁଗୁ ଭାଷା ସହ ସାମଞ୍ଜସ୍ୟ ରକ୍ଷା କରେ । ଏହା ବ୍ୟତୀତ ଅନ୍ୟାନ୍ୟ ଭାଷା ଗୋଷ୍ଠୀ ସହ ମଧ୍ୟ ଗୋଣ୍ଡି ଭାଷାର ସଂପର୍କ ରହିଛି । ଗୋଣ୍ଡି ଭାଷାର କେତେକ ଶବ୍ଦ ହିନ୍ଦୀ ଭାଷା, ଓଡିଆ ଭାଷାର ଶବ୍ଦ ସହ କ୍ଷୀର-ନୀର ପରି ମିଶି ରହିଛି । ଏହି ଶବ୍ଦଗୁଡିକ ଆଦିମକାଳରୁ ହିଁ ମିଳାମିଶା ହୋଇ ପ୍ରଚଳିତ

ହୋଇଆସୁଛି । ଏହା ସହିତ ଗୋଣ୍ଡି ଭାଷା ଏକ ଆଦିବାସୀ ଭାଷା ହୋଇଥିବାରୁ ଏହା ଅନ୍ୟାନ୍ୟ ଆଦିବାସୀ ଭାଷା ସହ ମଧ ସଂପର୍କ ରଖି ଆସିଛି । ନିମ୍ନରେ ଗୋଣ୍ଡି ଭାଷା ସହିତ ପାରସ୍ପାରିକ ସମ୍ପର୍କ ଥିବା କେତେକ ଭାଷାର ଉଦାହରଣ ପ୍ରଦାନ କରାଗଲା

**(କ) ଓଡିଆ- ଗୋଣ୍ଡି**

| ଓଡିଆ ଶବ୍ଦ | ଗୋଣ୍ଡି ଶବ୍ଦ | ସାଧାରଣ ଅର୍ଥ (ଓଡିଆ) |
|---|---|---|
| ଗିଲାସ | ଗିଲାସ | ପାଣି ପିଇବା ଗିଲାସ |
| ଶିଶି (ବୋତଲ) | ଶିଶ | କାଚ ବୋତଲ |
| ଲଙ୍ଗଳ | ନାଙ୍ଗେଲ | ଚଷିବା ଯନ୍ତ୍ର |
| ମନ | ମତି | ମନ |
| କହୁଣୀ | ଗୋହନୀ | ହାତର କହୁଣୀ |
| ଫୁସ୍‌ଫୁସ୍ | ଫୋପସା | ଫୁସ୍‌ଫୁସ୍ |
| ହୃଦୟ | କଲିଜା | ହୃଦୟ |
| ଗୋରୀ | ଭୂରୀ | ଗୋରୀ ସ୍ତ୍ରୀ ଲୋକ |
| ରେଶମ | ରେଶୂମ | ରେଶମ କପଡା |
| ଟୋପି | ଟୋପରା | ଟୋପି |
| ଶାଳ | ଶାଳ | ଶୀତଦିନେ ଦେହରେ ଘୋଡେଇ ହେବା ବସ୍ତ୍ର |
| ପତ୍ନୀ | ମାୟଜୁ | ସ୍ତ୍ରୀ |
| କୋଇଲା | କୋୟଲା | ଜାଳେଣୀ |
| ଟେବୁଲ | ଟବୁଲା | ଟେବୁଲ |
| ସାବୁନ | ସାବେନ | ସାବୁନ |
| ଅତର | ଅରେ | ସୁଗନ୍ଧିତ ବାସ୍ନା ପାଇଁ ବ୍ୟବହୃତ ପ୍ରସାଧନ ସାମଗ୍ରୀ |
| ଗୋଲାପ | ଗୁଲବା | ଗୋଲାପ ଫୁଲ |
| ବତୀ | ବାତୀ | ଦୀପବତୀ |
| ତାର | ତାର | ବିଦ୍ୟୁତ୍ ତାର |
| କାକୁଡି | କାକରେ | କାକୁଡି |
| ଲେମ୍ବୁ | ଲିମ୍ବୁ | ଲେମ୍ବୁ |
| ରସୁଣ | ଲେସୁନ | ରସୁଣ |

(ଖ) ହିନ୍ଦୀ- ଗୋଣ୍ଡି

| ହିନ୍ଦୀ ଭାଷା | ଗୋଣ୍ଡି ଭାଷା | ସାଧାରଣ ଅର୍ଥ (ଓଡିଆ) |
|---|---|---|
| ଗୋବୀ | କୋବୀ | କୋବୀ |
| ଚାୟ | ଚହା | ଚା |
| କର୍ପୂର | କାପୁର | କର୍ପୂର |
| ରୀଠ | ରୀଠା | ରୀଠା ଫଳ ବିଶେଷ |
| ହିଙ୍ଗୁ | ହିଙ୍ଗୁ | ହେଙ୍ଗୁ |

| | | |
|---|---|---|
| ଗହୁଁ | ଗୋହକ | ଗହମ |
| ଆଫିମ୍ | ଆପୀନ | ଅଫିମ |
| ମୁଙ୍ଗ | ମୁଙ୍ଗସା | ମୁଗ |
| ଚୂନା | ଚୂନା | ଚୂନ |
| ବକରା | ବୋକଡା | ଅଣ୍ଡିରା ଛେଳି |
| ହିରନୀ | ହରନୀ | ହରିଣୀ |
| ହାଥୀ | ହାଥୀ | ହାତୀ |
| ଖୂର | ଖୂରୀ | ପଶୁର ଖୁର |
| ମଙ୍ଗରୀ | ବାଗୂର | ମାଗୁର ମାଛ |
| ମଲହମ | ମଲୁମ | ମଲମ |
| ଦାଦ୍ | ଦାତ୍ | ଯାଦୁ, କୁଣ୍ଡିଆ |
| ସିକଡୀ | ସଙ୍କେଲ | ଶିଙ୍କୁଳି |
| ମୋତୀ | ମୋତୀ | ମୋତି, ମାଣିକ୍ୟ |
| କେଳା | କେରେ | କଦଳୀ |
| ନାରିୟଲ | ନାରେଳ | ନଡିଆ |
| ବେତ | ବେତ | ବେତ ଲତା |
| ଖାନ | ଖଦାନ | ଖଣିଜ |
| ସୋନା | ସୋନୋ | ସୁନା |
| ସୀସା | ସୀସୋ | ସୀସା |
| କାଂସା | କାସୋ | କଂସା |

**(ଗ) ତେଲୁଗୁ- ଗୋଣ୍ଡି**

| ତେଲୁଗୁ ଶବ୍ଦ | ଗୋଣ୍ଡି ଶବ୍ଦ | ସାଧାରଣ ଅର୍ଥ (ଓଡିଆ) |
|---|---|---|
| ଆଙ୍କେ | ଆଙ୍କୋ | ଅଙ୍କ, ସଂଖ୍ୟା |
| ରେଣ୍ଡୁ | ରଣ୍ଡ | ଦୁଇ |
| ମୂଡୁ | ମୁନ୍ଦ | ତିନି |
| ନାଲୁଗୁ | ନାଲୁ | ଚାରି |
| ଆରୁ | ସାରୁ | ଛଅ |
| ପାଦି | ପଦ | ଦଶ |
| ନୂରୁ | ନୂର | ଶହେ |
| ମାଣିଷି | ମାନୱାନା | ମଣିଷ |
| ପାଟା | ପାଟା | ଗୀତ |
| ତାକ୍କେଡା | ତାଗଡୀ | ତରାଜୁ |
| ଗୋଧୁମାଲୁ | ଗୋହକ | ଗହମ |
| ତାଲା | ତଲ୍ଲା | ମୁଣ୍ଡ |
| ମେଡା | ନଡଡା | ବେକ, ଗଳା |
| କାନ୍ନୁ | କନ | ଆଖି |

| | | |
|---|---|---|
| କୂରା | କରୀ | ତରକାରୀ |
| ନୂନେ | ନୀ | ତେଲ |
| ସୋପୁ | ଅନସୋପ | ପାନମହୁରୀ |
| ଉଲ୍ଲିପାୟାଲୁ | ଉଲ୍ଲି | ପିଆଜ |
| ଦୁମ୍ପାଲୁ | ପମାଲୁ | ଆଳୁ |
| ତାଟିକାୟାଲୁ | ତାଡ | ତାଳ |
| ଜାମିପାଣ୍ଡୁ | ଜାମ | ପିଜୁଳି |
| ନିମ୍ବାକାୟଲୁ | ଲିମ୍ବୁ | ଲେମ୍ବୁ |
| ନାଗାଲି | ନାଙ୍ଗେଲ | ଲଙ୍ଗଳ |
| ମୁଲ୍ଲାଙ୍ଗି | ମୂଳା | ମୂଳା |
| ଆଲ୍ଲାଂ | ଆଲା | ଅଦା |
| ପାନାସାକାୟ | ପଣକାୟ | ପଣସ |

(ଘ) ସଂସ୍କୃତ- ଗୋଣ୍ଡି

| ସଂସ୍କୃତ ଶବ୍ଦ | ଗୋଣ୍ଡି ଶବ୍ଦ | ସାଧାରଣ ଅର୍ଥ (ଓଡିଆ) |
|---|---|---|
| ହସ୍ତୀ | ହତ୍ତୀ | ହାତୀ |
| ସାରସ | ସାରଜ | ସାରସ ପକ୍ଷୀ |
| ମୀନ | ମୀନ | ମାଛ |
| ଭୁଜଙ୍ଗ | ଭୁଜଙ୍ଗ | ସାପ |
| ଫଣା | ଫନ୍ନୀ | ଫଣା |
| ଭ୍ରମିର | ଘୁମରା | ଭ୍ରମର |
| ବତକ | ବତେକ | ହଂସ |
| କୋଇଲି | କୋଓ୍ୱାଲ | କୋଇଲି |
| ସିନ୍ଦୂର | ସିନ୍‌ବୋର | ସିନ୍ଦୁର |
| କେଶର | ସକେଶର | କୁଙ୍କୁମ |

(ଙ) ଯାବନିକ – ଗୋଣ୍ଡି

| ଯାବନିକ ଭାଷା | ଗୋଣ୍ଡି ଭାଷା | ଓଡିଆ ଭାଷା |
|---|---|---|
| ଶାଲ୍ | ଶାଲ | ଶୀତବସ୍ତ୍ର |
| ହୁକୁମ | ଉକୁମ | ଆଜ୍ଞା, ଆଦେଶ |
| କଏଦୀ | କୟୀଦ | ଦୋଷୀ |
| ନାଲିସ | ନାଲୀଶ | ମୋକଦ୍ଦମା |
| କରଜ | କରେଜ | କରଜ |
| ଶିଶି | ଶିଶି | ବୋତଲ |
| ତାଲୁକା | ତାଲୁକା | ତାଲୁକ, ତହସିଲ |
| କିସମ | କିସେମ | ପ୍ରକାର, ପରିମାଣ |
| ଦୋକାନ | ଦୁକାନ | ଦୋକାନ |

| | | |
|---|---|---|
| ଜମାନତ | ସଂଗାନେତ | ଜମାନତ |

(ଚ) ପର୍ତ୍ତୁଗୀଜ- ଗୋଣ୍ଡି

| ପର୍ତ୍ତୁଗୀଜ ଭାଷା | ଗୋଣ୍ଡି ଭାଷା | ଓଡିଆ ଭାଷା |
|---|---|---|
| ସାବୁନ | ସାବେନ | ସାବୁନ |
| ପରାତ | ପରାତ | ପିତ୍ତଳ ଥାଳୀ |
| ତସଲା | ତବଲୀ | ତସଲା |
| ବିସ୍କୁଟ୍ | ବୟଟୁ | ବିସ୍କୁଟ୍ |
| ତମାଖୁ | ତମାକ | ତମ୍ବାଖୁ |

ଏହିପରି ଭାବରେ ଗୋଣ୍ଡି ଭାଷା ସହ ଓଡିଆ, ହିନ୍ଦୀ, ତେଲୁଗୁ ଓ ସଂସ୍କୃତ ଭାଷାର ପାରସ୍ପରିକ ସମ୍ପର୍କ ରହିଛି । ଏହି ବ୍ୟତୀତ ଅନ୍ୟାନ୍ୟ ଆଦିବାସୀ ଭାଷା ସହ ମଧ୍ୟ ଗଣ୍ଡମାନଙ୍କର ଭାଷା ଗୋଣ୍ଡି (ଦ୍ରାବିଡ ଭାଷା)ର ସମ୍ପର୍କ ରହିଛି ।

ବର୍ତ୍ତମାନ ଗୋଣ୍ଡି ଭାଷା ବିଲୁପ୍ତ ହେବାକୁ ବସିଛି । ଏହା ଲୋକଲୋଚନଠାରୁ ଦୂରେଇ ଯାଇ ପ୍ରତୀଚୀରେ ପାହାଡ ଆଢୁଆଳରେ ଚିରନିଦ୍ରା ଯିବା ପାଇଁ ସମୟକୁ ଅପେକ୍ଷା କରିଛି । ଏହାର କାରଣ ହେଉଛି ଗୋଁଣ୍ଡ ଭାଇ-ଭଉଣୀମାନଙ୍କର ଅବହେଳା ପ୍ରଦର୍ଶନ । ଏହା ସହିତ ଦୃଢ ମନୋବଳର ଅଭାବ, ପାଶ୍ଚାତ୍ୟ ତଥା ଆଧୁନିକତାର ପ୍ରଭାବ ଓ ଆଂଚଳିକ ଭାଷାର ଅଭିବୃଦ୍ଧି ଗୋଣ୍ଡି ଭାଷା ଓ ଲିପିର ବିଲୋପସାଧନର ପ୍ରମୁଖ କାରଣ । ତେଣୁ ବଳହୁଁ ସାବଧାନ ହେବାକୁ ପଡିବ, ନହେଲେ ଗୋଣ୍ଡି ଭାଷା ଓ ଲିପି ଧ୍ୱଂସପ୍ରାପ୍ତ ହୋଇଯିବ । ଏଥିପାଇଁ ଗୋଁଣ୍ଡ ଭାଇ-ଭଉଣୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ମୁଁ ଏ ଦିଗରେ ଗବେଷଣା ଜାରି ରଖିଛି । ତେଣୁ ମୋର ଆହ୍ୱାନ, ହେ ମୋର ଜାତିପ୍ରେମୀ, ଭାଷାପ୍ରେମୀ ଗୋଁଣ୍ଡ ଭାଇ ଓ ଭଉଣୀ ତଥା ଆତ୍ମୀୟ ସ୍ୱଜନମାନେ ବେଳହୁଁ ସାବଧାନ ହୁଅ, ଗୋଣ୍ଡି ଭାଷା ଓ ଲିପିର ସୁରକ୍ଷା ପାଇଁ ଧ୍ୟାନ ଦିଅ । ଭାଷା ଶିଖିବା ପାଇଁ ଚେଷ୍ଟା କର, ଦିନ ଆସିବ, ଗୋଣ୍ଡି ଭାଷା ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଲାଭ କରିବ । ଏଥିପାଇଁ ଆମ୍ଭମାନଙ୍କର ପରିଶ୍ରମ, ଧୈର୍ଯ୍ୟ ଓ ନିଷ୍ଠା ଏକାନ୍ତ ପ୍ରୟୋଜନ, ଏଥିରେ ତିଳେମାତ୍ର ଦ୍ୱିଧା ନାହିଁ ।

**ତଥ୍ୟ ସଂଗ୍ରହ :**

ଗୁରୁ ଦନାର୍ଦ୍ଦନ କୁମୁରା

ଗ୍ରା- ତାଣ୍ଡି ଗାଁ, ପୋ- ନୂଆପଡା, ଜିଲ୍ଲା- ବଲାଙ୍ଗିର

**ସହାୟକ ଗ୍ରନ୍ଥସୂଚୀ-**

୧. ସାହୁ, ଡକ୍ଟର ବାସୁଦେବ- ଓଡିଆ ଭାଷାର ଉନ୍ମେଷ ଓ ବିକାଶ, ପ୍ରକାଶକ- ସହଦେବ ପ୍ରଧାନ, ଫ୍ରେଣ୍ଡର୍ସ ପବ୍ଲିଶର୍ସ କଟକ, (ସପ୍ତମ ସଂସ୍କରଣ- ୨୦୧୪)

୨. କଂଗାଲୀ, ଆଚାର୍ଯ୍ୟ ମୋତିରାମ- ଗୋଣ୍ଡି କରୀୟାଟ, ପ୍ରକାଶକ- ତିରୁମାୟ ଚନ୍ଦ୍ରଲେଖା କଂଗାଲୀ, ୪୮, ଉଜ୍ଜ୍ୱଳ ସୋସାଇଟି, ଜୟତଲା ରୋଡ, ନାଗପୁର, (ଚତୁର୍ଥ ସଂସ୍କରଣ- ୨୦୧୧)

୩. ପଟ୍ଟନାୟକ, ଏନ୍.ରାମକ୍ରିଷ୍ଣାରାଓ- ତେଲୁଗୁ ଶିକ୍ଷା, ପ୍ରକାଶକ- ରୋହିଣୀ ପବ୍ଲିକେଶନ, ମେନ୍ ରୋଡ, ରାଜମହେନ୍ଦ୍ରୀ-୧(ପ୍ରଥମ ସଂସ୍କରଣ- ଜୁଲାଇ ୨୦୦୬)

୪. ଦାସ, ଅଧ୍ୟାପକ ଲାଲ ଆସୁତୋଷ- ଗୋଣ୍ଡି, ପ୍ରକାଶକ- ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, କଲ୍ୟାଣ ବିଭାଗ, ଭୁବନେଶ୍ୱର ।

୫. ଇଂଟରନେଟ୍ ।

ଓଡିଆ ଅଧ୍ୟାପକ

ମ.ରାମପୁର ମହାବିଦ୍ୟାଳୟ, କଳାହାଣ୍ଡି, ମୋ-୯୬୬୮୮୫୧୨୮୫



# "ଦୁର୍ଗତି ନାଶିନୀ ଦେବୀ ଦୁଆରଶନୀ"

ଶ୍ରୀ ଗରୁଡଧ୍ୱଜ ମାଝୀ



ଦେବଭୂମି ଉତ୍କଳର ପ୍ରାକୃତିକ ସୁନ୍ଦରତା, ପାହାଡ, ଝରଣା, ନଦୀ, ମଠ, ମନ୍ଦିର, ପ୍ରାଚୀନ ସ୍ତମ୍ଭ, ଗଛ ମୂଳରେ ପୂଜିତ ଦେବାଦେବୀ ଆମ ସଂସ୍କୃତି ପରମ୍ପରାକୁ ଉଜ୍ଜ୍ୱଳ କରି ରଖିଛି । ଅନେକ ପୀଠରେ ଗୁରୁତ୍ୱ ଥାଇ ମଧ୍ୟ ତାହା ଅନ୍ଧକାରରେ ଅବହେଳିତ ଅବସ୍ଥାରେ ପଡିରହିଛି ।

ସେହିଭଳି ନୂଆପଡା ଜିଲ୍ଲାର ବୋଡେନ୍ ବ୍ଲକ ସ୍ଥିତ କୋଟଗାଁ ନିକଟରେ ଥିବା "ମାଁ ଦୁଆରଶନୀ" ଙ୍କ ପୀଠ ଅନ୍ୟତମ । ଏହି ପୀଠ ଏକ ସୁନ୍ଦର ପ୍ରାକୃତିକ ପରିବେଶ ଭିତରେ ଅବସ୍ଥିତ । ତା' ସାମନାରେ ଗୁରୁଡଙ୍ଗର ଦୃଶ୍ୟ ଅତି ମନୋହରଣକାରୀ ଅଟେ । ଅନ୍ୟ ପାର୍ଶ୍ୱରେ ପାତାଳଗଙ୍ଗାର ଜଳରାଶି ବୋହି ଯାଉଛି ।

ଏହି ଦେବୀ ପୀଠ ଉପରେ ଅନେକ ଲୋକକଥା ଶୁଣାଯାଉଛି । ବୁଢିଟାଲଡିହି ବରକୁହୁଟି ନାମକ ଏକ ସ୍ଥାନରେ କମାର ପହରିଆ ପରିବାର ଅବସ୍ଥାନ କରୁଥିଲେ । ସେମାନେ ଜଙ୍ଗଲର ଫଳମୂଳ ଖାଇ ଝରଣାର ଜଳପାନ କରି ନିଜ ଜୀବନ କଟାଉଥିଲେ । ଦିନେ ସେମାନେ କୋଦାଳ ଧରି ସନନ୍ଦ ଘାଟ ନିକଟକୁ ଯାଇ କନ୍ଦମୂଳ ଖୋଳିବା ଆରମ୍ଭ କଲେ । ମାଟି ଖୋଲୁ ଖୋଲୁ କୋଦାଳ ଯାଇ ମାଟି ଭିତରେ ଥିବା ପଥର ମୂର୍ତ୍ତି ଉପରେ ବାଜିଲା । ବାଜିବା ମାତ୍ରେ ସେଠାରୁ ଝରଝର ହୋଇ ରକ୍ତ ବୋହିଲା । ତତକ୍ଷଣାତ ଏଇ ଦେବୀ ମୂର୍ତ୍ତି ଆର୍ବିର୍ଭାବ ହୋଇ କମାର ବୁଢ଼ାକୁ ନିଜ ପରିଚୟ ଦେଲେ ଓ ପୂଜା ବିଧି ସମ୍ପର୍କରେ କହିଲେ । ଦେବୀଙ୍କ କହିବା ଅନୁଯାୟୀ ଦୁଆରଶନୀ ରୂପେ ପରିଚିତ ହେଲେ ।

ଦେବୀଙ୍କ ପାରିବାରିକ ପରିଚୟ ହିସାବରେ ତାଙ୍କ ମାତା-ପିତା ହେଉଛନ୍ତି ଆଦିମାତା, ପିତା-ନିରଞ୍ଜନ, ପୁଅ ଖରତାଲି ବାବୁ, ବଡ ଭାଇ ବୁଢ଼ାରାଜାଙ୍କ ସ୍ତ୍ରୀ ହେଲେ ଡୋକ୍ରି ବୁଢ଼ୀ ।

ଦେବୀ ଦୁଆରଶନୀଙ୍କ ୧୨ ଭଉଣୀ ଅଛନ୍ତି ବୋଲି ବିବେଚନା କରାଯାଏ। ସେମାନେ ହେଲେ – ସୁନାବେଡାର ସୁନାଦେଇ(ବଡଭଉଣୀ),ସମଲେଶ୍ୱରୀ (ମଝିଆ),ରୁପାଦେଇ, ଗୁଆଦେଇ,ଦେ ଦରେନ, ଖମ୍ବେଶ୍ୱରୀ,ଦନ୍ତେଶ୍ୱରୀ, ଲଙ୍କେଶ୍ୱରୀ, ଗୁଦମା ଦେଇ,ଶିଙ୍ଗାଦେଇ, ବାଘାନ ଦେଇ। ଜନ ସଚେତନାର ଅଭାବ ହେତୁ ଦେବୀଙ୍କ ଉତ୍ପତି ପୀଠରେ କୌଣସି ମନ୍ଦିରଟିଏ ମଧ୍ୟ ନାହିଁ। ତେଣୁ ବର୍ଷା ଋତୁ ସମୟରେ ଦେବୀ ପୀଠଟି ପରିତ୍ୟକ୍ତ ଅବସ୍ଥାରେ ପଡିରହେ। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

ବୋଡେନ, ଜିଲ୍ଲା-ନୂଆପଡା
ମୋ-୭୮୯୪୦୪୬୫୪୫

ବି.ଦ୍ର. : ସ୍ଥାନୀୟ ଖଡ଼ିଆଳ ବିଧାୟକ ଶ୍ରୀଯୁକ୍ତ ଦୁର୍ଯ୍ୟୋଧଡ଼ ମାଝି ଦେବୀ ଦୁଆରଶନୀଙ୍କ ମୁଖ୍ୟ ପୃଷ୍ଠପୋଷକ ଅଟନ୍ତି।



# ଗଣ୍ଡ ଜାତିର ସମସ୍ୟାର କାରଣ ଓ ନିରାକରଣ

**ଶ୍ରୀ ଦେବରାଜ ମାଝୀ**

**ଶ୍ରୀମତୀ ସ୍ୱର୍ଣ୍ଣଲତା ଧରୁଆ**





ପ୍ରାଚୀନ କାଳରୁ ଭାରତର ବିଭିନ୍ନ ପ୍ରାନ୍ତରେ ଗଣ୍ଡ ଜାତିର ଲୋକମାନେ ବସବାସ କରି ଆସୁଅଛନ୍ତି । ବିଶେଷ କରି ଦେଶର ମଧ୍ୟଭାଗରେ ଏମାନେ ବହୁଳ ସଂଖ୍ୟାରେ ଅଛନ୍ତି । ଭାରତରେ ହାରାହାରି ଚାରିକୋଟିରୁ ପାଞ୍ଚକୋଟି ମଧ୍ୟରେ ଏମାନଙ୍କର ଜନସଂଖ୍ୟା ହୋଇପାରେ ବୋଲି ଅନୁମାନ କରାଯାଏ । ଏ ଜାତିର ଲୋକମାନଙ୍କର ସ୍ୱତନ୍ତ୍ର ସଂସ୍କୃତି, ପରଂପରା, ଐତିହ୍ୟ ରହିଅଛି ଏବଂ ନିଜର ସଂସ୍କୃତି ଓ ପରଂପରାକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ଅଛି । ଗଣ୍ଡମାନେ ଆଦିମ କାଳରୁ ପ୍ରକୃତିର ପୂଜାରୀ ଅଟନ୍ତି ଏବଂ ବଣ, ପାହାଡ ଘେରା ପ୍ରକୃତି କୋଳରେ ବସବାସ କରିବାକୁ ଭଲପାଆନ୍ତି । ତାଙ୍କର ଚାଲିଚଳନ, ରଙ୍ଗଢ଼ଙ୍ଗ, ଆଚାର ବିଚାର ଅତି ସରଳ, ନିଷ୍କପଟ, କର୍ମଠ ଓ ସ୍ୱାଭିମାନ ପୂର୍ଣ୍ଣ ହୋଇଥିବାରୁ ଏମାନେ ଖୋସାମଦ ଓ ତୋସାମଦକୁ ପସନ୍ଦ ନ କରି ଖଟି ଖାଇବାକୁ ଭଲ ପାଆନ୍ତି । ବିନା ପରିଶ୍ରମରେ ଅନ୍ୟକୁ ଠକି ବଞ୍ଚିବା ନୀତି ଏମାନେ ଶିଖି ନାହାନ୍ତି ବରଂ କଠିନ ପରିଶ୍ରମ କରି ସ୍ୱାଭୀମାନି ହୋଇ ଜିଇଁବା ଶିଖିଛନ୍ତି । ଅନ୍ଧବିଶ୍ୱାସ, କୁ-ସଂସ୍କାର, ପ୍ରାଚୀନ ରୀତିନୀତି ଓ ପରଂପରାକୁ ଜାବୁଡ଼ି ଧରିଥିବାରୁ ଏମାନେ ଯୁଗଧର୍ମ ସହିତ ଖାପଖାଇ ଚଳି ପାରୁନାହାନ୍ତି । ସ୍ଥାନ, କାଳ ଓ ପାତ୍ରର ସ୍ଥିତି ଓ ଗତିକୁ ଠିକ୍ ଭାବରେ ଅନୁଧ୍ୟାନ କରି ନ ପାରି ଅସାଧୁ, ଧୂର୍ତ୍ତ ଓ ଠକ ଲୋକମାନଙ୍କ ଦ୍ୱାରା ଠକେଇର ଶିକାର ହେଉଅଛନ୍ତି । ସାମ୍ପ୍ରତିକ ସ୍ଥିତିରେ ଯଦିଓ ଏମାନଙ୍କର କିଛି ମାତ୍ରାରେ ଶିକ୍ଷା ଓ ସଚେତନାର ବୃଦ୍ଧି ଘଟିଛି ହେଲେ ଆଶାନୁରୂପ ସଫଳ ହୋଇପାରିନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ହେବା ଏମାନଙ୍କର ଆଉ ଏକ ଅନନ୍ୟ ସ୍ୱଭାବ ଯାହାର ଫଳ ସ୍ୱରୂପ ଉଚ୍ଚାକାଂକ୍ଷା ଓ ପ୍ରଗତିର ପଥ ରୁଦ୍ଧ ହେଉଅଛି । ପୁରୁଷ ଅପେକ୍ଷା ନାରୀ ଶିକ୍ଷା ଆଜି ବି ଏମାନଙ୍କର ଶୋଚନୀୟ ଅଟେ ।

ବିଭିନ୍ନ ଦିଗରେ ଏ ଜାତିର ଯେଭଳି ଭାବରେ ବିକାଶ ହେବା କଥା ସେହି ମାତ୍ରାରେ ଶିକ୍ଷା ଓ ସଚେତନା ଅଭାବରୁ ବିକାଶ ହୋଇପାରୁନାହିଁ । ଏ ଗୋଷ୍ଠୀର ଲୋକଙ୍କ ସାମଗ୍ରିକ ବିକାଶ ପାଇଁ ସରକାର ବିଭିନ୍ନ ସମୟରେ ଅନେକ ପ୍ରକାରର ଯୋଜନା ଓ ଉନ୍ନୟନ ମୂଳକ ପଦକ୍ଷେପ ନେଉଛନ୍ତି ହେଲେ ବାଟମାରଣା ହୋଇ ଯଥାର୍ଥ ଫାଇଦା ଏମାନଙ୍କ ପାଖକୁ ପହଞ୍ଚିପାରୁନାହିଁ । ବିଡମ୍ୱନାର ବିଷୟ ଯେ ଏ ଜାତିର ଅନେକ ଶିକ୍ଷିତ ଓ ଉଚ୍ଚ ଶିକ୍ଷିତ ବ୍ୟକ୍ତି ନିଜର ଇତିହାସ ଓ ଗାରିମା ଗାଥା ଜାଣି ନାହାନ୍ତି ଏବଂ ଜାଣିବାର ସ୍ପୃହା ମଧ୍ୟ ନାହିଁ । ଜାତିକୁ ବିଭିନ୍ନ ଦିଗରେ ଅଗ୍ରସର କରାଇବା ପାଇଁ ଯେତିକି ସଂଖ୍ୟାରେ ମାର୍ଗଦର୍ଶକ, ବୁଦ୍ଧିଜୀବି ଦରକାର ସେତିକି ଆଜି ମଧ୍ୟ ଏ ଜାତି ସୃଷ୍ଟି କରି ପାରିନାହିଁ । ସମାଜ ସେବାରେ ରୁଚି ରଖୁଥିବା ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିଙ୍କୁ ବାଦ୍‌ଦେଲେ ଜାତିର ବହୁତ ଲୋକ ଆତ୍ମ କୈନ୍ଦ୍ରିକ ହୋଇ କେବଳ ନିଜର ସ୍ୱାର୍ଥ ସାଧନାରେ ମଜ୍ଜି ଯାଇଛନ୍ତି ଫଳରେ ଜାତିର ବିକାଶ ଆଶାନୁରୂପ ହୋଇପାରୁ ନାହିଁ ।

ଏକ ବିଂଶ ଶତାବ୍ଦୀ ମନୁଷ୍ୟ ସମାଜକୁ ସମସ୍ତ ଦିଗରେ ଉନ୍ନତି ଓ ଆନନ୍ଦରେ ଜିଇଁବା ପାଇଁ ଆହ୍ୱାନ ଦିଏ । ସ୍ୱାଧୀନ, ସ୍ୱାବଲମ୍ବୀ ଓ ସୁରକ୍ଷିତ ହୋଇ ବଞ୍ଚିବା ସମସ୍ତଙ୍କର ମୌଳିକ ଅଧିକାର ଅଟେ । ସାମ୍ପ୍ରତିକ ସ୍ଥିତିରେ ସମସ୍ତଙ୍କର ସାମଗ୍ରିକ ବିକାଶ ଓ ଶାନ୍ତିରେ ଜୀବନଯାପନ କରିବା ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅନେକ ଉନ୍ନୟନ ମୂଳକ ପଦକ୍ଷେପମାନ ନିଆଯାଉଅଛି । ମନୁଷ୍ୟ ସମାଜକୁ ସମାନତା, ସ୍ୱତନ୍ତ୍ରତା, ଆର୍ଥିକ ସ୍ୱଚ୍ଛଳତା ଓ ଭାଇଚାରାର ସୂତ୍ରରେ ବାନ୍ଧି ସାରା ବିଶ୍ୱରେ ବସୁଧୈବ କୁଟୁମ୍ବକମ୍ ବିଚାର ଧାରାର ପ୍ରତିଷ୍ଠା କରିବାକୁ ପ୍ରୟାସ କରାଯାଉଅଛି ।

ଏଭଳି ସ୍ଥିତିରେ ଯଦି ଗଣ୍ଡ ଜାତିର ଲୋକମାନେ ପ୍ରଗତି ଓ ସମୟ ସ୍ରୋତରେ ସାମିଲ ହୋଇ ନ ପାରିବେ ତାହେଲେ ଏହା

ଜାତି ପାଇଁ ଶୁଭଙ୍କର ନୁହେଁ। ତେଣୁ ତୃଣମୂଳ ସ୍ତରରୁ ଏମାନଙ୍କର ସାମଗ୍ରିକ ବିକାଶ ପାଇଁ ଅନେକ ପ୍ରକାରର ବିକାଶମୂଳକ ଯୋଜନା ପ୍ରସ୍ତୁତ କରି ଉନ୍ନୟନ ମୂଳକ ପଦକ୍ଷେପ ନେବା ନିତାନ୍ତ ଜରୁରୀ ହୋଇପଡ଼ିଛି। ବିଶେଷ କରି ଜାତିର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ତୃଣମୂଳ ସ୍ତରରୁ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଆର୍ଥିକ ସ୍ୱଚ୍ଛଳତା ଦିଗରେ ବିଶେଷ ଧ୍ୟାନ ଦେଇ ସ୍ୱାବଲମ୍ବୀ ହୋଇ ଜିଇଁବାର କୌଶଳ ଏମାନଙ୍କୁ ଶିଖାଇବାକୁ ପଡିବ। ଶିକ୍ଷିତ ଓ ସଚେତନ ହୋଇ ଅନ୍ୟ ଧୂର୍ତ୍ତ ଓ ଠକ ଲୋକମାନଙ୍କ ଦ୍ୱାରା ଠକେଇର ଶିକାର ଯେମିତି ନ ହେବେ ସେ ଦିଗ ପ୍ରତି ବିଶେଷ ଧ୍ୟାନ ଦେଇ ସେମାନଙ୍କୁ ସତର୍କ ଓ ସଚେତନ କରାଇ ଉନ୍ନତିର ମାର୍ଗ ବିଷୟରେ ପ୍ରବର୍ତ୍ତାଇବାକୁ ପଡ଼ିବ। ନାରୀ ଓ ପୁରୁଷ ଜାତି-ନନ୍ଦିଘୋଷର ୨ଟି ଚକ ସଦୃଶ ତେଣୁ ଜାତି ନନ୍ଦିଘୋଷକୁ ଠିକ୍ ଭାବରେ ଆଗେଇ ନେବାକୁ ହେଲେ ଉଭୟ ନାରୀ ଓ ପୁରୁଷର ଶିକ୍ଷାକୁ ସମାନ ଭାବରେ ବୃଦ୍ଧି କରିବାକୁ ପଡ଼ିବ।

ଆବାହମାନ କାଳରୁ ସାରା ବିଶ୍ୱର ମନୁଷ୍ୟ ସମାଜକୁ ଉତ୍ତମ ଓ ମାନବିକ ମୂଲ୍ୟବୋଧ ସମ୍ବଳିତ ଜୀବନ ଯାପନ କରିବା ପାଇଁ ସବୁବେଳେ ଉଚ୍ଚକୋଟୀର ଦାର୍ଶନିକ, ବୈଜ୍ଞାନିକ, ଲେଖକ, କବି ଭାବୁକ, ସମାଜସେବୀ, ଉତ୍ତମଚାଷୀ, କୁଶଳୀ ଶ୍ରମିକ, ଲୋକସବୀ ଜନପ୍ରତିନିଧି, ଦକ୍ଷ ଶାସକ, ପ୍ରଶାସକ ଓ ସର୍ବୋପରି ରାଷ୍ଟ୍ର ନାୟକଙ୍କ ଆବଶ୍ୟକତା ରହିଅଛି ହେଲେ ବିଡମ୍ବନାର ବିଷୟ ଯେ ଗଣ୍ଡଜାତିରେ ଏଭଳି ବିଭୂତିମାନଙ୍କର ସଂଖ୍ୟା ନଗଣ୍ୟ କହିଲେ ଚଳେ, ଏଣୁ ଏ ଜାତିରେ ବହୂଳ ସଂଖ୍ୟାରେ ଏଭଳି ବ୍ୟକ୍ତିତ୍ୱମାନଙ୍କର ଆବଶ୍ୟକତା ରହିଅଛି ଏବଂ ଗଣ୍ଡ ଜାତିରେ ଏଭଳି ବ୍ୟକ୍ତିତ୍ୱ ସୃଷ୍ଟି କରିପାରିଲେ ଜାତି ନନ୍ଦିଘୋଷ ଆଗକୁ ଯାଇପାରିବ।

ସାରା ବିଶ୍ୱରେ ନଜିର ରହିଛି ଯେ କୌଣସି ଜାତି ବା ଗୋଷ୍ଠୀର ସାମଗ୍ରୀକ ବିକାଶ ତଥା ଉନ୍ନତ ମାନର ଜୀବନ ବିତାଇବାକୁ ହେଲେ ଶୃଙ୍ଖଳିତ ଓ ସର୍ବାନୁମୋଦିତ କେତେକ ମୌଳିକ ନିତିର ଆବଶ୍ୟକତା ପଡ଼େ। ଏଣୁ ଏ ଜାତିର ବିକାଶ ପାଇଁ ଏକ ଉତ୍ତମ ମୌଳିକ ନୀତି ସମ୍ବଳିତ ସମ୍ବିଧାନର ଆବଶ୍ୟକତା ଅଛି। ଯେଉଁଥିରେ ଗଣ୍ଡଜାତିର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଗତିର ମାର୍ଗ ଓ ସାମାଜିକ କର୍ମକାଣ୍ଡ ବିସ୍ତୃତ ଭାବରେ ଲିପିବଦ୍ଧ କରାଯାଇ ବଡ ଦିଅଁ ନାଁରେ ସମ୍ବିଧାନ ତିଆରି କରାଯାଇ ସେ ସମ୍ବିଧାନକୁ "ବଡ଼ଦିଅଁ" ସମ୍ବିଧାନ ବୋଲି ନାମିତ କରାଗଲେ ଭଲ ହୁଅନ୍ତା ବୋଲି ମୁଁ ଓ ମୋର ଧର୍ମପତ୍ନୀ ଜାତି ପାଖରେ ମତପ୍ରକାଶ କରୁଅଛୁ।

**!! ଜୟ ସେବା, ଜୟ ବଡ଼ାଦେଇ, ଜୟ ଗୋଣ୍ଡୱାନା !!**

ଅଧ୍ୟକ୍ଷ, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କରଙ୍ଗାମାଲ
ଶିକ୍ଷୟିତ୍ରୀ, ପ୍ରାଥମିକ ବିଦ୍ୟାଳୟ, କରଙ୍ଗାମାଲ୍
ବ୍ଲକ୍ - ବୋଡେନ୍, ଜିଲ୍ଲା - ନୂଆପଡ଼ା
ମୋ - ୯୯୩୮୧୮୯୭୨୦



# କୋୟା ପୁନେମ୍ ଧ୍ୱଜ ଦର୍ଶନ

**ମୂଳହିନ୍ଦୀ – ମୋତିରାମ ଛତିରାମ କଙ୍ଗାଲୀ**
**ଭାଷାନ୍ତର – ଶ୍ରୀମତୀ ସୁରୁ ଭୋଇ**

କୋୟା ପୁନେମ୍ ଧ୍ୱଜ ୨ ୨ ବିଶିଷ୍ଟ ଆକାର ସାତଟି ରଙ୍ଗରେ ନିର୍ମିତ। ଏହି ଧ୍ୱଜର ସାତ ରଙ୍ଗ ସାତଟି ଗୋଁଡ଼ ସଗା-ସମାଜର ପ୍ରତୀକ। ଏହି ସାତଟି ରଙ୍ଗ ଧଳା ରଙ୍ଗରେ ବି ନିର୍ମିତ। ଗୋଁଡ଼ ସଗା ସମାଜର ଯିଏ ଭୂମିକା ସଗା ଥାଆନ୍ତି, ସେମାନେ ଧଳାବସ୍ତ୍ର ପିନ୍ଧି ଇଷ୍ଟ ଦେବତାଙ୍କୁ ପୂଜା କରିଥାନ୍ତି। ଏଣୁ କରି କୋୟା ପୁନେମ୍ ସଗାର ଯେଉଁ ଧଳାପଟି ଅଛି ସେ ପାଞ୍ଚଟି ଭୂମିକା ସଗାର ପ୍ରତୀକ। ଏହି ପ୍ରକାର ପାଞ୍ଚଟି ଭୂମିକା ସଗାର ଧଳାରଙ୍ଗ ଆଉ ସାତଟି ସଗାର ଆକାଶୀ, ଲାଲ, ବାଇଗଣୀ, ନାଲି, ଧୂସର, ସବୁଜ ଓ ହଳଦିଆ ଏହି ସାତଟି ରଙ୍ଗ ମିଶି ସପ୍ତରଙ୍ଗୀ ଧ୍ୱଜ ନିର୍ମାଣ କରାଯାଇଛି।

ଏହି ଧ୍ୱଜର ସାତଟି ରଙ୍ଗର ପ୍ରତ୍ୟେକ ପଟିରେ ତୀର ଓ ତାରା ରୂପରେ ସଗା ଭାଇ ଓ ଦେବତାଗଣ ଅଙ୍କିତ। ଯେଉଁ ନୀଳରଙ୍ଗ ଉନ୍ଦିବେନ୍ ସଗାର ପ୍ରତୀକ। ତେଣୁ କରି ସେଥିରେ ଗୋଟିଏ ତୀର ଅଙ୍କିତ ଥାଏ। ସେହିଭଳି ଲାଲପଟିରେ ଦୁଇଟି ତୀର, ଦୁଇଟି ଦେବସଗା, ବାଇଗଣୀ ପଟିରେ ତିନିଟି ତୀର, ତିନିଟି ଦେବଙ୍କୁ, ନାଲି ପଟିରେ ୪ଟି ତୀର ଚାରିଟି ଦେବଙ୍କୁ, ଧୂସର ପଟିରେ ୫ଟି ତୀର ପା ଟି ଦେବଙ୍କୁ। ସବୁଜ ରଙ୍ଗ ପଟିରେ ଛଅଟି ତୀର ଛଅ ଦେବ ସଗାକୁ ଓ ହଳଦିଆ ପଟିରେ ସାତଟି ତୀର ସାତ ଦେବ ସଗାଙ୍କୁ ଅଙ୍କିତ କରାଯାଇଥାଏ। ଧଳା ପଟିରେ ଯେଉଁ ଚିହ୍ନ ଅଙ୍କିତ ଅଛି ସେ ଗୋଡ଼ ସଗା ସମାଜର ସରସାପେନ୍ ଶକ୍ତିର ପ୍ରତୀକ। ଲମ୍ବାକାର ପ୍ରତୀକ ସଲାମ ସତ୍ୱର ଓ ଗୋଲାକାର ପ୍ରତୀକ ଗାଙ୍ଗରା ସତ୍ତ୍ୱର ପ୍ରତୀକ ଅଟେ। ସଲାମ୍ ଓ ଗାଙ୍ଗରା ଏହି ପୁନାଉନା ଶକ୍ତିର ପ୍ରକ୍ରିୟା ଯୋଗୁଁ ଯେଉଁ ଜ୍ୟୋତିର ନିର୍ମାଣ ହୋଇଥାଏ। ତାହାଦ୍ୱାରା ଜୀବ ଜଗତର ସୃଷ୍ଟି ହୋଇଥାଏ। ସଲାମ ଓ ଗାଙ୍ଗରା ଶକ୍ତିର ତଳେ ଯେଉଁ ତ୍ରିଶୂଳାକାର ଚିହ୍ନ ଅଛି ସେ ମାନବ ଜାତି ଜଗତର ପ୍ରତୀକ। ତ୍ରିଶୁଳାକାର ଚିହ୍ନର ମଧ୍ୟଶୂଳ ମନୁଷ୍ୟର ବୌଦ୍ଧିକ ଅଙ୍ଗର ପ୍ରତୀକ। ବାମ ଶୂଳ ମାନସିକ ଅଙ୍ଗର ପ୍ରତୀକ ଏବଂ ଡ଼ାହାଣଶୂଳ ଶାରୀରିକ ଅଙ୍ଗର ପ୍ରତୀକ ଅଟେ। ଏହା ବ୍ୟତୀତ ଏହି ଚିହ୍ନ କୋୟା ପୁନେମ୍ ଦର୍ଶନର ତ୍ରିଗୁଣମାର୍ଗର ପ୍ରତୀକକୁ ସୂଚାଏ। ମନୁଷ୍ୟକୁ ନିଜ ଭୌତିକ, ମାନସିକ ଓ ଶାରୀରିକ ଅଙ୍ଗ ଏବଂ ଇନ୍ଦ୍ରିୟ ସାହାଯ୍ୟର ସଗା ସାମାଜିକ କଲ୍ୟାଣକୁ ସାଧ କରିବା ଦରକାର କାରଣ ସଗା ସାମାଜିକ କଲ୍ୟାଣରେ ହିଁ ନିଜର କଲ୍ୟାଣ ସାଧ ହୋଇପାରିବ। ଏହା କୋୟା ପୁନେମ୍ ଦର୍ଶନର ଅନ୍ତିମ ଲକ୍ଷ୍ୟ ଅଟେ।

ଗୋଁଡ଼ ଧର୍ମରେ ସଗା ସମାଜର ବାରଟି ଲୋକଙ୍କୁ ମୋଟ ୭୫୦ଟି ଗୋତ୍ରରେ ବିଭକ୍ତ କରାଯାଇଛି। ତେଣୁ ୭୫୦ ଅଙ୍କଟିକୁ କୋୟା ସଗା ସମାଜର ଶୁଭ ସଂଖ୍ୟା ବୋଲି ଧରିଥାନ୍ତି। ଯାହା କୋୟା ପୁନେମ୍ ଧ୍ୱଜର ତ୍ରିଶୂଳାକାର ଚିହ୍ନର ମଧ୍ୟରେ ଅଙ୍କିତ ହୋଇଥାଏ। ଏହି ଧ୍ୱଜ କୋୟା ଧର୍ମ ଲୋକଙ୍କ ସଭ୍ୟତାର ପ୍ରତୀକ ଅଟେ। ଯାହା ତାଙ୍କ ପାଇଁ ବନ୍ଦନୀୟ ଓ ପୂଜନୀୟ। ଜୟ ସେବା। ସହାୟତା-ଗୌଡ଼ି ଧର୍ମ ଦର୍ଶନ।

ଗ୍ରାମ – ବିଜାମାଲ, ପୋ/ଅ-ମୋହନଗିରି
ଭାୟା-ମଦନପୁର-ରାମପୁର, ଜିଲ୍ଲା-କଳାହାଣ୍ଡି (ଓଡ଼ିଶା)



# ସଂକଳ୍ପ

**ଶ୍ରୀ ଖୁଜାର ନାୟକ**



ଏ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି କେଉଁ ଆଦୀମ କାଳରୁ ଆରମ୍ଭ ହୋଇଅଛି। ସେଥିରୁ ପ୍ରମାଣ ମିଳେ, ସୃଷ୍ଟି କର୍ତ୍ତା ଛପନ କୋଟୀ ଜୀବଜନ୍ତୁ, ବାଉନ କୋଟୀ ଭଣ୍ଡାର ଓ ତେତିଶ କୋଟୀ ଦେବାଦେବୀ ସୃଷ୍ଟି କରିଛନ୍ତି। ଏ ଛପନ କୋଟୀ ଜୀବଜନ୍ତୁ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ରହନ୍ତି। ସମଜ ଓ ସମାଜ, ଏଥିରେ ପ୍ରଭେଦ ଅଛି। ସୃଷ୍ଟିରେ ସମସ୍ତେ ଜନ୍ମ ହୋଇଥିବାରୁ ସେମାନଙ୍କୁ ସମଜ କୁହାଯାଏ। କେତେକ ଜରାୟୁଜ, ଅଣ୍ଡଜ, ଉଦ୍ଭିଦଜ ବୋଲି ପ୍ରମାଣ ଅଛି। ଯେଉଁମାନେ ମାତୃଗର୍ଭରେ ସ୍ଥାନ ପାଇ ଜନ୍ମ ନିଅନ୍ତି ସେମାନଙ୍କୁ ଜରାୟୁଜ କୁହାଯାଏ। ଯେଉଁମାନେ ଅଣ୍ଡାରୁ ଜନ୍ମ ହୋଇଥାନ୍ତି ସେମାନଙ୍କୁ ଅଣ୍ଡଜ ବୋଲି କୁହାଯାଇଥାଏ। ଆଉ ଯେଉଁମାନେ ଆପେ ଜନ୍ମ ନେଇଥାନ୍ତି ସେମାନଙ୍କୁ ଉଦ୍ଭିଦଜ ବୋଲି କୁହାଯାଏ। ସୃଷ୍ଟିରେ ମଣିଷ, ପଶୁପକ୍ଷୀ, କୀଟ ପତଙ୍ଗ ଓ ଗୁଳ୍ମ ଇତ୍ୟାଦି। ମଣିଷ ଜାତିର ଲିଙ୍ଗ ଭେଦରେ ଜଣେ ପୁରୁଷ ଲିଙ୍ଗ ଓ ଆଉ ଜଣେ ସ୍ତ୍ରୀଲିଙ୍ଗ। ମଣିଷ ଜନ୍ମର ପଦୋନ୍ନତି ଅଛି। ସଂସ୍କାରିତ ହେଲେ ମାନବ ବୋଲି ବିବେଚନା କରାଯାଏ। ମାନବ, ମହାମାନବ, ଦିବ୍ୟ ମାନବ ବୋଲି ଏହାର ମଧ୍ୟ ପଦୋନ୍ନତି ଅଛି। ମାନବ ଜନ୍ମରେ ବୁଦ୍ଧି, ବିବେକ, ଜ୍ଞାନ ଅଧିକ ଗୁଣରେ ଥିବାରୁ ମାନବକୁ ଦୁର୍ଲ୍ଲଭ ଜନ୍ମ ବୋଲି କୁହାଯାଇଥାଏ। ସମାଜ କହିଲେ କୌଣସି ନିର୍ଦ୍ଦିଷ୍ଟ ଜନ୍ମଗତ ବୁଝାଏ ନାହିଁ। ସମାଜ ଏକ ସଙ୍ଗଠିତ ଜୀବନ ପ୍ରଣାଳୀ। ଯେଉଁମାନଙ୍କର ସ୍ୱତନ୍ତ୍ର ସଙ୍ଗଠନ ଥାଏ, ତାକୁ ସମାଜର ଆଖ୍ୟା ଦିଆଯାଇଥାଏ। ଯେପରି ପଶୁ, ପକ୍ଷୀ, କୀଟ ପତଙ୍ଗ, ଶରୀସୃପଙ୍କର ଏକତ୍ର ଲକ୍ଷଣ ଥିଲେ ମଧ୍ୟ ସେମାନଙ୍କର ସାମାଜିକ ସଙ୍ଗଠନ ନଥାଏ। କାରଣ ତାଙ୍କର ଜ୍ଞାନ, ବିବେକ ଓ ଚେତନା ଶକ୍ତିନଥାଏ। ବୁଦ୍ଧି ସମସ୍ତଙ୍କର ଅଛି। ଏହି ଦୃଷ୍ଟିରୁ ପଶୁ କହିଲେ କୌଣସି ନିର୍ଦ୍ଦିଷ୍ଟ ପଶୁକୁ ବୁଝାଏ ନାହିଁ। ସେହିପରି ପକ୍ଷୀ, କୀଟ ପତଙ୍ଗ, ଶରୀଶୃପ ଓ ପଶୁ ମଧ୍ୟ ଏହିପରି ଗଣନା ହୁଅନ୍ତି। ଏମାନଙ୍କର ସାମାଜିକ ଜୀବନଯାପନ ନାହିଁ। ସମାଜ କହିଲେ ଏକ ସ୍ୱତନ୍ତ୍ର ପରିଧି, ନୀୟମର ଶୃଙ୍ଖଳରେ ଆବଦ୍ଧ। ସେହି ଦୃଷ୍ଟିରୁ ସଂସାର ମଧ୍ୟରେ ଅନେକ ସଙ୍ଗଠନ ଅଛି। ତାକୁ ସମାଜ ବୋଲି ଆଖ୍ୟା ଦିଆଯାଇଅଛି। ଯଥା- ମାନବ ସମାଜ, ଜନ୍ମଜାତ ଜାତିଗତ ସମାଜ, ବ୍ରାହ୍ମଣ ସମାଜ, ଆର୍ଯ୍ୟ ସମାଜ, କ୍ଷତ୍ରୀୟ ସମାଜ, ବୈଶ୍ୟ ସମାଜ, ଶୁଦ୍ର ସମାଜ, ରଜକ ସମାଜ, ଗୋପାଳ ସମାଜ, ତୈଳିକ ସମାଜ, କୁମ୍ଭକାର ସମାଜ, ପୁରୁଷ ସମାଜ, ଯୁବ ସମାଜ, କୃଷକ ସମାଜ, ଶ୍ରମିକ ସମାଜ, ଛାତ୍ର ସମାଜ,ଛାତ୍ରୀ ସମାଜ, ସୈନିକ ସମାଜ, ବୈଦ୍ୟ, କବିରାଜ ସମାଜ, ଚିକିତ୍ସକ ସମାଜ, ସେବିକା ସମାଜ, ମେହେନ୍ତର ସମାଜ, ବୁଣାକାର ସମାଜ, କିନର ସମାଜ ଓ ବେଶ୍ୟା ସମାଜ ଇତ୍ୟାଦି ଅନେକ ଅଛି। ସେଥି ମଧ୍ୟରୁ ଆମ୍ଭମାନଙ୍କର ଏକ ଗୋଁଣ୍ଡ ଜାତି ସମାଜ ଅନ୍ୟତମ।

ସୃଷ୍ଟିରେ ମାଇ ଅଣ୍ଡିରା ଦୁଇ ଜାତି ବୋଲି ଯେଉଁ ବିତଣ୍ଡା ଯୁକ୍ତି ତର୍କ କରି ନିଜର ପୂର୍ବଜ ଜନ୍ମଗତ ଜାତି ଭେଦକୁ ଭୁଲି ଯାଆନ୍ତି ଓ ସେମାନଙ୍କର ଏ ଯୁକ୍ତି ଆଦୌ ଠିକ୍ ନୁହେଁ। କାରଣ ପ୍ରତ୍ୟେକ ଜୀବର ସ୍ୱତନ୍ତ୍ର ଜାତି ଭେଦ ଅଛି। ସୃଷ୍ଟିକର୍ତ୍ତା ସୃଷ୍ଟି କଲେ ମଣିଷ ଜାତି, କିନ୍ତୁ ମଣିଷ ସୃଷ୍ଟି କରିଛି ବହୁ ଉପଜାତି। ଏ ସମ୍ପର୍କରେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ବୋଲି ନାମିତ ଅଛି। ଏହା କେବଳ ନିଜ ପୂର୍ବଜମାନଙ୍କ କର୍ମାନୁସାରେ ଆଜି ପର୍ଯ୍ୟନ୍ତ ଚାଲି ଆସିଛି। ଆମ୍ଭମାନଙ୍କ ପୂର୍ବପୁରୁଷ ଇତିହାସରୁ ଜଣାପଡ଼େ, ଆମ୍ଭେମାନେ ସବୁ ମୁନିଋଷିମାନଙ୍କ ଔରଷରୁ ଏ ଷଡ଼ବଂଶର ଉତ୍ପତ୍ତି। ତେଣୁ ଆମ୍ଭେମାନେ ଆମ ପୂର୍ବଜଙ୍କୁ ଭୁଲି ପାରିବା କିପରି ?

ପ୍ରଥମେ ପରିବାର କହିଲେ ଆମକୁ ବୁଝିବାକୁ ହେବ ଯେ - ଘରେ ମାଆ, ବାପା, ଭାଇ ଓ ଭଉଣୀ ଏ ଚାରିଜଣ ପରିବାର। ମାଆ ଜନ୍ମ ଦିଏ ପୁଅକୁ ଓ ଝିଅକୁ। ତେଣୁ ବାପ ପୁଅ ଓ ମାଆଝିଅ କହିଲେ ଗୋଟିଏ ପରିବାର। ପରିବାର ଗୋଟିଏ ସୁଖୀ ପରିବାର,

ଶାନ୍ତି ପରିବାର ହେଲେ ସର୍ବ ମଙ୍ଗଳ ହେବ। ସବୁଠାରୁ ଯୌଥ ପରିବାର ବିରଳ। ପରିବାର ଠାରୁ ଆରମ୍ଭ ହୁଏ ଗୋଟିଏ ଗାଆଁ, ଗାଁ ଠାରୁ ଆରମ୍ଭ ହୁଏ ଗୋଟିଏ ପଲ୍ଲୀ ଏବଂ ପଲ୍ଲୀଠାରୁ ଆରମ୍ଭ ହୋଇ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିବା ଆମର ସ୍ୱପ୍ନ। ଆମ ଜାତିର ସ୍ୱତନ୍ତ୍ର ନିତୀ ନୀୟମ, ପରମ୍ପରା, ସଂସ୍କୃତି ଓ ଐକ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ପ୍ରଥମତଃ ସ୍ୱାସ୍ଥ୍ୟ, ଶିକ୍ଷା ଓ ଆର୍ଥିକ ସ୍ଥିତି ସୁଦୃଢ଼ ପାଇଁ ଆମେ ସମସ୍ତେ ଆମ ଜାତିର ଆରାଧ ଦେବତାଙ୍କ ପାଖରେ ସଂକଳ୍ପ କରି ଏ ଜାତିର ବିକାଶ ଧାରାରେ ସାମିଲ ହୋଇ କୁସଂସ୍କାରକୁ ପାଦରେ ଆଡ଼େଇ ଦେବା ଉଚିତ୍। କେହି କେହି ନିଜ ସ୍ୱଜାତିକୁ ବ୍ୟଙ୍ଗ ବିଦ୍ରୁପ ଅଟ୍ଟହାସ୍ୟ ଥଟା କରି ଅନ୍ୟମାନଙ୍କ ମନରେ ଜାତି ଦ୍ରୋହ ବିଷ ଭରିବା ଅଭ୍ୟାସକୁ ଛାଡ଼ିବା ଏକାନ୍ତ ଜରୁରୀ। ଯାହାକି କେତେକ ଜାତି ଦ୍ରୋହ କହନ୍ତି "What ଜାତି What ଗଣ୍ଡ" ଏ ଉକ୍ତିର ପ୍ରମାଣ ସମୟ ଆସିଲେ ସଠିକ ଉତ୍ତର ନିଜେ ବୁଝି ପାରିବେ। ଭାଗବତ ଉକ୍ତି -

ହସ୍ତ ପ୍ରସାରି ମାଗି ଖାଇ
ଏମନ୍ତ ଦିଅଁ ଅଛି କାହିଁ
ଗୁରୁ ବ୍ରାହ୍ମଣ ମାତା ପିତା
ଏ ଚାରି ଅଟନ୍ତି ଦେବତା

ଦେବତାଙ୍କ ମଧ୍ୟରୁ ଅଗ୍ରପୂଜ୍ୟ, ଅଗ୍ରଗଣ୍ୟ ହେଲେ, ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା, ଭାସ୍କର। ଏତଦ୍ ବ୍ୟତୀତ ଦେବତାଙ୍କ ଭିତରୁ କେତେକ ପାଣିଆ ଦେବତା ଓ ଆଉ କେତେକ ନିପାଣିଆ ଦେବତା।

ପାଣିଆ ଦେବତା ହେଲେ - ଗୁରୁ, ବ୍ରାହ୍ମଣ, ମାତା, ପିତା।

ସର୍ବଶେଷରେ ମୋର ବିନତୀ, ହେ ମୋର ଅଗଣିତ ମାଆ, ଭଉଣୀମାନେ, ବାପା, ଭାଇମାନେ, ଶିକ୍ଷିତ ଯୁବକ, ଯୁବତୀମାନେ, ଜ୍ଞାନୀ ଗୁଣଜନ, ବୁଦ୍ଧିଜୀବି, ପଣ୍ଡିତ ଜନ, ରାଜନେତା, ଉଚ୍ଚ ପଦାଧିକାରୀ କର୍ମଚାରୀମାନଙ୍କୁ ଅନୁରୋଧ କରୁଅଛି, ଆପଣମାନେ ସମସ୍ତେ ଆସନ୍ତୁ, ଆମ ଜାତିର ବିକାଶ ଧାରାର ମୁଖ୍ୟ ସ୍ରୋତରେ ସାମିଲ ହୋଇ "ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସମାଜ" ଓଡ଼ିଶା ପ୍ରଦେଶର ନୂତନ ଯୋଜନାକୁ ସଫଳ କରିବା।

॥ ଜୟ ବଡ଼ଦେବ - ନମସ୍କାର"

ସଭାପତି ରାଣୀବେଡା ପଲ୍ଲୀ
- ଗ୍ରାମ - କୁଲଙ୍ଗ, ବ୍ଲକ୍ - ତେଲକୋଇ
ଜିଲ୍ଲା - କେନ୍ଦୁଝର - ୭୫୮୦୭୬
ଫୋନ୍ : ୮୮୯୯୫୨୮୧୭୨୩



# ମୂକ ହେଲେ ବଡ଼ଦେବ

**ଗୌତମ ପାତ୍ର**



ଗୋଁଡ ସଂପ୍ରଦାୟ ଷଡବଂଶର ଲକ୍ଷେ ଗୋଁଡ ଭାରତ ବର୍ଷରେ ବାସ କରୁଥିଲେ। ସେମାନେ ଏକତ୍ରିତ ହୋଇ ସୈନ୍ୟ ସାମନ୍ତ ଧରି ଭାରତ ଅତିକ୍ରମ କରି ସାଧ୍ୟ କରୁଥିଲେ। କାହିଁନା ସାରା ଭାରତ ବର୍ଷରୁ ଅତ୍ୟାଚାରି ବା ବିଦ୍ରୋହିମାନେ ଶାସନ କରୁଥିଲେ। ତେଣୁ ଷଡବଂଶୀ ଭାବିଲେ କିପରି ଭାବରେ ଏମାନଙ୍କୁ ଦମନ କରିହେବ ? ତେଣୁ ଏହି ଉପାୟରେ ସମସ୍ତେ ବାହାରି ପଡ଼ିଲେ। ସେ ସମୟର କଥା ସେମାନେ ବଣ ଜଙ୍ଗଲରେ ଘରଦ୍ୱାର ନିର୍ମାଣ କରି ତାଙ୍କର ପତ୍ନୀ, ସନ୍ତାନମାନଙ୍କୁ ଛାଡି ରହୁଥିଲେ। ସେମାନେ ବଣ ଜଙ୍ଗଲରେ ଘରଦ୍ୱାର ନିର୍ମାଣ କରି ତାଙ୍କର ପତ୍ନୀ, ସନ୍ତାନମାନଙ୍କୁ ଛାଡ଼ି ରହୁଥିଲେ। ସେମାନେ ଯୁଦ୍ଧ କରୁଥିଲେ ବା ସାଧ୍ୟ କରୁଥିଲେ କିନ୍ତୁ ରୋଷେଇ ବ୍ୟବସ୍ଥା କରିବ କିଏ ? ତେଣୁ ଜଣେ ବ୍ରାହ୍ମଣଙ୍କୁ ସାଙ୍ଗରେ ନେଇଥିଲେ। ବ୍ରାହ୍ମଣଙ୍କ ନାମ ଅସେବନ ପଣ୍ଡା। ଏମିତି ଦିନ ପରେ ଦିନ ଗୋଟିଏ ଅଞ୍ଚଳ ପରେ ଆଉ ଏକ ଅଞ୍ଚଳ ଦଖଲ କରି ଚାଲିଥିଲେ। ସକାଳ ସମୟରେ ପ୍ରଭୁ ବଡ ଦେବଙ୍କୁ ସେମାନେ ପୂଜାର୍ପଣ କରି ସେମାନେ ଚାଲିଥାନ୍ତି। ସେମାନେ ଫେରିସାରିବା ପରେ ପ୍ରଭୁଙ୍କୁ ପୁଣି ପୂଜା ଆରାଧନା କରି ଖାଦ୍ୟ ପଦାର୍ଥ ଅର୍ପଣ କରି ନିଜେ ଖାଇଥାନ୍ତି। ଦିନକର ଘଟଣା ତାଙ୍କ ଦଳର ଜଣେ ବ୍ୟକ୍ତିଙ୍କୁ ବଡ଼ଦେବ ସ୍ୱପ୍ନା ଦେଶ ହେଲେ ଯେ, ତୁମ ସାଙ୍ଗରେ ଯେଉଁ ବ୍ରାହ୍ମଣଙ୍କୁ ଆଣିଛ ସେ ପ୍ରଥମେ ଭାତ, ତରକାରୀ ଇତ୍ୟାଦି ଖାଉଛି ଏବଂ ସେ ଅଇଁଠା ଖାଦ୍ୟ ମୋତେ ଖାଇବାକୁ ଅର୍ପଣ କରୁଛ। ଏଭଳି ଯଦି ଚାଲିଥାଏ ତାହା ହେଲେ ତୁମର ଅମଙ୍ଗଳ ହେବ। ଏମାନେ ତ ବଡ ବିଶ୍ୱାସି ଲୋକ। ନିଜ ଦେବତାଙ୍କ ଆଦେଶ କ୍ରମେ ଯେଉଁଠିକି ଗଲେ ଯୁଦ୍ଧରେ ଜୟ ଲାଭ କରୁଛନ୍ତି। ଏଣୁ କରି ଦିନକର ଘଟଣା ଏମାନେ ପ୍ରତିଦିନ ନିତ୍ୟକର୍ମ ତଥା ପୂଜା ଆରାଧନା ସାରି ଯୁଦ୍ଧ ଉଦ୍ଦେଶ୍ୟରେ ବାହାରୁଥିଲେ। ଯାହାଙ୍କୁ ସ୍ୱପ୍ନାଦେଶ ହୋଇଥିଲା ସେ ଅଧବାଟରେ କହିଲା ମୋର ସ୍ୱାସ୍ଥ୍ୟ ଖରାପ ଲାଗୁଛି ମୁଁ ଆଜି ଯୁଦ୍ଧକୁ ଯାଇପାରିବି ନାହିଁ। ସମସ୍ତେ ତାକୁ ସମ୍ମତି ପ୍ରଦାନ କଲେ। ସ୍ୱପ୍ନାଦେଶ ହୋଇଥିବା ବ୍ୟଖ୍ତି ଚାଲାକରେ ଆସି ଯେଉଁଠି ସେମାନେ ରୁହନ୍ତି ବା ବ୍ରାହ୍ମଣ ଯେଉଁଠି ରୋଷେଇ କରୁଥାଏ ତାର କିଛି ଦୂରରେ ଗୋଟିଏ



ଗଛ ଉପରେ ଚଢି ବ୍ରାହ୍ମଣର ସମସ୍ତ ଗତି ବିଧି ଲକ୍ଷ୍ୟ କରୁଥାଏ। ବ୍ରାହ୍ମଣ ଠିକ୍ ଏପଟେ ରୋଷେଇ କାମ ଶେଷ କରି ଲୋକ ଲାଗିଲେ ଅଇଁଠା ହାତରେ ହାଣ୍ଡି ଏବଂ ସରେଇରୁ ଭାତ, ଡାଲି, ତରକାରୀରୁ ପେଟେ ଖାଇ ଆରାମରେ ରହୁଥାଏ। ଏସବୁ ଗଛରେ ଚଢିଥିବା ବ୍ୟକ୍ତି ସବୁ ଦେଖିଥାଏ। ଠିକ୍ ସନ୍ଧ୍ୟା ଆଗମନ ପୂର୍ବରୁ ଯୁଦ୍ଧରୁ ଫେରନ୍ତି। ସେହି ବ୍ୟକ୍ତି ଗଛରୁ ଓହ୍ଲାଇ ଫେରିବା ବାଟରେ ଥାଏ। ଆସିଲାପରେ ସମସ୍ତ ବିଷୟ କହିଲା ବ୍ରାହ୍ମଣ ପ୍ରକୃତରେ ହାଣ୍ଡିର ଭାତ ତରକାରୀ ଅଇଁଠା ହାତରେ ଖାଉଛି ଆଉ ସେମିତି ରଖି ଦେଉଛି। ଆମେ ତାକୁ ପ୍ରଭୁଙ୍କୁ ଭୋଗ ଲଗାଇ ଆମେ ଖାଉଛୁ। ସମସ୍ତେ ଅଧବାଟରେ ରାଗରେ ଜର୍ଜରିତ ହୋଇ ଆସିଲେ। ବ୍ରାହ୍ମଣକୁ ସମସ୍ତେ ପଚାରିଥିଲେ ହେଲେ କିନ୍ତୁ କହିଲା ନାହିଁ। ତେଣୁ ସମସ୍ତେ ତାକୁ ଧରି ଗୋଡ଼, ହାତ ଭାଙ୍ଗି ମହାପ୍ରଭୁଙ୍କୁ ଭୋଗ ଲଗାଇଥିଲେ। ଠିକ୍ ଏତିକି ବେଳେ ବ୍ରାହ୍ମଣ କହିଲା ମୋତେ ମାରନାହିଁ ଛାଡିଦିଅ କିନ୍ତୁ ମାରିବା ପୂର୍ବରୁ ଏତିକି କହୁଛି ଯେ, ତୁମର ବଡଦେଓ ଚନ୍ଦ୍ର, ସୂର୍ଯ୍ୟ ଥିବା ଯାଏ ମୁକ ହୋଇ ଥିବେ। ଏହା ମୋର ତୀବ୍ର ଅଭିଶାପ। ତେଣୁ କରି ଏ ପର୍ଯ୍ୟନ୍ତ ଗୋଁଡ ମାନଙ୍କ ବଡଦେଓ ବା (କୁନ୍ଦା ଦେଓ) ମୂକ କଥା କହିପାରନ୍ତି ନାହିଁ। କେବଳ ହାତରେ ସବୁବେଳେ ଠାର ନାର କରିଥାନ୍ତି। ଆଜି ମଧ ରହିଅଛି। ବର୍ତ୍ତମାନ ଯେ କୌଣସି ଗୋଁଡ ଷଡବଂଶୀଙ୍କର ଖଲା ଯାହାର ପୌଷ ମାଷରେ ଅନୁଷ୍ଠିତ ବଡ଼ଦେଇ ଯାହାର ଯାତ୍ରା ଶେଷରେ ଯେଉଁ ପୂଜା କଷଡା ବା କୁନ୍ଦା ଦେଓ ପୂଜା କରାଯାଏ। କଥାରେ ଅଛି ଘୁନ୍ ଚକର ପୂଜା ବୋଲି କୁହାଯାଏ। ସେହି ବ୍ରାହ୍ମଣ ପ୍ରତିକ ସ୍ୱରୂପକୁ ଶୋଳସିଙ୍ଗିଆ ବୋକା ବା (ଧଳା କୁକୁଡ଼ା ଗଞ୍ଜା)କୁ ମାରି ବା ସେଥିରେ କୌଣି ଖଣ୍ଡା ଲାଗିବ ନାହିଁ। ଏହିପରି ଛତ୍ରେନ୍ ଠାକୁରାଣୀଙ୍କୁ ଭୋଗ ଲଗାଯାଏ। ଠିକ୍ ପୂର୍ବ କଥା ବ୍ରାହ୍ମଣକୁ ମଧ ଖଣ୍ଡା ନଲଗାଇ ଦାବ୍ଶରରେ ମରା ଯାଇଥିଲା। ତେଣୁ କରି ଗୋଁଡ ସାଂସ୍କୃତିକ ସମାଜର କାରୁକାର୍ଯ୍ୟରେ ବ୍ରାହ୍ମଣକୁ ବରଣ କରନ୍ତି ନାହିଁ ଓ ବ୍ରାହ୍ମଣର ପାରି ମଧ ଛୁଅଁନ୍ତି ନାହିଁ। ତେଣୁ ଆଜିର ଆଧୁନିକ ଗୋଁଡ ସମାଜର ଭାଇ, ବନ୍ଧୁଙ୍କୁ ଅନୁରୋଧ କରାଯାଉଛି ଯେ, ବଡଦେଓଙ୍କ ପୂଜାର୍ଚ୍ଚନା ଯେଉଁଠି କରାଯାଉଛି ସେହି ଯାଗାରେ ବ୍ରାହ୍ମଣ ଲଗାନଯାଉ ଗୋଁଡ ସାସ୍କୃତିକ ଓ ପରମ୍ପରା ବଞ୍ଚିରହୁ।

॥ ଜୟସେବା, ଜୟ ବଡ଼ଦେଓ ॥

ଭର୍ଲାଦାନୀ, କଳାହାଣ୍ଡି
ମୋ - ୮୨୮୦୩୧୫୬୦୪



# ଆଜିର ସମାଜରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା

**ଶ୍ରୀମତୀ କୁମାରୀ ଭୋଇ**



ନ-ଅରୀ - ନାରୀ ଯାହାର କେହି ଶତ୍ରୁ ନାହାନ୍ତି ସେ ହେଉଛି ନାରୀ। କିନ୍ତୁ ଆଜିକାଲି ମୂଲ୍ୟବୋଧ ସମାଜରେ ନାରୀର ପ୍ରଧାନଶତ୍ରୁ ପାଲଟି ଯାଇଛି ପୁରୁଷ। ସୃଷ୍ଟି-ରୂପକ-ପୁଷ୍ପ ବୃକ୍ଷରେ ଗୋଟିଏ ବୃନ୍ତରେ ଦୁଇଟି ସୁମନ ହେଉଛନ୍ତି ନାରୀ ଓ ପୁରୁଷ। ଏ ଉଭୟର ସମନ୍ୱୟରେ ଗୋଟିଏ ନୂତନ ଯୁଗର ଅୟମାରମ୍ଭ ହୋଇଥାଏ। ତେଣୁ ନାରୀ ବିନା ସମାଜର ଉନ୍ନତି ଅସମ୍ଭବ। ପ୍ରତ୍ୟେକ ମନେ ରଖିବା ଉଚିତ ଯେ ନାରୀ ଏକ ତୁଚ୍ଛ ହେଲା ପଣ୍ୟଦ୍ରବ୍ୟ ନୁହେଁ। ସେ ପୁରୁଷର ଅର୍ଦ୍ଧାଙ୍ଗିନୀ ସହକର୍ମୀଣି ଓ ସେ କନ୍ୟା, ଜାୟା ଓ ଜନନୀ ରୂପରେ ସର୍ବଦା ବନ୍ଦନୀୟ। ଯେଉଁଠାରେ ସମସ୍ତ ଦେବତା ମିଶି ମହିଷାସୁରକୁ ଯୁଦ୍ଧରେ ପରାଜୟ କରିପାରି ନ ଥିଲେ ସେହି ସମୟରେ ମା' ଦୁର୍ଗା ନିଜର ଅସୀମଶକ୍ତି ଦ୍ୱାରା ମହିଷାସୁରକୁ ବଧ କରିଥିଲେ। ତେଣୁ ନାରୀ ଶକ୍ତିମୟୀ - କଲ୍ୟାଣମୟୀ ଓ ବିଶ୍ୱରୂପା। ନାରୀ ପବିତ୍ର ଶିକ୍ଷା ଲାଭରୁ ବଞ୍ଚିତ ହେବା ଅନୁଚିତ। ସମାଜପାଇଁ ନାରୀ ଭୂମିକା ଗୁରୁତ୍ୱପର୍ଣ୍ଣ ନାରୀ ନାରାୟଣୀ, ସେ ଶକ୍ତିମୟ ସମାଜର କଲ୍ୟାଣ ଲାଗି ବିଭିନ୍ନ ରୂପରେ ସେ ଆତ୍ମପ୍ରକାଶ କରିଥାଏ। ଗୋଟିଏ ନାରୀ ଯେତେବେଳେ ବିଗ୍ରହ କରେ ସେ ନିଜର ଧର୍ମର ସମସ୍ତ ନିତି ନିୟମକୁ ନେଇ ଚଳିଥାଏ। ସେ ନିଜର ପରମ୍ପରା ଅନୁଯାୟୀ ପ୍ରଜାରତି ଆଦିକୁ ପାଳନ କରିଥାଏ। ନାରୀ ହେଉଛି ଅନ୍ୟ ଅର୍ଥ ଦୁହିତା। ସେ ଦୁଇ କୁଳର ହିତା। ଦୁହିତା ଜନମ ଦୁଇକୂଳକୁ ଦୁଇ କୂଳର ବଂଶ ଉଦ୍ଧାର କରିଥାଏ। ଦୁଇଟି ପରିବାରକୁ ପ୍ରତିପାଳନ କରିବା, ସ୍ନେହର ଡ଼ୋରିରେ ବାନ୍ଧିବା ଦୁଇଟି ପରିବାରକୁ ପ୍ରତିପାଳନ କରିଥାଏ। ତେଣୁ ସେ ଦୁଇକୂଳର ହିତା। ଏହି ନାରୀ କେତେ ଦୁଃଖ ଯନ୍ତ୍ରଣାକୁ ସବୁ ନୀଳକଣ୍ଠ ପରି ସହି ପାରୁଛି। ତେଣୁ ସେ ସହନଶୀଳା କୁହାଯାଏ। ଜଠର ଯାତନା ସହିଲୋ ଜନନୀ ସବୁରି ଦୁଃଖରେ ସାହା, ସ୍ନେହବନ୍ଧନରେ ବାନ୍ଧି ସେ ଉଜତୀ ପତିଙ୍କ ପତନରୁ ଉଦ୍ଧାରି ସେ ପତ୍ନୀ। ସହନଶୀଳାରେ ସେ ଅବଳା ମାତୃରୂପେ ସେ ଶକ୍ତିମୟୀ ସ୍ନେହମୟୀ, କରୁଣାମୟୀ କାରଣ ଏହି ମର୍ତ୍ତ୍ୟ ଲୋକରେ ଜନ୍ମ ନେବାକୁ ହେଲେ ମାଆ ଗର୍ଭରେ ଆଶ୍ରୟ ନେବାକୁ ପଡ଼େ। ଏହା ବ୍ୟତୀତ ଅନ୍ୟ କିଛି ଦ୍ୱିତୀୟ ବିକଳ୍ପ ନାହିଁ। ନାରୀ ବିନା ଗତିନାହିଁ କି ସ୍ଥିତି ନାହିଁ।

ଆଜିର ଶିଶୁ କନ୍ୟା କାଲିର ନାରୀ ପୁଣି ଆଜିର ନାରୀ କାଲିର ମା'। ମା' ପୁଣି ଭବିଷ୍ୟତରେ ଶାଶୁ ନାରୀ ଶବ୍ଦଟି ଆମ ସମସ୍ତ ମନରେ ଏକ ଭାବନାତ୍ମକ, ଚିନ୍ତିତ, କଳ୍ପିତ ଆବେଗାତ୍ମକ ଏମିତି ଏକ ଭାବରେ ବର୍ଣ୍ଣିତ କରିଦିଏ। ଆମେ ନାରୀକୁ ସମ୍ମାନ କରି ମାଆ ବୋଲି ସମ୍ବୋଧନ କରିଥାଉ। ଏହି

ନାରୀ ଶବ୍ଦରୁ ପୁଣି ତାହା ମା'ରେ ପରିଣତ ହୋଇଥାଏ। ପୂର୍ବେ ନାରୀ ଶାରୀରିକ ଶକ୍ତିରେ ଦୁର୍ବଳ ଥିଲା। ମାତ୍ର ବର୍ତ୍ତମାନ ନୁହେଁ। ସେ ବନ୍ଧୁକର ଗୁଳି। ସେ ସମସ୍ତ କ୍ଷେତ୍ରରେ ଆଗୁଆ। ସେ ଅବଳା ହୋଇପାରେ କିନ୍ତୁ ଦୁର୍ବଳା ନୁହେଁ। ନାରୀର ଅନେକ ରୂପ।

୧. ପିତାଙ୍କ ଆଖିରେ ଦୁହିତା - ପତିଙ୍କ ଆଖିରେ ଜାୟା

୨. ଭାଇଙ୍କ ଆଖିରେ ଭଗିନୀ - ପୁଅ ଆଖିରେ ଜନନୀ

୩. ମଣିଷ ଆଖିରେ ଆଶ୍ରିତା - ପୁରୁଷ ଆଖିରେ ଅବଳା

୪. ରାକ୍ଷସ ଆଖିରେ ପୁଳାଏ ମାଂସ - ପ୍ରେମିକ ଆଖିରେ ପ୍ରେମିକା

## ୫. ଶିଳ୍ପ ଆଖିରେ ରୂପବତୀ -

ତଥାପି ନାରୀ ଦିବ୍ୟଶକ୍ତିରେ ନିଭୂଷିତା ହୋଇସାରିଛି। ସେ ତାର ପ୍ରେମ ଓ ଅନୁରାଗର ଶକ୍ତିବଳରେ ସମଗ୍ର ସଂସାରକୁ ପାଳନ କରିଚାଲିଛି। ଏହି ନାରୀ ଯେତେ ଦୁଃଖ କଷ୍ଟରେ ରହି ପାରେ କିନ୍ତୁ ନିଜ ସନ୍ତାନର ଦୁଃଖ କଷ୍ଟ ତିଳେମାତ୍ର ସହିପାରେ ନାହିଁ। ନାରୀର ସହନଶକ୍ତି ପୁରଷ ଠାରୁ ଯଥେଷ୍ଟ ଉଚ୍ଚରେ ରହିଛି ତେଣୁ ଯଥାର୍ଥରେ କୁହାଯାଇଛି "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ" ଏହି ନାରୀଜାତି ଚିରକାଳ ପାଇଁ ସ୍ମରଣୀୟ ଏହା ହିଁ ପୃଥିବୀର ଶ୍ରଦ୍ଧାଧାରା। ନାରୀ ଜାତି ହେଉଛି ଆମର ସର୍ବଶ୍ରେଷ୍ଠ ଜାତି। ଏମାନେ ହେଉଛନ୍ତି ବନ୍ଦନୀୟା, ପୂଜନୀୟା ତଥା ଚିର ନମସ୍ୟା। ଜନନୀ ହେଉଛନ୍ତି ଆମର ଜୀବନ ଦେବତା ଯେ କି ନିଜର ଯଥାଚିତ ସ୍ନେହ ଢ଼ାଳିଦିଏ ନିଜ ସନ୍ତାନ ଉପରେ। ନାରୀର କରୁଣା ଅସରନ୍ତି ଭଣ୍ଡାର। ସମୁଦ୍ର ଯେତେ ଜଳ ଦାନ କରେ ମଧ୍ୟ ସରେ ନାହିଁ ସେହିପରି ନାରୀର କରୁଣା ଅପାର। ହୁଏତ ପିତାଙ୍କ ଅନୁପସ୍ଥିତିରେ ପରିବାରର ସବୁକ୍ଷେତ୍ରରେ ଆର୍ଥିକ ସ୍ଥିତି ଖରାପ ହୋଇପାରେ। କିନ୍ତୁ ମା'ର ଅନୁପସ୍ଥିତିରେ ପରବାରର ସବୁ କ୍ଷେତ୍ରରେ ବିପର୍ଯ୍ୟସ୍ତ ହୋଇପଡ଼େ। ମା' ସର୍ବସାହା ପରିବାରକୁ ଅନେକ ବିପଦରୁ ରକ୍ଷାକରେ। ମା' ଶିଶୁର ପ୍ରଥମ ଶିକ୍ଷାଦାତ୍ରୀ। ଶିଶୁଟି ଶିକ୍ଷା, ସଂସାର, ଆଚାର ବ୍ୟବହାର ପ୍ରତିପାଳିତ ହୁଏ। ଶିଶୁଟି ଯେତେବେଳେ ବର୍ଷାରେ ଭିଜି ଭିଜି ଆସେ ମା' ତା ପଣତ କାନିରେ ପୋଛି ଦିଏ। ଯଦି ଶିଶୁଟି ଧୂଳି ଧୂସର ହୋଇ ଘରକୁ ଆସେ କି ଟାଣ ଖରାରେ ଝାଳ ହୋଇ ଆସେ। ଯଦିବି ମା' ତା ଛୁଆପାଇଁ କୌଣସି ଦିନ ଖାଇବା ପାଇଁ ଆହାର ମୁଠେ ଦେଇ ନ ପାରେ ମା'ର ପଣତ କାନି ଯଥେଷ୍ଟ ଉଷ୍ମତା ଦେଇଥାଏ। ଶିଶୁ ହଜାର ହଜାର ମାଇଲ ଦୂରରେ ଥିଲେ ମଧ୍ୟ ମାଆର ପଣତ କାନି ତଳେ ଢ଼ାଙ୍କି ଦେବ। ଯଥେଷ୍ଟ କ୍ଷମତା ରହିଛି କଥାରେ ଅଛି :

"ମାଆର ପଣତ ବଡ଼ ଦେଉଳର ନେତ
କାହିଁ ଗଲା ମାଆ କୋଳ ଝଉରେ ମୋର ମନ
ତା ପଣତ ଆଜି ସତେ ମୋ ପାଇଁ ସପନ।"

ମାଆର ପଣତକୁ ବଡ଼ ଦେଉଳର ନେତ ସହ ତୁଳନା କରାଯାଇଛି।

ଯେଉଁ ସନ୍ତାନର ମଥାରେ ମା'ର ସ୍ନେହ ମମତାର ସ୍ପର୍ଶ ନ ଥାଏ ସେହି ସନ୍ତାନ ଅଧିକାଂଶ କ୍ଷେତ୍ରରେ ପଥହରା ଦିଗହରା ହୋଇଥାଏ। ତେଣୁ ଭବିଷ୍ୟତରେ ଏକ ସୁନାଗରିକ ତଥା ଏକ ଭଲ ମଣିଷଟିଏ ହେବ। ଏ ନାରୀର ତଥା ମା' ଭୂମିକା ଯଥେଷ୍ଟ ଗୁରୁତ୍ୱ ରହିଛି। ଯେତେ ଅଶିକ୍ଷିତ ମା' ହେଲେ ମଧ୍ୟ ସେ ତା ନିଜ ପାଇଁ କେବେ ହେଲେ କୌଣସି ଠାକୁରଙ୍କୁ କିଛି ମାଗେ ନାହିଁ ଏବଂ ତା' ପାଇଁ ଓଷା ବ୍ରତ କରେନାହିଁ। ସେ ତା ପୁଅ ଝିଅ ସ୍ୱାମୀ ପରିବାର ସମସ୍ତଙ୍କ ପାଇଁ ଏହି ସବୁ କରିଥାଏ ଏବଂ ଘରେ ଯାହା ହୋଇଥିବ ଖିରି, ପୁରୀ, ପିଠା, ପଣା ଇତ୍ୟାଦି ମା' ଦୁଇଦିନ ଉପାସରେ ଥିଲେ ମଧ୍ୟ ଆଗ ଖାଏ ନାହିଁ ପରିବାରର ସମସ୍ତଙ୍କୁ ଦେଇସାରିବା ପରେ ନିଜେ ଖାଏ।

ଗୋଟିଏ ଆଦର୍ଶନାରୀ ହେବାକୁ ହେଲେ ସହନଶିଳା ହେବା ଦରକାର। କର୍କଶ କଟୁ କଥା କହିବା ନାହିଁ ଏବଂ ସାହି ପଡ଼ିଶାରେ ଭୂଲ ଦେଖିଲେ ତାଙ୍କୁ ବୁଝାଇ ଦେବା ଉଚିତ୍। ସ୍ୱାମୀ ସୁଖରେ ସୁଖୀ ସ୍ୱାମୀ ଦୁଃଖରେ ଦୁଃଖି ହେବା ଉଚିତ। ସ୍ୱାମୀର ଅଳ୍ପ ଗୁଜୁରାଣରେ ଖାପଖୁଆଇ ନେବା। ପରିବାରର ସମସ୍ତଙ୍କ ସହ ହସ ଖୁସିରେ ରହିବା ଉଚିତ। ଦୟା, କ୍ଷମା, ସ୍ନେହ, ପ୍ରେମ, ଭକ୍ତି ଦ୍ୱାରା ହିଁ ସବୁକିଛି ମିଳିପାରେ ସୁଖ, ଶାନ୍ତି, ସମ୍ପତ୍ତି। ସ୍ନେହ ମମତା ତୁଳନାରେ ଟଙ୍କା ପଇସାର ତୁଳନା ନାହିଁ - ଆଜି ଅଛି ତ କାଲିକି ନ ଥିବ। କିନ୍ତୁ ସ୍ନେହ ମମତା ସବୁଦିନ ପାଇଁ।

ଘରକୁ ଶୋଭା ବଢ଼ାଇ ଥାଏ - ମା'
ପୋଖରୀକୁ ଶୋଭା ବଢ଼ାଇଥାଏ - ପଦ୍ମ
ପଡ଼ିଆକୁ ଶୋଭା ବଢ଼ାଇଥାଏ - ଘାସ
ଝିଅକୁ ଶୋଭା ବଢ଼ାଏ - ଚରିତ୍ର
ନାରୀ ହୋଇ ଯେବେ ନ ଥିବ ଗୁଣ
ଧୋଇ ପାରିବ କି ତା ସୁନ୍ଦର ପଣ
ଥିଲେ ଥାଉ ପଛେ ଗୁଣ ହଜାର
ଚରିତ୍ର ନ ଥିଲେ ସବୁ ଅସାର

ରୂପ ନ ଥାଉ ବଂର ଗୁଣ ଥାଉ
ଗୁଣ ଥିଲେ ରୂପରେ କିଛି ଆୟତନ ନାହିଁ

## ନାରୀଶିକ୍ଷା

ଗୋଟିଏ ଶିଶୁକନ୍ୟା ତା ମା' ଗର୍ଭରେ ସତ୍ତାର ହେବାଦିନ ଠାରୁ ଶିଶୁ ଶିକ୍ଷା ଗ୍ରହଣ କରିଥାଏ। ସେ ଯେତେବେଳେ ପୃଥିବୀ ପୃଷ୍ଠରେ ଜନ୍ମଗ୍ରହଣ କରିଥାଏ ସେ ଦୁନିଆର ଆଲୋକରେ ଆଲୋକିତ ହୋଇଥାଏ। କିନ୍ତୁ କେତେକ ଶିଶୁ କନ୍ୟା ଶିକ୍ଷା ପାଇବାରୁ ବଞ୍ଚିତ ହୋଇ ଦୁନିଆର ଆଲୋକ ପାଇପାରନ୍ତି ନାହିଁ ବିଶେଷ କରି ଗ୍ରାମ ଗୁଡ଼ିକରେ ଲୋକମାନେ ଝିଅ ପିଲାମାନଙ୍କୁ ପଢ଼ାଇ ନ ଥାନ୍ତି। ଖାଲି ଦସ୍ତଖତ ଶିଖିଗଲେ ସବୁ କି ଅକ୍ଷର ଶିଖିଗଲେ ତାହା ପ୍ରକୃତ ଶିକ୍ଷାନୁହେଁ। ଯେତେବେଳେ ଗୋଟିଏ ନାରୀ ଶିକ୍ଷା ଗ୍ରହଣ କରି ତାହା ଉପଯୁକ୍ତ କାର୍ଯ୍ୟରେ ଲଗାଇ ମଣିଷଟିଏ ହୋଇ ସମାଜରେ ବାହାରେ ଏବଂ ତାହା ବ୍ୟବହାରରେ ପରିମାର୍ଜିତ କରେ ତାହାକୁ ପ୍ରକୃତ ଶିକ୍ଷା ବୋଲି କୁହାଯାଏ। ବର୍ତ୍ତମାନ ଯୁଗରେ ପ୍ରାୟତଃ ନାରୀ ଶିକ୍ଷା ଆଗେଇ ଚାଲିଛି ନିଶ୍ଚୟ କିନ୍ତୁ ବିଶେଷ ପରିମାଣରେ ନୁହେଁ। ତାହା କୋଣ ଅନୁକୋଣରେ ନାରୀମାନେ ଶିକ୍ଷା ପାଇପାରୁ ନାହାନ୍ତି। ନାରୀ ଜଗତରେ ସର୍ବଶ୍ରେଷ୍ଠତମ ଆଦର୍ଶରେ ପରିଣତ କରି ଦେଇଛି। କେଉଁ ସ୍ମରଣାତୀତ କାଳରୁ ସ୍ତ୍ରୀ ସାବିତ୍ରୀ, ଦମୟନ୍ତୀ, ଅନସୂୟା, ଦୌପଦୀ ଆଦି ଭାରତୀୟ ନାରୀର ପବିତ୍ର ମହାନ ଆଦର୍ଶ ରୂପେ ପରିଗଣିତ ହୋଇ ଆସୁଅଛି।



## ଏ ଆଧୁନିକ ଯୁଗର ନାରୀ

ଏ ଯୁଗର ନାରୀମାନେ ସେହି ଦେବୀମାନଙ୍କ ଚରିତ୍ରକୁ ଅନୁକରଣ କରି ଗ୍ରହଣ କରିବା ଆବଶ୍ୟକ। ଆଧୁନିକ ଯୁଗର ନାରୀ ନିଜର ଇଜ୍ଜତକୁ ନେଟ ସଦୃଶ ପୋଷାକ ପରିଧାନ କରି ଟ୍ରାଉଜର ପଞ୍ଜାବୀ ପିନ୍ଧି କଳା ଚଷମା ଲଗାଇ ହାଇହିଲ୍ ପିନ୍ଧି ଚୁଟିକୁ କାଟି ସ୍କୁଟିଧରି ରାଜରାସ୍ତାରେ ନିଜକୁ ସୁନ୍ଦର ବୋଲି ମନେକରନ୍ତି। ଚାକଚକ୍ୟ ନାୟିକା, ଗାୟିକା ଚଳଚିତ୍ରରେ ତ ଅପେରା ପାର୍ଟିରେ କାର୍ଯ୍ୟ କରିବା କୌଣସି ନାରୀର ନାରୀତ୍ୱ ସତିତ୍ୱ କି ମହତ୍ୱ ନୁହେଁ। ଆଜିର ନାରୀ ଲଗାମ ଛଡ଼ା ହୋଇ ଅବାଧକରେ ଏଣେ ତେଣେ ବୁଲିବା, ଯାହାଇଚ୍ଛା ତାହା କରିବା ଘରେ କଲେଜ୍ ଯାଉଛୁ କହି ବୟଫ୍ରେଣ୍ଡ୍ ସାଥିରେ ପାର୍କରେ ବୁଲିବା, ସିନେମା ଦେଖିବା, ମୋବାଇଲ୍‌ରେ ଗପିବା, ହୋଟେଲରେ ଦହିବରା ଖାଇବା, ଅନ୍ୟର ଖରାପ ଗୁଣକୁ ଅନୁସରଣ କରିବା ଏଇଟା ନାରୀର ସତ୍ୟତା ନୁହେଁ କି ନାରିତ୍ୱ ନୁହେଁ। ପ୍ରସିଦ୍ଧ ମହାଭାରତ ମହାଗାଥା ହେଉଛି ମାତୃତ୍ୱ କଥା ଗୁଡ଼ିକର କୋଷ। ସତ୍ୟବତୀ, ଶକୁନ୍ତଳା, କୁନ୍ତି, ଗାନ୍ଧାରୀ, ଦୌପଦୀ, ସୁଭଦ୍ରା ଆଜି ମଧ୍ୟ ମାଆ ମାନେ ନିଜ ସନ୍ତାନମାନଙ୍କୁ ସମୁଚିତ ଶିକ୍ଷା ପ୍ରଦାନ କରିଥିଲେ। ତେଣୁ ଆଜିର ମାଆ ମାନେ ନିଜର ଗାରିମାକୁ ପୁଣି ମହିମାମଣ୍ଡିତ କରିବାକୁ ହେବ। ସେମାନେ ନିଜ ସନ୍ତାନ ମାନଙ୍କୁ ସଂସାରିତ କରି ନିଜ ମମତାକୁ ବ୍ୟାପକ କରିବା ଦରକାର। ଏଥିପାଇଁ ନିଜର ଦାୟିତ୍ୱକୁ ସେମାନେ ଗଭୀରତା ସହ ବୁଝିବା ଉଚିତ। ତେଣୁ ସମାଜ ଉନ୍ନତି ପାଇଁ ତଥା ଦେଶର ଉନ୍ନତି ପାଇଁ ଲଜ୍ଜା ନିବାରଣ କରିବା ଉଚିତ।

ଏ ମାନବ ସମାଜକୁ ଦିଗ୍‌ଦର୍ଶନ ଦେବାକୁ ହେଲେ ନାରୀକୁ ପୁଣିଥରେ ଫେରିବାକୁ ପଡ଼ିବ। ତାର ଅତୀତକୁ ଯେଉଁଠାରେ ସେ ଫେରିପାଇବୁ ତାର ଗୌରବମୟ ଇତିହାସକୁ ଭାରତୀୟ ସଂସ୍କୃତିର ମହାନତା ଓ ମହନୀୟତାକୁ ବଜାୟ ରଖିବା ପାଇଁ ସୌନ୍ଦର୍ଯ୍ୟ ସେବା ପରିବର୍ତ୍ତେ ପୁଣି ଥରେ ନାରିକୁ ସମାଜକୁ ପଡ଼ିବ ସମାଜ ସେବି କଲ୍ୟାଣମୟୀ ଓ ମଙ୍ଗଳମୟୀ। ନାରୀଶିକ୍ଷାର ପ୍ରସାର କ୍ଷେତ୍ରରେ ମୁଖ୍ୟବାଧକ ସାଜିଛି ଆମ ସମାଜର କୁସଂସ୍କାର ତଥା ପୁତ୍ରମନସ୍କ ମାନସିକତା ଝିଅ ଜନମ ଚୁଲି ମୁଣ୍ଡକୁ ନିତିରେ ବିଶ୍ୱାସ କରୁଥିବା ବାପାମାଆ ମାନେ ପବିତ୍ର ଶିକ୍ଷା ଲାଭରୁ ଝିଅମାନଙ୍କୁ ବଞ୍ଚିତ କରୁଛନ୍ତି। ନାରୀକୁ ମାନସିକ ଦୃଷ୍ଟିକୋଣରୁ ସଶକ୍ତ କରାଇଥାଏ। ନାରୀ ନିଜେ ଶିକ୍ଷିତ ହେଲେ ନିଜର ସନ୍ତାନମାନଙ୍କୁ ଶିକ୍ଷା ପାଇଁ ପ୍ରେରଣା ଦେଇଥାଏ, କଥାରେ ଅଛି: ମାଆ ହେଲେ ପାଠୋଇ, ଦେଶ ଯିବ ଆଗେଇ।

।।।

# ପ୍ରାଚୀନ ଇତିହାସରେ ଗୋଁଡ୍

ବିନୋଦ ବିହାରୀ ପାତ୍ର

କେଉଁ ପ୍ରାଚୀନ ଯୁଗରୁ ଗୋଁଡ୍‌ଜାତି ଭାରତବର୍ଷରେ ଉତ୍ପତ୍ତି ହୋଇ ବସବାସ କରିଆସୁଅଛି, ତାହା ସଠିକ୍ ଭାବରେ କହିହେବ ନାହିଁ। ତଥାପି ପ୍ରାଚୀନ ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଗୋଁଡ୍, କନ୍ଧ, ଭୂୟାଁ, ଶବର, ସହରା, ବିଞ୍ଝାର୍, ହୋ, ସାନ୍ତାଳ ଇତ୍ୟାଦି ବହୁ ଜନଜାତିର ଲୋକେ ଆଦିମ କାଳରୁ ବସବାସ କରୁଥିବାର ଜଣାଯାଏ। କହିବା ତାତ୍ପର୍ଯ୍ୟ – ସେମାନେ ଆଦିମ କାଳରୁ ବାସ କରି ଆସୁଥିବାରୁ ସେମାନଙ୍କୁ ଆଦିମ ଅଧିବାସୀ କୁହାଯାଏ।

ଗୋଁଡ୍ ଜାତିର ଜୀବନ ଯାପନ ଅତି ସରଳ। ଏ ପର୍ଯ୍ୟନ୍ତ ତା'ର ଐତିହ୍ୟ, ଭାଷା, ସଂସ୍କୃତି ଏବଂ ପରମ୍ପରା ଅତି ଉଦାର ଓ ମହାନ। ପ୍ରାଚୀନ ଭାରତବର୍ଷର ନିବିଡ଼ ଅରଣ୍ୟରେ ପର୍ଣ୍ଣକୁଟୀରମାନ ସ୍ଥାପନ କରି ନିରାଡ଼ମ୍ବର ଭାବରେ ରହୁଥିଲା। ମିଥ୍ୟା, ଲାଞ୍ଛନା ଓ ପ୍ରବଞ୍ଚନା କଣ ଜାଣି ନ ଥିଲା। ତଥାପି ବେଳେବେଳେ ଜୀବନ ସଂଗ୍ରାମରେ ହାରିଯାଇ ସଂକଟ ସମୟରେ ଭଗବାନଙ୍କୁ ତାର ହାରି ଗୁହାରି ଜଣାଉଥିଲା। ଅଧିକା ଦାରୁ ଦେବତା ଜଂଘାଦେଓ ଭାବରେ ପୂଜା କରି ଆସୁଅଛି।

ଜନଜାତିମାନଙ୍କର ପୂଜା ପାର୍ବଣ ଅତି ନିଆରା। ବିଜ୍ଞାନ ଅନୁସାରେ ସେମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଧରଣୀ ପେନୁ (ଭୂମି), ଦାରୁ ଓ ପଥର ଇତ୍ୟାଦିକୁ ପୂଜା କରିଥାଏ। କିନ୍ତୁ; ଏଥିରେ ଜଗତର କଲ୍ୟାଣ ହିଁ ଉଦ୍ଦିଷ୍ଟ ଥାଏ। ରହିଥାଏ ଜନମଙ୍ଗଳ, ବ୍ୟକ୍ତିଗତ ଅନାସକ୍ତ ଏକ ପ୍ରକୃତିର ଉପାସକ। ବର୍ତ୍ତମାନ ବିଜ୍ଞାନ ତାହା ବୁଝିପାରିଛି।

ଭାରତରେ ଯେତେ ପ୍ରକାର ଜନଜାତି ବାସ କରନ୍ତି, ସେଥି ମଧ୍ୟରୁ ଶତକଡ଼ା ୫୦% ଭାଗ ଗୋଁଡ୍ ଜାତି ଅଟନ୍ତି। ଆଜକୁ ପାଞ୍ଚ ହଜାର ବର୍ଷ ପୂର୍ବେ ଐତିହାସିକମାନଙ୍କ ମତ ଅନୁସାରେ ବାନରରୁ ଜାଭାମାନବ, ପେକିଂ ମାନବ ସୃଷ୍ଟି ହୋଇ ନିନ୍‌ଡରଥାଲ୍ ମାନବରୁ ଆଜିର ଆଧୁନିକ ମାନବ ଉତ୍ପତ୍ତି ହୋଇଛି। ଏ ଗୋଁଡ୍ ଜାତିର ଉତ୍ପତ୍ତି ଠିକ ସେହିପରି ଅଭ୍ୟୁଦୟ ଘଟିଛି।

ପୁରାଣ ଅନୁସାରେ ସୂର୍ଯ୍ୟବଂଶର ରାଜା ତକ୍ଷକ, ଯିଏ କି ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଅନୁଜ ଭରତଙ୍କ ପୁତ୍ର ଥିଲେ। ତାଙ୍କଠାରୁ ଉଦ୍ଭବ ସତାଇସ୍ ପିଢ଼ି ପରେ ସୁମିତ୍ର ଜନ୍ମ ହେଲେ। ସେ ଗୋଁଡ୍‌ୱାନା ରାଜ୍ୟରେ ଶାସନ କରୁଥିବାରୁ ରାଜ୍ୟ ନାମାନୁସାରେ ତାଙ୍କୁ ଗୋଁଡ୍‌ରାଜା ବୋଲି କୁହାଗଲା। ତାଙ୍କର ଛଅ ଭାଇ – ସୂର୍ଯ୍ୟ, ସୋମ, ଯଦୁ, କଦମ୍, ଗଙ୍ଗ୍ ଏବଂ ଗାଗ୍ରମ୍ ଥିଲେ। ସେମାନେ ଅଲଗା ଅଲଗା ସ୍ଥାନ ନିରୂପଣ କରି ଛୋଟ ଛୋଟ ରାଜ୍ୟ ସ୍ଥାପନ କରି ବସବାସ କଲେ।

୧. ସବୁଠାରୁ ବଡ଼ଭାଇ ସୂର୍ଯ୍ୟ ଚନ୍ଦାଗଡ଼ ନାମକ ଗଡ଼ ସ୍ଥାପନ କରି ସେଠାରେ ଶାସନ କରେ। ତାଙ୍କର ନାମାନୁସାରେ ସୂର୍ଯ୍ୟବଂଶ। ପ୍ରାଚୀନ ଗୋତ୍ର ଭରଦ୍ୱାଜ। କ୍ଷତ୍ରିୟର ନାମ ଜଗତ୍। ସ୍ଥାନୀୟ ଲୋକବାଣୀର ଗୋତ୍ର ବଣମଇଁଷୀ।

୨. ଦ୍ୱିତୀୟ ଭାଇ ସୋମ। ବୈରାଗଡ୍ ନାମକ ଗଡ଼ ସ୍ଥାପନ କରି ସେଠାରେ ଶାସନ କରେ। ତାଙ୍କର ନାମାନୁସାରେ ସୋମବଂଶ ହେଲା। ଯାହାକି ଜାତି ଭାସ୍କର ଇତିହାସ ପୃଷ୍ଠାରେ ପାଞ୍ଚଦେଓ ନାମରେ ପରିଚିତ। ପ୍ରାଚୀନ ଗୋତ୍ର ପାରାଶର। କ୍ଷତ୍ରିୟର ନାମ ପରେଶ। ସେ ଭରତିଆ ନାମକ ଏକ ପକ୍ଷୀ ପାଳନ କରିଥିବାରୁ ସ୍ଥାନୀୟ ଲୋକବାଣୀ ଅନୁସାରେ ଗୋତ୍ର ଭରତିଆ ପକ୍ଷୀ।

୩. ତୃତୀୟ ଭାଇ ଯଦି, ସୁମେର ଗଡ଼ ସ୍ଥାପନ କଲେ। ତାଙ୍କ ଅନୁସାରେ ଯଦୁବଂଶ। ଯାହାକି ଆମ୍ଭମାନଙ୍କ ଠାରେ ତିନ୍ ଦେଓ ନାମରେ ପରିଚିତ। ପ୍ରାଚୀନ ଗୋତ୍ର ବଶିଷ୍ଠ। କ୍ଷତ୍ରିୟର ନାମ ନେଟି। ଏକଦା ଶିକାର କରିବା ଉଦ୍ଦେଶ୍ୟରେ ଘୋର ଜଙ୍ଗଲରେ ବୁଲୁ ବୁଲୁ ବାଘ ଛୁଆଟିଏ ଦେଖିବାକୁ ପାଇଲେ। ତାକୁ ନେଇଆଣି ଘରେ ରଖିଲେ। ବାଘ ରଖିଥିବାରୁ ସ୍ଥାନୀୟ ଗୋତ୍ର ବାଘ।


୪. ଚୌଥା ଭାଇ କଦମ୍। ହିରାଗଡ୍ ସ୍ଥାପନ କରି ସେଠାରେ ବସବାସ କଲେ। ଯାହାକୁ କଦମ୍ ବଂଶ କହୁ। ଆମ ଗୋଁଡ୍

ମାନଙ୍କଠାରେ ଛଅ ଦେଓ ନାମରେ ପରିଚିତ। ପ୍ରାଚୀନ ଗୋତ୍ର ଗଙ୍ଗାସ। କ୍ଷତ୍ରିୟର ନାମ ଓଟି। ସ୍ଥାନୀୟ ଗୋତ୍ର କଣାମାଛ।

୫. ପଞ୍ଚମ ଭାଇ ଗଙ୍ଗ୍ ନାମରେ ଥିଲେ। ଲାଞ୍ଜିଗଡ଼ ସ୍ଥାପନ କରି ସେଠାରେ ରହିଲେ। ଗଙ୍ଗ୍ ବଂଶ ନାମରେ ପରିଚିତ, ଯାହାକୁ ଆମେ ଚାର ଦେଓ ବୋଲି କହୁ। ପ୍ରାଚୀନ ଗୋତ୍ର କଶ୍ୟପ। କ୍ଷତ୍ରୟର ନାମ ମାର୍‌ପାତି। ଦିନକର ଘଟଣା। ତାଙ୍କର ସ୍ତ୍ରୀ ସ୍ନାନ କରିବା ସମୟରେ ଏକ କଇଁଛ ଦେଖିବାକୁ ପାଇଲେ। ଦେବତା ଭାବି ତାକୁ ପୂଜା କଲେ। ତେଣୁ ଲୋକମାନଙ୍କର କଥାନୁଯାୟି ଗୋତ୍ର କଇଁଛ।

୬. ସବୁଠାରୁ ଛୋଟ ଭାଇ ଗାଗ୍ରମ୍। ଗଡ଼ା ମଣ୍ଡଳା ନାମକ ଏକ ସୁନ୍ଦରଗଡ଼ ସ୍ଥାପନ କରି ସେଠାରେ ଶାସନ କଲେ। ସେ ହେଲା ଗାଗ୍ରମ୍ ବଂଶ। ଆମ୍ଭମାନଙ୍କ ଜାତିରେ ସାତ୍‌ଦେଓ ନାମରେ ପରିଚିତ। କ୍ଷତ୍ରିର ନାମ ମରାଇ। ପ୍ରାଚୀନ ଗୋତ୍ର ନାଗସ୍ୟ। ସ୍ଥାନୀୟ ଗୋତ୍ର ନାଗସର୍ପ। ଏ ଥିଲା ଆମ ପୌରାଣିକ୍ ତଥା ପ୍ରାଚୀନ ଇତିହାସରେ ଗୌଁଡଠ୍।

ଶିକ୍ଷକ, ଦନ୍ତାରିବାହାକ ଉଚ୍ଚ ବିଦ୍ୟାଳୟ
ଜିଲ୍ଲା - ଦେବଗଡ଼
ମୋ - ୯୯୩୮୦୮୭୨୫୪





# ଗୋଁଡ : ଇତିହାସର ସବୁଠାରୁ ବିଡ଼ମ୍ବିତ ଜାତି

ଶ୍ରୀ ବିରଞ୍ଚି ନାୟକ

ଇତିହାସ ଶବ୍ଦକୁ ଅକ୍ସଫୋର୍ଡ ଡ଼ିକ୍ସନାରୀରେ ଅର୍ଥ କରାଯାଇଛି ଯେ (i) History is a continuous record of public events. (ii) an interesting or eventful past, (iii) Systemetic of critical analysis or research into past events. ଏହି ତିନୋଟି ସଂଜ୍ଞାର ଓଡ଼ିଆ ରୂପ ଏହି ପରି ହେବ:

୧. ଇତିହାସ ହେଉଛି ସର୍ବସାଧାରଣ ଘଟଣାବଳୀର ଧାରାବାହିକ ବିବରଣୀ ।

୨. ଚିତ୍ତାକର୍ଷକ ବା ଘଟଣା ବହୁଳ ଅତୀତ ।

୩. ଅତୀତ ଘଟଣାବଳୀର ନିୟମିତ ବା ସମାଲୋଚନା ମୂଳକ ବିଶ୍ଳେଷଣ ବା ଗବେଷଣା ।

ଏହି ସଂଜ୍ଞାଗୁଡ଼ିକରୁ ସ୍ପଷ୍ଟ ହେଉଛି ଯେ ଇତିହାସ କଦାପି କଳ୍ପନା ପ୍ରସୂତ ବିଷୟବସ୍ତୁ ଉପରେ ପର୍ଯ୍ୟବେସିତ ହୋଇ ନଥାଏ ଉପରନ୍ତୁ ସବୁ ସତ ଘଟଣାର ଧାରାବାହିକ ବିବରଣୀ ଯାହା ଭବିଷ୍ୟତ ବଂଶଧରଙ୍କ ପାଇଁ ପ୍ରେରଣାର ଉତ୍ସ ହେବ; ତାହା ହିଁ ଇତିହାସକାରଙ୍କ ଦ୍ୱାରା ଲିପିବଦ୍ଧ ହୋଇଥାଏ ।

ଭାରତୀୟ ଇତିହାସର ବିଡ଼ମ୍ବନାର ବିଷୟ ହେଉଛି ଯେ ପୁରାଣ ଯୁଗର ସମାପ୍ତି ପରେ ପ୍ରାୟ କୌଣସି ଭାରତୀୟ ଭାରତର ଇତିହାସ ଲେଖି ନାହାନ୍ତି । ପ୍ରାଚୀନ ଭାରତ ଓ ମଧ୍ୟଯୁଗୀୟ ଭାରତର ଇତିହାସ ମୁଖ୍ୟତଃ ବୈଦେଶିକମାନେ ଲେଖିଥିଲେ । ଏହି କ୍ରମରେ ଯେଉଁମାନେ ଅଗ୍ରଣୀ ଇତିହାସକାର ଆବୁଲ୍‌ଫାଜଲ, ଆଲ୍‌ବେରୁଣୀ, ମେଘାସ୍ଥିନିସ୍ ଓ ଫାହିୟାନ୍ ଆଦି ଆସନ୍ତି ଏମାନେ ବସ୍ତୁତଃ ଗବେଷଣା ଉଦ୍ଦେଶ୍ୟ ରଖି ଇତିହାସକୁ ଲିପିବଦ୍ଧ କରିନଥିଲେ । ପରବର୍ତ୍ତିକାଳରେ ଯେଉଁ ଇତିହାସକାର ମାନେ ଘଟଣା କ୍ରମକୁ ଲିପିବଦ୍ଧ କରିଛନ୍ତି; ସେମାନଙ୍କର କୌଣସି ସାମାଜିକ ଉତ୍ତର ଦାୟିତ୍ୱ ଥିବାଭଳି ମନେ ହୁଏ ନାହିଁ । ବରଂ ସେମାନେ ଇତିହାସ ଲେଖିବା ବେଳେ ନିଜର ପେଟ ପାଟଣା ଚିନ୍ତା ବେଶୀ କରୁଥିଲେ ଓ ତତ୍କାଳୀନ ଶାସନମାନଙ୍କର ତୁଷ୍ଟିକରଣ ନିମନ୍ତେ ସେମାନଙ୍କୁ ସୁହାଇବା ଭଳି ବିବରଣୀ

ଲେଖୁଥିଲେ। ତେଣୁ ସାଧାରଣ ପାଠକଟିଏ ଆଶ୍ଚର୍ଯ୍ୟ ପ୍ରକାଶ କଲେ ଯେ ଯେଉଁ ଦୁର୍ଦ୍ଧର୍ଷଗୋଣ୍ଡଜାତି ଦୀର୍ଘ ୧୪୦୦ ବର୍ଷରୁ ଅଧିକକାଳ ମଧ୍ୟ ଭାରତରେ ଶାସନ କରିଥିଲା ସେହି ଜାତି କିଭଳି ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି ନଥିଲା। କହିବା ଉଚିତ୍ ହେବ ଯେ ଏହା ଇତିହାସକାରମାନଙ୍କର ଚକ୍ରାନ୍ତ ଥିଲା ନା ଜାଣି ଜାଣି ଗୋଟାଏ ଜାତିର ଗୌରବୋଜ୍ଜଳ ଐତିହ୍ୟକୁ ଇତିହାସ ପୃଷ୍ଠାରୁ ଲୋପ କରାଯିବାର ଚେଷ୍ଟା କରାଯାଇଥିଲା !

ପୁରାଣ ପୃଷ୍ଠାରେ ଯେଉଁ କାକତେୟ, ହୈହୟ, ସାତବାହନ, ନାଗ ବଂଶର ବିଖ୍ୟାତ ରାଜା ମାନଙ୍କ ସଂପର୍କରେ ବର୍ଣ୍ଣନା କରାଯାଇଛି କୌଣସି ସ୍ଥାନରେ ସେମାନେ ଗୋଁଡ଼ବଂଶୀ ବୋଲି ସ୍ୱୀକାର କରାଯାଇ ନାହିଁ। ଶ୍ରୀମଦ୍‌ଭାଗବତର ନବମ ସ୍କନ୍ଦରେ ଉଲ୍ଲେଖ ଅଛି ଯେ ସହସ୍ରାର୍ଜୁନ ହୈହୟ ବଂଶର ବିଖ୍ୟାତ ରାଜା ଥିଲେ। ସେ ମାହିଷ୍ମତୀପୁରର ରାଜା ଥିଲେ ଏବଂ ମାହିଷ୍ମତିପୁରକୁ ଏବେ ମଣ୍ଡଳା କୁହାଯାଉଛି।

କାକତେୟ ବଂଶର ଜଣେ ବିଖ୍ୟାତ ରାଜା ଜାମ୍ମୁକାଶ୍ମୀରର ପ୍ରସିଦ୍ଧ ମାର୍ତ୍ତଣ୍ଡ ମନ୍ଦିର ନିର୍ମାଣ କରାଇଥିଲେ ଯାହାର ଭଗ୍ନାବଶେଷ ଅନନ୍ତନାଗରୁ ପହେଲଗାମ ଯିବା ବାଟରେ ପଡ଼େ। ନାଗପୁର ସହରକୁ ନାଗବଂଶୀ ଗୋଁଡ ରାଜା ବକ୍ତବୁଲନ୍ଦସିଂହ ବସାଇଥିଲେ, ଭୋପାଳକୁ ମଣ୍ଡଳାର ମରାବୀ ବଂଶୀୟ ରାଜା ଭୁପାଲସାହ, ଗୋରଖପୁରକୁ ଗୋରକ୍ଷ ବାସ କରାଇଥିଲେ ଏହାକୁ ସାଧାରଣ ଇତିହାସକାରଟେ ସ୍ୱୀକାର କରେ ନାହିଁ କାହିଁକି ?

ଆଜ୍‌ମେରରେ ଚୌହାନ ବଂଶୀ ରାଜା ପୃଥୀରାଜ ଚୌହାନଙ୍କ ସୈନ୍ୟବାହିନୀରେ ପରାକ୍ରମୀ ଗୋଁଡ଼ବୀର ମାନେ ଥିଲେ ଯେଉଁ ମାନେ କି ଆକ୍ରମଣର ସମ୍ମୁଖ ଭାଗରେ ରହି ମହମ୍ମଦ ଘୋରୀର ଆଫଗାନ ସେନା ବାହିନୀକୁ ଧ୍ୱସ୍ତବିଧ୍ୱସ୍ତ କରିଦେଉଥିଲେ। ଏମାନଙ୍କ ସାହାଯ୍ୟରେ ପୃଥ୍ୱୀରାଜ ୧୧ଥର ମହମ୍ମଦ ଘୋରୀଙ୍କୁ ପରାସ୍ତ କରିଥିଲେ। ଯୁଦ୍ଧ ସମୟରେ ଅଗ୍ରଭାଗରେ ଗୋଁଡ଼ ଯୋଦ୍ଧାଙ୍କୁ ଦେଖି ଆଫଗାନ୍‌ମାନେ "ଆଜ୍‌ମେର ଗୋଁଡ୍ ଆଗୟେ" କହି ପୃଷ୍ଠଭଂଗ ଦେଇ ପଳାୟନ କରୁଥିଲେ। ଇତିହାସକାର, ପୃଥ୍ୱୀରାଜଙ୍କର ମିତ୍ର, ଚନ୍ଦ୍‌ବରଦାୟୀଙ୍କର "ପୃଥ୍ୱୀରାଜ ରାସୋ" କାବ୍ୟରୁ ଏକଥା ଜଣାଥିଲେ ମଧ୍ୟ ଅନ୍ୟ କୌଣସି ଇତିହାସକାରମାନେ ଏକଥା ଉଲ୍ଲେଖ କରି ନାହାନ୍ତି। ସଂଯୁକ୍ତା ସ୍ୱୟମ୍ବର ବେଳେ ପୃଥ୍ୱୀରାଜ ଯେଉଁ ବଛାବଛା ସେନାନାୟକମାନଙ୍କୁ ନେଇ କନୌଜ ଯାଇଥିଲେ ସଂଯୁକ୍ତାଙ୍କ ସହ ପୃଥ୍ୱୀରାଜଙ୍କୁ ସୁରକ୍ଷାଦେବାକୁ ଯାଇ ଏଇ ବୀରଗଣ ପ୍ରାୟ ନିଶ୍ଚିହ୍ନ ହୋଇଗଲେ। ଫଳତଃ ଦୁର୍ଭେଦ୍ୟ ଗୋଣ୍ଡ ବାହିନୀର ବିନା ସହାୟତାରେ ପୃଥ୍ୱୀରାଜଙ୍କୁ ନିର୍ଣ୍ଣାୟକ ଯୁଦ୍ଧରେ ହାରିବାକୁ ପଡ଼ିଲା ଓ ଭାରତର ଶାସନ ବିଦେଶୀହାତକୁ ଗଲା।

ମହାରାଣୀ ଦୁର୍ଗାବତୀଙ୍କ ଗୌରବ ଗାଥାକୁ ସ୍ୱୀକାର ନକରି ତାଙ୍କୁ ଆକବରଙ୍କ ଆଗରେ ନ୍ୟୁନ ପ୍ରତିପାଦିତ କରିବାକୁ ଆବୁଲ୍‌ଫାଜଲ୍ ଚେଷ୍ଟା କରି ରାଣୀଙ୍କୁ ଦୁର୍ବଳ ଚରିତ୍ରର ଓ ତୋଷାମଦକାରୀଙ୍କ ଗହଣରେ ରହୁଥିଲେ ବୋଲି ଚିତ୍ରିତ କରି ନିଜର କୁତ୍ସିତ ମନୋବୃତ୍ତିର ପରିଚୟ ଦେଇଛନ୍ତି। ନରଈ ଯୁଦ୍ଧରେ ଗୋଁଡ଼ ସେନାବାହିନୀ ସଂଖ୍ୟାନ୍ୟୁନ ଥାଇ ମଧ୍ୟ ବିଜୟ ହାସଲ କରିଥିଲେ ମାତ୍ର ତୋପ ବ୍ୟବହାର କରି ଆସଫଖାଁ ଅନ୍ତିମ ବାଜି ଜିତିଗଲା ଓ ମଧ୍ୟଭାରତର ଦୁର୍ଗା, ଦୁର୍ଗାବତୀଙ୍କର ଆତ୍ମବିସର୍ଜନ ସହିତ ଗୋଁଡ଼ ଶାସନର ରବି ମଧ୍ୟ ଅସ୍ତମିତ ହୋଇଗଲା। ଏସବୁର ସଠିକ୍ ଚିତ୍ର ଇତିହାସରେ ନାହିଁ। ଏହି ବଂଶର ଦୁଇଜଣ ପ୍ରସିଦ୍ଧ ଶାସକ ମଧୁକର ସାହ ଓ ଶଂକର ସାହଙ୍କୁ ଇଂରେଜମାନେ ତୋପ ମୁହଁରେ ଉଡ଼ାଇ ଦେଇଥିଲେ ତଥାପି ସାଧାରଣ ଇତିହାସ ଏମାନଙ୍କ ବଳିଦାନର କାହାଣୀ କହେନାହିଁ।

ଖ୍ରୀଷ୍ଟପୂର୍ବ ପ୍ରଥମ / ଦ୍ୱିତୀୟ ଶତାବ୍ଦୀ ବେଳକୁ ଯେଉଁ ପଞ୍ଚସ୍ତମ୍ଭ ବିଶିଷ୍ଟ ହେମାଣ୍ଡରୀ ପେନ୍‌ଠିୟା ନିର୍ମାଣ କରି ନିଜ କଳାକୁଶଳତାର ପ୍ରମାଣ ଗୋଁଡ୍ ଭୀମାଲ୍‌ପେନ୍ ଓ ତାଙ୍କ ଭାଇମାନେ ସୃଷ୍ଟି କରିଥିଲେ ତାହା ରାକ୍ଷସମାନଙ୍କ ଦ୍ୱାରା ନିର୍ମିତ ବା ହେମନ୍ତପନ୍ତଙ୍କ ଦ୍ୱାରା ନିର୍ମିତ ବୋଲି କୁହାଯାଇ ଇତିହାସକୁ ବିଭ୍ରାନ୍ତ କରାଗଲା।

ଯେଉଁ ଯେଉଁ ସ୍ଥାନରେ ଗୋଁଡ଼ ସଂସ୍କୃତି ଜୀବିତ ସେଇ ସ୍ଥାନକୁ କୌଶଳକ୍ରମେ ବ୍ରାହ୍ମଣ୍ୟଧର୍ମର ପୋଷାକ ଦ୍ୱାରା ଅଚ୍ଛାଦିତ କରିବାକୁ ନିରନ୍ତର ପ୍ରୟାସ କରାଯାଇଛି। ଉଦାହରଣ ସ୍ୱରୂପ ଚାନ୍ଦାଗଡ଼ର ନାମକରଣ ପ୍ରତ୍ୟାହାର କରି ଇତିହାସ ବର୍ଜିତ ଚରିତ୍ର ଚନ୍ଦ୍ରହାସ ଅନୁସାରେ ଏହାରକୁ ଚନ୍ଦ୍ରପୁର କହାଯାଉଛି। ଗୋଣ୍ଡିନାପୁରକୁ କୋଣ୍ଡିନାପୁର କୁହାଯାଉଛି। ଗୋଁଣ୍ଡ ସଗା ସମାଜ ସହ ଓତପ୍ରୋତ ଭାବେ ଜଡ଼ିତ, ବେନ୍‌ଗଙ୍ଗା, ପେନ୍‌ଗଙ୍ଗା, ବଁଜରନଦୀ, ମାବାଢ଼ୋଡ଼ା ବା ମହାନଦୀ, ନରମାଦା ନଦୀ, ଆଦି ନଦୀ ଗୁଡ଼ିକରୁ ଜବରଦସ୍ତି ଗୋଁଣ୍ଡ, ସଂସ୍କୃତିକୁ ବିଚ୍ଛିନ୍ନ କରାଯାଇଛି। ଏହାଛଡ଼ା ସତପୁଡ଼ା, ବେନ୍‌ଦୋଇ (ବିନ୍ଧ୍ୟ) ଅମୂରକୋଟ, ପେଙ୍କମେଢ଼ୀ ଆଦି ପାର୍ବତ୍ୟ ପ୍ରଦେଶ ସହ ଗୋଁଡ଼୍‌ମାନଙ୍କର ଯୁଗଯୁଗର ସଂବନ୍ଧକୁ କ୍ଷୁର୍ଣ୍ଣ କରାଯାଇ ନୂତନ ପୋଷାକ ପିନ୍ଧାଇ ଦିଆଯାଇଛି।

ଏପ୍ରକାର ଐତିହାସିକ ପ୍ରବଞ୍ଚନା ବା ଉପହାସରୁ ଓଡ଼ିଶାର ଗୋଁଡ଼ ଭାଇଭଉଣୀମାନେ ମଧ୍ୟ ବର୍ତ୍ତିଯାଇ ନାହାନ୍ତି। ସ୍ୱନାମଧନ୍ୟ

ବୀର ସୁରେନ୍ଦ୍ର ସାଏଙ୍କୁ ଆଜିର ଇତିହାସ ଗୋଁଡ୍ ବୋଲି ସ୍ୱୀକାର କରିବାକୁ କୁଣ୍ଠା ପ୍ରକାଶ କରୁଛି। ଯଦିଓ ସୁରେନ୍ଦ୍ର ସାଏଙ୍କ ମୃତ୍ୟୁ ପ୍ରମାଣ ପତ୍ରରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ମରାବୀ ଗୋଁଡ୍ ଥାଇ ସାତଦେଓ ନାଗବଂଶୀ ଥିଲେ। ମହାମେଘବାହନ ଐରଖାରବେଳ ଗରୁଡ଼ ଗୋଁଡ୍ ଚିହ୍ନଧାରୀ ରାଜା ଥିବା କଥା ଓଡ଼ିଶାର ଇତିହାସର କେଉଁଠାରେ ମଧ୍ୟ ଦୃଷ୍ଟି ଗୋଚର ହୁଏ ନାହିଁ ଅଥଚ ଖଣ୍ଡଗିରି ଗୁମ୍ଫାର ଶିଳା ଲେଖରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି।

ଗଜାରୁଢ଼ ସିଂହ ମୂର୍ତ୍ତିର ସ୍ଥାପତ୍ୟ ଓଡ଼ିଶାର ପ୍ରାୟତଃ ମନ୍ଦିରରେ ଦୃଷ୍ଟିଗୋଚର ହେଉଛି ମାତ୍ର ଏହା ଗୋଁଡ଼ୱାନାର ଗୋଁଡ଼ ରାଜଚିହ୍ନ ଏକଥା କେହି ସ୍ପଷ୍ଟ ଭାବରେ କହୁନାହାନ୍ତି।

ଏଭଳି ବହୁ ଦୃଷ୍ଟାନ୍ତ ରହିଛି ଯେଉଁଠାରେ ଗୋଁଡ୍ ସଂସ୍କୃତି ପ୍ରତି ଇତିହାସ ଉପହାସ କରିଛି। ଏହାର ନିରାକରଣ ଓ ପ୍ରତିବାଦ ନିମନ୍ତେ ଗୋଁଡ୍ ଇତିହାସକାରମାନେ ଆଗେଇ ଆସିବା ଦରକାର। ଏମାନଙ୍କୁ ସହାୟତା ଦେବାକୁ ନିଜ ଜାତିର ଗବେଷକମାନଙ୍କର ସକ୍ରିୟ ସହଯୋଗ ମଧ୍ୟ ଆବଶ୍ୟକ।

ଜୟ ସେବା ନୀଳ ଶୈଳ

ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ,
ପୁନର୍ବାସ ଓ ଥଇଥାନ୍, ଅନୁଗୋଳ
କିଶୋରଗଞ୍ଜ, ଅନୁଗୋଳ - ୭୫୯୧୨୭
ମୋ - ୯୪୩୮୫୨୭୮୪୭



# ଜୟସେବା, ଜୟ ବଡାଦେବ, ଜୟ ଗୋଁଡ଼ୱାନା

## ବଦ୍ରୀ କୁମାର ବରିହା

ଲେଖକୀୟ : (ଦୟବି କେ ବହାବ ସେ ଟକରାଓ୍ୱେଗେ ତୋ ବହଜାଏଗେ, ଭିଡ଼ୋଗେ ତୋ ଡୁବ୍ ଜାଓଗେ। ଦୟବି କେ ଧାରାକେ ସାଥ ଚଲନା ଶିଖୋ, ଆଜ ୟହି ହୈ ଜମାନା)

ଆଜି ଭାରତ ଏକ ଗଣତନ୍ତ୍ର ରାଷ୍ଟ୍ର। ଏଭଳି ଏକ ଲୋକତନ୍ତ୍ର ରାଷ୍ଟ୍ରରେ ମୂଳନିବାସୀ ନିଜ ସମସ୍ୟାର ରୋଦନ ଛାଡ଼ି ପରିସ୍ଥିତି ସହ ଟକକ୍ର ମୁକାବିଲା କରି ଭୋଟ ମାଧ୍ୟମରେ ସରକାର ବଦଳାଇବା ଶିକ୍ଷା କରନ୍ତୁ, ତେବେ ଯାଇ ସେମାନଙ୍କର ବିକାଶ ହେବ। ଆମ୍ଭ ଗଣ୍ଡ ଇତିହାସ ଅତୀତ ହେଲାଣି ବର୍ତ୍ତମାନ ପରିସ୍ଥିତି ଯୁଗରେ ତାହା ନିଜ ଉପରେ ନିର୍ଭର କରେ। ବ୍ରାହ୍ମଣ ବାଦ ସମ୍ମୁଖରେ ଆଛା ଆଛା ରାଜପୁତ ସମ୍ମତି ପ୍ରଦାନ କରିଛନ୍ତି। ଉଦାହରଣ ସ୍ୱରୁପ ପରଶୁରାମ ୨୧ ବାର ଧରତୀ ଉପରେ କ୍ଷତ୍ରୀୟ ବିହୀନ କରି ବିଜୟ ପ୍ରାପ୍ତ ହୋଇଥିଲେ। ଏହାର କାରଣ ପରଶୁରାମଙ୍କ ପିତା କ୍ଷତ୍ରୀୟଙ୍କ ଜମି ଉପରେ କବ୍ଜା କରିଥିଲେ। ତେଣୁ ଏକ କ୍ଷତ୍ରୀୟ ତାଙ୍କ ପିତାଙ୍କୁ ହତ୍ୟା କରିଥିଲେ। ଶ୍ରମିକ ମଜଦୁରୀ କରେ, କୃଷି କାର୍ଯ୍ୟ କରେ, କୋଠାଘର ନିର୍ମାଣ କରେ କିନ୍ତୁ ଏହାର ଫାଇଦା ଅନ୍ୟ ଜଣେ ଉଠାଏ। ମନେରଖନ୍ତୁ ସମୟ ଏବଂ ଅବସର କାହାକୁ ଅପେକ୍ଷା କରେ ନାହିଁ। ଦିନ ଆସେ ସତ୍ୟ ଆପେ ଆପେ ପଦାକୁ ଚାଲିଆସେ। ବର୍ଣ୍ଣ ବ୍ୟବସ୍ଥା ଦିନେ ନା ଦିନେ ନିଶ୍ଚୟ ଲୁପ୍ତ ହେବ। ଆଜିର ମହାସଭା ବିକାଶ, ବିକାଶ, ବିକାଶ, ବର୍ତ୍ତମାନ ବ୍ୟବସ୍ଥାରେ ଏକ ଆଦିବାସୀ ତଥା ଜନଜାତି ବିଧାୟକ ତଥା ସାଂସଦ ପ୍ରତିବର୍ଷ ପାଞ୍ଚ ବେରୋଜଗାରଙ୍କୁ ରୋଜଗାର ଯୋଗାଇ ପ୍ରତ୍ୟେକ ରୋଜଗାରୀ ପାଞ୍ଚ ପାଞ୍ଚ ବେରୋଜଗାରୀଙ୍କୁ ରୋଜଗାରୀ ପଥ ଦର୍ଶାଇଲେ ସମସ୍ତଙ୍କ ଜିନ୍ଦେଗୀ ପାଞ୍ଚ ବର୍ଷରେ ବଦଳିଯିବାର ସୁଗମ ପଥ ଅଟେ। କାରଣ ଆଜିର କମ୍ପିଟିସନ ଯୁଗରେ ବେରୋଜଗାରୀଙ୍କୁ ମଧ୍ୟ ସ୍ଥାପିତ କରିବା ବହୁ କଷ୍ଟ ସାଧ୍ୟ। ଆଦିବାସୀଙ୍କ ସମଗ୍ର ବିକାଶ ପ୍ରଶାସନିକ ବନ୍ଧୁ ସମୂହଙ୍କୁ ମଧ୍ୟ ଅନୁରୋଧ ପାଞ୍ଚ ବେରୋଜଗାରୀଙ୍କୁ ରୋଜଗାରୀ ଏବଂ ପ୍ରତ୍ୟେକ ରୋଜଗାରୀ ପାଞ୍ଚ ବେରୋଜଗାରୀଙ୍କୁ ରୋଜଗାରୀ କରାଇବା ପଥ ଦର୍ଶାଇଲେ ଆଜିର ସମସ୍ୟା ନିଶ୍ଚୟ ସମାଧାନ ହେବା ସଙ୍ଗେ ସଙ୍ଗେ ଲୋକ ସେବା ସଙ୍ଗକୁ ରାଜନିତୀରେ ମଧ୍ୟ କାମକୁ ଆସିବ ଏବଂ "ଜୟ ସେବା" ସେବା ହେବାର ମହତ୍ତ୍ୱ ବଜାୟ ରହିବ।

ଉକ୍ତ ସମାଜ କେବେ ବି ଆକ୍ରୋଶ ତଥା ପ୍ରତିକାର କରେ ନାହିଁ ବରଂ ସହନଶୀଳତାର ପବୃତ୍ତି ଅଟେ। ତେଣୁ ସମାଜର ଦୁର୍ବଳତା ଦୂର କରିବା ଉଚିତ୍। ଅନ୍ୟାୟର ପ୍ରତିକାର କରିବା ଉଚିତ୍। ଭୟ କରନ୍ତୁ ନାହିଁ। ଭୟଭୀତ ଲୋକଙ୍କୁ ନିର୍ଭୟୀ ଲୋକ ଡରାଇବାକୁ ଚେଷ୍ଟା କରେ। ଗୁଲାମ ଗିରି ଛାଡି ପ୍ରଭୁତ୍ୱ ବିସ୍ତାର କରନ୍ତୁ। ଯାହାର ଅପିଲ୍ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟରେ ସ୍ଥାପିତ କରିଛନ୍ତି। ବର୍ତ୍ତମାନ ସମୟ ଆସିଛି, ସମୁଦାୟ ଅନ୍ତର୍ଗତ ଉପଯୁକ୍ତ ସଂଗଠିତ ହୋଇଏହାର ବିକାଶ ଆଉ ପ୍ରଗତି ପଥେ ନିରନ୍ତର ଆଗେ ବଢ଼ିବା।

**ହିନ୍ଦିରେ କୁହାଯାଏ –**

ଏକ ପଥର କି ଭି ତକଦିର ବଦଲ ସକତି ହେ
ସର୍ତ୍ତୟ ହେ କି ଉସେ ସଲୀକେ ସେ ତରାସା ଜାୟେ।

ଭାରତ ସ୍ୱାଧୀନ ହେବାର ଦୀର୍ଘ ୭୧ ବର୍ଷ ବିତିଗଲାଣି ତଥାପି ୨୫ କରୋଡ ଜନଜାତିଙ୍କ ତକଦିର ବଦଳି ନାହିଁ। ସେମାନେ ଆଜି ମଧ୍ୟ ଜଳ, ଜଙ୍ଗଲ, ଜମିନ, ରୋଟି, କପଡା, ମକାନ, ଆର୍ଥିକ, ସାମାଜିକ, ରାଜନୀତିକ, ପ୍ରଶାସନିକ ଆଉ ସ୍ୱାସ୍ଥ୍ୟର ସମସ୍ୟା ଉପରେ ଯୁଝୁଛନ୍ତି ଆଉ ତକ୍ଦିରକୁ ନିନ୍ଦୁଛନ୍ତି। ତେଣୁ ଆମ୍ଭଙ୍କୁ ବ୍ରାହ୍ମଣବାଦକୁ ପ୍ରଶୟ ନ ଦେଇ ନିଜ ଆଦିବାସୀ ବାଦକୁ ଆବୋରି ନେବା ଉଚିତ୍। ତେବେ ଯାଇ ଆର୍ଯ୍ୟଙ୍କୁ ଉପଯୁକ୍ତ ଶିକ୍ଷା ମିଳିବ। ଏଥି ସକାଶେ ମୁଁ ଆପଣମାନଙ୍କୁ ଜର୍ମାନୀର ଏକ ଉଦାହରଣ ଦେଉଛି। ତା ୧.୧.୧୮୭୧ ମଃରେ ବିଷମାର୍କଙ୍କ ଚେଷ୍ଟାରେ ଜର୍ମାନୀ ରାଷ୍ଟ୍ରର ରୂପ ଉଦୟ ହେଲା। ବିଷମାର୍କଙ୍କ ସତ୍ତା ସ୍ଥାପିତ କରିବା ପାଇଁ କେଥୋଲିକ ଲୋକଙ୍କ ସହ ସମଗୌଣ କରିବାକୁ ପଡ଼ିଥିଲା। ୧୮୭୦ ମଃରେ ଜର୍ମାନୀର ମୋଟ୍ ଆବାଦି ୪ କରୋଡ

ଥିଲେ। ଦେଶର ଅଧିକାଂଶ ଲୋକ କୃଷିଜିବୀ ଥିଲେ ଯାହାର ୨/୩ ଭାଗ ଗାଁରେ ବାସକରୁଥିଲେ। ସମ୍ପୂର୍ଣ୍ଣ ଜର୍ମାନୀରେ ୮ ନଗର ଥିଲା। ଆଉ ଦେଶରେ ଉଦ୍ୟୋଗ ବିକାଶ ହେଉନଥିଲା। ଗରିବୀ ବରାବର ବିଦ୍ୟମାନ ଥିଲା। ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଜୀବିକା ନିର୍ବାହ ପାଇଁ ଅନ୍ୟତ୍ର ଚାଲିଯାଉଥିଲେ। ଜର୍ମାନୀରେ ୧୮୭୦ରେ ଯଦି ଏପରି ଅବସ୍ଥା ଥିଲା ତେବେ ଆର୍ଯ୍ୟଙ୍କ ଭାରତ ଆସିବା ସମୟରେ ଜର୍ମାନୀର କେଉଁ ଦଶା ଥିଲା। ୧୮୭୦ ପରେ ଜର୍ମାନୀରେ ବହୁତ ବଡ ବଡ ଉଦ୍ୟୋଗର ବିକାଶ ହେବକୁ ଲାଗିଲା, ତେବେ ଯାଇ ଜର୍ମାନୀ ସମୃଦ୍ଧଶାଳୀ ରାଷ୍ଟ୍ର ହୋଇପାରିଛି।

ବର୍ତ୍ତମାନ ରାଜନୈତିକ ଏବଂ ସାମାଜିକ ସ୍ଥିତିରେ ବହୁତ ପରିବର୍ତ୍ତନ ହୋଇଛି। ଭିନ୍ନ ଭିନ୍ନ ସଂଗଠନ ଆଉ ବିଭିନ୍ନ ଦଳରେ ଜାତି, ଧର୍ମର ନାମ ନେଇ ନିଜ ନିଜ ଦୋକାନ ଖୋଲା ରଖିଛନ୍ତି। ଆଉ ଜେଉଁ ପ୍ରକାର ରାଜନୈତିକ ସ୍ଥିତି ପରିସ୍ଥିତି ବଦଳୁଛି ସେହିପ୍ରକାର ନିଜକୁ ନିଜେ ନିୟୋଜିତ କରୁଛନ୍ତି। ସେମାନେ ପ୍ରତ୍ୟେକ ସଂଗଠନ ଆଉ ଦଳରେ ନିଜର ଏଜେ ଫିଟ୍ କରି ରଖିଛନ୍ତି। ଏହା ସମାଜକୁ ବୁଝାଇଦେବା ଉଚିତ୍। ଯାହାଫଳରେ ସମାଜ ଗଲତ୍ ରାସ୍ତା ଉପରେ ନଯାଇ ସତର୍କତା ସହିତ ଉପଯୁକ୍ତ ରାସ୍ତାକୁ ଫେରିଆସୁ। ଆଜିକାଲି ଆଦିବାସୀଙ୍କ ବିକାଶ ସକାଶେ ଯେଉଁ କରୋଡ ଟଙ୍କାର ଗ୍ରା ଦିଆଯାଉଛି ତାହା କୌଣସି ବିକାଶରେ କିଛି ଲାଗୁଛିତ କିଛି ବାଟ ମାରଣା ହେଉଛି। ଜଣେ ମୁଖ୍ୟ ଜଷ୍ଟିସ୍ ଗାନ୍ଧୀଙ୍କ ସମାଧି ଉପରେ ଆରକ୍ଷଣ ସମାପ୍ତ କରିବାକୁ କଷମ୍ ଖାଉଛନ୍ତି ତ ଜଣେ ଡି.ଜି.ପି ଭୋଟ୍ ଆରକ୍ଷଣ ସମାପ୍ତିର ମୁଦ୍ଦା ଉଠାଉଛନ୍ତି। ତେବେ ଏପରି ଲୋକଙ୍କ ତାହା କେବେ ନୁହେଁ? ତେଣୁ ଆଦିବାସୀ ସମାଜକୁ ଅନୁରୋଧ ଆଦିବାସୀ ନିଜର ଉଚ୍ଚ କୋଟିର ସିନ୍ଧୁ ଘାଟୀର ଦ୍ରାବିଡିୟେନ ସଭ୍ୟତାକୁ କେମିତି ଭୁଲିବ। ଦ୍ରାବିଡ ସଭ୍ୟତାର "ଗୋଁଣ୍ଡି ଧର୍ମ" ଚିରଞ୍ଜିବୀ ହେଉ। ଏହା ମୋର କାମ୍ୟ। ଅନ୍ଧବିଶ୍ୱାସ, କୁସଂସ୍କାର, କୁ ପ୍ରଥା ଭଳି ସମସ୍ୟା ଦୂରିଭୂତ ହେଉ। ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ବିକାଶଭିମୁଖି ହେଉ। ତେବେ ଯାଇ ଅଖିଳ ଭାରତୀୟ "ଗୋଁଣ୍ଡୱାନା" ଗଣ୍ଡ ମହାସଭା ସାଫଲ୍ୟ ମଣ୍ଡିତ ହେଲା ବୋଲି ଉପଲବ୍ଧି ଅଟେ।

ଧନ୍ୟବାଦ୍

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହଦୀ, ଜି- ସମ୍ବଲପୁର, ଓଡ଼ିଶା



# ଗୋଁଡ଼ି ଜାତି ସମାଜର ନୃତ୍ୟ କଳା ଦର୍ଶନ

ଶ୍ରୀ ବିନୋଦ ବିହାର ମଲ୍ଲିକ

ଗୋଁଡ଼ି ଜାତିର ଲୋକଙ୍କ ଜୀବନ ଶୈଳୀ ନୃତ୍ୟ ଗୀତରେ ଓତପ୍ରୋତ ଭାବେ ଜଡ଼ିତ। ଗୋଁଡ଼ି ଜାତିର ନୃତ୍ୟ ସାମୁଦାୟିକ ଓ ଧର୍ମ ତତ୍ତ୍ୱ ଉପରେ ଆଧାରିତ। ନୃତ୍ୟଗୀତ ବିନା ଏ ଜାତିର ସମସ୍ତ କାର୍ଯ୍ୟ ଫିକା ବା ନିରସ ଜଣାପଡେ। ଗୋଁଡ଼ି ନୃତ୍ୟର ଦୃଶ୍ୟ ମର୍ମସ୍ପର୍ଶୀ, ଚିତାକର୍ଷକ, ମନମୋହକ ଯେ ହୃଦୟରେ ସ୍ୱତଃ ନବୀନ ପୂଲକ ସୃଷ୍ଟି କରି ତାଳ, ଲୟ, ଛନ୍ଦରେ ଶରୀରର ଅଙ୍ଗ ପ୍ରତଙ୍ଗକୁ ଚାଳନ କରେ। ବାଦ୍ୟ ଧ୍ୱନି ଓ ସଙ୍ଗିତରେ ମଧୁର ମୁର୍ଚ୍ଛନାରେ ସମସ୍ତଙ୍କ ମନକୁ ବିମୋହିତ କରି ଦିଏ। ଗୋଁଡ଼ି ଭାଷାରେ ଗୀତକୁ ପାଟା କୁହାଯାଏ। ଗୋଁଡ଼ ଲୋକମାନେ ନୃତ୍ୟ କଳା ପ୍ରେମୀ। ଏହା ତାଙ୍କର ସାମାଜିକ ଜୀବନ ଶୈଳୀରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଏମାନେ ସାମୁହିକ ଭାବରେ ଦଳବଦ୍ଧ ହୋଇ କାନ୍ଧକୁ କାନ୍ଧ, ହାତକୁ ହାତ ଛନ୍ଦି, ଅଣ୍ଟାକୁ ହଲେଇ ବାଦ୍ୟରେ ତାଳେ ତାଳେ ଚକ୍ରାକାରରେ ନୃତ୍ୟ କରନ୍ତି। ଗୋଁଡ଼ି ନୃତ୍ୟର ବିଶେଷ ମହତ୍ୱ ହେଲା – ୧) ମନରଞ୍ଜନ ୨) ଜୀବନ ସାଥୀକୁ ଚୟନ କରିବାର ପ୍ରକୃଷ୍ଟ କ୍ଷେତ୍ର ବୋଲି ମନେ କରନ୍ତି।

**୧) ମନରଞ୍ଜନ** - ଏକାକୀ ନାଚିବାକୁ ପସନ୍ଦ କରନ୍ତି ନାହିଁ। ଶାନ୍ତ କୋମଳ ପ୍ରକୃତି କୋଳରେ ଶୁକ୍ଲପକ୍ଷ ଚନ୍ଦ୍ରଜ୍ୟୋସ୍ନା ରାତ୍ରିରେ ଗୋଁଡ଼ିଜନ ସମୁହଙ୍କ ପ୍ରାଣରେ ନବୀନ ପୂଲକରେ ଉତ୍‌ଫୁଲ୍ଲିତ ହୁଏ। ନିଜ ସାମାଜିକ ପର୍ବପର୍ବାଣୀ (ତିଜ୍, ତିହାର) ରେ ନିଜ ନିଜ ଶରୀରକୁ ବିଭିନ୍ନ ପ୍ରକାର ବେଶ ପୋଷାକରେ ସଜ୍ଜିତ କରି ଯୁବକ ଯୁବତୀ ଗଣ ଆନନ୍ଦରେ ମନର ଭାବଧାରାକୁ ଗୀତ ମାଧ୍ୟମରେ ପ୍ରକାଶ କରନ୍ତି।

**୨) ଜୀବନ ସାଥୀ ଚୟନ** - ପୂର୍ଣ୍ଣୀମା ତିଥିରେ ଚନ୍ଦ୍ର କିରଣ ପଡ଼ି ସମୁଦ୍ରରେ ଯେଭଳି ଜୁଆର ମାଡି ଆସେ ସେହିପରି ଯୁବକ ଯୁବତୀ ଗଣ ଉତ୍‌ଫୁଲ୍ଲିତ ହୋଇ ପ୍ରକୃତିର ସୁରମ୍ୟ ବାତାବରଣରେ ନିଜକୁ ହଜେଇ ଦେଇଥାନ୍ତି। ଏମାନଙ୍କ ବିବାହ, ଦେବକାର୍ଯ୍ୟ ମାସର ଶୁକ୍ଲପକ୍ଷରେ କେବଳ କରାଯିବାର ବ୍ୟବସ୍ଥା ଗୋଁଡ଼ି ଗୋଦାଳା ବିଚାରୁ ଜଣାଯାଏ। ସମସ୍ତ ସଗା (ବଂଶ)ରୁ ଜନ ସମୁହ ଗୀତ ନାଚରେ ଅଂଶ ଗ୍ରହଣ କରି ତାରି ମାଧ୍ୟମରେ ସମ ବିଷମ ବଂଶ ଗୋତ୍ରରେ ଜୀବନ ସାଥୀ ଚୟନ କରି ଆଜୀବନ ବିବାହ ସୂତ୍ରରେ (ସ୍ୱାମୀ ସ୍ତ୍ରୀ ଭାବରେ) ଛନ୍ଦି ହେବା ପାଇଁ ଜାତି ସମାଜ ସ୍ୱୀକୃତି ଦେଇଥାଏ। ଏହା ଗୋଁଡ଼ି ଜାତିର ସାମାଜିକ ମୂଲ୍ୟବୋଧ ନୀତି ଅଟେ। ସମ ବିଷମ ଗୋତ୍ର ଚିହ୍ନରେ ଆଧାରରେ ବିବାହ କରାଯାଏ। ସମ ସମ ବଂଶ ଗୋତ୍ରରେ ବିବାହ କରିବା ନିଷେଧ ଅଟେ। ସମ ସମ ବଂଶ ଗୋତ୍ରଜଧାରୀ ଭାଇ ଓ ସମ ବିଷକ ଗୋତ୍ରଜ ବଂଧୁ ରୂପେ ପରିଚିତ ହୁଅନ୍ତି। ସାମୁଦାୟିକ ସାମାଜିକ ମୂଲ୍ୟବାଧକୁ କେହି ତ୍ୟାଗ କଲେ ତାକୁ ସମାଜକୁ ତ୍ୟାଗ କରିବାକୁ ପଡ଼ିଥାଏ। ଗୋଁଡ଼ି ଜାତିର ସାମୁଦୟିକ ସାମାଜିକ ନୀତି ଅନ୍ୟାନ୍ୟ ସାମାଜିକ ବ୍ୟବସ୍ଥା ଠାରୁ ଭିନ୍ନ ଅଟେ।

**୩) ସାସଂସ୍କୃତି ମୂଲ୍ୟବୋଧ –** କଳା ସାଂସ୍କୃତିକ ଓ ସାହିତ୍ୟକୁ ସମ୍ୱର୍ଧନ ଓ ସଂରକ୍ଷଣ କରିବାକୁ ଗୋଁଡ଼ ଜନସମୁହ ଆନ୍ତରିକତାର ସହ ଗ୍ରହଣ କରନ୍ତି। ବର୍ଷତମାମ ଦେବା ଦେବୀ ପୂଜା, ବିବାହ ବ୍ରତ ଓ ଗୋଁଡ଼ ଜାତିର ଆରାଧ ଦେବାଦେବୀ (ଲିଙ୍ଗା ଜଙ୍ଗା ଓ କଳି କଙ୍କାଳି) ଦେବଙ୍କ ପ୍ରତିକକୁ ସ୍ଥାପନ କରିବାରେ ବାଦ୍ୟ, ନୃତ୍ୟ ଗୀତର କାର୍ଯ୍ୟକ୍ରମ କରିଥାନ୍ତି। ଏହି ବାର୍ତ୍ତା ପୂର୍ବ ପିଢ଼ିରୁ ଆସି ମଧ୍ୟମ ପିଢ଼ି ଓ ପରବର୍ତ୍ତୀ ପିଢ଼ିକୁ ସଂକ୍ରମିକ ହୋଇଥାଏ। ଗୋଁଡ଼ି ଭାଷାରେ ପର୍ବପର୍ବାଣୀକୁ ତିଜ୍ ତିହାର କୁହାଯାଏ।

**୪) ଗୋଁଡ଼ ନୃତ୍ୟ ଗୀତର ପ୍ରକାର ଭେଦ -** ଆଦିଗୁରୁ କୁପାର ଲିଙ୍ଗୋଦେବଙ୍କ ଗୋଁଡ଼ି ଧର୍ମଦର୍ଶନରୁ ଜଣାଯାଏ ଯେ, ପ୍ରତ୍ୟେକ ନୃତ୍ୟଗୀତ ଧର୍ମତତ୍ତ୍ୱଉପରେ ଆଧାରିତ ହୋଇଥାଏ। ବର୍ଷର ବିଭିନ୍ନ ଋତୁରେ ଏମାନଙ୍କର କାର୍ଯ୍ୟକ୍ରମ ଋତୁ ଅନୁସାରେ ସମ୍ୱୋଧିତ ହୋଇଥାଏ।

**୧) ଧର୍ମ ତତ୍ତ୍ୱ ଭିତ୍ତିକ ଗୀତ –** ତିଜ୍ ତିହାରରେ ଦେବାଦେବୀଙ୍କ ପୂଜା ପାଠରେ ଓ ଯାତ୍ରା ସ୍ଥଳୀରେ ଏହା ବୋଲାଯାଏ ।

**୨) ହେସାଙ୍ଗ ୟେଦାଙ୍ଗ-** ଧାର୍ମିକ ଉତ୍ସବରେ ଗୋଲାକାର ହୋଇ ଢ଼ୋଲ ଓ ତାଳ ଧରି ନୃତ୍ୟ କରନ୍ତି ।

**୩) କୋହକାଙ୍ଗ ୟେଦାନ -** ଦେବାଦେବୀଙ୍କ ନବକଳେବର ଦେବଖଲିଆନ ପ୍ରତିଷ୍ଠା ଓ ବର୍ଷର ନୂତନ ଫସଲକୁ ନୈବେଦ୍ୟ କରି ଅର୍ପଣ କରିବା ବେଳେ ଏହି ନୃତ୍ୟଗୀତ କରାଯାଏ ।

**୪) ସାମାଜିକ ପାଟାଙ୍ଗ-** ବିବାହ, ଜନ୍ମ, ମୃତ୍ୟୁ ଓ ନାମକରଣରେ ବୋଲାଯାଉଥିବା ଗୀତକୁ ସାମାଜିକ ପାଟାଙ୍ଗ କୁହାଯାଏ ।

**୫) ଋତୁ – (ବୋକୋଡିଆଲ୍ ପାଟାଙ୍ଗ)** – ଋତୁ ଅନୁସାରେ ବର୍ଷା, ଶୀତ, ବସନ୍ତ ଓ ଗ୍ରୀଷ୍ମ ଋତୁରେ ବୋଲାଯାଉଥିବା ଗୀତକୁ ବୋକୋଡିୟାଲ୍‌ପାଟାଙ୍ଗ କୁହାଯାଏ ।

## ଗୋଁଡ଼୍‌ମାନଙ୍କ ବାଦ୍ୟଯନ୍ତ୍ର :

୧୮ ଜଳାଧାରୀ ଲିଙ୍ଗୀ ଦେବ ୧୮ ପ୍ରକାର ବାଦ୍ୟ ବଜାଉଥିବାର ସୂଚନା ପ୍ରାକ୍ ଗୋଁଡ଼ିଦର୍ଶନରୁ ସୂଚନା ମିଳେ । ମୁଖ୍ୟତଃ ସମସ୍ତ ବାଦ୍ୟଯନ୍ତ୍ରକୁ ୪ ଭାଗରେ ବିଭକ୍ତ କରାଯାଇଛି ।

**୧) ସୁରବାଜା** – ଏହା ୨ ପ୍ରକାର

**୨) ବଧୂର ଫେରା** – ଏହା ବାଁଶୁରୀ ଓ ନଳଗୁଡାକୁ ବୁଝାଏ ।

୨) ଥୁର୍ରା- ମହିଷି ଶିଙ୍ଗରେ ତିଆରି କାହାଳୀ ଓ ଶଙ୍ଖକୁ ଏହା ବୁଝାଏ ।

**୩) ତତ୍‌ବାଦ୍ୟ** – ଏହା ମୁଖ୍ୟତଃ ୪ ଭାଗରେ ବିଭକ୍ତ

୧) କିଙ୍କରୀ ୨) ଦୁସିର ୩) କେନ୍ଦରା ୪) ଡୁମେରା

**୪) ବିତତ୍ ବାଦ୍ୟ** – ଏହା ମୁଖ୍ୟତ ୬ ଭାଗରେ ବିଭକ୍ତ

୧) ନିଷାନ ୨) ଗୋଗା ୩) ଡୁଡୁମ୍ ୪) ଢ଼ୋଲ ୫) ପାରାଙ୍ଗ ୬) ମାନ୍ଦଲ

**୫) ଧନ୍ୟବାଦ -** ଏହା ମୁଖ୍ୟତଃ ୬ ଭାଗରେ ବିଭକ୍ତ

୧) ପର୍ଚୋକ ୨) ଟିଣ୍ଡୋରୀ ୩) ଘିଁ ଘୁଙ୍ଗୁର ୪) କଟବାକିଙ୍ଗ (ଝୁମ୍‌କା) ୫) ଚିଟ୍‌କୁଳା ୬) ଝାଞ୍ଜ

ଉପରୋକ୍ତ ସମସ୍ତ ବାଦ୍ୟ ଯନ୍ତ୍ରର ଉଦ୍ଭାବକ ଆଦି ବାଦ୍ୟ ଗୁରୁ ଲିଙ୍ଗୋଦେବଙ୍କର ଦାନ ଅଟେ । ଉପରୋକ୍ତ ତଥ୍ୟ ସମୁହ କୁପାର ଲିଙ୍ଗୋ ଗୋଁଡ଼ି ଦର୍ଶନ ଶାସ୍ତ୍ରରୁ ସଂଗୃହିତ ହୋଇଅଛି ।

ସହ-ସଂପାଦକ, ଜି-ବଲାଙ୍ଗୀର
ଗୋଁଡ଼ି ସମାଜ






# ଇରୁକମା

## ମୂଳ ଗୋଁଡିଭାଷା - ବସୁଧା ମଣବୀ

## ଭାଷାନ୍ତର - ଶ୍ରୀ ଗୁଣନିଧି ଧୁରୁଆ

ଇରୁକ ସହିତ ମୋର ପ୍ରଥମ ଦେଖା ରାଜନନ୍ଦଗାଁ ପୋଲିସ୍ ଥାନାରେ ହୋଇଥଲା। ବଳିଷ୍ଠ ଶରୀର, ଶ୍ୟାମଳୀ ରଙ୍ଗ, ସାରା ଶରୀରକୁ ରଙ୍ଗିନ ଶାଢ଼ୀରେ ଆବୃତ କରିଥିଲା। ବୟସ ୧୭-୧୮ ବର୍ଷରେ ହାତରେ ହାତକଡ଼ି ଲାଗିଥାଏ। ଥାନା ହାଜତ କୋଠରୀରେ ଏକ କୋଣରେ ନିଶ୍ଚଳ ଭାବରେ ବସିଥାଏ। ଅଭିଯୋଗ ଅନୁସାରେ ନାମ - ଇରୁକ, ଜାତି-ଗୋଂଡ, ଗ୍ରାମ-ନରୋଟିଟୋଲା, ଜିଲ୍ଲା - ରାଜନନ୍ଦଗାଁ, ଅପରାଧୀ- ଜଣେ ଯୁବକକୁ ହତ୍ୟା ଏବଂ ଅନ୍ୟ ଜଣକୁ ଜୀବନ ନେବା ପରି ଆଘାତ କରି ସ୍ଥାୟୀ ଅପଙ୍ଗୁ କରି ଦେବା ଅପରାଧ, ହତିଆର-ଘାସକଟା ଦାଆ।

ତାକୁ ଥରେ ନଜର କରି ଦେଖିଲା ପରେ ମୁଁ ବୁଝିଗଲିକି ଏହି ଆଦିବାସୀ ଝିଅ ନିର୍ଦ୍ଦୋଷ ଅଟେ। କିନ୍ତୁ କେସ ବିଷୟ ନିୟମାନୁଯାୟୀ ଥିଲା। ଆଗକୁ ତାହା ଅଦାଲତ ନିର୍ଣ୍ଣୟ କରିବ। ଇରୁକ ଦୋଷୀ ଅଟେ ବା ନିର୍ଦ୍ଦୋଷ। କିନ୍ତୁ ମୁଁ ସେ ଝିଅର ଆଖିର ଭାଷା ଦେଖି ନିଶ୍ଚିତ କରି ନେଇଥିଲିକି ଏହି ଝିଅ ନିର୍ଦ୍ଦୋଷ ଅଟେ। ତାର ଆଖି କହୁଥିଲା। ଅପରାଧୀ ଅପରାଧ କାରଣରୁ ମୁଣ୍ଡ ତଳକୁ କରି ଦେଖିଥାଏ। ମୁଁ ନିଜେ କେତେଥର ତାର ଆଖିକୁ ଧ୍ୟାନ ପୂର୍ବକ ଦେଖିଛି। ତାର ଆଖିର ନଜରର ଭାବ ତେଜ ଥିଲା। ଏପରି ଲାଗୁଥିଲା କି ଯେପରି ଆମକୁ ହିଁ ଅନେକ ପ୍ରଶ୍ନ ପଚାରୁଥିଲା। ଅପରାଧି ଆଖି ମିଶାଇ ପାରିବ ନାହିଁ କିନ୍ତୁ ଏହି ଝିଅ ଆଖିର ନଜର ହଟାଇବାତ ଦୂରର କଥା, ନିଜର ନିରଅପରାଧ ଆଖିରେ ଆମକୁ ଜବାବ ମାଗୁଥିଲା ? ଅନେକ ପ୍ରଶ୍ନ କରୁଥିଲା ?

ଓକିଲ ଅଥା, ପୋଲିସ ଅଥା, ତାର ଝିଅର ବାପା ମଧ୍ୟ ଅଥା। କୌଣସି ପ୍ରଶ୍ନର ଉତ୍ତର ଦେଉନାହିଁ। କେବଳ ଚୁପଚାପ୍। ଅନେକ ବୁଝାଇବା ପରେ ମଧ୍ୟ କୌଣସି ପ୍ରତିକ୍ରିୟା ପ୍ରକାଶ କରୁନାହିଁ, କେବଳ ଗୋଡିର ନଖ ମୁନରେ କୋଠରୀରର ପ୍ଲାଷ୍ଟର ଉପାଡିବାର ଚେଷ୍ଟା କରୁଛି। ମୋତେ ଓକିଲ ସାହେବ କହିଲେ ଯଦି ଏ ଝିଅ ଏପରି ଚୁପ୍ ରହିବ ତେବେ ତାକୁ ବଞ୍ଚାଇବା ତ ଦୂରର କଥା ତାର ଜାମିନ୍ ମଧ୍ୟ ହୋଇପାରିବ ନାହିଁ। ଆପଣ କିଛି ଉପାୟ କରନ୍ତୁ ମେଡମ୍। ମୁଁ କଣ କରି ପାରିବି ? କେବଳ ସ୍ନେହରେ ଇରୁକ ମୁଣ୍ଡରେ ହାତ ରଖିଲି ଓ ବିବଶ ହୋଇ ଥାନା ବାହାରକୁ ଚାଲି ଆସିଲି।

ରାଜନନ୍ଦଗାଁ ଥାନା, କଚେରୀ ପାଖରେ ଅଛି। ମୁଁ ଏହି କଚେରୀକୁ କେବେକେବେ ଆସିବାକୁ ପଡ଼ିଥାଏ। ଭୂ ରାଜସ୍ୱ ସହିତ ଆଦିବାସୀ ମାନଙ୍କର ଜମି ଜମାର ହିସାବର ପ୍ରଗତିକୁ ଜାଣିବା ପାଇଁ ଯାଇଥାଏ ଆମର ସଂଗଠନର ଯୁବ କାର୍ଯ୍ୟକର୍ତ୍ତା ସୁରୁକୁ ଟେକାମ ଦୌଡି ଦୌଡି ଆସି ମୋତେ କହିଲା ଶୀଘ୍ର ଶୀଘ୍ର ପୁଲିସ୍ ଥାନାକୁ ଚାଲନ୍ତୁ ପୋଲିସ୍ ଜଣେ ଆଦିବାସୀ ଝିଅକୁ ଥାନାରେ ବସାଇଛି। ମୁଁ ଓକିଲ ସୌରୀ ବାବୁଙ୍କୁ ସାଥୀରେ ନେଇ ଥାନାକୁ ଗଲି। ତା ପରେ ଏ ସବୁ କଥା ଜଣାପଡ଼ିଲା।

ଖବର କାଗଜର ପ୍ରଥମ ପୃଷ୍ଠାରେ ମୁଖ୍ୟ ଖବର ଭାବରେ ଏହି ହତ୍ୟାକାଣ୍ଡର ଖବର ଛପା ହୋଇଥିଲା। କିଛି ଦିନ ପରେ ଏହି କଥା ପାଶୋରି ଗଲେ। ପେସି ପରେ ପେସି, ଶୁଣାଣି ପରେ ଶୁଣାଣି ଏପରି ଦୁଇମାସ ବିତିଗଲା ତଥାପି ଇରୁକ ଚୁପ୍‌ଚାପ୍ ରହୁଥିଲା। ତାର ବାପା ମୋତେ କହିଲେ, ଦିଦି, ଆପଣ ଗୋଁଡୱାନା ସମାଜର ସଂଗଠନର ଲୋକ ଅଟନ୍ତି, କୌଣସି ପ୍ରକାରେ ମୋର ଝିଅକୁ ବଞ୍ଚାଇ ଦିଅ। ସେ ହତ୍ୟା କରି ନାହିଁ, ମୋର ମନ କହୁଛି। ଅଦାଲତ ବାପର ମନ କଥା ବୁଝେନାହିଁ, ସେ କେବଳ ସାକ୍ଷୀ ଓ ନୀୟମ କାନୁନକୁ ଜାଣେ। ଏ ଝିଅ କିଛି କହୁନାହିଁ ତ ଓକିଲ କ'ଣ କରିବ ? କୌଣସି ପ୍ରକାରେ ତାକୁ ବୁଝାଅ। ଦୁଇ ମାସ ହେଲାଣି ଅଦାଲତରେ ଗୋଟିଏ ପ୍ରଶ୍ନର ମଧ୍ୟ ଉତ୍ତର ଦେଉନାହିଁ। ଏ ଝିଅତ ଆତ୍ମ ହତ୍ୟା କରୁଅଛି ଜାଣି ବୁଝି କରି ନିଜ ବେକରେ ଫାଶି ଦଉଡି ଲଗାଉଛି। ତାକୁ ମୃତ୍ୟୁର ମଧ୍ୟ ଡ଼ର ନାହିଁ।

ଆମର ସମସ୍ତ ଚେଷ୍ଟା ବିଫଳ ହେଉଅଛି। ଓକିଲ ସାହେବ ତ ଆଶା ଛାଡ଼ିଦେଇଥିଲେ। ଓକିଲ ସୌରୀଜୀ କହୁଥିଲେ ମୌନ ସମ୍ମତିର ଲକ୍ଷଣ। ଏହି ଝିଅର ମୌନାବସ୍ଥା ହିଁ ତାର ମୃତ୍ୟୁର କାରଣ ହେବ। ଆସନ୍ତା ପେସିରେ ଫୈସଲା ଶୁଣାଇବାର ଅଛି। ଆମେ ସମସ୍ତେ ଆଶଙ୍କାରେ ଥିଲୁ କି ଅଦାଲତ କ'ଣ ବିଚାର ଶୁଣାଇବ। ଆଜୀବନ କାରାବାସ ବା ମୃତ୍ୟୁଦଣ୍ଡ।

ଶେଷରେ ସେହି ଦିନ ଆସିଲା, ଅଦାଲତର ଚାରିପାଖରେ ମୁନ୍‌ସୀ, କଳାକୋର୍ଟ ପିନ୍ଧି ଥିଲା ଓକିଲ ଏବଂ ପତ୍ରକାର ମାନେ

ତଥା ଆମ ପରି ନିଃସହାୟ ଲୋକ। ଇରୁକର ଗାଁ ଲୋକଙ୍କ ଭିଡରେ ଜଣେ ବାପର ନିରାଶ ଚେହେରା ଦେଖାଯାଉ ଥିଲା।

ଏଆଡେ ମହିଳା କନଷ୍ଟବଳ ଇରୁକକୁ ଜିପରୁ ଓହ୍ଲାଇ ଅଦାଲତର କାଠଗଡ଼ାକୁ ନେଲା। ହାତରେ ହାତ କଡ଼ି ଲାଗିଥିଲା। ମୁଁ ତାକୁ ଦେଖିଲି ଏବଂ ଦେଖିବାକୁ ଲାଗିଲି କି ତାର କୌଣସି ଭୟ ରାଗ ବିଦ୍ୱେଷ ନଥିଲା। ଗୋଁଡବାନା ରମଣୀ ପୁରା ନିର୍ଭୟରେ ଏକ ଏକ ପାଦ ଉଠାଇ ଅଦାଲତ ଆଡକୁ ବଢୁଥିଲା। ମୃତ୍ୟୁ ଦଣ୍ଡ ଶୁଣିବା ପାଇଁ। ଏକ କ୍ଷଣରେ ସମୟ ଅଟକି ଗଲା। ଅଦାଲତରେ ଥିବା ସାରା ଲୋକ ସମୁଦାୟ ସ୍ତବ୍ଧ ଇରୁକ ଆଡକୁ ଦେଖୁଥିଲେ। ମୁଁ ଆଜି ପର୍ଯ୍ୟନ୍ତ ଏପରି ଦୃଶ୍ୟ କୌଣସି ଠାରେ ଦେଖିନାହିଁ। ମୃତ୍ୟୁକୁ ଚାହୁଁଥିବା ମୃତ୍ୟୁ ବାଟରେ ଏପରି ପାଦ ପକାଇବା କୌଣସି ବ୍ୟକ୍ତି ଉଠାଇଥିବା ମୋତେ ଲାଗିଲା ସବୁ ରହସ୍ୟ ହୋଇ ଇରୁକ ସହିତ ମାଟିରେ ମିଶିଯିବ। କିନ୍ତୁ ତାର ମୌନତା ଭାଙ୍ଗିବ ନାହିଁ।

ସେତେବେଳେ ମୃତକ ଯୁବକର ଆହତଭାଇ ଏବଂ ତାର ମାଆ କେଉଁଆଡୁ ଦୌଡି ଆସିଲେ ଏବଂ ଇରୁକ ଆଗରେ ଠିଆ ହୋଇ ଚିତ୍‌କାର କରିବାକୁ ଲାଗିଲେ। ହତ୍ୟାକାରିଣୀ, ମୋର ଯୁଆନ ପୁଅକୁ ମାରିଦେଲୁ ଯା ତୋତେ ଫାସି ଦିଆଯାଉ ତୋର ମଧ୍ୟ ମୃତ୍ୟୁ ହୋଇଯାଉ ହତ୍ୟାକାରିଣୀ ମୋର ସ୍ନେହର ପୁଅକୁ ହତ୍ୟାକଲୁ ଅନ୍ୟକୁ ଛୋଟା (ଲଂଗଡ) ବନାଇଲୁ। ଗାଳିର ବର୍ଷା, କିନ୍ତୁ ଇରୁକର ଚେହେରାରେ ନା କ୍ରୋଧ ଭାବ ନା କ୍ଷମା ଭାବ। ସେ ସ୍ତ୍ରୀ ଲୋକ ଦେଖିଲା କି ଇରୁକ ଉପରେ ଗାଳିଦେବାର କୌଣସି ପ୍ରଭାବ ପଡ଼ିଲା ନାହିଁ। ସେ ରାଗି ଗଲା ଓ କହିଲା ଆରେ ଜଂଗଲୀ, ତୁମ ଗୋଁଡ ସ୍ତ୍ରୀ ମାନଙ୍କର କୌଣସି ଇଜ୍ଜତ ମହତ ଅଛି କି ? ଏହା ବୁଝିବା ପୂର୍ବରୁ ହଠାତ୍ ଇରୁକର କଣ ହେଲା ? ସେ ସ୍ତ୍ରୀ ଉପରକୁ ମାଡିବସିଲା, ଦୌଡିଗଲା ଏବଂ ମୋଟି (ଦେହ) ସ୍ତ୍ରୀ କୁ ଜୋରରେ ଧକ୍କା ଦେଇ ତଳେ ପକାଇ ଦେଲା। ସେ ଜୋରରେ ବଳ ଖଟାଇ ମୁଣ୍ଡର ବାଳର ଗୁଚ୍ଛାକୁ ଉପାଡି ଦେଲା।

ସମସ୍ତେ ଦେଖିଲେ ମୌନବ୍ରତ ଧାରଣ କରିଥିବା ଇରୁକକୁ ଅଚାନକ କ'ଣ ହୋଇଗଲା - ମହିଳା ସିପାହୀ ମଧ୍ୟ ଦୌଡିଆସି ଇରକୁକର ହାତକଡ଼ି ଧରି ପକାଇଲା। ଇରୁକ ଉଚ୍ଚ ସ୍ୱରରେ କହିଲା "ହଁ ମୁଁ ଏବେ କହିବି ହଁ ସମସ୍ତ କଥା କହିବି" କହି ଦୌଡିଯାଇ ଅଦାଲତର କାଠଗଡାରେ ଠିଆହେଲା। ଜଜ୍ ଆଡକୁ ଦେଖି ମୁହଁ କରି କାନ୍ଦି କାନ୍ଦି କହିବା ଆରମ୍ଭ କଲା, ଜଜ ସାହେବ ଏବେ ପୁରା କଥା କହିବି।

ମାନିବାକୁ ପଡ଼ିବ ଅଦାଲତରେ ଝଡ ଆସିଗଲା। ଇରୁକ କହିଲା ଏବଂ କହି କହି ଅଦାଲତରୁ ଚାଲିଗଲା ସବୁ ଲୋକ ବିରକ୍ତ ସଂଦେହୀ ହୋଇଗଲେ। ଓକିଲ ସୌରୀ ସାହେବଙ୍କର ଚେହେରା ଉଜ୍ଜ୍ୱଳ ଦେଖାଗଲା। ଗାଆଁ ଲୋକଙ୍କ ଓଠରେ ହସ, ବୁଢ଼ା ବାପାର ଗାଲରେ ଅଶ୍ରୁଧାରା ଛୁଟୁଥିଲା। କାହିଁକି ନା ଇରୁକର ମୌନ ବ୍ରତ ଭାଙ୍ଗି ଗଲା।

ସେ କହିବାକୁ ଆରମ୍ଭ କଲା। ସନ୍ଧ୍ୟା ହେବାକୁ ଯାଉଥିଲା। ନାରୋଟି ଗାଆଁରେ ଟିକିଏ ଶୀଘ୍ର ସଞ୍ଜ ହୋଇଯାଉଥିଲା। ପଶ୍ଚିମ ଦିଗରେ ପାହାଡ ସହିତ ଘନ ଜଙ୍ଗଲ। ରାଜନନ୍ଦଗାଁରୁ ଗାଁକୁ ଯିବାପାଇଁ ଅଧା ପକ୍କା ରାସ୍ତା ଏହି ଗାଆଁ ଦେଇ ଯାଇଛି। ଇରୁକ ନିଜ ମାଆ ଓ କାକୀ ସହିତ ସକାଳରୁ ଖେତକୁ ଆସିଥିଲା। ସଞ୍ଜ ପର୍ଯ୍ୟନ୍ତ କଠିନ ପରିଶ୍ରମ ପରେ ତାର ମାଆ କହିଲେ, ବେଟି ଶୀଘ୍ର ଜଙ୍ଗଲକୁ ଯାଇ ଛେଳିମାନଙ୍କ ପାଇଁ ଡାଳ କାଟି ଆଣି ଆସିବୁ। ମୁଁ ତୋର କାକୀ ସହିତ ଘରକୁ ଯାଉଛି, ଭାତ ରାନ୍ଧିବାର ଅଛି। ଇରୁକ ମୁଣ୍ଡରେ ଡାଳ ଓ ଘାସ ବୋହି ଘରକୁ ଏକାକୀ ଫେରୁଥିଲା। ଏତିକିବେଳେ କେଉଁଠାରୁ ଦୁଇଜଣ ଯୁବକ ମୋଟର ସାଇକଲ ରେ ଇରୁକ ଆଗକୁ ଆସିଲେ। ଇରୁକକୁ ଏକାକୀ ଦେଖି ଟଣା ଓଟରା କରିବା ପାଇଁ ଓହ୍ଲାଇ ପଡିଲେ। ଇରୁକ ଏକାକୀ ଥିଲା। ଘବରେଇ ଗଲା, ମୁଣ୍ଡରେ ବୋହି ଥିବା ଡାକୁ ତଳେ ପକାଇ ଦୌଡିଲା, ପଳାଇଲା। ଆଗରେ ଇରୁକ, ପଛରେ ଦୁଇ ସୈତାନ ଗାଆଁ ଆଡକୁ ନ ଆସି ଜଙ୍ଗଲ ଆଡକୁ ଦୌଡିଲେ। ଘବରାଇ ଦୌଡୁଥିବା ସମୟରେ ଝୁଣ୍ଟାଇ ପଡି ତଳେ ପଡ଼ିଗଲା। ଦୁଇ ସୈତାନ (ପିଶାଚ) ବିରି ଇରୁକକୁ ଧରି ପକାଇ ଟଣାଓଟରା କଲେ ସମସ୍ତ ଶକ୍ତି (ସବୁବଳ) ଖଟାଇ ଗୋଟିଏ ଧକ୍କାରେ ଇରୁକ ତାଙ୍କ ଠାରୁ ମୁକୁଳି (ମୁକ୍ତ ହୋଇ) ସିଧା ରାସ୍ତା ଧରି ଝଡ ବେଗରେ ଦୌଡିବାକୁ ଲାଗିଲା। ପୁଣି ସେହି ଦୁଇ ଜଣ ପିଶାଚ ଇରୁକ ପଛରେ ଗୋଡିଲେ। ଏହା ଦେଖି ଇରୁକ ନିଜ ଘାସ ବିଡାରେ ଧକ୍କା ଖାଇ ପଡ଼ିଲା। ଦୁଇ ପିଶାଚ ପୁଣି ଥରେ ବିଚାରି ଇରୁକକୁ ଟଣା ଓଟରା କଲେ। ଇରୁକର ହାତ ଘାସ ବିଡାରେ ଥିବା ଦାଆକୁ ଧରି ଆଣିଲା। ସୈତାନ କୌଣସି ପ୍ରକାର ହଇରାଣ କରିବା ପୂର୍ବରୁ ଇରୁକ ରଣଚଣ୍ଡି ପାଲଟି ଗଲା। ତାର ଚେତା ଫେରିଲା ଦେଖିଲା ଗୋଟିଏ ପିଶାଚର ପେଟରୁ ଅନ୍ତବୁଜୁଳୀ ବାହାରି ପଡ଼ିଥିଲା। ଅନ୍ୟର ଗୋଟିଏ ଗୋଡ କଟି ରକ୍ତର ଧାର ବହୁଥିଲା।

ରଣଚଣ୍ଡୀ ଶାନ୍ତ ହେଲା। ଓକିଲ ସୌରିସାହେବ, ମୁ ନିଜେ ପୁରା ଗ୍ରାମବାସୀ ମଧ୍ୟ ବହୁତ ଧାଆଁ ଦଉଡ କଲୁ। ପୋଲିସ୍ ଦଳ ମଧ୍ୟ ପୁରା ସାହାଯ୍ୟ କଲେ। ସବୁ ପ୍ରମାଣ ଏକତ୍ର କରାଗଲା। ଘଟଣା

ଘଟିଥିବା ଜାଗା, ଜଙ୍ଗଲ ପତ୍ର ନଜରକୁ ପକାଇ ଖୋଜିଲେ। ଇରୁକ ଯେପରି କହିଲା ଆମେ ଖୋଜିଲୁ। ମୃତକର ପାଦର ଜୋତା ମିଳିଲା। ଅନ୍ୟ ଜାଗାରେ ମୋଟର ସାଇକଲର ଚାବି, କେଉଁଠି ଘଡ଼ି ଖାତରେ ମିଳିଲା ପୁରା ଦୁଇ କି.ମି ଇରୁକ ଦୌଡିଥିଲା।



ଗାଆଁର ଦୁକାନଦାର ଓ ଗ୍ରାମବାସୀ ମଧ୍ୟ ପ୍ରମାଣକୁ ସଂଗ୍ରହ କଲେ। ମେଲାକମାନେ ମଧ୍ୟ ସାହାଯ୍ୟ କଲେ। ପୁରା ଛଅମାସ ପର୍ଯ୍ୟନ୍ତ କେସ ଚାଲିଲା। ଜ୍ଞାନୀ ନ୍ୟାୟଧୀଶ ମଧ୍ୟ ରାଏ (ଫଏସଲା) ଶୁଣାଇ ଲେ କି ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଗୁଡିକୁ ଆଧାର କରି ଏହି ରାଏ ବିଚାର କରାଗଲା କି ଇରୁକ ମଧ୍ୟ ନିଜ ଇଜ୍ଜତ ବ  ।ଇବାକୁ ଏବଂ ସ୍ୱାଭିମାନ ତଥା ସମ୍ମାନ କୁ ରକ୍ଷା କରିବାକୁ ଯାଇ ଏହା କରିଥିଲା। ସେ ଜାଣିଶୁଣି ହତ୍ୟା କରିନାହିଁ ଏଥିପାଇଁ ଅଦାଲତ ତାକୁ ଇଜ୍ଜତ ସହିତ ମୁକ୍ତ କରୁଅଛି।

ଅଦାଲତ ବାହାରେ ପୁରା ଗାଆଁ ଲୋକଙ୍କ ଭିଡ। ଫୁଲମାଳରେ ଫୁଲ ଗୁଚ୍ଛରେ ଇରୁକ ଦବି ଯାଇଥିଲା। ମୁଁ ନିଜେ ଏହି ବୀର ରମଣୀକୁ ତାର ଗାଆଁ ପର୍ଯ୍ୟନ୍ତ ଛାଡିବାକୁ ଗଲି। ରାସ୍ତା ରେ ମୁଁ ପଚାରିଲି, ଇରୁକ ଅଚାନକ କହିବା ପାଇଁ କାହିଁକି ନିଷ୍ପତି ନେଲେ ? ସେ ସହଜ ଭାବରେ କହିଲା - ଦିଦି, ପ୍ରଶ୍ନ ମୋର ନଥିଲା ? ସେ ସ୍ତ୍ରୀ ଲୋକ ଅଦାଲତରେ ପୁରା ଆଦିବାସୀ ଗୋଁଡ ସମାଜର ସ୍ତ୍ରୀମାନଙ୍କୁ ଏତେ ଲୋକଙ୍କ ଆଗରେ ଗାଳିଦେଲା। ତେବେ ମୋତେ ହିଁ ନିଜର ତଥା ସମସ୍ତଙ୍କର ଇଜ୍ଜତ ବଞ୍ଚାଇବାକୁ ଥିଲା। ଏଥିପାଇଁ ମୁଁ ମୁହଁ ଖୋଲିଲି।

ମୁଁ ଗର୍ବର ସହିତ ତା ଆଡକୁ ଦେଖି ଅନ୍ୟ ପ୍ରଶ୍ନ ପଚାରିଲି କି ତୁ କାହିଁକି ଏତେବେଳ ପର୍ଯ୍ୟନ୍ତ ଚୁପ୍ ରହିବାକୁ ଚାହୁଁଥିଲୁ ? ମୌନ କାହିଁକି ହେଲୁ। ଉତ୍ତର ଦେଲା ଦିଦି ମୁଁତ ତାଙ୍କୁ ଦଣ୍ଡ ନିଜ ହାତରେ ଦେଇଥିଲି ଏହି ଅଦାଲତ କ'ଣ ଦେଇପାରିଥାନ୍ତା। ଜଣେ ତ ମରିଗଲା ଅନ୍ୟ ଜଣକ ଜୀବନ ସାରା ଛୋଟା ହୋଇଗଲା। ଏହି ଅଦାଲତ କଣ ବିଚାର କରିଥାନ୍ତା ସତ କଥା ଏହା ହେଲା ଦିଦି ଇରୁକ ଦୀର୍ଘ ଶ୍ୱାସ ନେଇ କିଛି ସମୟ ରହି ନିଜ ନଜର ଉଠାଇ ପାଖରେ ବସିଥିବା ତାକୁ ବିବାହ କରିବାକୁ ଥିବା ବର ଭାବିସ୍ୱାମୀ ଆଡକୁ ଦେଖି କହିଲା "ଏ କଣ ବିଶ୍ୱାସ କରିଥାନ୍ତେ। ପୁଣି କହିବାର କ'ଣ ଲାଭ ହେବ ? ମୁଁ ଇରୁକର ଭାବି ସ୍ୱାମୀ ଆଡକୁ ଦେଖିଲି ସେ ମଧ୍ୟ ବଡ ଗର୍ବରେ ନଜର ଆସୁଥିବା ଭବିଷ୍ୟତକୁ ଦେଖୁଥିଲା"।

ଏଣିକି ରାତି ନିଜ ଗନ୍ତବ୍ୟ ପଥରେ ବଢୁଥିଲା। ନରୋଟି ଟୋଲା ଗାଆଁ ପାକରେ ଥିଲା। ଦୁଇ କଡରେ ଜଙ୍ଗଲ, ପାହାଡ, ଝରଣା, ନୀ-ନାଳ ଦ୍ୱାରା ବହି ଆସୁଥିବା ପବନ/ସମୀର ଏହି ଧାଡି/ ପଂକ୍ତିକୁ ଗାଉଥିଲା।

ଫୁଲ ନୁହେଁ ଅଗ୍ନ ସ୍ଫୁଲିଂଗ ଅଟେ
ଏହିତ ଗୋଁଡ ବଂଶର ନାରୀ (ଅଟେ)
ସମୟ ପଡ଼ିଲେ ହାତରେ ଧରେ କଟାରୀ।



# ଗଣ୍ଡୁକୀ ପୁରାଣ, ଗୋଁଡ଼ ସାଂସ୍କୃତିକ ସମାଜ ଓ ଷଡ଼ବଂଶୀ ଗୋଁଡ଼ ଜାତିର ଅନ୍ତର୍ନିହିତ ରହସ୍ୟ

ପ୍ରାଣ ବଲ୍ଲଭ ନାୟକ

ସର୍ବମଙ୍ଗଳ ମାଙ୍ଗଲ୍ୟଃ ବରଣ୍ୟେଂ ବରଦଂ ଶୁଭଂ
ନମସ୍ତେ ଗୌରୀ ନନ୍ଦନଂ ଲମ୍ବୋଦର କଳେବରଂ।
ନମସ୍ତେ ଜଂଘା ଦେବାୟ ସର୍ବସିଦ୍ଧି ପ୍ରଦାୟକମ୍
ନମସ୍ତେ ଲିଙ୍ଗାଧିପତି ବୁଢ଼ାଦେବ ନମୋନମଃ।।

ପୃଥିବୀରେ ଯେତେ ପ୍ରକାର କ୍ଷତ୍ରୀୟ ବଂଶ ଅଛନ୍ତି ସମସ୍ତେ ସୂର୍ଯ୍ୟ ଓ ଚନ୍ଦ୍ରବଂଶ ବୃକ୍ଷର ଶାଖା ପ୍ରଶାଖା ରୂପରେ ଖ୍ୟାତି ଲାଭ କରିଛନ୍ତି। ଯଥା-ସୋମ, ସୂର୍ଯ୍ୟ, ଯଦୁ, କଦମ୍ବ, ଗଙ୍ଗ, ଗାର୍ଗବ ବା ଚୌହାନ, ଚନ୍ଦେଲ, ବଘେଲ, ରାୟ, ରାଣା, ରାଠୋର ପ୍ରଭୃତି। ଏଥିରେ ବଂଶାଦି ଉପକ୍ରମଣିକା ଅନୁଯାୟୀ ଷଡ଼ବଂଶ କ୍ଷତ୍ରୀୟ ଛତିଶ କୁଳ କ୍ରମେ ଛୟାନବେ କୁଳ, ସହସ୍ରଯାଏ ରାଜପୁର ବଂଶମାନେ ଭାରତର ବିଭିନ୍ନ ସ୍ଥାନରେ ବିସ୍ତାର ଲାଭ କରିଥିବାର ସୂଚନା ମିଳେ। ଏ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

ଗୋଁଡ ବଂଶର ଉତ୍ପତ୍ତି ଓ ବିସ୍ତାର ସମ୍ବନ୍ଧରେ ଦକ୍ଷିଣ ଭାରତର ବିଭିନ୍ନ ପ୍ରାନ୍ତିୟ ଭାଷା ସାହିତ୍ୟ ଓ ଇତିହାସରେ ଅନେକ ଲେଖା ଓ ପୁରାଣ ମାନ ଲେଖା ହୋଇଥିବାର ଦେଖିବାକୁ ମିଳେ। ଗୋଁଡ଼ ଜାତି ଇତିହାସରେ ଏହି ଅ ଳମାନଙ୍କର ଷଡ଼ବଂଶ ବାଦେ ଏକଦେଓ ଓ ଦୁଇଦେଓ ଗୋଁଡ଼ ଜାତିର ଉତ୍ପନ୍ନ ଓ ଏମାନଙ୍କର ସବିଶେଷ ବିବରଣୀ ମଧ ରହିଥିବାର ଗବେଷକମାନେ ମତବ୍ୟକ୍ତ କରିଥାନ୍ତି। କିନ୍ତୁ କୌଣସି କାରଣବଶତଃ ବହୁ ବର୍ଷ ପୂର୍ବରୁ ଏମାନେ ଷଡ଼ବଂଶ ଗୋଁଡ଼ ସମ୍ପ୍ରଦାୟକଙ୍କଠାରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ଯାହାକି ଷଡ଼ବଂଶ ଗୋଁଡ଼ ସାଂସ୍କୃତିକ ସମାଜରେ ଏମାନେ ସାମିଲ ହୋଇ ରହିନାହାନ୍ତି। ଯେଉଁ ଛଅଟି ବଂଶ ଗୋଁଡ଼ ଜାତିର ଧ୍ୱଜା ଅଦ୍ୟାବଧି ସଚରାଚରେ ବିଦ୍ୟମାନ ସେମାନଙ୍କୁ ଷଡ଼ବଂଶୀ ଗୋଁଡ଼ କ୍ଷତ୍ରୀୟ ବଂଶଜ ବୋଲି ଜାତି ଇତିହାସ ମଣ୍ଡନ କରିଅଛି। ଏହି ଷଡ଼ବଂଶୀ ଗୋଁଡ଼ମାନେ ବର୍ତ୍ତମାନ ସମଗ୍ର ଭାରତର ପ୍ରାୟତଃ ସମସ୍ତ ରାଜ୍ୟରେ ବସବାସ କରି ନିଜ ସଂସ୍କୃତି ବଳୟ ମଧ୍ୟରେ କାଳାତିପାତ କରୁଛନ୍ତି।

ଉକ୍ତ ପ୍ରବନ୍ଧରେ ଷଡ଼ବଂଶୀ ଗୋଁଡ଼ ସାଂସ୍କୃତିକ ସମାଜ ସମ୍ବନ୍ଧରେ ପରିଶେଷ ତଥ୍ୟମାନ ପରିବେଷଣ କରାଯାଇଛି। ଭାରତରେ ଯେତେଜାତିର ଲୋକ ରହିଛନ୍ତି ସମସ୍ତଙ୍କର କିଛି ନା କିଛି ଐତିହ ରହିଛି। ହେଲେ ଷଡ଼ବଂଶୀ ଗୋଁଡ଼ ଜାତିର ସ୍ୱାତନ୍ତ୍ରତା ଆଉ କୌଣସି ଜାତିର ଇତିହାସରେ ଦେଖିବାକୁ ମିଳେନାହିଁ। ବର୍ତ୍ତମାନ ଅତିସଭ୍ୟ ସମାଜରେ କିଛି କିଛି ଜାତିର ଅଗ୍ରଜମାନେ ନୂତନଭାବେ ମୋନେ ସେମାନଙ୍କର ଜାତିର ଟେକ ସକାଶେ କୌଣସି ମତେ ନୂତନ ଭାବେ ଇତିହାସ ରଚନା କରୁଥିବାର ଆମର ଦୃଷ୍ଟି ଗୋଚର ହୁଏ। କିନ୍ତୁ ଗୋଁଡ଼ ଜାତିର ଇତିହାସ ବା ପୁରାଣ ବହୁ ପ୍ରାଚୀନ। ସେତେବେଳେ ଆଜିର ଆର୍ଯ୍ୟ ସମାଜ ଭାରତକୁ ପ୍ରବେଶ କରିନଥିଲେ ତା'ର ହଜାର ହଜାର ବର୍ଷ ପୂର୍ବରୁ ଭାରତର କେନ୍ଦ୍ରାଞ୍ଚଳ, ପଶ୍ଚିମ ଭାରତ, ଦକ୍ଷିଣ ଭାରତ ପ୍ରଭୃତି ଇଲାକା ଗୁଡିକରେ ଗୋଁଡ଼ମାନେ ଆସ୍ଥାନ ଜମାଇ ଶାସନ କରୁଥିଲେ। ଗୋଁଡ଼ଜାତିର ରାଜା, ରାଜପୁର, କ୍ଷତ୍ରୀୟଙ୍କ ପ୍ରତାପରେ ସମସ୍ତ ଭୂଖଣ୍ଡ ଥରଥର ଥିଲା। ଏହି ଗୋଁଡ଼ ସମ୍ପ୍ରଦାୟର କେବଳ ସମ୍ପ୍ରଦାୟ ହିସାବରେ ବସବାସ କରୁ ନଥିଲା। ଏମାନଙ୍କର ସ୍ୱତନ୍ତ୍ର ମାତୃଭାଷା 'ଗୁଣ୍ଡିଭାଷା' ଯାହା ବର୍ତ୍ତମାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆନ୍ଧ୍ର, କର୍ଣ୍ଣାଟକ, କେରଳ ଓ ଓଡ଼ିଶାର କୋରାପୁଟ, କଳାହାଣ୍ଡି ଅଞ୍ଚଳମାନଙ୍କରେ କିଛି କିଛି ଲୋକ ଏହି ଭାଷାକୁ କଥିତ ଭାଷା ଭାବରେ ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି। ଖୁବ୍ ଅତୀତରୁ ଗୁଣ୍ଡିଭାଷାର ଲିପିଥିବାର ପ୍ରମାଣ ମଧ୍ୟ ଦେଖିବାକୁ ମିଳୁଥିବାର ପ୍ରମାଣ ମଧ୍ୟ କେତେକ ଗବେଷକ ସେମାନଙ୍କର ଗବେଷଣାରେ ଦେଖାଇଛନ୍ତି। ଅତୀତରେ ଗଢ଼ିଉଠିଥିବା ଭାରତର ପ୍ରାଚୀନତମ ସଭ୍ୟତା, ମହେଞ୍ଜୋଦାରୋ, ହରପ୍ପା ଓ ସିନ୍ଧୁ ସଭ୍ୟତା ଇତ୍ୟାଦି ଗୋଁଡ଼ ନରପତିମାନଙ୍କର ଓ ଗୋଁଡ଼ ସଭ୍ୟତାର ନିଛକ ପ୍ରତିଫଳନ ବୋଲି ବହୁଗବେଷକ ସେମାନଙ୍କର ଗବେଷଣା ସନ୍ଦର୍ଭରେ ସ୍ୱୀକୃତି ଦେଇଛନ୍ତି। କେତେକ ଗବେଷକ ମଧ୍ୟ ପ୍ରାଚୀନ ପାଲ୍ଲିଭାଷାର ଲିପି ସହିତ ଗୋଣ୍ଡି ଭାଷା ଲିପିର ସାମଞ୍ଜସ୍ୟ ଥିବାର କଥା ବର୍ଣ୍ଣନା କରିଛନ୍ତି। କେବଳ ଏତିକି ନୁହେଁ, ଏବେ ମିଳୁଥିବା ତାଳପତ୍ର

ପୋଥିର ଗଣ୍ଡୁରି ପୁରାଣ, ଷଡ଼ଦେବ ଚରିତ ଇତ୍ୟାଦି ପୁସ୍ତକ ମାନଙ୍କରେ ଯେଉଁ ଶବ୍ଦ ପ୍ରୟୋଗ କରାଯାଇଛି। ସେଥିରେ ଅଧିକାଂଶ ଶବ୍ଦ ଗୋଁଡ଼ ଭାଷାର ଶବ୍ଦ ବୋଲି ପ୍ରମାଣିତ ହୋଇଛି। ସେସବୁ ଆଲୋଚନା ପରିସରକୁ ଆଣିଲେ ଏ ପ୍ରବନ୍ଧ ଗୋଟିଏ ପୁସ୍ତକ ହୋଇଯିବ। ପରେ ସୁଯୋଗ ମିଳିଲେ ତାହା କରାଯିବ, କିନ୍ତୁ ଏ ପ୍ରବନ୍ଧର ମୁଖ୍ୟ ବିଷୟ ସେୟା ନଥିବାରୁ ତାହା ଆଲୋଚନା ପରିସରକୁ ଅଣାଯାଇ ନାହିଁ।

ଏଠାରେ ସୃଷ୍ଟି ରହସ୍ୟ, ଭାରତ ଭୂଖଣ୍ଡର ସୃଷ୍ଟି ଗୋଁଡ଼ଜାତି ଉତ୍ପତ୍ତି ଇତ୍ୟାଦି ସମ୍ବନ୍ଧରେ 'ଗୁଣ୍ଡୁକୀ ପୁରାଣ' ରେ ଯେଁଉଭଳି ବର୍ଣ୍ଣନା ଅଛି ସେଥିରୁ କିଛି ଉଦ୍ଧୃତାଂସ ଏଠାରେ ପାଠକଙ୍କୁ ଉପସ୍ଥାପନା କରାଗଲା।

ନମଇଁଗୋ ରାୟଚରା ନମୋ ଜଙ୍ଗାମାତା
ପୁରନ୍ଦର ରାଜଯେମା କୋଷିକା ଦୁହିତା।
ଅନାଥ ଟୁରାଟୁରୀଙ୍କୁ ରଖିଛ ସଙ୍ଗୋଳି
ଆଶ୍ରାଦେଇ କଙ୍ଗାଲିଗୋ କୋଷିକା ଦୁଲ୍ଲାଳୀ।
ନମଇହେ ଲିଙ୍ଗାଦେବ ହେ ପାରି କୁପାର
ସତ୍ୟ ସନାତନ ଧର୍ମ କରିଛି ବିସ୍ତାର।
ପାନ୍ଥୁଲାସା ବୋଲି ଥିଲା ଏକଇ ସାଗର
ନାହିଁ ଥଳ ନାହିଁକୂଳ ସେ ପାନ୍ଥାସାର।
ଏପଦ୍ୱୀପ ଲରସିଆ ଦୁଇ ଗଣ୍ଡୱାନା
ଦୁଇଗୋଟି ଦ୍ୱୀପଥିଲା ମିଳଇ ସୂଚନା।
ଗଣ୍ଡୱାନା ହେଲା ଯହୁଁ ବହୁଧା ଭାଜନ
ମୁଖ୍ୟ ପାଞ୍ଚ ଗୋଟି ଦ୍ୱୀପ ହେଲା ଉଦପନ୍ନ।

ଏହିଭଳି ଭାବେ ଗଣ୍ଡୁକୀ ପୁରାଣରେ ବର୍ଣ୍ଣନା ଦେଖିବାକୁ ମିଳେ। ସମସ୍ତ ଭୂଭାଗର ସର୍ଜନା ଓ ଆର୍ଯ୍ୟମାନେ କେଉଁଠୁ ଆସିଥିଲେ ତାହା ମଧ୍ୟ ଏଠାର ଉଲ୍ଲେଖ ରହିଛି।

ମୋଇମ୍ବୁର ଦ୍ୱୀପରେ ଦକ୍ଷିଣ ଆମେରିକା
ଆଣ୍ଟାର୍ଟିକା, ଅଷ୍ଟ୍ରେଲିଆ ଅନ୍ୟଟି ଆଫ୍ରିକା,
ବିବର୍ତ୍ତନ ହେଲା ଖଣ୍ଡ ହେଲା ଲରେ ସିଆ
ଭାଙ୍ଗିଯାଇଯେ ରହିଲା ହେଲା ୟୁରେସିଆ।
ଏହାର ୟୁରୋ ଅଞ୍ଚଳେ ଯିଏ ବାସକଲେ
ଆର୍ଯ୍ୟବୋଲି ନାମଗୋଟି ଧରିଛନ୍ତି ଭଲେ।
ଏସିଆ ଅଞ୍ଚଳ ମଧ୍ୟେ ରହିଲେ ମୋଙ୍ଗଲେ
ଶକ, ହୁଣ, କୁଷାଣ ତାହାଙ୍କ ଶିଷ୍ୟ ହେଲେ।
କୋଇମ୍ବୁର ଦ୍ୱୀପ ବେଳେ କୁବାୟୁର ହେଲା
ପୁରାଣ ତାହାକୁ ଆମ୍ୟୋଦ୍ୱୀପ ନାମ ଦେଲା।
କୋବା ଏସିଆ ମଧ୍ୟେ ଥିଲା ଯେ ସାଗର
ଟେଥିସ ସାଗର ନାମ ହୋଇଲା ତାହାର
ଟେଥିସ ସାଗର କ୍ରମେ ହୋଇଲା ବିଲୋପ
ୟୁରୋସିଆ ମିଶିଗଲା କୋଇମ୍ବୁର ଦ୍ୱୀପ।
ହିମାଳୟ ସେ ପର୍ବତ ହିମର ଯେ ଘର
ହିମାଳୟ ପରି କ୍ଷେତ୍ର ଦ୍ୱୀପ କୋଇମୁର।
କୋୟା ପୁନେଂ ସତ୍ୟଧର୍ମ କୋଇମୁର ଦ୍ୱୀପର
ଲିଙ୍ଗା ପାରିକୁପାର ଯେ କଲେ ପରଚାର।

ଏହି ଗଣ୍ଡୁକୀ ପୁରାଣ ଓ ଷଡ଼ଦେବ ଚରିତ ଏବଂ ଶମ୍ଭୁସେକ ପୁରାଣ ଇତ୍ୟାଦି ଗୁଡିକରେ ଏଭଳି ଅନେକ ଶବ୍ଦ ବ୍ୟବହୃତ ହୋଇଛି ଓ ଅନେକ ଦେବାଦେବୀଙ୍କର ନାମ ପ୍ରତିବଦନଳରେ ବ୍ୟହୃତ ନାମ ଏବଂ ସୋମନଙ୍କର ମହିମା ବର୍ଣ୍ଣିତ ହୋଇଛି ଯଥା, କଳିକଙ୍କାଳ ମାତା, ଶମ୍ଭୁସେକ, ଜଙ୍ଗା, ଲିଙ୍ଗା, ମୁରୀ, କୈମୁର, ଗୋଣ୍ଡିପାଟା, ଅମ୍ୟୋଦ୍ୱୀପ, ଉସୁଗୋଟା, ଏର୍ପୁଟା, ସାଏମଲ୍ଲ, ଆଫୋକା, ପୁରୁଷ ଚନ୍ଦରି, ହର୍ବାକୋଟ୍ଟା, ମୁର୍ବାକୋଟା, ବୁଢ଼ାଦେବ ଓ କୁପାର ଏସବୁ ଶବ୍ଦ ଗୁଡିକର ତତ୍ତ୍ୱ ବହୁପରାତନ। ଏହି ଶବ୍ଦଗୁଡିକର ସାମଞ୍ଜସ୍ୟ ମଧ୍ୟ ତାମିଲ, କନ୍ନଡ, ମାଲାୟଲମ, ତେଲୁଗୁ ଓ ମରାଠୀ ଭାଷାମାନଙ୍କରେ ଥିବା ଶବ୍ଦଗୁଡିକରେ ଦେଖାଯାଏ।

ଭାରତ ବର୍ଷର ପ୍ରାଚୀନ ନାମ, ଆର୍ଯ୍ୟଙ୍କ ଆଗମନ ଓ ମହେଞ୍ଜୋଦାରୋ ଓ ହରପ୍ପା ସମ୍ବନ୍ଧରେ ଟିପ୍ପଣୀ ଏହିପରି ଅଛି।

ଗୁମ୍ପାର ଅନ୍ୟନାମ 'କୋୟା' ଯେ ଅଟଇ
ସନ୍ଧାନର ଅନ୍ୟନାମ 'ମୁରୀ' ବୋଲି କହି।
କୋୟାରୁ ବାହାରି ସେ ହୋଇଲେ ସତ୍ୟଲୋକ
କୈମୁର ଦେଶର ହେଲେ ପ୍ରଥମ ଆଲୋକ।
କୋଇ ମୁରିଆଙ୍କ ଦେଶ କୋଇ ମୁରିଦେଶ
ହୋଇଥିଲା ଅତୀତରେ ଏ ଭାରତବର୍ଷ।
ଗୋଣ୍ଡିପାଟା କହେ ଆହେ ଶୁଣ ସଖାଜନ
କୋଇମୁର ଦେଶଥିଲେ ଗୁମ୍ପାର ସନ୍ତାନ।
କୋଇମୁର ଦେଶ ବେଦେ କୁବାୟୁର ଜାଣି
ପୁରାଣ ତାହାଙ୍କୁ ଅମ୍ୟୋ ଦ୍ୱୀପ ରୂପେ ଭଣି।
ଗୁମ୍ପା ବନ ଜନଜାତି ଏ ଦେଶରେ ଥିଲେ
ୟୁରୋବାସୀ ଆର୍ଯ୍ୟଆସି ଏବେ ବାସ କଲେ।
ସମ୍ଭାଗ ମଧରେ ବହୁଗଣ ରାଜ୍ୟଥାଇ
ହର୍ବାକୋଟା ପୂର୍ବାକୋଟା ତା ମଧରେ ଦୁଇ।

ହର୍ବାକୋଟା ଏ ଯୁଗର ହରପ୍ପା ହୋଇଲା
ମହେଞ୍ଜୋଦାରୋ ସେପରି ମୁର୍ବାକୋଟା ହେଲା।
କୋୟା ପୁରମ ଧରମ ସର୍ବପୁରାତନ
ନୁହେଁ ତାହା ହିନ୍ଦୁ ବୌଦ୍ଧ ନୁହେଁ ଖ୍ରୀଷ୍ଟିଆନ।
ବାର ହଜାର ବରଷ ଆଗେ ତାହା ଜନ୍ମ
ସେ ଲାଗି କୋୟା ପୁରମ ଅତି ପୁରାତନ।

ଗଣ୍ଡୁକୀ ପୁରାଣ ମତରେ ପୃଥିବୀର ଚାରିଦିଗ ଓ ଚାରି କୋଣରେ ଅଷ୍ଟପର୍ବତ ସ୍ଥାପିତ ହେଲା। ଅଚଳାର ଏହି ଚଞ୍ଚଳୀ ସ୍ୱଭାବ ଦେଖି ମହାଦେବ ଅଷ୍ଟାଙ୍ଗ ଯୋଗବଳରେ ଆଦୀମାତାଙ୍କୁ ଧ୍ୟାନ କଲେ। ଶିବଙ୍କ ସେହି ଅଷ୍ଟାଙ୍ଗ ଯୋଗ ବଳରୁ ଅଷ୍ଟଚଣ୍ଡୀଙ୍କ ଉତ୍ପତ୍ତି ହେଲା। ଏହି ଅଷ୍ଟଚଣ୍ଡି ଗଣ ଅଷ୍ଟ ପର୍ବତକୁ ମାଡ଼ି ଧରିବାରୁ ପୃଥିବୀ ଅଟଳ ରହିଲା।

'ଗଣ୍ଡୁକୀ ପୁରାଣ' ମତରେ ଷଡ଼ବଂଶୀ ଗୋଁଡ଼ମାନେ ନିମ୍ନମତେ ଉତ୍ପତ୍ତି ହୋଇଥିବାର ପ୍ରମାଣ ରହିଛି।

ସାମବେଦୁଁ ଜନମ ଏ ଗଣ୍ଡ ବିଧିମାନ
କ୍ଷତ୍ରୀକୂଳେ ଜନ୍ମ ହେବା ବିଧିମତ କର୍ମ।
ପ୍ରଥମେ ଯେଉଁ ପୁରୁଷ ବିଷ୍ଣୁ ଅଙ୍ଗୁ ଜନ୍ମ,
ଦେଓ ଅଟେ ଯୋଗୀନ୍ଦ୍ର ବୋଲି ନାମ।
ନାରାୟଣ ଅଙ୍ଗରୁ ପୁରୁଷ ଜାତହେଲେ
ଲକ୍ଷ୍ମୀ ଠାକୁରାଣୀ ତାକୁ କୋଳରେ ଧରିଲେ।
ଚାହିଁବା ମାତ୍ରେ ଯେ ଚୌହାନ ଜନ୍ମିଲେ,
ବକ୍ଷରୁ ଉତ୍ପତ୍ତି ହେଲେ ବଂଶ ଯେ ଚନ୍ଦେଲ
ରଜରୁ ଜନମ ହେଲେ ରାଜପୁର କୁଳ।
ଯୁଗାନ୍ତର କ୍ଷତ୍ରୀ ପ୍ରଭୁ କଲେଜ ଜନମ
ଅଂଶଟି ଅଟଇ ସେହୁ ନାମ ପର୍ଶୁରାମ।
ବ୍ରହ୍ମଶାପ ଦେଲେତୁମେ ହୋଇବ ଜନମ
କଳିଯୁଗେ ବୋଲାଇବ ଗଣ୍ଡ ବିଧି କର୍ମ।
ଶୁଣିଣ ଧ୍ୱଜାକୁ ଚାହିଁଲେ ଭଗବାନ
ଧ୍ୱଜାରୁ ଏକ ପୁରୁଷ ହୋଇଲା ଜନମ।
ତିନିପୁଷ୍ପେ ଧ୍ୱଜାଚିହ୍ନ ହୋଇଲା ଜନମ
ତିନିଦେଓ ବୋଲି ତେଣୁ ତାଙ୍କୁ ଦେଲେ ନାମ।
ନାମକର୍ଣ୍ଣ କଲେ ତାକୁ ସେଠାବରେ ବସି
ଚନ୍ଦ୍ର ନୃପ ବୋଲି ନାମ ଦେଲେ ବ୍ରହ୍ମରାଶି।
କୂଳଗୁରୁ ସେମାନଙ୍କ ବଶିଷ୍ଟ ହୋଇଲେ
ଘୃତ କଉଶିବ ଗୋତ୍ରୀ ସେ ଦିନୁ ବୋଲାଇଲେ।

## ତିନିଦେଓ

ବଂଶ-ଚନ୍ଦ୍ରବଂଶ
ସିଂହାସନ-ଆହ୍ଲାର ଦେଇ ରାଣୀ
ପୁତ୍ର-କଳିଭୁଜ, ବଳୀଭୁଜ
ଗଡ଼-ସୁମେରୁଗଡ଼, ଦନ୍ତରଗଡ଼, ଷାଠିଶଙ୍କର ବାଘଗଡ଼, ବାଘ ମୁହଁ ଗଡ଼, ଲାହେରଗଡ଼
ଭାଡ଼ି-ତିନିଭାଡି, ତିନିଗୋଡ଼ି
ବାନା-ନୀଳଚକ୍ର ବାନା, ବାଘଚିହ୍ନ ଧ୍ୱଜା
ପାଲଙ୍କି-ଭ୍ରମରମୁହିଁ ପାଲିଙ୍କି
ପୋଥି-ରାମାୟଣ
ଗୋତ୍ର ଓ ଗୁରୁ-ଘୃତ କୌଶିକ, ବଶିଷ୍ଟ
ପ୍ରବର-ବଶିଷ୍ଟ, ଇନ୍ଦ୍ର ପମଦ ଆଭରହ ବସୁ, ଚ୍ୟାବନ
ଶାଖା- କୌଥମୀ, ଭାର୍ଗବ, ଯମଦଗ୍ନି, ବାମଦେବ, ଧର୍ମବୈଷ୍ଣବ,
ସୂତ୍ର ଗୋଡ଼ିଲଶ
ଖଳା-କୁଶଖଳା, କୁଶକୁମୁରା, ଆଦିକୁମୁରା
ଖଣ୍ଡା-କନକ ଚନ୍ଦ୍ର ଖଣ୍ଡା, ସାଞ୍ଜୁ

ଦେବତା-କନକଚନ୍ଦ ଗୌରୀ ମାଘାମାଝୀ, ଦୁଲାଇ ଗଡ଼ଉଡୁଣୀ ବାଘିଆ କଦମ୍ବ ବୃକ୍ଷକୁ ତିନିଦେଓମାନେ ପୂଜାକରନ୍ତି। ଏମାନଙ୍କ ମଧ୍ୟରେ ନେଟୀଗୋଣ୍ଡ ଜ୍ୟେଷ୍ଟ। ଶୁସ୍ ଖୁସ୍ ଓ ଧରୁଆ ସଂଜ୍ଞାରେ ଏମାନେ ମୂଳରୁ ପରିଚିତ ଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ ଯେଉଁମାନେ ବିଶେଷ ଭାବରେ ରାଜକର୍ମଚାରୀ କର୍ମରେ ନିଯୁକ୍ତ ହୋଇ ରାଜାଙ୍କଠାରୁ ପଦପଦବୀ ପାଇଥିଲେ, ସେମାନେ ଯିଏ ଯେଉଁ ପଦବୀରେ ଥିଲେ ସେହି ପଦବୀ ଅନୁସାରେ ସେମାନଙ୍କର ସାଇଙ୍ଗା (ସଂଜ୍ଞା) ଏବେ ପ୍ରଚଳିତ ହୋଇ ଆସୁଅଛି ଯଥା-ନାୟକ, ମାନସିଂହ, ସିଂହ, ଦଳେଇ ବଳିଆରସିଂହ, ଖଣ୍ଡା, କବାଟ ଇତ୍ୟାଦି।

## ଚାରିଦେଓ

ତରାସକୁ ଚାହିଁଦେଲେ ପ୍ରଭୁ ଭଗବାନ
ଗୁଞ୍ଜି ପଦ୍ମ ଚିହ୍ନ ଯେ ପୁରୁଷ ଏକ ଜନ୍ମ।
ଗୁଞ୍ଜି ପଦ୍ମ ଚିହ୍ନରୁ ଜନମ ଚାରିଦେଓ
ଚନ୍ଦଶେଖର ନୃପତି ନାମଟି ବୋଲାଉ।
ଗୋତ୍ର ପଚାରିଲେ ଯେକଶ୍ୟପ ପୁରୋହିତ
କାଶ୍ୟପ ଗୋତ୍ର ବୋଲିଣ ବୋଇଲେ ସମସ୍ତ।

## ଚାରିଦେଓ

ବଂଶ-ଯଦୁବଂଶ

ଗଡ଼-ଝମଗଡ଼, ଚିମ୍ଭାରଗଡ଼, ତୁମ୍ବୁରଗଡ଼

ଭାଡ଼ି-ପାଟଗାଦୀ, ଚାରିଭାଡ଼ି, ଚାରିଗୁଡ଼ି।

ରାଜା-ବଳିସିଂହ, ବଳିଆରସିଂହ, ଦାମ ସିହା, କାମା ସିଂହ

ବାନା-ବଙ୍କଲ ମହଲ ବାନା, କୁର୍କ ଚିହ୍ନ ଧ୍ୱଜା

ଗୋତ୍ର-ଗୁରୁକୈଳାସସୁନୀ, କାଶ୍ୟପଋଷିଗୋତ୍ର।

ଖଳା-ଥାପସିଂହଖଳା, ଥାପସିଂକମୁରା, କାଦି କୁମୁରା।

ଖଣ୍ଡା-ପାର୍ବତୀ ଖଣ୍ଡା (ଶକ)

ପ୍ରବର-କଶ୍ୟପ ଅବସ୍ଥାର ନୈଧ୍ରୃତ।

ଶାଖା-ମଧ୍ୟନ୍ଦିନୀ, ସୂତ୍ର କାତ୍ୟାୟିନୀ।

ସଂଜ୍ଞା- (ସାଇଙ୍ଗା) ଧାରୁଆ, ପାଟଧରୁଆ, ପରିଆଳ, ଦଣ୍ଡପାଟ, ତମ୍ଭାରି, ଖଳିପକା, ମାଝୀ, ସରମାଖୀ, ମାରପାଚି, ନାୟକ ଇତ୍ୟାଦି।

ଦେବତା-ଗଙ୍ଗରାଜ, ମାନିକ୍‌ରାଜ, ସୋମରାଜ, ଭୋଜରାଜ, ଚାରିଦେବତା

ଗାଦୀ-ଚହକୋଟ, ଲାହୋର, ରୁହେଲଖଣ୍ଡ, ବାଘେଲଖଣ୍ଡ, ଲାଞ୍ଜିଗଡ଼, ରୀମାଗଡ଼।

ଏମାନେ କ୍ୱାଚି, ନେତାମ, ଟେକାମ, ଡୁମା, ସଂଜ୍ଞାଧାରୀ ଚାରିଭାଇ। କ୍ୱାଚି ମାର୍‌ପାଚୀଙ୍କ ଘରେ ଅନ୍ୟଭାଇମାନେ ଅନ୍ନଜଳ କରନ୍ତି ନାହିଁ। ଏମାନଙ୍କର ଉପସ୍ୟ ବୃକ୍ଷ ହେଉଛି ବଟବୃକ୍ଷ।

## ପାଞ୍ଚଦେଓ

ସେକ୍ଷଣି ଶଙ୍ଖଚିହ୍ନରୁ ବିନ୍ଦୁଯେ ଖସିଲା
ଆପଣା ପାଦ ପଦ୍ମରେ ଯାଇଣ ପଡ଼ିଲା
ପାଦପଦ୍ମ ପୁରୁଷେକ ହୋଇଲେ ଉତ୍ପନ୍ନ
ତାହା ଦେଖି ସର୍ବେହେଲେ ଆନନ୍ଦିତ ମନ।
ଏ ରାଜ୍ୟର ନାମ ହେଲା ପଦ୍ମଲୋଚନ
ପାଦପଦ୍ମ ଚିହ୍ନୁ ଯେଣୁ ହୋଇଅଛି ଜନ୍ମ।
ବେଦବ୍ୟାସ ଋଷି କର୍ଣ୍ଣେମନ୍ତ୍ର ଫୁଙ୍କି ଦେଲେ
ପାଞ୍ଚ ପଦ୍ମରୁ ଜନ୍ମ ପାଞ୍ଚ ଦେଓ ବୋଲାଇଲେ।

## ପାଞ୍ଚଦେଓ

ବଂଶ-ସୋମବଶ

ଗୋତ୍ର-ପରାଶର, ଗୁରୁ-ଅତ୍ରୀ

ଶାଖା-ସୋମବଂଶୀ, କୁରୁବଂଶ, ପାଣ୍ଡୁପଂଶ, ତୋମାର, ଝୋଲାବାନଫର

ଦେବାତ-ବୁଢ଼ା ଗୋସେଇଁ ନରସିଂହ, ଜଙ୍ଗାଦେଓ, ଲିଙ୍ଗାଦେଓ, ଧନସୁତୁରୀ

ଖଣ୍ଡା-ମନ ପବନୀ ଖଣ୍ଡା (ଫରି)

ପ୍ରବର-ବଶିଷ୍ଟ, ଶାକ୍ତ୍ୟ, ପାରାଶର୍ଯ୍ୟ, ଅତ୍ରି, ଶାଣ୍ଡିଲ୍ୟ

ଗାଦି(ପୋଥି)-ଅଠରଖଣ୍ଡ ମହାଭାରତ

ପରେଖ-ମନ୍ଦିର (ଗୁଡ଼ି)ଝଲିଆ ଝାଲଖଣ୍ଡି

ଉପଶ୍ୟବୃକ୍ଷ-ପଲାଶ

ସଂଜ୍ଞା (ସାଇଙ୍ଗା)- ନାୟକ, ମାଝି, ସିଂହ, ପାହୁଲେ, ଦଣ୍ଡପାଟ, କାଲୋ ଇତ୍ୟାଦି

ଗଡ଼-ରାଇଗଡ଼, ହୀରାଗଡ଼, କନକ ଚନ୍ଦ୍ର ଗୌରୀଗଡ଼

ଭାଡ଼ି-ପାଞ୍ଚଭାଡ଼ି, ପାଞ୍ଚଗୁଡି, ଚନ୍ଦ୍ରମଣ୍ଡଳ ଗାଦି

ଧ୍ୱଜା- ଚନ୍ଦ୍ରଧ୍ୱଜା, କଟକ ବେସରା ବାନା

ଭୟାଦି-ମାରାପ୍ ଟିକାତି, ପାଟଧୁରୁଆ, ମାଝି, ପ୍ରିୟଳ

## ଛଅଦେଓ (ଅଟି)

ଛତ୍ରକୁ ତତ୍‌କ୍ଷଣେ ଚାହିଁଦେଲେ ଭଗବାନ
ଛତ୍ର ପୁରୁଷ ଏକ ହେଲା ଉଦଭାବନ।
ଲିଙ୍ଗ ପଦ୍ମ ବିହ୍ନରୁ ପ୍ରଭୁ ତାକୁ ଜାତ କଲେ
ପାର୍ବତୀ ଦେବୀ ଆନନ୍ଦେ କୋଳରେ ଧରିଲେ।

## ଛଅଦେଓ (ଅଟି)

ବଂଶ-ସୂର୍ଯ୍ୟବଂଶ

ଗନ-ହୀରାଗଡ଼

ସଂଜ୍ଞା-ଅଟୀ

ଗୋତ୍ର-ଗାର୍ଗେସ୍ୟ

ଗୁଡ଼ି-ରୂପମୁହିଁ

ଦେବତା-ଶେବତଛତର, ବୁଢ଼ାଜଙ୍ଗାଦେଓ

ବାନା-ବାଘ ବଳିଆର, ଛଅଛତ୍ରୀ ହାତୀ

କୁମୁରା-ଗୁଞ୍ଜି କୁମୁରା

ଅଶ୍ୱ-ଶାବେଳି

ବିଭାଗ-ଧ୍ୱତା, ସମର୍ଥା, ପିଲଓର, କୋଇ, ପଙ୍ଗା, ମାଝୀ, ନାୟକ

ପୋଥି- ଭାଗବତ ପୁରାଣ

ଭାଇ-ଛଅଭାଇ, ଡଙ୍ଗମଚ୍ଛା, ଡାହି, ଚୋରୀ, ଭାଦ୍ରା, ବିଶିରିଆ, ବିହିଙ୍ଗସିଲେ

ପ୍ରବର-ଅଙ୍ଗିରସ

ଶାକା- ମଧ୍ୟନ୍ଦିନୀ, ସୂତ୍ର କାତ୍ୟାୟିନୀ

## ଛଅଦେଓ (ଜଗତ)

ବଂଶ-କଦମ୍ବ

ଗନ-ଚାନ୍ଦାଗଡ଼

ଶୁଭନାମ-ଜାଗେ

ଗୋତ୍ର-ଭରଦ୍ୱାଜ

ଗୋଡ଼ି-ଜଗଦଲା

ଦେବତା-ଯିପନ ଛତର, ସତୀ, ହାରେଣୀ

ଅଶ୍ୱୀ-ମାନଝରୀ ଖଣ୍ଡା

କୁମୁରା-ଧନଗୁଣ୍ଡି କୁମୁରା

ବାନା-ପାଟକମେରୀ, ଛଅଛତ୍ରହାତୀ

ବିଭାଗ-ପଙ୍ଗାଭୋଇ, ମାଝୀ, ଧଣୁଆ, ପାହୁଲେ, ନାୟକ

ପ୍ରବର- ବାହସ୍ପିତ୍ୟ

ଶାକା- ମଧ୍ୟନ୍ଦିନୀ, ସୂତ୍ର କାତ୍ୟାୟିନୀ

ଜଗତ ନାମ ଗଣ୍ଡ ଏବଂ ବଂଶ ସମ୍ଭୁତ ବ୍ୟକ୍ତିମାନେ ଶିମୁଳି ବୃକ୍ଷକୁ ଉପାସନା କରନ୍ତି।

## ସାତଦେଓ

ନାଗରାଜ ମୁହୁଁ ଆଗ ହୋଇଲା ବାହାର

ସେଠାରୁ ପଡ଼ିଲା ଡାକ ପା ଜଣଙ୍କର

ପାତାଳମଣି ଚିହ୍ନକୁ ଚାହିଁଲେ ଭଗବାନ

ସେ ଚିହ୍ନରୁ ପୁରୁଷେକ ହୋଇଲା ଉତ୍ପନ୍ନ।

ନାଗ ବଂଶରୁ ଏ ଯେଣଉ ହୋଇଲା ଉତ୍ପତ୍ତି

ନାମ ତାକୁ ଦେଲେ ଚନ୍ଦ୍ର ପ୍ରତାପ ନୃପତି।

ଏଣୁ ଆନନ୍ଦରେଦେବେ ସ୍ୱର୍ଗେ ଡାକଦେଲେ

ସାତଦେଓ ପଦ୍ଧତି ଯେ ଏହାକୁ ବୋଇଲେ।

## ସାତଦେଓ

ବଂଶ-ଗଙ୍ଗବଂଶ (ଗର୍ଗବ)

ଗଡ଼-ମଣ୍ଡିଲାଗଡ଼, କାଲିଗଡ଼, ଗଡ଼ମଣ୍ଡଳ

ଗୋତ୍ର-ନାଗେଶଗୋତ୍ର

ଭାଡ଼ି-ନାଗଦଲା ଭାଡି

ଗୋଡ଼ି-ନାଗଦଲାଗୁଡି (ଶିବନୀ ଗୁଡି)

ସଂଜ୍ଞା-ମରେହୀ

ଦେବତା-ମହରାବନ ଦେଓ, ଜଙ୍ଗାଦେଇ

ବାନା-ନାଗଚିହ୍ନଧ୍ୱଜା (ବିଜୟବାନା)

ଅଶ୍ୱ- ଭଲଉ (ମରାବନ ଖଣ୍ଡା)

ବିଭାଗ ସଂଜ୍ଞା- ସାଏ, ରାଏ, ପୁଟାମ, ଏରକାମ, ମାଝି, ଧରୁଆ ଭୋଏ, ମରାହୀ, ଘୁଟାମ, କୁତାମ, ନିତାମ, ସୁଆମ, କୁଆମ, ଓଟାମ, ନାୟକ, ସିଂହ, ସିଂହବୀର, ରଣବୀର।

ଭାୟାଦି-ମରାହୀ (ମହ୍ଲେଇ), ଟେକାମ୍ ନେତା, ଶୂଳିୟାମ୍, ମରଖାମ ଓ ଘୋଟାମ୍

ଗୁରୁ-ଗଙ୍ଗେଶ ମୁନୀ, ଗାର୍ଗବ ଋଷି

ପୋଥିଗାଦୀ ଜୈମିନୀ ଭାରତ

ପ୍ରବର-ଅନନ୍ତନଙ୍ଗ, ଅକ୍ଷୋଭ୍ୟ

ଖଳା-ମୀନବ । ଖଳା, ମୀନବଞ୍ଝା କୁମୁର, ହଲୁକୁମୁରା


ଏ ପ୍ରବନ୍ଧର ଉପସଂହାରରେ ଏତିକି କୁହାଯାଇପାରେ, 'ହଜାର ହଜାର ବର୍ଷର ପରମ୍ପରା ବହନ କରି ଯେଉଁ ଜାତି ଐତିହ୍ୟ ସମ୍ପନ୍ନ ଥିଲା, ସଂସ୍କୃତିର ବାର୍ତ୍ତାବହ ହିସାବରେ ଭାରତ ଭୂଖଣ୍ଡରେ ଆଲୋକ ବିରତଣ କରୁଥିଲା ଆଜି ସେ ଜାତିର ଅସହାୟତାକୁ

ଦେଖିଲେ ବିଶ୍ୱାସ ହୁଏ ନାହିଁ ଯେ ସତରେ କ'ଣ ଗୋଁଡ ଜାତିର ପୂର୍ବସୁରମାନେ ପ୍ରବଳ ପରାକ୍ରମୀ ପ୍ରତାପୀ ଯୋଦ୍ଧାଜାତି ଥିଲେ ଓ ସେମାନେ ଭାରତବର୍ଷର ଅଧିକାଂଶ ଭୂଖଣ୍ଡକୁ ନିଜର ଶାସନାଧି କରିରଖିଥିଲେ। ଅଭାବରୁ ସ୍ୱଭାବ ନଷ୍ଟ ହୋଇପାରେ, କର୍ପୁରର ସୁଗନ୍ଧ ପବନରେ ନିସକ୍ରାନ୍ତ ହୋଇଗଲେ ମଧ ପଡ଼ିରହିଥିବା କନାଖଣ୍ଡିକରୁ ତାର ମୂଳସ୍ଥିତିତ ଅନୁମାନ କରିବାରେ କିଛି ଅସୁବିଧା ନାହିଁ। ତେବେ ଏତେଦିନ  ଯାଏ ଏ ଜାତିର ଦାୟାଦମାନେ ଘୁମନ୍ତ ଅବସ୍ଥାରେ ରହିଛନ୍ତି କାହିଁକି? ଏ ଗୋଁଡ ସାଂସ୍କୃତିକ ସମାଜର ଶିକ୍ଷିତ ଭାଇ ଭଉଣୀମାନେ ହୁଅନ୍ତୁ ବା ବିଭିନ୍ନ ଉଚ୍ଚପଦବୀର କର୍ମକ୍ଷେତ୍ରରେ ନିଯୁକ୍ତ ଥିବା ଭାଇଭଉଣୀମାନେ ହୁଅନ୍ତୁ ସେମାନେ କାହିଁକି ନିଜର ପରିଚୟ ବଂଶ ପରମ୍ପରା ଐତିହ ଇତ୍ୟାଦି ଅନୁସନ୍ଧାନ କରିବାରେ ବିମୁଖ ହେଉଛନ୍ତି? ପୃଥିବୀ ଇତିହାସରେ ଜର୍ମାନ ଜାତି ଉନ୍ନତିର ସମସ୍ତ ସୀମା ଟପିଯାଇଛି। ଭାରତ ଭୂଖଣ୍ଡରେ ନିହାତି ସଂଖ୍ୟା ନ୍ୱିନ ହେଲେ ମଧ ବ୍ରାହ୍ମଣ ଜାତି ଭାରତର ଜଳ ସ୍ଥଳ ଆକାଶରେ ଆଧିପତ୍ୟ ବଳବତର ରଖିପାରିଛି ଶୁଦ୍ରଶ୍ରେଣୀଭୁକ୍ତ ହେଲେ ମଧ ତୈଳିକ ସାମଜ ନିଜର ନିଷ୍ଠାବଳରେ ନିଜକୁ ସମାଜର ଆଗଶ୍ରେଣୀକୁ ଉତ୍ତିର୍ନ୍ନ କରାଇ ପାରିଛି। ସମାଜର ବହୁଦୂରେ ରହିସୁଦ୍ଧା ନିଜର କର୍ତ୍ତବ୍ୟବୋଧ ଯୋଗୁଁ ଓଡ଼ିଶା ଭୂଖଣ୍ଡରେ ମହାନ୍ତଜାତି (କୁଡୁମି ସଂପ୍ରଦାୟ) ସବୁକ୍ଷେତ୍ରରେ ଆଗୁଆ ହେବାକୁ ବସିଲାଣି। ସାନ୍ତାଳ ଭାଇମାନେ ଅଦ୍ୟମ ଚେଷ୍ଟା ବଳରେ ସେମାନଙ୍କର ଭାଷା ସଂସ୍କୃତିକୁ ବଳିଷ୍ଠ କରିବା ସଙ୍ଗେ ସଙ୍ଗେ ଆଜି ସେମାନେ କୃଷିକ୍ଷେତ୍ରରୁ ଆରମ୍ଭ କରି ରାଜ୍ୟ ତଥା ଜାତୀୟ ସ୍ତରର ସମସ୍ତ ପ୍ରସାସନରେ ସ୍ଥାନ ଦଖଲ କରିଛନ୍ତି ତେବେ କ'ଣ ଅନ୍ୟମାନେ ନିଶା ସେବନ କରୁ ନାହାନ୍ତି? ତେବେ ସେମାନେ କାହିଁକି ନିଜର ପରମ୍ପରାକୁ ରକ୍ଷା କରିବା ସହିତ ନିଜର ତଥା ସମାଜର ମଙ୍ଗଳ ପାଇଁ ଉଦ୍ୟମରତ ଅଛନ୍ତି? ଅନ୍ୟସମାଜର ଭାଇମାନେ ମଦ ଖାଆନ୍ତି କିନ୍ତୁ ଗୋଁଡ ସମାଜର ଭାଇମାନଙ୍କୁ ମଦ ଖାଏ। ଅନ୍ୟ ସମାଜର ଭାଇଭଉଣୀମାନେ ଶିକ୍ଷିତ ହୋଇ ଭଲ ପଦପଦବୀରେ ରହିଲେ ସେମାନେ ସେଥିରେ ଅନ୍ୟମାନଙ୍କୁ ଭାଗିଦାର ବା ପ୍ରଭାବିତ କରନ୍ତି। କିନ୍ତୁ ଆମ ସମାଜର ଭାଇ ଭଉଣୀମାନେ ଏପରି ସୁଯୋଗ ପାଇଲେ ପ୍ରଥମେ ନିଜକୁ କିଛି ଲୋକ ଅନ୍ୟ ଗୋଷ୍ଠୀରେ ସାମିଲ୍ କରି ନିଅନ୍ତି। ତାର ମର୍ଯ୍ୟାଦା ବା ସୁଯୋଗ ନିଜ ସମାଜ ବା ପରବାରରେ ଗୋଁଡ ସମାଜର ଭାଇଭଉଣୀମାନେ ବ  ନ କରିବାରେ କୁଣ୍ଠାବୋଧ କରନ୍ତି। ନିଜର ପଦମର୍ଯ୍ୟାଦାର ଅବମାନନା ହେବ ବୋଲି ଆମର କର୍ମଚାରୀ ଭାଇ ଭଉଣୀମାନେ ନିଜ ସମ୍ପ୍ରଦାୟ ଠାରୁ ଦରୂରେ ରହିବାକୁ ମସୁଧା କରନ୍ତି। ଏଭଳି ଚିନ୍ତା କରୁଥିବା ବ୍ୟକ୍ତିଟି (ଝିଅ କିମ୍ବା ପୁଅ) ସହଜରେ ଅନ୍ୟ ଶ୍ରେଣୀରେ ବଶବର୍ତ୍ତୀ ହୋଇ ନିଜର ଶ୍ରେଣୀକୁ ଭୁଲିଯାଏ। ଗାଁ ଗହଳରେ ବାସ କରୁଥିବା ଗୋଁଡ ସମ୍ପ୍ରଦାୟ ଭାଇଭଉଣୀମାନେ ଶିକ୍ଷା ଦୀକ୍ଷାରେ ଦୁର୍ବଳ ଥିବାରୁ ଏବଂ ନିଜ ସମ୍ପ୍ରଦାୟର ସଂସ୍କୃତି ପ୍ରତି ସଚେତନ ନଥିବାରୁ କିମ୍ବା ଆମ ସମାଜର ଉନ୍ନତି ପାଇଁ କାମ କରୁଥିବା ଭାଇମାନେ ସଂସ୍କୃତିର ପରିପ୍ରକାଶ ପାଇଁ ପଦକ୍ଷେପ ନେଉ ନଥିବାରୁ ସେମାନେ ସଚେତନ ହୋଇ ପାରୁନାହାନ୍ତି। ଏହି ହେତୁରୁ ଆମ ଗୋଁଡ ସାଂସ୍କୃତିକ ସମାଜର ଭାଇଭଉଣୀମାନେ ନିଜ ସମାଜ ପ୍ରତି ଉତ୍ତରଦାୟୀ ନ ହୋଇ ପାରି ପର ଆଦର୍ଶ ପ୍ରତି ଆକୃଷ୍ଟ ହେଉଥିବାର ଦେଖାଯାଉଛି। ଯାହାଫଳରେ ଆମ୍ଭେମାନେ ନିଜ ଜାତି, ନିଜ ସଂଗଠନ, ନିଜ ସଂସ୍କୃତି ଓ ନିଜ ସମାଜକୁ ପ୍ରକାରନ୍ତରେ ଭୁଲିଯାଇ ନାହାଁନ୍ତି କି?

ଏଣୁ ଏବେ ଆସନ୍ତୁ ପ୍ରଥମେ ଆମେ ନିଜେ ନିଜେ ଆମ ସଂସ୍କୃତିକୁ ଉପଲବ୍ଧ କରି ସେଥିରେ ଅନ୍ୟ ଭାଇ ବିରାଦର ପୁଅ, ପୁତୁରା, ଆମ ପରିବାର ବା ସମାଜର ଝିଅ ବହୁ, ମା' ମାଉସୀଙ୍କୁ ଉଦ୍‌ବୋଧ କରାଇବା ଏବଂ ଶିକ୍ଷା ଦିକ୍ଷାରେ ଆଗୁଆହୋଇ ଆମ ପରିବାର ଏବଂ ଆମ ସମାଜକୁ ବିକାଶ ପଥରେ ଆଗେଇ ନେବାରେ ସମସ୍ତେ ଆଗୁସାର ହେବା।

ପୁରୋଧା
ଅଖିଳ ଭାରତ ଗୋଁଡଓ୍ୱାନା ଗୋଁଡ ମହାସଭା
କେନ୍ଦୁଝର






# ସମ୍ବଲପୁର ମୁକ୍ତି ସଂଗ୍ରାମର ଗୋଁଣ୍ଡ ମାନଙ୍କର ଭୂମିକା

**ଧନେଶ୍ୱର ସିଂହ**

ଭାରତର ଇତିହାସ ପୃଷ୍ଠାରେ ଯେଉଁ କେତେ ବୀର ସଂଗ୍ରାମୀ ଯୁଗଜନ୍ମା ପୁରୁଷ ଜନ୍ମମାଟି ଜନ୍ମଭୂମିର ସୁରକ୍ଷା ପାଇଁ ନିଜ ଜମିଦାରୀର ସମସ୍ତ ସୁଖ, ଶାନ୍ତି ଜଳାଞ୍ଜଳି ଦେଇ ବଣ ପାହାଡ଼ରେ ଦୁଃଖ କଷ୍ଟ ନିର୍ଯ୍ୟାତନା ବରଣ କରି ଯୁଦ୍ଧରେ ଅଭୂତପୂର୍ବ ବୀରତ୍ୱର ପରକାଷ୍ଠା ପ୍ରଦର୍ଶନ କରି ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଲଖନପୁରର ବୀର ବଳଭଦ୍ର ସିଂହଦେଓ ଅନ୍ୟତମ। ୧୮୨୭ ମସିହାରେ ସମ୍ବଲପୁର ରାଜା ମହାରାଜ ସାଏଙ୍କ ମୃତ୍ୟୁ ପରେ ରାଣୀ ମୋହନ କୁମାରୀଙ୍କୁ ସମ୍ବଲପୁର ରାଜସିଂହାସନରେ ଅଧିଷ୍ଠିତ କରାଯାଇଥିଲା। ରାଣୀ ମୋହନ କୁମାରୀ ପରାଦାନସୀନ ଥିବାରୁ ଶାସନ କାର୍ଯ୍ୟ ସୂଚାରୁ ରୂପେ ତୁଲାଇ ପାରୁ ନ ଥିଲେ। ତେଣୁ ସମ୍ବଲପୁର ଅଞ୍ଚଳର ଜମିଦାର, ଗଉନ୍ତିଆ, ବୁଦ୍ଧିଜୀବି ଏବଂ ରୟତମାନଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ଜଳି ଉଠିଥିଲା। ସେତେବେଳକୁ ଇଂରେଜମାନେ ତାଙ୍କର ପ୍ରଭୁତ୍ୱ ବିସ୍ତାର କରି ସାରିଥିଲେ। ଜନ ଅସନ୍ତୋଷକୁ ପ୍ରତିହତ କରିବା ପାଇଁ ସମ୍ବଲପୁର ରାଜବଂଶୀୟ ବରପାଲି ଜମିଦାର



Swords and shield of Janardan Singh.
(Presented to the author by the Zamindar, Pahar Sirgida). At present preserved in the Sambalpur University Museum.

ନାରାୟଣ ସିଂହଙ୍କୁ ସମ୍ବଲପୁର ରାଜ ସିଂହାସନରେ ଅଧିଷ୍ଠିତ କରିଥିଲେ। ଯଦ୍ଦ୍ୱାରା ପ୍ରକୃତ ଉତ୍ତରାଧିକାରୀ ସୁରେନ୍ଦ୍ରସାଏ ସିଂହାସନରୁ ବଞ୍ଚିତ ହୋଇଥିଲେ। ପୁନାଶ୍ଚ ୧୮୫୪ ମସିହାରେ ସମ୍ବଲପୁର ମାଲଗୁଜାରୀ ଦେୟ ହଠାତ୍ ୮,୮୦୦ ଟଙ୍କାରୁ ୭୪,୦୦୦ ଟଙ୍କାକୁ ବଢ଼ାଇ ଦିଆଗଲା।

୧୮୨୭ ମସିହାରେ ସମ୍ବଲପୁରର ରାଜା ମହାରାଜ ସାଏଙ୍କ ମୃତ୍ୟୁପରେ ସମ୍ବଲପୁର ରାଜସିଂହାସନ ପାଇଁ ସମାନ୍ତରାଳ ଭାବରେ ଦୁଇଟି ଆନ୍ଦୋଳନ ମୁଣ୍ଡ ଟେକିଲା। ଗୋଟିଏ ପଟେ ସମ୍ବଲପୁରର ସପ୍ତମ ରାଜା ଛତ୍ରସିଂହଙ୍କ ପଞ୍ଚମ ପୁତ୍ର ହରିବଂଶ ଲାଲଙ୍କ ବଂଶଧର ଝାରସୁଗୁଡ଼ା ଜମିଦାର ଗୋବିନ୍ଦ ସିଂହ ଅନ୍ୟପଟେ ସମ୍ବଲପୁରର ଚତୁର୍ଥ ରାଜା ମଧୁକର ସାଏଙ୍କ ବଂଶଧର ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏ ସମ୍ବଲପୁରର ରାଜସିଂହାସନ ପାଇଁ ଦାବି କରିଥିଲେ। ସୁରେନ୍ଦ୍ର ସାଏଙ୍କ ଦାବି ଯଥାର୍ଥ ଓ ଯୁକ୍ତିଯୁକ୍ତ ଥିଲା।

ପ୍ରଥମେ ପାହାଡ଼ଶ୍ରୀଗିଡ଼ା ଜମିଦାର ତ୍ରିଲୋଚନ ସିଂହ ଏବଂ ଭେଡ଼େନ୍ ଜମିଦାର ଅବଦୂତ ସିଂହ। ଝାରସୁଗୁଡ଼ା ଜମିଦାର ଗୋବିନ୍ଦ ସିଂହଙ୍କ ସହ ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିଲେ। ଗୋବିନ୍ଦ ସିଂହ ବ୍ରିଟିଶ ସରକାରଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ହୋଇ ବନ୍ଦୀ ହେଲେ। ଗୋବିନ୍ଦ ସିଂହ ଓ ତାଙ୍କ ସହଯୋଗୀ ଜମିଦାର ଗଉନ୍ତିଆ ମାନଙ୍କର ଜମିଦାରୀ ବ୍ୟାଜାପ୍ତ କରାଗଲା ପରେ ଗୋବିନ୍ଦ ସିଂହ ଇଂରେଜ ସହ ସନ୍ଧି କରିବାରୁ ତାଙ୍କ ଜମିଦାରୀ ଏବଂ ତାଙ୍କର ଅନ୍ୟପଟେ ସୁରେନ୍ଦ୍ର ସାଏଙ୍କ ମୁକ୍ତି ସଂଗ୍ରାମକୁ ଲଖନପୁର ଜମିଦାର ବଳଭଦ୍ର ସିଂ ଦାଉ, କୁଲାବିରା ଜମିଦାର କୁରଣାକର ସିଂହ ନାଏକ, ପାଟ କୁଲୁଣ୍ଡା ଜମିଦାର ପିତାମ୍ବର ସିଂହ ମଚିଦା ଜମିଦାର ଧନୁ ସିଂହ, ଗଡ଼ଲୁଇସିଂ ଜମିଦାର ମଧୁ ଗଡ଼ତିଆ, କୋଡ଼ାବଗା ଅଞ୍ଜାରୀ ସିଂହ ପ୍ରଭୃତି ଜମିଦାରମାନେ ଅଂଶ ଗ୍ରହଣ କରିଥିଲେ।

ବରଗଡ଼ଠାରୁ ଉତ୍ତର ପୂର୍ବ ଦିଗରେ ୪୮ କି.ମି. ଦୂରତ୍ୱରେ ଲଖନପୁର ଜମିଦାରୀ ଥିଲା ମଧ୍ୟପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶ ସୀମାରେଖା ମଧ୍ୟରେ କାନ୍ତାରକର ରାଜ୍ୟ ଅବସ୍ଥିତ ଥିଲା। ଯେଉଁ ରାଜ୍ୟର କି ଗଣ୍ଡ ରାଜା ଥିଲେ ଦ୍ରାଘ୍ୟ ରାଜ। ତାଙ୍କର କୁଳ ସନ୍ତୁକ ବ୍ୟାଘ୍ର ଥିଲା। ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦାକ୍ଷିଣାତ୍ୟ ଅଭିଯାନ ବେଳେ ବ୍ୟାଘ୍ର ରାଜା ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ହୋଇ ନିହତ ହୋଇଥିଲେ। ବ୍ୟାଘ୍ର ରାଜାଙ୍କ ପତନ ପରେ ୩୭୫ ଖ୍ରୀଷ୍ଟାବ୍ଦ ବେଳକୁ ଦୁଇଟି ଦଳ କାନ୍ତରକର ରାଜ୍ୟ ପରିତ୍ୟାଗ କରିଥିଲେ। ଗୋଟିଏ ଦଳ ସାରାଙ୍ଗଡ଼ ରାଜ୍ୟକୁ ଏବଂ ଅନ୍ୟ ଦଳଟି ମହାକୋଶଳ ଅଞ୍ଚଳର ଲଖନପୁରକୁ ଆସି ଜମିଦାରୀ ସ୍ଥାପନ କରିଥିଲେ, ଯାହାକି ଇତିହାସବିତ ଟେଲେମିଙ୍କ ବର୍ଣ୍ଣନାରୁ ଜଣାଯାଏ।

ଲଖନପୁର ଜମିଦାର ବଳଭଦ୍ର ସିଂହ ସୁରେନ୍ଦ୍ର ସାଏଙ୍କ ପ୍ରବଳ ସମର୍ଥକ ଥିଲେ। ତାଙ୍କ ପାଟିରେ ଆଦିବାସୀମାନଙ୍କ ଗୋଟିଏ ସୁଶିକ୍ଷିତ ସୈନ୍ୟବାହିନୀ ଥିଲେ। ଯେଉଁମାନେ କି ତୀରଚାଳନା, ଅସୀ ଚାଳନାରେ ନିପୁଣ ଥିଲେ। ବଳଭଦ୍ର ୧୮୭୧ ମସିହା ଜାନୁଆରୀ ୮ ତାରିଖ ଦିନ ଉଇଲସନଙ୍କ ଅଧିନ ବେଟାଲିୟନର ସୁବେଦାର ଗୁରୁ ଦୟାଲ ତିୱାରୀ ଏବଂ ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱରେ ଥିବା ବ୍ରିଟିଶ ସୈନ୍ୟ ସହ ଯୁଦ୍ଧ କରି ତାଙ୍କର ସେନାଛାଉଣୀ ପୋଡ଼ିଦେଇ ଦେବ୍ରିଗଡ଼ ଦୁର୍ଗକୁ ଫେରି ଆସିଥିଲେ।

ତାଙ୍କର ସମର୍ଥକ ମାନଙ୍କର ଜମିଦାରୀ ଫେରସ୍ତ କରାଗଲା। ପରବର୍ତ୍ତୀ ସମୟରେ ପାହାଡଶ୍ରୀଗିଡ଼ା ଗଣ୍ଡ ଜମିଦାରୀ ତ୍ରିଲୋଚନ ସିଂହ ଏବଂ ଭେଡ଼େନ ଗଣ୍ଡ ଜମିଦାର ଅବଦୂତ ସିଂହ ସୁରେନ୍ଦ୍ର ସାଏଙ୍କ ମୁକ୍ତି ସଂଗ୍ରାମରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟପଟେ ସୁରେନ୍ଦ୍ର ସାଏଙ୍କ ମୁକ୍ତି ସଂଗ୍ରାମକୁ ଲଖନପୁର ଜମିଦାର ବଳଭଦ୍ର ସିଂ ଦାଉ, କୁଲାବିରା ଜମିଦାର କରୁଣାକର ସିଂହ ନାଏକ, ପାଟକୁଲୁଣ୍ଡା ଜମିଦାର ପିତାମ୍ବର ସିଂହ, ମଚିଦା ଜମିଦାର ଧନୁ ସିଂହ, ଗଡ଼ ଲୁଇସିଂ ଜମିଦାର ମଧୁ ଗଡ଼ତିଆ, କୋଡାବଗା ଧଞ୍ଜାରୀ ସିଂହ ପ୍ରଭୃତି ଜମିଦାର ମାନେ ଅଂଶଗ୍ରହଣ କରିଥିଲେ।

ବରଗଡ଼ଠାରୁ ଉତ୍ତର ପୂର୍ବ ଦିଗରେ ୪୮ କି.ମି. ଦୂରତ୍ୱରେ ଲଖନପୁର ଜମିଦାରୀ ଥିଲା। ମଧ୍ୟପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶ ସୀମାରେଖା ମଧ୍ୟରେ କାନ୍ତରାକର ରାଜ୍ୟ ଅବସ୍ଥିତ ଥିଲା। ଯେଉଁ ରାଜ୍ୟର ଖଣ୍ଡରାଜା ଥିଲେ ବ୍ୟାଘ୍ର ରାଜ। ତାଙ୍କର କୁଳ ସନ୍ତକ ଥିଲା ବ୍ରଘ୍ୟ। ଚନ୍ଦ୍ରଗୁପ୍ତ ମୋର୍ଯ୍ୟଙ୍କ ଦାକ୍ଷିଣାତ୍ୟ ଅଭିଯାନ ବେଳେ ବ୍ରାଘ୍ୟରାଜ ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ପରାସ୍ତ ଓ ନିହତ ହୋଇଥିଲେ। ବ୍ରାଘ୍ୟରାଜଙ୍କ ପତନ ପରେ ୩୭୫ ଖ୍ରୀଷ୍ଟାବ୍ଦ ବେଳକୁ ଦୁଇଟି ଦଳରେ କ୍ରାନ୍ତାରକର ରାଜ୍ୟ ପରିତ୍ୟାଗ କରିଥିଲେ। ଗୋଟିଏ ଦଳ ସାରଙ୍ଗଗଡ଼ ରାଜ୍ୟକୁ ଏବଂ ଅନ୍ୟ ଦଳଟି ମହାକୋଶଳ ଅଞ୍ଚଳର ଲଖନପୁର ଅଞ୍ଚଳକୁ ଆସି ଜମିଦାରୀ ସ୍ଥାପନ କରିଥିଲେ। ଯାହାକି ଐତିହାସିକ ଟେଲେମିଙ୍କ ବର୍ଣ୍ଣନାରୁ ଜଣାଯାଏ।

ଲଖନପୁର ଜମିଦାର ବଳଭଦ୍ର ସିଂହ ସୁରେନ୍ଦ୍ର ସାଏଙ୍କ ପ୍ରବଳ ସମର୍ଥକ ଥିଲେ। ତାଙ୍କ ପାଖରେ ଆଦିବାସୀ ମାନଙ୍କ ଗୋଟିଏ ସୁଶିକ୍ଷିତ ଓ ଶୃଙ୍ଖଳିତ ସୈନ୍ୟବାହିନୀ ଥିଲା। ଯେଉଁମାନେ କି ତୀର କ୍ଷେପଣ ଓ ଖଣ୍ଡାଯୁଦ୍ଧରେ ନିପୁଣ ଥିଲେ। ବଳଭଦ୍ର ୧୮୩୧ ମସିହା ଜାନୁୟାରୀ ୮ ତାରିଖରେ ଉଇଲସନ୍‌ଙ୍କ ଅଧିକ ବେଟାଲିଅନ୍‌ର ସୁବେଦାର ଗୁରୁ ଦୟାଲ୍ ତିୱାରୀ ଓ ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱରେ ଥିବା ବ୍ରିଟିଶ୍ ସୈନ୍ୟ ସହ ଯୁଦ୍ଧ କରି ତାଙ୍କର ସେନାଛାଉଣୀ ପୋଡିଦେଇ ଡେବ୍ରିଗତ ଦୁର୍ଗକୁ ଫେରି ଆସିଥିଲେ।

ସୁରେନ୍ଦ୍ରସାଏ ଓ ବଳଭଦ୍ର ସିଂ ଦାଉ ବିପ୍ଳବକୁ କିପରି ଭାବରେ ଆଉ ତେଜିଆନ୍ କରାଯାଇ ପାରିବ ତାହା ଡେବ୍ରିଗଡ଼ ପାଖରେ ଥିବା ୧୨ବଖରା ଠରେ ଆଲୋଚନା ସାରି ବିଶ୍ରାମ ନେଇଥିବା ସମୟରେ ହଠାତ୍ ସମ୍ବଲପୁର ରାଜା ନାରାୟଣ ସିଂହଙ୍କ ସୈନ୍ୟ ଆକ୍ରମଣ କରିଥିଲେ। ବଳଭଦ୍ର ସିଂ ଦାଉ ନିଜେ ସୈନ୍ୟଙ୍କ ସମ୍ମୁଖୀନ ହୋଇ ସୁରେନ୍ଦ୍ର ସାଏଙ୍କୁ ସ୍ଥାନ ପରିତ୍ୟାଗ କରିବା ପାଇଁ ଅନୁରୋଧ କରିଥିଲେ। ଉକ୍ତ ଯୁଦ୍ଧରେ ବିରୋଧି ସେନାର ସମ୍ମୁଖିନୀ ହୋଇ ବଳଭଦ୍ର ସିଂହ ଦାଉ ଶହୀଦ ହୋଇଥିଲେ ଏବଂ ସୁରେନ୍ଦ ସାଏ କ୍ଷତାକ୍ତ ଅବସ୍ଥାରେ ସ୍ଥାନ ପରିତ୍ୟାଗ କରିଥିଲେ। ବଳଭଦ୍ର ସିଂହ ଦାଉ ଥିଲେ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ।

କମଳ ସିଂହ ହେଉଛନ୍ତି ସୁରେନ୍ଦ୍ର ସାଏଙ୍କର ପ୍ରଧାନ ସେନାପତି। କମଳ ସିଂହ ଥିଲେ ବହୁ ବିଶିଷ୍ଟ ପ୍ରତିଭାର ଅଧିକାରୀ। ବେଗ ପରିବର୍ତ୍ତନ କରିବାରେ ସେ ଥିଲେ ଧୁରନ୍ଧର। ବିପ୍ଳବକୁ ବ୍ୟାପକ କରିବା ପାଇଁ ସେ ବିଭିନ୍ନ ରାଜା ଏବଂ ଜମିଦାର ମାନଙ୍କ ସହିତ ଯୋଗାଯୋଗ କରୁଥିଲେ। ବ୍ରିଟିଶ୍ ସରକାରଙ୍କ ଚିଫ କମିଶନର, ବୈଦେଶିକ ବିଭାଗର ସେକ୍ରେଟାରୀଙ୍କ ପତ୍ର ନଂ. ୧୨୨୩-ତା ୦୮.୦୫.୧୮୫୭ର ଚିଠି ଅନୁସାରେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଚାଲିଥିବା ବିଦ୍ରୋହର ମୁଖ୍ୟ ପରିଚାଳକ ଥିଲେ କମଳ ସିଂହ ଦାଉ। ତାଙ୍କର ପ୍ରାୟ ଏକ ହଜାର ସୈନ୍ୟଙ୍କର ସୁସଂଗଠିତ ସେନାବାହିନୀ ଥିଲା। ଯେଉଁଥିରେ କି ପ୍ରାୟ ଏକଶତ ଜଣ ବନ୍ଧୁକ ଚାଳନାରେ ନିପୁଣ ଥିଲେ। କମଳ ସିଂହ ଦାଉ ଏତେ ଦୁର୍ଦ୍ଦାନ୍ତ ଥିଲେ ଯେ, ସେତେବେଳ ଇଂରେଜ ସରକାର ତାଙ୍କୁ ଧରିବା ପାଇଁ ଟ. ୨୦୦୦ଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। କମଳ ସିଂହ ଦାଉ ଏବଂ ଅଗେଶ୍ୱର ସିଂହ ଦାଉଙ୍କ ଚାପରେ ପଶ୍ଚିମ ଓଡ଼ିଶା ଓ ସୀମାନ୍ତବର୍ତ୍ତୀ ଛତିଶଗଡ଼ର ଜମିଦାର ଓ ଗଉନ୍ତିଆମାନେ ଅନିଚ୍ଛାସତ୍ତ୍ୱେ ସାହାଯ୍ୟ କରୁଥିଲେ।

ଯେତେବେଳେ ବିଦ୍ରୋହର ଅବସାନ ହୋଇ ଆସୁଥିଲା ଏବଂ ଧିରେ ଧିରେ ସମସ୍ତେ ଆତ୍ମସମର୍ପଣ କରିନେଇଥିଲେ, ତଥାପି କମଳ ସିଂହ ଆତ୍ମସମର୍ପଣ କରିବା ପରିବର୍ତ୍ତେ ଜଙ୍ଗଲରେ ରହିଯାଇଥିଲେ। ଦିନେ ଛଦ୍ମବେଶୀ ସନ୍ୟାସୀ ବେଶରେ ସାରଙ୍ଗଗଡ଼ରେ ବୁଲୁଥିବା ବେଳେ ସାରଙ୍ଗଗଡ଼ ରାଜା ତାଙ୍କୁ ଧରି ଇଂରେଜମାନଙ୍କୁ ସମର୍ପଣ କରିଦେଇଥିଲେ। ସେ ସମୟରେ କମଳ ସିଂହଙ୍କୁ ଧରିବା ପାଇଁ ଥିବା ପୁରସ୍କାର ଟ. ୨୦୦୦ଙ୍କା ସାରଙ୍ଗଗଡ଼ ରାଜାଙ୍କୁ ମିଳିଥିଲା। ବ୍ରିଟିଶ୍ ସରକାର କମଳ ସିଂହ ଦାଉଙ୍କୁ ମହାରାଷ୍ଟ୍ରର ନିମାର ଜିଲ୍ଲାର ଅସୁରଗଡ଼ ଜେଲକୁ ପ୍ରେରଣ କଲେ, ସେଠାରେ କମଳ ସିଂହ ଦାଉ ଆଜୀବନ କାରାବରଣ କରି ଇହଲୀଳା ସମ୍ୱରଣ କରିଥିଲେ। ତାପରେ ବ୍ରିଟିଶ୍ ସରକାର ବ୍ୟାଜାପ୍ତ ହୋଇଥିବା ସବୁ ଜମିଦାର ମାନଙ୍କର ଜମିଦାରୀ ଫେରାଇ ଦେଇଥିଲେ କିନ୍ତୁ ଲଖନପୁର ଜମିଦାରଙ୍କର ବ୍ୟାଜାପ୍ତ ସମ୍ପତ୍ତି ସବୁଦିନ ପାଇଁ ବ୍ୟାଜାପ୍ତ ହୋଇ ରହିଗଲା।

ଏହି ବୀରମାନେ ତାଙ୍କ ଜୀବନ କାଳ ମଧ୍ୟରେ ଏ ଦେଶକୁ ସ୍ୱାଧୀନ କରିପାରି ନଥିଲେ। କିନ୍ତୁ ତାଙ୍କର ଅଭୂତ ପୂର୍ବ ତ୍ୟାଗ ଓ ବଳୀଦାନ ଏ ଦେଶର ସ୍ୱାଧୀନତାର ମାର୍ଗ ପଶସ୍ତ କରିଥିଲା। ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

ମଧୁଗଡ଼ତିଆ ୧୮୧୦ ମସିହାରେ ଗଡ଼ଲୁଇସିଂ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ସେ ତାଙ୍କର ବଡଭାଇ ସହିତ ମତାନ୍ତର ହେବାରୁ ଜୋୟମୁରା ଅଞ୍ଚଳକୁ ଯାଇ ଜମିଦାରୀ ସ୍ଥାପନ କରିଥିଲେ। ମଧୁଗଡ଼ତିଆ ସୁରେନ୍ଦ୍ର ସାଏଙ୍କ ଅନ୍ୟତମ ଗିରିଦୁର୍ଗ ବଡ଼ପାଟୀର ସେନା ନାୟକ ଥିଲେ। ସଂପୃକ୍ତ ଅଞ୍ଚଳର ବିପ୍ଳବୀ ମାନଙ୍କୁ ବିପ୍ଳବ ତେଜିୟାନ୍ ହେବାପାଇଁ ଉଦ୍‌ବୁଦ୍ଧ କରୁଥିଲେ। ଏ ସମୟରେ ଇଂରେଜ ମାନଙ୍କ ଗୁପ୍ତଚର ଭାବରେ ଡା. ମୁର ଓ ଡାକ୍ତର ହେନସନ ମଧୁଗଡ଼ତିଆଙ୍କ ଅନୁଧାବନ କରୁଥିଲେ। ଡା. ମୁର୍ ରାମପୁର ପହଞ୍ଚିଲା ବେଳେ ମଧୁଗଡ଼ତିଆ ରାମପୁରଠାରେ ଥିଲେ। ଡାକ୍ତରଦ୍ୱୟ ରାମପୁରରୁ ବାହାରିବା ପୂର୍ବରୁ ସେ ବଡପାଟୀ ଯାଇ ସେଠାରୁ ଦଳେ ବିପ୍ଳବୀଙ୍କୁ ସାଙ୍ଗରେ ଆଣି ରହିଥିଲେ। ଡାକ୍ତରଦ୍ୱୟ ନିକଟରେ ପହଞ୍ଚିବା କ୍ଷଣି ତାଙ୍କ ନେତୃତ୍ୱରେ ସମଗ୍ର ବିପ୍ଳବୀଦଳ ସେମାନଙ୍କୁ ଘେରିଗଲେ। ଅସ୍ତଗାମୀ ସୂର୍ଯ୍ୟଙ୍କ କିରଣରେ ମଧୁଗଡ଼ତିଆଙ୍କ ଫାର୍ସା ଝଲସି ଉଠିଲା। ଫାର୍ସାରେ ସେ ଡାକ୍ତର ମୁର୍‌ଙ୍କୁ ହତ୍ୟାକଲେ। ଡାକ୍ତର ହେନ୍‌ସନ (ଯୁଜ) ତାଙ୍କର ଫାର୍ସା ଚୋଟରୁ ଅଳ୍ପକେ ବର୍ତ୍ତିଗଲେ। ଲୋକ ମୁଖରୁ ଶୁଣାଯାଏ ଯେ, ସେ ଉଭୟ ଡାକ୍ତରଙ୍କୁ ସେଠାରେ

ହତ୍ୟା କରିଥିବାଲେ ଏବଂ ସେଥିପାଇଁ ନିକଟସ୍ଥ ଗ୍ରାମ ଯୁଜୋମୁରା ନାମରେ ନାମିତ ହେଲା।

ମଧୁଗଡ଼ତିଆ ତାଙ୍କ ମିତ୍ର ରେଢ଼ାଖୋଲ ରାଜାଙ୍କର ବିଶ୍ୱାସ ଘାତକତା ଯୋଗୁଁ ଧରାପଡ଼ି ବନ୍ଦୀ ହେଲେ ଓ ତାଙ୍କୁ ବିନା ବିଚାରରେ ଫାଶୀ ଦିଆଗଲା। ପରବର୍ତ୍ତୀ କାଳରେ ସ୍ଥାନୀୟ ଅଞ୍ଚଳ ଲୋକମାନେ ସେହି ବୀର ଶହୀଦଙ୍କର ବିଚାର ସ୍ଥଳ ଆମ୍ବତୋଟାକୁ ମଧୁବନ ଏବଂ ଫାଶୀ ଭୋଗିଥିବା ସ୍ଥାନକୁ ଫାସୀଦିଆପଦା ନାମରେ ନାମିତ କରିଥିଲେ। ଫାସିଦିଆପଦା କାଳକ୍ରମେ ଟିକିରା ନଈର ଗର୍ଭରେ ଲୀନ ହୋଇଯାଇଛି। ଆଜି ମଧ୍ୟ ମନେ ହୁଏ ସତେ ଯେପରି ସେହି ସାହସୀ ବୀର ଶହୀଦଙ୍କର ପ୍ରାଣପକ୍ଷୀ ଟିକରା ନଈ କୂଳସ୍ଥ ମଧୁବନ ତୋଟାରେ ଉଡ଼ି ଗାଇ ବୁଲୁଛି ସେହି ସ୍ୱାଭିମାନ ଭରା ବୀରତ୍ୱର ଗାଥା।

କୋଲାବିରା ଜମିଦାରୀ ଝାରସୁଗୁଡା ସହରଠାରୁ ୧୭ କି.ମି ଦୂରତାରେ ଅବସ୍ଥିତ। କୋଲାବିରା ଜମିଦାରୀ ର ଆୟତନ ଥିଲା ୨୭ ବର୍ଗ ମାଇଲ। ମୁକ୍ତି ସଂଗ୍ରାମରେ ଅଂଶଗ୍ରହଣ କରିଥିବା ଜମିଦାରୀ ମାନଙ୍କ ମଧ୍ୟରେ ସବୁଠାରୁ ଏହା ବୃହତ୍ତମ ଜମିଦାରୀ ଥିଲା।

କୋଲାବରା ଜମିଦାର ସଂଶାଧର ସିଂହଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର କରୁଣାକର ସିଂହ ନାୟକ କୋଲାବରା ଜମିଦାର ଭାବରେ ଅଭିଶିକ୍ତ ହୋଇଥିଲେ।

୧୮୫୭ ମସିହା ନଭେମ୍ବର ମାସରେ ଲେଫ୍ଟନା ହୋଡୋଙ୍କ ନେତୃତ୍ୱରେ ମାନ୍ଦ୍ରାଜ ଆର୍ଟଲାରୀ, କଟକର ସୈନ୍ୟବାହିନୀ ଓ ୪୦ ଜଣ ମାନ୍ଦ୍ରାଜ ସୈନ୍ୟଦଳ କ୍ୟାପଟେନ୍ ଜେ.ବି.ନକରଙ୍କ ନେତୃତ୍ୱରେ ଏକତ୍ରିତ ହୋଇ କୋଲାବିରା ଜମିଦାରଙ୍କ ପ୍ରାସାଦ ଆକ୍ରମଣ ଅଭିଯାନ ଆରମ୍ଭ କଲେ।

୧୮୫୭ ମସିହା ଡ଼ିସେମ୍ବର ମାସ ୩୦ ତାରିଖରେ କୁଦୋପାଲି ଗ୍ରାମ ଉପକଣ୍ଠରେ ଏକ କ୍ଷୁଦ୍ର ପାହାଡ ନିକଟରେ ବିଦ୍ରୋହୀ ମାନଙ୍କୁ ଠାବ କରି କ୍ୟାପଟେନ୍ ଇ.ଜି.ଉଡ୍ଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟବାହିନୀ ଅତର୍କିତ ଆକ୍ରମଣ କଲେ। ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଏହି ଯୁଦ୍ଧରେ କୋଲାବିରା ଜମିଦାର କରୁଣାକର ନାଏକ ସେନାପତିତ୍ୱ କରିଥିଲେ କିନ୍ତୁ ଇଂରେଜ ସୈନ୍ୟମାନଙ୍କ ବନ୍ଧୁକ, ତୋପ ଓ ଯୁଦ୍ଧ କୌଶଳ ଆଗରେ ବିଦ୍ରୋହୀମାନେ ଅଧିକ ସମୟ ତିଷ୍ଟି ନପାରି ପୃଷ୍ଠଭଙ୍ଗ ଦେଇଥିଲେ। ଯୁଦ୍ଧରେ ଅନେକ ବିଦ୍ରୋହୀ ମୃତାହତ ହେବା ସହିତ ୫୩ ଜଣ ମୃତ୍ୟୁ ବରଣ କରିଥିଲେ ଓ ଏଗାରଜଣ ବନ୍ଦୀ ହୋଇଥିଲେ। କିନ୍ତୁ ସବୁଠାରୁ ଦୁଃଖଦପୂର୍ଣ୍ଣ ଘଟଣା ହେଲା ଏହି ଯୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଭ୍ରାତା ଛବିଳ ସାଏ, ପତ୍ରାପାଲି ଗଉନ୍ତିଆ ବଳଭଦ୍ର ଦାସ ଓ କୋଲାବିରା ଜମିଦାରଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଶହୀଦ ହୋଇଥିଲେ।

ମେଜର ବେଟ୍ ୧୮୯୮ ଜାନୁୟାରୀ ୮ ତାରିଖ ଦିନ କୋଲାବିରା ଆକ୍ରମଣ କରିଥିଲେ। ଇଂରେଜମାନଙ୍କ ଗୋଳାବାରୁଦର ସମ୍ମୁଖୀନ ହୋଇ ନପାରି କୋଲାବିରା ଜମିଦାର କରୁଣାକର ସିଂହ ନାଏକ ଏବଂ ତାଙ୍କର ଏଗାର ଜଣ ସହଯୋଗୀ ମେଜର ଇମପେଙ୍କ ଉଦାରନୀତି ଅନୁସାରେ ଆତ୍ମ ସମର୍ପଣ କରି ନିଜ ବ୍ୟାଜାପ୍ତ ଜମିଦାରୀ ଫେରିପାଇ ଜୀବନ ରକ୍ଷା କରିବାକୁ ସେ ଶ୍ରେୟ ମନେ କରିଥିଲେ।

କିନ୍ତୁ ଦୁର୍ଭାଗ୍ୟର ବିଷୟ -ମେଜର ବେଟସ୍ଙ୍କ ଅନୁପସ୍ଥିତିରେ ଲେଫ୍ଟନାଣ୍ଟ ରବିନ୍ସନ କୋଲାବିରା ଜମିଦାର କରୁଣାକର ନାଏକ ଓ ଅନ୍ୟ ବିଦ୍ରୋହୀ ମାନଙ୍କୁ ବନ୍ଦୀ ରୂପେ ସମ୍ବଲପୁର ପଠାଇ ଦେଇଥିଲେ। କିନ୍ତୁ ସେଠାରେ ଲେଫ୍ଟନା କଳବର୍ଣ୍ଣ ଆତ୍ମସମର୍ପଣ କରିଥିବା ଏହି ବନ୍ଦୀ ମାନଙ୍କୁ ସର୍ତ୍ତ ଅନୁଯାୟୀ କ୍ଷମା ଦିଆଯାଇଥିବା କଥା ନ ମାନି ସାମରିକ ଅଦାଲତରେ ସେମାନଙ୍କୁ ବିଚାର ଆରମ୍ଭ କରିଥିଲେ ଏବଂ ବନ୍ଦୀ ମାନଙ୍କ ଭିତରୁ ସାମରିକ ଅଦଲତରେ ୩୬ ଜଣଙ୍କ ବ୍ୟତୀତ ଅନ୍ୟମାନଙ୍କ ବିରୁଦ୍ଧରେ ଫାଶିଦଣ୍ଡ ଆଦେଶ ହୋଇଥିଲା।

ବିପ୍ଳବୀ କୋଲାବିରା ଜମିଦାର କରୁଣାକର ନାଏକ ଓ ଅନ୍ୟ ୧୩ ଜଣଙ୍କୁ ଫାଶିଦଣ୍ଡ ପ୍ରଦାନ କରାଯିବା ପୂର୍ବରୁ ସେମାନଙ୍କର ଅନ୍ତିମ ଇଚ୍ଛା ପୁରଣ ପାଇଁ ଇଂରେଜ କର୍ତ୍ତୃପକ୍ଷ ସମ୍ମତ ଥିଲେ। ତେଣୁ କୋଲାବିରା ଜମିଦାର କରୁଣାକରଙ୍କୁ ୧୮୬୧ ମସିହା ଡ଼ିସେମ୍ବର ମାସ ୨୨ ତାରିଖ ଦିନ ପ୍ରତ୍ୟୁଷ କାଳରେ ସମ୍ବଲପୁର ସହରର ମହାନଦୀ କୂଳରେ ଥିବା ସାମିଆ (ସୋମନାଥ) ମନ୍ଦିର ପରିସରକୁ ନିଆଯାଇଥିଲା। ବିପ୍ଳବୀ କରୁଣାକରଙ୍କ ଅନ୍ତିମ ଇଚ୍ଛା ପୂରଣ କରି ଇଂରେଜ ଅଧିକାରୀ ସେଠାରେ କରୁଣାକର ସ୍ୱହସ୍ତରେ ପତ୍ରାପାଲି ଗୌନ୍ତିଆ ବଳଭଦ୍ର ଦାଶଙ୍କ ପୁତ୍ରକୁ ପତ୍ରାପାଲିର ମାଫିଦାର ଜାଗିରୀ ପ୍ରଦାନ ସ୍ୱରୂପ ତମ୍ବାପଟ୍ଟା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଥିଲେ ଏବଂ ଭଗବାନ ଶିବଙ୍କୁ ସାକ୍ଷୀ ରଖି କରୁଣାକର ଏହି ତମ୍ବାପଟ୍ଟା ଦେବା ସହିତ ଶଙ୍ଖରେ ଜଳ ଢ଼ାଳିଥିଲେ। ଏହି ସମୟରେ କରୁଣାକର ନାୟକଙ୍କ ସହିତ ତେର ଜଣଙ୍କୁ ସମ୍ବଲପୁରରେ ଫାଶୀ ଦିଆଯାଇଥିଲା।

ଖଗେଶ୍ୱର ସିଂହ ଦାଉ ହେଉଛନ୍ତି ଲଖନପୁର ଜମିଦାର ବଳଭଦ୍ର ସିଂହ ଦାଉଙ୍କ ନାତି ଏବଂ କମଳ ସିଂହ ଦାଉ ପୁତୁରା। ସମ୍ବଲପୁର ରାଜା ନାରାୟଣ ସିଂହଙ୍କ ସେନ୍ୟ ମାନଙ୍କ ୧୮୩୭ ମସିହା ଡେବ୍ରିଗଡ଼ ଆକ୍ରମଣରେ ବଳଭଦ୍ର ସିଂହ ଦାଓଙ୍କ ମୃତ୍ୟୁପରେ ଖଗେଶ୍ୱର ସିଂହ ଦାଓ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଚାଲିଥିବା ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିଲେ। ସେ ଡେବ୍ରିଗଡ଼ ଦୁର୍ଗର ସେନା ନାୟକ ଥିଲେ। ପ୍ୟାପ୍ଟେନ୍ ଲି. ୧୮୫୮ ମସିହା ଜାନୁଆରୀ ୧୪ ତାରିଖ ଦିନ ୧୩୦ ଜଣ ସୈନ୍ୟଙ୍କୁନେଇ ଡେବ୍ରିଗଡ଼ ଦୁର୍ଗ ଆକ୍ରମଣ କଲେ। ଖଗେଶ୍ୱର ସିଂହ ଦାଓଙ୍କ ନେତୃତ୍ୱରେ ଦୁର୍ଗ ମଧ୍ୟରୁ ତୀର ବର୍ଷା ଏବଂ ପଥର ଖସିବା ଯୋଗୁଁ ଡେବ୍ରିଗଡ଼ ଦୁର୍ଗ ଉପରକୁ ଯାଇ ନ ପାରି ଫେରି ଆସିଥିଲେ।

ପାହାଡଶ୍ରୀଗିଡା ରଣଜିତା ପର୍ବରେ କମଲ ସିଂହ ଦାଓ ଏବଂ ଖଗେଶ୍ୱର ସିଂହ ଦାଓ ଯୋଗ ଦେଇଥିଲେ। ତାଙ୍କୁ ପାଛୋଟି ଆଣିବା ପାଇଁ ବାଜା ସହିତ ପାହାଡଶ୍ରୀଗିଡ଼ାର ବିଶିଷ୍ଟ ବ୍ୟକ୍ତିମାନେ ଗ୍ରାମ ବାହାରେ ଥିବା ଝାରଗୁଡି ପର୍ଯ୍ୟନ୍ତ ଯାଉଥିଲେ। ବୀର ବାଦ୍ୟ ବାଜିଲେ ଖଗେଶ୍ୱର ସିଂହଦାଓଙ୍କ ଶରୀରରେ ଗୋଟେ ଅଲୌକିକ ଶକ୍ତିର ସଞ୍ଚାର ହେଉଥିଲା। ତାଙ୍କ ଶରୀରର ଉତେ ଜନା ବଢ଼ି ଯାଉଥିଲା। ସେ ଉକ୍ତ ସମୟରେ ଦୁର୍ଦ୍ଦାନ୍ତ ହୋଇଯାଉଥିଲେ। ସେହି ସମୟରେ ସେ ଡେଇଁ ବଡ ବଡ ଘର ମାନ ଅତିକ୍ରମ କରିପାରୁଥିଲେ। ତାଙ୍କୁ ଶାନ୍ତ କରିବା ପାଇଁ ଲଙ୍କା ଧୂଆଁ ଦେଇ ମୋଟା ଚଦରରେ ଘୋଡାଇ ଦିଆଯାଉଥିଲା। ତା'ପରେ ସେ ଶାନ୍ତ ହେଉଥିଲେ।

ଦ୍ରଷ୍ଟବ୍ୟ - ଏହି ଅଧ୍ୟାୟଟି ପାହାଡଶ୍ରୀଗିଡା ଜମିଦାରଙ୍କ ଦ୍ୱିତୀୟ ପୁତ୍ର ବିଜୟ ସିଂହଙ୍କ ମୁଖ୍ୟ ବାଣୀ ଅଟେ ଯିଏ କି ବୀର ଜନାର୍ଦ୍ଦନ ସିଂହଙ୍କ ବଂଶଜ ଥିଲେ। ଖଗେଶ୍ୱର ସିଂହ ଦାଓ ଜଣେ ଦୁଃସାହସିକ ଦୁର୍ଦ୍ଦାନ୍ତ ବ୍ୟକ୍ତିତ୍ୱର ଅଧିକରୀ ଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ମୁକ୍ତି ସଂଗ୍ରାମରେ ତାଙ୍କର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ବୀର ସୁରେନ୍ଦ୍ର ସାଏଙ୍କର ବିଶ୍ୱସ୍ତ ସାଥି ଏବଂ ସେନାନାୟକ ଥିଲେ। ପାରମ୍ପାରିକ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଥିଲେ। ସେ ଛତିଶଗଡ଼ି ଭାଷା କହୁଥିଲେ- "ଏସନ୍ ମାରଦିଁ ବୁଜୁରୀ ମନଲା" ତାର ଅର୍ଥ ହେଲା- ଏପରି ଭାବରେ ଦୁର୍ବୁ ମାନଙ୍କୁ ମାରିଦେବି ବୋଲି ବୋଲି କହି ପ୍ରାୟ ୧୫-୨୦ ଫୁଟ ଦୂରତାରୁ ଏକ ଫୁଟ ଗୋଲେଇର ରେଙ୍ଗାଲ ଗଛ ମାନଙ୍କୁ ସମରଭ୍ୟାସବେଳେ କାଟି ପକାଉଥିଲେ। ବନ୍ଧା ଗ୍ରାମରେ ତାଙ୍କ ଘର ଚାରିପାଖରେ ୧୦୦ ବର୍ଗଗଜ ପରିମିତ ସ୍ଥାନକୁ ପଥର ଆବନ୍ଧ କରି ଏକ ଉଚ୍ଚ କାନ୍ଥ ତୋଳିଥିଲେ। ସେ ଅନେକ ଅସ୍ତ୍ରଶସ୍ତ୍ର, ବନ୍ଧୁକ ଓ ଗୋଳା ତିଆରି କରିବାପାଇଁ ଗନ୍ଧକ ଓ ବାରୁଦ ନିଜ ଘରେ ଗଚ୍ଛିତ ରଖିଥିଲେ। ସେ ଅତି କ୍ଷିପ୍ର ଗତିରେ ଦୌଡିପାରୁଥିଲେ ଓ ପ୍ରାୟ ୧୫-୨୦ ଫୁଟ ଉଚ୍ଚ କାନ୍ଥ ଗୁଡିକ ଅନାୟସରେ ଡେଇଁ ପାରୁଥିଲେ। ସେ ଏତେ ଦୁର୍ଦ୍ଦାନ୍ତ ଥିଲେ ଯେ, ଜନାର୍ଦ୍ଦନ ସିଂହଙ୍କ ଦ୍ୱାରା କ୍ୟାପ୍ଟାନ୍ ଓଡବ୍ରୀଜ ନିହତ ହେବା ପରେ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ରହିଥିବା ମେୟର ଇମ୍ପେଙ୍କୁ ହତ୍ୟା କରିବା ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିସାରିଥିଲେ। ଯାହା ଇଂରେଜ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର ବିଷୟ ହୋଇଥିଲା। ସେ ରାତିରେ ବନ୍ଧା ଗ୍ରାମରେ ଶୋଇଥିବା ସମୟରେ ଅତି ଚତୁରତାର ସହିତ କ୍ୟାପ୍ ଟାନ୍‌ଗ୍ରେବାର୍ଟ, ଲେଫ୍ଟନା ରାଇଡ୍ ଆଉଟ୍, ଲେଫ୍ଟନା ବୋଇ ଓ ମିଷ୍ଟର କାକର ଅତର୍କିତ ଆକ୍ରମଣ କରିଥିଲେ ଏବଂ ଖଗେଶ୍ୱର ସିଂହ ଦାଓ ଏବଂ ଭାଇମାନଙ୍କୁ ବନ୍ଦୀ କରିଥିଲେ। ଖଗେଶ୍ୱର ସିଂହ ଦାଓ ଜଣେ ଉଦ୍ଧତ ପ୍ରକୃତିର ହୋଇଥିବାରୁ ସର୍ବପ୍ରଥମେ ତାଙ୍କୁ ଗୋଟିଏ ଗୋଡର ଧମନୀମାନଙ୍କୁ ମେସିନ୍ ସାହାଯ୍ୟରେ ମୋଡି ଅଚଳ କରି ଦେଇଥିଲେ।

ସୁରେନ୍ଦ୍ର ସାଏ, ଉଦନ୍ତ ସାଏ ଓ ଖଗେଶ୍ୱର ସିଂହ ଦାଓଙ୍କୁ ଦୋଷୀ ସାବ୍ୟସ୍ତ କରି ବ୍ୟାଜାପ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ସୁରେନ୍ଦ୍ର ସାଏ ଏବଂ ଅନ୍ୟ ଜମିଦାରମାନଙ୍କୁ ସେମାନଙ୍କର ସମ୍ପତ୍ତି ଫେରାସ୍ତ କରାଯାଇଥିଲା ଏବଂ ତାଙ୍କ ସମ୍ପତ୍ତି ଫେରସ୍ତ ପାଇ ପାରିନଥିଲେ। ଅସୁରଗଡ଼ ଜେଲରେ ତାଙ୍କର ମୃତ୍ୟୁ ହୋଇଥିଲା।

ଭାରତର ଇତିହାସ ପୃଷ୍ଠାର ଯେଉଁ କେତେ ବୀର ସଂଗ୍ରାମୀ ଯୁଗଜନ୍ମା ପୁରୁଷ ଜନ୍ମମାଟିର ସୁରକ୍ଷା ପାଇଁ ନିଜ ଜମିଦାରୀର ସମସ୍ତ ସୁଖ ସ୍ୱଚ୍ଛନ୍ଦ ଭୋଗବିଳାସ ଜଳାଞ୍ଜଳୀ ଦେଇ ବଣ ପାହାଡରେ ଦୁଃଖ ବରଣ କରି ବୀର ସୁରେନ୍ଦ୍ର ସାଏଙ୍କ ମୁକ୍ତି ସଂଗ୍ରାମରେ ଅଭୁଦ ପୂର୍ବ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ପାହାଡଶ୍ରୀଗିଡା ଜମିଦାର ବୀର ଜନାର୍ଦ୍ଦନ ସିଂହ ସେମାନଙ୍କ ମଧ୍ୟରୁ ଅନ୍ୟତମ। ପାହାଡଶ୍ରୀଗିଡା ଜମିଦାର ଜନାର୍ଦ୍ଦନ ସିଂହଙ୍କର କୌଣସି ପଦବିରେ ଲାଳସା ନଥିଲା। ସେ ଅଶୀ ଚାଳନା, ତୀର ଚାଳନା ଏବଂ ଦେଶୀ ବନ୍ଧୁକ ଚାଳନାରେ ନିପୁଣ ଥିଲେ। ଜନାର୍ଦ୍ଦନ ସିଂହ ତାଙ୍କ ଭାଇମାନଙ୍କୁ ଏବଂ ଗୋଣ, କନ୍ଧ, ସଉରା, ବିଞ୍ଝାଲ, ବିରଜା ପ୍ରଭୃତି ଆଦିବାସୀ ଲୋକମାନଙ୍କୁ

ଗରିଲା ଯୁଦ୍ଧ ଶିକ୍ଷା ଦେଇ ଗୋଟିଏ ସୁସଂଗଠିତ ସେନା ବାହିନୀ ପ୍ରସ୍ତୁତ କରିଥିଲେ। ପାହାଡଶ୍ରୀଗିଡା, ନାଗପୁର, ସମ୍ବଲପୁର ରାସ୍ତାରେ ଥିବା ଯୋଗୁ ଇଂରେଜମାନେ ବାରମ୍ବାର ପାହାଡଶ୍ରୀଗିଡା ଦୁର୍ଗ ଆକ୍ରମଣ କରୁଥିଲେ। ତେଣୁକରି ପାହାଡଶ୍ରୀଗିଡା ଦୁର୍ଗ ବାରମ୍ବାର ଆକ୍ରମଣ କରୁଥିଲେ। ଇଂରେଜମାନଙ୍କୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗ୍ରାମର ନିକଟବର୍ତ୍ତୀ ବାରପାହାଡ ଠାରେ ଗୋଟିଏ ଯୁଦ୍ଧ ଘାଟି ନିର୍ମାଣ କରିଥିଲେ। ଯାହାର ନାମ ଥିଲା ମୋର୍ଚ୍ଚାବନ୍ଧା ଦୁଇଟି ପାହାଡ ମଝି ରାସ୍ତାରେ ୭ ଫୁଟ ଉଚ୍ଚ ୩୦ ଫୁଟ ଲମ୍ବର ପଥର ପାଚେରୀ ନିର୍ମାଣ କରାହୋଇଥିଲା। ପାହାଡ ଉପରକୁ ଉଠିବା ଅଧା ବାଟରେ ପୁଣି ଗୋଟିଏ ପଥର ପାଚେରୀ ଏବଂ ପାହାଡ ସବା ଉପରେ ପୁଣି ଗୋଟିଏ ପ୍ରସ୍ତର ନିର୍ମିତ ପାଚେରୀ ନିର୍ମାଣ କରାଯାଇଥିଲା। ସବୁ ପାଚେରୀ ମାନଙ୍କରେ ତୀର ଚାଳନା ଏବଂ ବନ୍ଧୁକ ଚାଳନା ପାଇଁ ଛିଦ୍ରମାନ ରଖାଯାଇଥିଲା। ଉପର ପାଚେରୀରୁ ତଳ ପାଚେରୀକୁ ଦେଖି ହେବ କିନ୍ତୁ ତଳରୁ ଯୁଦ୍ଧ ଘାଟୀରେ ଥିବା ମୁକ୍ତି ସଂଗ୍ରାମୀ ମାନଙ୍କୁ ଦେଖିହେବ ନାହିଁ। ପାଖରେ ଥିବା ସବୁ ରାସ୍ତାରେ ବୃକ୍ଷଲତା ମାନଙ୍କୁ କାଟି ସଫା କରାଯାଇଥିଲା। ଯଦ୍ଦ୍ୱାରା କି ବାହାର ସବୁ ଗମନା ଗମନ ସହଜରେ ଜଣା ପଡୁଥିଲା।

କ୍ୟାପଟେଡ଼ ଉଡବ୍ରିଜ୍ ୧୮୫୮ ମସିହା ଫେବୃୟାରୀ ୧୨ ତାରିଖ ଦିନ ପାହାଡଶ୍ରୀଗିଡା ଆକ୍ରମଣ କରିଥିଲେ। ସେହି ସମୟରେ ପାହାଡଶ୍ରୀଗିଡା ଜମିଦାର ଇଂରେଜମାନଙ୍କ ଆକ୍ରମଣ ଆଶଙ୍କା କରି ତାଙ୍କ ସୈନ୍ୟସାମନ୍ତଙ୍କ ସହିତ ମୋର୍ଚ୍ଚା ବନ୍ଧାଠାରେ ଅବସ୍ଥାନ କରୁଥିଲେ। କ୍ୟାପଟେନ୍ ଉଡବ୍ରିଜ୍ ଏହା ଜାଣିପାରି ରାମଗଡ଼ ସେନାବାହିନୀର ଦଳେ ସୈନ୍ୟଙ୍କୁ ନେଇ ମୋର୍ଚ୍ଚାବନ୍ଧା ଆକ୍ରମଣ କରିଥିଲେ। ଉଭୟପକ୍ଷ ମଧ୍ୟରେ ବହୁ ସମୟଧରି ଘମାଘୋଟ ଯୁଦ୍ଧ ଚାଲିଥିଲା। ପାହାଡ ଉପରୁ ତୀର ଏବଂ ପଥର ବର୍ଷା ଚାଲିଥିଲା ବେଳେ କ୍ୟାପଟେନ ଉଡବ୍ରିଜ୍ ଓ ତାଙ୍କ ଇଂରେଜ ସୈନ୍ୟମାନଙ୍କ ଗୋଳାବାରୁଦ ଶେଷ ହୋଇଯାଇଥିଲା। ଉପରପଟୁ ମୁକ୍ତି ସଂଗ୍ରାମୀ ମାନଙ୍କ ତୀର ବର୍ଷା ମଧ୍ୟ କମିଯାଇଥିଲା। କ୍ୟାପଟେନ୍ ଉଡବ୍ରିଜ୍ ଭାବିଲେ ଯେ ବିଦ୍ରୋହୀମାନେ ବହୁ ସଂଖ୍ୟାରେ ନିହତ ହୋଇଛନ୍ତି ଭାବି ସେ ମୋର୍ଚ୍ଚାବନ୍ଧାର କାନ୍ଥ ଉପରେକୁ ଉଠିଯାଇଥିଲେ। ଏହି ସମୟରେ ହଠାତ୍ ଜନାର୍ଦ୍ଦନ ସିଂହ କ୍ୟାପଟେନ ଉଡବ୍ରିଜ୍‌ଙ୍କୁ ଆକ୍ରମଣି କରି କ୍ୟାପଟେନ୍ ଉଡବ୍ରିଜଙ୍କ ଶିର ଛେଦନ କରିଥିଲେ। ରାମଗଡ଼ର ସେନାଦଳର ଜଣେ ବ୍ୟତିତ ଅନ୍ୟମାନେ ନିହତ ହୋଇଥିଲେ। ଏହି ଯୁଦ୍ଧର ଦୁଇଦିନ ପରେ କ୍ୟାପଟେନ ଏନସିନ୍ ବାରଲୋ ଏହି ଯୁଦ୍ଧ ଘାଟିକୁ ତିନି ଦିଗରୁ ଏକସାଙ୍ଗେ ପୁନର୍ବାର ଆକ୍ରମଣି କରିଥିଲେ ଏବଂ ବିଦ୍ରୋହୀମାନେ ପଳାୟନ କରିଥିଲେ। ସେ କ୍ୟାପଟେନ୍ ଉଡବ୍ରିଜ୍‌ଙ୍କ ମୁଣ୍ଡ ବିହୀନ ଶରୀରକୁ ଉଦ୍ଧାର କରିଥିଲେ। ତାଙ୍କ ୧୫.୦୨.୧୮୫୮ ତାରିଖର ପତ୍ର ନଂ.୧ ରେ ପାହାଡଶ୍ରୀଗିଡା କ୍ୟାମ୍ପରୁ ପାହାଡଶ୍ରୀଗିଡା ସୈନ୍ୟଙ୍କ ଅଧିନାୟକ କ୍ୟାପଟେନ ମିକ୍ ଲୁଇସଙ୍କୁ ଏହାର ପୂର୍ଣ୍ଣ ବିବରଣୀ ଦେଇଥିଲେ ଯହିଁରେ ଏ ସ୍ଥାନର ଏକ ନକ୍ସା ମଧ୍ୟ ପଠେଇଥିଲେ। ଏହାପରେ ଇଂରେଜ ସରକାର ଜନାର୍ଦ୍ଦନ ସିଂହଙ୍କୁ ଧରିବା ପାଇଁ ତାଙ୍କର ସମସ୍ତ ବଳ ଲଗାଇଥିଲେ।

ଆମର ଗୋଁଣ୍ଡ ସମାଜର ଏହି ବୀର ପୁତ୍ରମାନେ ଅନ୍ତରଙ୍ଗ ଭାବରେ ହୃଦବୋଧ କରିଥିଲେ, ଇଂରେଜମାନଙ୍କ ସାମ୍ରାଜ୍ୟର ସୂର୍ଯ୍ୟାସ୍ତ ଦିନେ ନା ଦିନେ ହେବ। ଇଂରେଜ ମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ସେତେଟା ସହଜ ନଥିଲା। ତଥାପି ସେମାନେ ଗରିଲା ଯୁଦ୍ଧ ଦ୍ୱାରା ଦୀର୍ଘ ୩୬ ବର୍ଷ ଯୁଦ୍ଧକରି ବ୍ୟତିବ୍ୟସ୍ତ କରି ଦେଇଥିଲେ କ୍ଷମତାସୀନ ଇଂରେଜ ସରକାରଙ୍କୁ। ଆମର ଗୋଣ ସମାଜର ବୀର ପୁତ୍ରମାନେ ତାଙ୍କ ଜୀବନ କାଳ ଭିତରେ ସମ୍ବଲପୁର ମାଟିରୁ ଇଂରେଜମାନଙ୍କୁ ହଟାଇପାରିନଥିଲେ। କିନ୍ତୁ ତାଙ୍କର ଏହି ଅଦ୍ଭୁତପୂର୍ବ ତ୍ୟାଗ ଏବଂ ବଳୀଦାନ ପରବର୍ତ୍ତୀ ସମୟରେ ଭାରତବର୍ଷର ସ୍ୱାଧୀନତାର ମାର୍ଗ ପ୍ରସନ୍ତ କରିଥିଲା ଏଥିରେ ତିଳେ ମଧ୍ୟ ସନ୍ଦେହ ନାହିଁ।

**ସହାୟକ ଗ୍ରନ୍ଥ :**

ଅନୀରୁଦ୍ଧ ଦାସ ବୀରସୁରେନ୍ଦ୍ର ସାଏ
ଶିବ ପ୍ରସାଦ ଦାସ, ସମ୍ବଲପୁର ଇତିହାସ
ଡଃ. ନବୀନ କୁମାର ସାହୁ ବୀରସୁରେନ୍ଦ୍ର ସାଏ

ଦୀପକ କୁମାର ପଣ୍ଡା
ପାହାଡଶ୍ରୀଗିଡା ଜମିଦାର
ବୀରଜନାର୍ଦ୍ଦନ ସିଂହଙ୍କ ବଂଶଜ
ଫୋନ-୯୭୭୭୭୭୩୩୨୭

# ବଡଦେଓ ଆବାହନ



## କେଶରୀ କୁଅଁର

କୋଟି ପ୍ରଣତୀ ବଡଦେଓ...............
କୋଟି ପ୍ରଣତୀ ବଡଦେଓ...............
ମଉନରେ ତୁମେ ଥାଅ ବୋଲି ପ୍ରଭୁ ......... ୨
ନାମ ବୋହିଛ କୁନ୍ଦାଦେଓ......... (ଘୋଷା)
କୋଟି ପ୍ରଣତୀ ବଡଦେଓ........ ୨
ଅନ୍ତରା - ପାଷାଣ ଶିଳା ପରେ, ଯାହାର ଶୟନ
କ୍ଷୀର ସମୁଦ୍ରେ ସ୍ନାହାନ ......... (୨)
ଧୂପଦ୍ୱୀପ ନୈବେଦ୍ୟ, ଯାହାର ଆହାର ......... (୨)
ଅଟବୀବାସ ମହକାୟ ........
କୋଟି ପ୍ରଣତୀ ବଡଦେଓ ........... (୨)
ଓଁକାର ମଣିସଦା, ଯୋଗିସଦା ନିରଞ୍ଜନ ....... (୨)
ମଦ୍ର ତନୟା ଭୀମାର୍ଜୁନ ...... (୨)
ସତୀ କୁନ୍ତୀ ଯାଜ୍ଞସେନୀ ଅଭୟ ବର ଦାୟିନୀ
ଜୟ ଜୟ ଶ୍ରୀମାରାଓ
କୋଟି ପ୍ରଣତୀ ବଡଦେଓ .............(୨)
ସମାତୁଳା ଭଦ୍ରା ପାଣ୍ଡୁ ମାତୁଳା
ଆବର ଯେ ଲିଘାଂ ଜଙ୍ଘା ...........
ସପ୍ତବଂଶେ ପ୍ରଭୁ ତେତିଶ ଦେବତା
ପଦମ ଉଦେଶିରିଆ ........
କୋଟି ପ୍ରଣତୀ ବଡଦେଓ ...........(୨)
ଆଜି ଏ ପୂଣ୍ୟ ଲଗନେ ପୁତ୍ରେ ଗୋଁଡ ବଂଶୀ ...........(୨)
କରୁଛନ୍ତି ଆବାହନ ......... (୨)
ଶକ୍ତି ଦିଅ ତାରେ ନବୀନ ପୁଲକେ
ଭକ୍ତେ ଗୋଁଡ ବଂଶୀ ଗାଏ
ଜୟ ଜୟ ବଡଦେଓ .........
ଜୟ ଜୟ କୁନ୍ଦାଦେଓ .........
ଜୟ ଜୟ ବଡଦେଓ .........

ଅବସରପ୍ରାପ୍ତ ଶିକ୍ଷକ
ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ
ଗୋଣ୍ଡୱାନା ଗୋଣ୍ଡ ମହାସଭା, ଶାଖା - ବଲାଙ୍ଗିର
ମୋ.- ୭୩୨୫୯୭୬୯୦୫

**ଜୟ ସେବା** **ଜୟ ବଡଦେଓ**

# ଆଦିବାସୀ ଜୀବନ୍



**ହିମାଂଶୁ ଦଳପତି**

ଆମେ ଆଦିବାସୀ ଆମେ ଜନଜାତି
ନାଇନ କାହାକେ ଡର୍
ପାଏନ୍ ପବନ୍ କେ କିଆର୍ ନାଇଁ
ସାଁପ୍ ବାଘ୍ କେ ନାଇଁ ଡର ।।
କଂକରା କଁଟିଆକେ ଧରସୁଁ ଆମେ
ଖେଲସୁଁ ତାକର୍ ସାଙ୍ଗେ
ଆଦିବାସୀ ନାଚ ଦେଖେଇ ଦେସୁଁ
କେନ୍ତା ବଢ଼ିଆଁ ଢଙ୍ଗେ ।।
ମାତାଲ ହେଲେ ଆମେ କବାର ହେସି ଅଧା
ପୁଲିସ ଅଫିସର କେ ଥିସି ଡର,

ଆମର କୁଟାକେ କିହେ ନାଇଁ ନିଏ
ତାହାକେ ମାରମା ଶର୍ ।
ହିଁସା ନାଇନ ଗୋଣ୍ଡର ଦିହେଁ
ସମକୁ ଖାଉଛେ ଇ ମଦର ନିଶା
ମଦର ନିଶା ଛାଡଲେ ସବୁ ଭଲ ହେବା
ଦୁନିଆର ଲୋକ ହଁସା ।।
ଜୟ ବଡଦେଓ ଜୟ ଜଙ୍ଘା ଦେଓ
ଶରଣ ପଶୁଛେଁ ତମକୁ
ଗୋଣ୍ଡ ସମାଜକେ ଭଲ କରି ରଖବ
କେଭେ ଦୁଃଖ୍ ନିଆସୁ ଆମକୁ ।।

(ସତ୍ୟ),୬ ଦେଓ
ବଡଟୀକା, ଜି. ବଲାଙ୍ଗିର
ମୋ-୭୮୯୪୦୦୮୪୪୭



# ଗୋଲକ ଧନ୍ଦା

**ଶ୍ରୀ ଯଦୁମଣି ପ୍ରଧାନ**

ପାଞ୍ଚଟି ଅକ୍ଷରେ ନାମ ଯୋଡ଼ିତ
ଦାନବ ନାମକୁ କରେ ସୂଚିତ ।

ପ୍ରଥମ ଦ୍ୱିତୀୟ ଯୋଗ କରିଲେ,
ପୃଥିବୀ ନାମକୁ ବୁଝିବ ଭଲେ ।

ଦ୍ୱିତୀୟ ତୃତୀୟ ଯେବେ ମିଶଇ
ଧାତୁର ନାମକୁ ବୁଝିବ ଭାଇ ।

ତୃତୀୟ ଚତୁର୍ଥ ଯୋଗ କରିବ,
ସମସ୍ତ ଧ୍ୱନୀକୁ ତେବେ ବୁଝିବ ।

ଚତୁର୍ଥ ପଞ୍ଚମ ଯୋଗ କରିଣ
ଜଙ୍ଗଲ ନାମକୁ ବୁଝିବ ପୁଣ ।


ପ୍ରଥମ ତୃତୀୟ ଯେବେ ମିଶିବ,
ଶବର ନାମକୁ ତେବେ ବୁଝିବ ।

ତୃତୀୟ ପ୍ରଥମ ନାମକୁ ଧରି,
ସେହି ଦୟା କଲେ ହୋଇବ ପାରି ।

ଏହାର ଉତ୍ତର କହିବି ଯିଏ,
ପୁରସ୍କାରଟିଏ ପାଇବ ସିଏ ।

ଖୁଣ୍ଟଠାବନ୍ଦ, ଦେଓଗଡ଼

# ଭକ୍ତି ଜଣାଣ



ଦ୍ୱାପର ଯୁଗରେ, ବ୍ରହ୍ମ ଅବତାରେ,
ଶିଆଳି ଲତାରେ ଥାଇ,
ଜାରା ଶରବାଣ, ପାଇଲ କଷଣ,
ସଂସାରୁ ଗଲ ଦୂରେଇ - ହେ ହରି କରି ଗୁହାରୀ
ଭବ ଶଙ୍କଟରୁ କର ପାରି, ହେ ହରି କରି।୧।

ବିଶ୍ୱାବସୁ ରାଜା କରି ତୁମ ପୂଜା
ସୁଖେ ପରଜା ପାଳଇ
ବ୍ରାହ୍ମଣର ଜାତି ମନ୍ତ୍ରୀ ବିଦ୍ୟାପତି
ଦାରୁଙ୍କୁ ନେଲା ଚୋରାଇ, ହେ ହରି ବଇଁଶିଧାରୀ,
ଦୁଃଖି ଜନଙ୍କୁ ଉଦ୍ଧାର କରି ହେ ହରି.... ।୨।

ରାଜା ଇନ୍ଦ୍ରଦ୍ୟୁମ୍ନ ତୋଷି ରାଣୀ ମନ,
ଗଢିଲେ ଦାରୁ ମୂରତୀ,
ଜଗତର ନାଥ ଆହେ ଜଗନ୍ନାଥ,
ହେଲ ଚତୁର୍ଦ୍ଧା ମୂରତୀ - ହେ ପ୍ରଭୁ ସାରଙ୍ଗଧର
ଭକ୍ତ ଜନଙ୍କୁ ଉଦ୍ଧାର କର - ହେ ପ୍ରଭୁ .....।୩।

ଜଙ୍ଗରୂପି ସ୍ତମ୍ଭ ଦୁଃଖ ନାଶ ଆସ୍ଥ,
ଜୟ ହେ ଜଗତ ପତି,
ଜଙ୍ଘେ ଛଅ ଭାଇ ଛନ୍ଦିଣ ହୁଅଇ
ରହୁ ଜଙ୍ଘ ପୂଜା ରିତୀ - ହେ ପ୍ରଭୁ କରି ବିନତୀ,
ତୁମ ପୂଜା ପଡୁଥିବ ନିତୀ ହେ ପ୍ରଭୁ କରି....।୪।

ଜଙ୍ଘର ମହାତ୍ମ୍ୟ ସଂପୂର୍ଣ୍ଣ ଆଧାତ୍ମ୍ୟ,
ସାମ୍ୟ ମୈତ୍ରୀ ସଂସ୍ଥାପନ,
ଗୋଣ୍ଡ ଭାଇଜନ କଲେ ପ୍ରଚଳନ,
ଜଙ୍ଘ ପୂଜାର ବିଧାନ - ହେ ପ୍ରଭୁ ସାରଙ୍ଗପାଣି,
ଦୟା ରଖିଥିବ ଚକ୍ରପାଣୀ - ହେ ପ୍ରଭୁ ।୫।

ଅଣ୍ଟାରୁ ତଳକୁ ଶରୀର ନାମକୁ,
ଜଙ୍ଘନାମ ବୋଲାଇଲ,
ଉପର ଅଂଶକୁ ଜଗନ୍ନାଥ ନାମେ,
ଜଗତେ ପ୍ରକଟ ହେଲ - ହେ ପ୍ରଭୁ କଳା ଠାକୁର,
ଘର ଅଟଇ ବୈକୁଣ୍ଠପୁର - ହେ ପ୍ରଭୁ।୬।

ଭକତି ପାଇଁ କି ଶକତି ଦିଅ ହେ,
କରୁଣା କର ମୋ ଠାରେ - ହେ ପ୍ରଭୁ ଦୟା ସାଗର
ଦୁଷ୍ଟ ଜନଙ୍କୁ କରି ସଂହାର ହେ ପ୍ରଭୁ....।୭।

ଭକ୍ତ ନୀରଞ୍ଜନ ପୂଜକ ସାଜିଣ,
କରି ପୂଜାର ବିଧାନ,
ଆହେ ଦୟାମୟ ପ୍ରଭୁ ନିରାମୟ,
କଷଣ ଚକ୍ରୀ ନାଶନ - ହେ ପ୍ରଭୁ କରି ଜଣାଣ,
ଭଣି ଯଦୁମଣି ପ୍ରଭୁ ଚକ୍ରପାଣି,
ମନ ବାଞ୍ଛାଟି କର ପୂରଣ - ହେ ପ୍ରଭୁ କରି ଜଣାଣ
ତୁମ ଜଙ୍ଘ ରୂପ ଚାହିଁ
ପ୍ରଭୁ ବ୍ରହ୍ମ ଦାରୁ ମୋର ଦିନ ସରୁ,
ତୁମରି ସେବାରେ ରହି - ହେ ହରି କରି ଗୁହାରୀ
ଭବ ସାଗରରୁ କର ପାରି - ହେ ହରି ହରି...।୯।

# ଗଣ୍ଡ

## ଦିବାକର ପାତ୍ର




ଗଣ୍ଡ ନୁହଁ କେବେ ଭଣ୍ଡ
ଲଢି ଥାଏ ଯେହ୍ନେ ଷଣ୍ଢ
ଲଛିଲେ କମ୍ପମାନ କରିପାରଇ ବ୍ରହ୍ମାଣ୍ଡ ॥

ଗଣ୍ଡ ନୁହଁ କେବେ ଭାଣ୍ଡ
ଅଟଇ ସେ ମହା ଦୁରୁଦଣ୍ଡ
ପଣକଲେ କରିପାରେ ସବୁ ଖଣ୍ଡ ଖଣ୍ଡ ॥

ଗଣ୍ଡ ଚାହେଁ ନାହିଁ ସହିବାକୁ ଦଣ୍ଡ
ବରଂ ସହିଥାଏ ଯମ ଦଣ୍ଡ
ସାକ୍ଷୀତାର ଅଟେ ଗାଆଁ ଦାଣ୍ଡ ॥




ଭିକାରୀ ସାଜେ ନାହିଁ ଗଣ୍ଡ
ସଦା ସୂଚୀବନ୍ତ ପିଣ୍ଡ
ନୁହଁଇ ସେ ଅକାଳ କୁଷ୍ମାଣ୍ଡ ॥

ପୌଢ଼ ପୌଢ଼ା ଯୁବପିଢି ହୋଇ ଏବେ ରୁଣ୍ଢ
ପୁରୁବ ସ୍ଥିତିକୁ ଢୁଣ୍ଡ
ସଂଘ ଶକ୍ତି ମହାଶକ୍ତି, ଏକ ହେଉ ଆମ ଝୁଣ୍ଡ ॥

ଗଣ୍ଡ ଭାଇ ଭଉଣୀ ନୋହି ଲଣ୍ଡଭଣ୍ଡ
ନ ସାଜିଣ ଧଣ୍ଡ
ନାଗବଂଶୀ ପରା, ନାଗଭଳି ଟେକ ତବ ମୁଣ୍ଡ ॥

ଜିଲ୍ଲା ସଭାପତି - ଦେବଗଡ଼, ଗୋଁଣ୍ଡସମାଜ
ଟାହାବାହାଲି, ତେନ୍ତୁଲାବାହାଲ, ଦେବଗଡ଼
ଦୁରୂଭାସା : ୯୫୫୬୭୭୪୧୮୭

# ଛାଲ ମହାପାତ୍ର

**ଶ୍ରୀ ନାରାୟଣ ନାୟକ**

ଛାଲ ମହାପାତ୍ର ସେତ ବୀର ବାହାଦୂର,
ଛାଲ ବାହାଦୂର ନାମେ ଖ୍ୟାତି ଯେ ତାଙ୍କର
ଏକଦା ସୁରେନ୍ଦ୍ର ସାଏ "ଦସ୍ୟୁ" ବୋଲି କବି,
ଚିତ୍ରିଲେ ଏବେ ଝଟକେ ତାଙ୍କ ଶୁଭ୍ର ଛବି।
ପରାଧୀନ ସାହିତ୍ୟରେ କ୍ଷୁର୍ଣ୍ଣଥିଲା ମାନ,
ସ୍ୱାଧୀନ ଦେଲେ ତାହାଙ୍କ ବଢ଼ିଲା ସମ୍ମାନ।
ବିପ୍ଲବୀ ଧରଣୀଧରଙ୍କର ସମଦଶା,
ବିଦ୍ରୋହୀ ବୋଲି ରାଜ୍ୟରେ ହେଲେ ଲୋକହସା।
ଇଂରେଜ ଶାସନ ପରେ ଏ ଗଣତନ୍ତ୍ରରେ,
ପୂଜା ପାଉଛନ୍ତି ଦେଶ ସେବକ ଭାବରେ।
ମାନସିଂହ ନାମଧାରୀ ଜଣେ ଡାକୁଥିଲେ,
ଡାକି ହାକି କରି ଧନରତ୍ନ ଲୁଟୁଥିଲେ।
ସେ ଧନ ବ୍ୟୟିତ ଥିଲା ଦୁଃଖୀରଙ୍କୀ ସ୍ୱାର୍ଥେ,
ଲୁଟୁ ନଥିଲେ ସେ ଧନୀ ହେବାର ନିମନ୍ତେ।
ସ୍ୱର୍ଗତ ପ୍ରଧାନମନ୍ତ୍ରୀ ନେହେରୁ କାଳରେ,
ସମ୍ମାନିତ ହେଲେ ଜନସେବକ ଭାବରେ।
ଅନ୍ତକାଳେ ତାଙ୍କ ଶବ ଢାଙ୍କି ତ୍ରିରଙ୍ଗାରେ,
ସତ୍କାର ହେଲା ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ।
ଛାଲ ବାହାଦୂର କଥା ମାନସିଂହ ପରି,
ସିଂହ ପୁରି ପୁରୁଷ ଶକ୍ତି ଥିଲା ଭାରି।
ଲୁଟୁଥିଲା ଧନୀକଙ୍କ ପାଖରୁ ସେ ଧନ,
ଅଭାବୀ ଦୁଃଖୀରଙ୍କୀଙ୍କୁ କରୁଥିଲା ଦାନ।
ସାମ୍ୟ ବାଦ ନୀତିରେ ସେ କାର୍ଯ୍ୟ କରୁଥିଲେ,
ମାତ୍ର ଆଇନ ନିଜ ହାତକୁ ନେଉଥିଲେ।
ବହୁ ଚେଷ୍ଟା ପରେ ରାଜା ଧରିଲେ ତାହାଙ୍କୁ,
ରାଜ କାରାଗାର ମଧ୍ୟେ ବନ୍ଦୀ କଲେ ତାଙ୍କୁ।
କାରାଗାର ମଧ୍ୟେ ଇହଲୀଳା ସମ୍ୱରଣ,
କରିଲେ ସେ ଜନତାଙ୍କ ସେବକ ମହାନ।
ମାତ୍ର ତାଙ୍କ କାର୍ଯ୍ୟାବଳୀ ଯୋଗୁଁ ରାଜାପ୍ରୀତ,
ବାହାଦୂର ଉପାଧିରେ କରିଲେ ଭୂଷିତ।
ଛାଲ ଲୁଣ୍ଠିତ ଧନରେ ଏକ ପୁଷ୍କରିଣୀ,
ଖନନ କରାଇ ଦେଲେ ସୁଢ଼ଳ ନୃପମଣି।
ସରୋବର ମଧ୍ୟେ ଖମ୍ୱେ ବାହାଦୂର ମୂର୍ତ୍ତି,
ପଗଡ଼ି ଶିରେ ଶୋଭିଲା କମନୀୟ ଅତି।
ଦେବଗଡ଼ ପଶ୍ଚିମରେ ଏବେ ମଧ୍ୟ ସର,
ମହାପାତ୍ରଙ୍କ ସ୍ମୃତିକୁ ଆଣଇ ମନର।
କାଳ ଗର୍ଭେ ମୂର୍ତ୍ତି ତାଙ୍କ ହୋଇଗଲା ଲୀନ,
ପୁଷ୍କରିଣୀ ଜଳ ମଧ୍ୟ ହୋଇଛି ଉଭାନ।
ସରକାର ବାହାଦୂରେ କରଇ ମିନତୀ,
ପୁନରୁଦ୍ଧାର କରନ୍ତୁ ସରସୀ ଓ ମୂର୍ତ୍ତି।
ଜଳ ପୂର୍ଣ୍ଣ ସର ହେଉ ସନ୍ତରଣ ସ୍ଥଳୀ,
କୂଳେ ପୁଷ୍ପ ଉପବନ ଦିଶୁଥାଉ ଝଳି।
ଛାଲଙ୍କ ଗୌରବ ସହ ବାମଣ୍ଡା ଗୌରବ,
ବର୍ଦ୍ଧନରେ ସହାୟକ ହେଉ ସେ ତଡ଼ାଗ।

ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା, ଆଡ୍‌ଭୋକେଟ
ମହୁଲ ଦର୍ଦ, ଗୋହିରା ଡ୍ୟାମ୍ ସାଇଟ୍
ଦେବଗଡ଼

ବି.ଦ୍ର. : ଛାଲ ମହାପାତ୍ର ଜାତିରେ ଗଣ୍ଡ ଥିଲେ। ସେ ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ମହାପାତ୍ର ବଲଣ୍ଡାରେ ଜନ୍ମଲାଭ କରିଥିଲେ।

# ରହସ୍ୟ

**ଭୋଳାନାଥ ଜଗତ**



ଦିନେ ଆଦ୍ୟ ପିତାମାତା ଶୟନ ମନ୍ଦିରେ
କଥାବାର୍ତ୍ତା ହେଉ ମାତା ପଚାରେ ସଧିରେ
ବୁଢ଼ାଦେବ ହେ
ମୋ ସନ୍ଦେହ ଦୂର କରି ଦେବ ହେ ।୧।
କେଉଁ ଯୁଗରୁ ଏ ଜାତି ହୋଇଛି ପ୍ରସ୍ତୁତ
କିଏ କେତେବେଳେ ଏହା ଗଢ଼ିଲେ ସମସ୍ତ
ବୁଢ଼ାଦେବ ହେ
ଶୁଣିଲେ ପ୍ରତେୟ ହେବ ମୋର ହେ ।୨।
ସତୀ ଶିରୋମଣୀ ପ୍ରଶ୍ନ ଅଳପ ଶୁଣିଲେ
ପ୍ରଶ୍ନକୁ ସ୍ୱାଗତ କରି ଅଳପ ହସିଲେ
ହସିଦେଲେ ହେ
ହସି ହସି ଉତ୍ତର କହିଲେ ହେ ।୩।
ଗୋଡ ଆଉ ମୁଣ୍ଡଠାରୁ ମୃତ୍ତିକା ନେଇଣ
ଆକାର ପ୍ରକାର କରି ଗଢ଼ିଲେ ତକ୍ଷଣ
ସେ ଗଢ଼ିଲେ ହେ
ନିଜେ ନିଜ ଅନୁରୂପ କଲେ ହେ ।୪।
ଏଥିରେ ସମ୍ପୂର୍ଣ୍ଣ ମୋର ହୁଏ ଅବିଶ୍ୱାସ
କେମନ୍ତ ଏମନ୍ତ କଲେ ସତ୍ୟକୁ ପ୍ରକାଶ
ପ୍ରତେଯିବି ହେ
ନଚେତ୍ ଅଖ୍ୟାତ୍ ମୁଁ କରିବି ହେ ।୫।
ଯେସନେ ମୂର୍ତ୍ତି କାରକ ମୂର୍ତ୍ତିକା ଗଢଇ
ତେସନ ମନ ମଧ୍ୟରୁ ମୃତ୍ତିକା ଯୋଗାଇ
ସଂଶୋଧିଲେ ହେ
ଅନୁମାନ ସୂତ୍ରେ ଛାଞ୍ଚେ ଦେଲେ ହେ ।୬।
ଗୋଡର ପ୍ରଥମ ଅକ୍ଷର ମୁଣ୍ଡ ଶେଷକ୍ଷର
ମିଶାଇ ସେନାମ ଦେଲେ ଗୋଁଣ୍ଡ ମହାବୀର
ନାମ ଦେଲେ ହେ
ପୃଥିରେ ସେ ଯଶ ରଖି ଦେଲେ ହେ ।୭।
ଗୋଁଣ୍ଡ ଅକ୍ଷର ମଧ୍ୟରେ ଚନ୍ଦ୍ରର ସଂଯୋଗ
ଏହାର ରହସ୍ୟ ମୋତେ କହ ବୁଢ଼ାଦେବ
ପୁଣି କହହେ
ଶୁଣିଲେ ବିଶ୍ୱାସ ହେବ ମୋର ହେ ।୮।

ଯେତେବେଳେ ବାଳାମଣି ଗଢ଼ିଣ ସାରିଲେ
ନାମକରଣାର୍ଥେ ଚନ୍ଦ୍ର ସୁରୁଜ ଆସିଲେ
ଯୋଗ ଦେଲେ ହେ
ଚନ୍ଦ୍ରବିନ୍ଦୁ ହୋଇଣ ରହିଲେ ହେ ।୯।
ଏପରି ସମସ୍ତଙ୍କର ଜନମ କାହାଣୀ
ଅବିଶ୍ୱାସ କଲୁ ଯେଣୁ କହିଦେଲି ପୁଣି
ସତୀ ଶୁଣ ହେ
ସନ୍ଦେହକୁ ନିଃସନ୍ଦେହ ମଣ ହେ ।୧୦।
ପ୍ରଭୁଙ୍କ ସମସ୍ତ ତତ୍ତ୍ୱ ସାର କରି ତହିଁ
ହସ୍ତ ପଦ୍ମେ ଥୋଇ ତାକୁ ଗବ୍ୟ କଲେ ନେଇ
ଭାଗ କଲେ ହେ
ନିଜେ ନିଜ ଅଧିକାର ନେଲେ ହେ ।୧୧।
ସାଉଣ୍ଟି ଶ୍ରୀ ଭୋଳାନାଥ ପଟେଲ ବାନ୍ଧି ହେ
ପ୍ରସାଦ ତିଆରି କରି ପ୍ରସାଦ ବାଣ୍ଟିଲେ
ସୁଧିନର ହେ
ନିଜେ ନିଜ ଆତ୍ମାକୁ ପଚାର ହେ ।୧୨।
କିପରି ଶ୍ରୀଭୋଳାନାଥ ଏମନ୍ତ କରିଲେ
ଏଡ଼େ ମୂଲ୍ୟବାନ ଦ୍ରବ୍ୟ ପରକୁ ବାଣ୍ଟିଲେ
ବୁଢ଼ାଦେବ ହେ
ଶୁଣିଲେ ବିଶ୍ୱାସ ହେବ ମୋର ହେ ।୧୩।
ବିଭିନ୍ନ ଫୁଲରୁ ସେହୁ ରସ ନେଇଥିଲେ
ତହିଁରୁ ସେ ମହୁକରି ମହୁପରସିଲେ
ସତୀ ଶୁଣ ହେ
ଜଗତ ହିତେ ବାଣ୍ଟି ଦେଲେ ଜାଣ ହେ।୧୪।

ମୌଜା - ତୁର୍ଲା, ଜି - ବରଗଡ଼ (ଓଡ଼ିଶା)
ମୋ ୯୯୩୮୩୩୮୦୨୦

# ସୃଷ୍ଟି

**ଭୋଳାନାଥ ଜଗତ**

ନୃସିଂହନାଥ ଗନ୍ଧମାର୍ଦନ ପର୍ବତ
ଦିନେ ହର ଗୌରୀଥାନ୍ତେ କୈଳାସ ପର୍ବତେ
କଥାବାର୍ତ୍ତା ହୋଇ ଗୌରୀ ପଚାରେ ସାକ୍ଷତେ
ମହାଦେବ ହେ
ମୋସନ୍ଦେହ ଦୂର କରି ଦେବ ହେ।୧।
ବୋଡାସମ୍ବର ଭଗବାନ କାହାକୁ କହନ୍ତି
ଆବର ଯେ ପିତା ମାତା କିଏ ସେ ଅଟନ୍ତି
ମହାଦେବହେ
ମୋ ସନ୍ଦେହ ଦୂରକରି ଦେବ ହେ।୨।
ସତୀ ସିରୋମଣି ପ୍ରଶ୍ନ ଅଳପ ଶୁଣିଲେ
ପ୍ରଶ୍ନକୁ ସ୍ୱାଗତ କରି ଅଳପ ହସିଲେ
ହସିଦେଲେ ହେ
ହସି ହସି ଉତ୍ତର କହିଲେ ହେ।୩।
ବୋଡା ଓ ସମ୍ବର ପ୍ରତିମୂର୍ତ୍ତିକୁ ଦେଖାଇ
ଦେଖ ଏ ସରପ ସମ୍ବରକୁ ଯେ ଗ୍ରାସଇ
ତେଣୁ କରି ହେ
ବୋଡାସମ୍ବର ନାମଟି ଏହାରି ହେ।୪।
ଏଥିରେ ସଂପୂର୍ଣ୍ଣ ମୋର ହୁଏ ଅବିଶ୍ୱାସ
କେମନ୍ତେ ଏମନ୍ତ କଲେ ସତ୍ୟ କୁପ୍ରକାଶ
ମହାଦେବ ହେ
ମୋ ସନ୍ଦେହ ଦୂରକରି ଦେବ ହେ।୫।
କାହିଁ ବେଡା ସର୍ପକାହି ଜନ୍ତୁ ଯେ ସମ୍ବର
କିପରି ସାକ୍ଷାତ ହେଲେ କେଉଁ ସେ ଜାଗାର
ମହାଦେବ ହେ
ମୋ ସନ୍ଦେହ ଦୂରକରି ଦେବ ହେ।୬।
ସତୀଙ୍କ ହଟାଳ ପ୍ରଭୁ ଟାଳିନ ପାରିଲେ
କହିବା ପାଇଁ କି ନଇମିଷ୍ୟା ଚାଲିଗଲେ
ଚାଲିଗଲେ ହେ
ଜୀବ ଜନ୍ତୁ ନ ଥିବା ଦେଖିଲେ ହେ।୭।
ତହୁଁ ବ୍ରହ୍ମ ଜ୍ଞାନ ମନ୍ତ୍ର ହରଯେ କହିଲେ
ଚୌଦ କଳ୍ପ ପରି ଯନ୍ତେ ଯାହାସାଧି ଥିଲେ
କହିଦେଲେ ହେ
ଶୁଣି ଶୁଣି ଗୌରୀ ନିଦ୍ରାଗଲେ ହେ।୮।
ନିକଟ ଗୁଡା ପାହାଡେ ଅସ୍ଥିର କଙ୍କାଳ
ଜୀବନ୍ୟାସ ପାଇ ତାହା ହସିଲା ତତ୍‌କାଳ
ସତୀ ଶୁଣ ହେ
ଏଠାରେ ସଂପୂର୍ଣ୍ଣ ବ୍ରହ୍ମ ଜ୍ଞାନ ହେ।୯।
ମହାବିକଟାଲ ରୂପ ଭୈରବ ରୂପରେ
ପ୍ରଘଟ ହୋଇଲେ ବାବା ମାହାଦେବ ଠାରେ
ଶଙ୍କି ଗଲେ ହେ
ମହାଦେବ ତ୍ରିଶୁଳ ଧରିଲେ ହେ।୧୦।
ତଦଅନ୍ତେ ଭୈରବାବା ଧାବନ କରଇ
ଗୋଡାନ୍ତେ ଶ୍ରୀ ମହାଦେବ ଧରିନ ପାରଇ
ଫେରିଗଲେ ହେ
ଗୌରୀ ପାଖେ ବୃତାନ୍ତ କହିଲେ ହେ।୧୧।
ମନଦୁଃଖେ ଗୌରୀଦେଇ ବିରସହୋଇଲେ
ସାଥେଥିବା ପାଣିଝରି ଯତନେ ଧରିଲେ
ସେ ଧରିଲେ ହେ
କୈଳାସ ଯିବାକୁ ସ୍ଥିର କଲେ ହେ।୧୨।
ଏଥୁ ଅନ୍ତେ ଭୈରବାବା କିଛିଦୂର ଗଲେ
ଯାଉଁ ଯାଉଁ ପଥେ ଏକ ସମ୍ବର ଦେଖିଲେ
ଖୁସି ହେଲେ ହେ
ବାହନ ନିମନ୍ତେ ସେ ରଖିଲେ ହେ।୧୩।
ଦିନୁ ଦିନସର୍ପ ବଢ଼େ ଅନୁକ୍ଷଣ
ଦିଗବିଜୟ ଅର୍ଥେ ବାବା ବାହାରିଲେ ଜାଣ
ସତୀ ଶୁଣ ହେ
ଭୈର ବାବା ଏହା କଲେ ଜାଣହେ।୧୪।
ନୈମିଷ୍ୟାଠାରୁ କୈଳାସ ଫେରିବା ପଥରେ
ଗଡଫୁଲ ଝରବୋଲି ଏକୋଇ ଜାଗାରେ ବିଶ୍ରାମିଲେ ହେ
ହତାସରୁ ହତାସ ହେଇଲେ ହେ।୧୫।
ତୃଷାର୍ତ୍ତରେ ଗୌରୀ ପାଣି ଝରୀକୁ ଦେଖିଲେ

ବୋଡାସର୍ପ ରହିଥିବା ତହିଁରେ ଦେଖିଲେ
ଡରିଗଲେ ହେ
ସର୍ପ ଦେଖି ଆଚମ୍ଭିତ ହେଲେ ହେ ।୧୬।
ସେଠାବରୁ ସର୍ପ ଗୌରୀ ଯେ ଯାହା ଦିଗରେ
ଗମନ କରିଲେ ନିଜେ ନିଜର ପଥରେ
ବିଦା ହେଲେ ହେ
ହରଗୌରୀ କୈଳାସ ଫେରିଲେ ହେ ।୧୭।
ଦିନୁ ଦିନ ସର୍ପ ବଢ଼େ ପର୍ବତ ଆକାରେ
ଭୋଜନ ନିମନ୍ତେ ସେହୁ ଗର୍ଭରୁ ବାହାରେ
ସେବାହାରେ ହେ
ଦକ୍ଷିଣ ଦିଗକୁ ମୁହଁ କରେ ହେ ।୧୮।
କିଛିଦୂର ପରିଯନ୍ତେ ଧୀରେ ଧୀରେ ଗଲେ
ଅକସ୍ମାତେ ନିକଟରେ ସମ୍ବର ଦେଖିଲେ
ଖୁସି ହେଲେ ହେ
ଗିଳିବା ପାଇଁ କି ଚେଷ୍ଟାକଲେ ହେ ।୧୯।
ବାହନ ଦୁର୍ଦ୍ଦଶା ଦେଖି ଭୈର ଭଗବାନ
ପ୍ରତିରୋଧ କଲେ ଧନୁସରକୁ ଯୋଖିଣ
ପ୍ରହାରିଲେ ହେ
ପ୍ରହାରନ୍ତେ ପର୍ବତ ହୋଇଲେ ହେ ।୨୦।

ସମ୍ବର ଶରୀର ଠାରୁ ହେଲା ବିନ୍ଧ୍ୟ ଗିରି
ବୋଡା ସର୍ପଠାରୁ ହେଲା ଆଡୁଆଳ ଗିରି
ସତୀ ଶୁଣ ହେ
ଏମାନଙ୍କ ଜନମ ବୃତ୍ତାନ୍ତ ହେ ।୨୧।
ହତାଶରୁ ହତାଶଯେ ହେଲେ ଭୈର ବୀର
ବୋଡା ଓ ସମ୍ବର ଯହିଁ ହୋଇଲେ ହାଜର
ଖୁସି ହେଲେ ହେ
ଗବାନ ବେଡା ସମ୍ବର ହେଲେ ହେ ।୨୨।
ସାଉଣ୍ଟି ଶ୍ରୀ ଭୋଳାନାଥ ପଟଲ ବାନ୍ଧିଲେ
ତହିଁରୁ ପ୍ରସାଦ କରି ବାଣ୍ଟିଲେ
ସୁଧିନର ନରହେ
ନିଜେକୁ ନିଜେ ତୁ ପଚାର ହେ ।୨୩।
କିପରି ଶ୍ରୀ ଭୋଳାନାଥ ପଟଲ ବାନ୍ଧିଲେ
ଅଗମ୍ୟକୁ ଗମ୍ୟ କରି ପ୍ରତ୍ୟେକ୍ଷ କହିଲେ
ମହାଦେବ ହେ
ଶୁଣିଲେ ବିଶ୍ୱାସ ହେବ ମୋର ହେ ।୨୪।
ଆବର ବୋଡା ସମ୍ବର ଶରୀରକୁ କଲେ
ଯହିଁରେ ସରପ ଆଉ ସମ୍ବର ଦେଖିଲେ
ସେ ଲେଖି ଲେ ହେ
ସମ୍ବର ଭଗବାନ ଦୟା କଲେ ହେ ।୨୫।

ମୌଜା-ତୁର୍ଲା, ଜି-ବରଗଡ଼ (ଓଡ଼ିଶା)
ମୋ-୯୯୩୮୩୩୮୦୨୦



# ସ୍ମୃତି ପଥେ

## ପୁଷ୍ପା ନାଏକ

(ଗୀତ - ରାମକେରୀ ବୃତ୍ତେ)





ଜୟ ଜୟ ଜଂଘାଦେବ ଜୟଜୟ ଗୋଣ୍ଡୱାନା
ଜୟ ଜୟ ଷଡବଂଶୀ ଆଜି ତୋର ଉଡ଼େବାନା।

କାହିଁ କେତେକାଳୁ ଏ ଜାତି ନିଜ ବଂଶ ବିସ୍ତାରି
ଆଦିବାସୀ ନାମେ ଅଛନ୍ତି ନିଜ ମର୍ଯ୍ୟାଦା ଧରି।



ମୂଳ ନିବାସୀ ଏ ଧରାପୃଷ୍ଟେ ଆମେ ଗୋଣ୍ଡଜାତି
ଧର୍ମପଥେ ରହି କର୍ତ୍ତବ୍ୟ କରି ଚାଲୁ ଏମିତି।



ଆମ ଭାଷା ଯେ ଅନନ୍ୟ ତାର ବର୍ଣ୍ଣନା ନାହିଁ
ଇତିହାସ କହେ ଏ ଗୋଣ୍ଡ ମୂଳ ଭାଷା ଅଟଇ।

ଆମର ସଂସ୍କୃତି ନାଚଗୀତ ବଡ଼ ରୋମାଞ୍ଚକ
ଦେଶ ବିଦେଶରେ ଆଦୃତ ପରା ତାର ମହକ।



ଗୋଁଣ୍ଡ ସମାଜର ବିରାଙ୍ଗନା ରାଣୀ ଦୁର୍ଗାବତୀ
ଯେପରି ଥିଲେ ସତ୍ୟ ଯୁଗରେ କାଳୀ, ଦୁର୍ଗା, ସତୀ।



କେତେ ଯେ ବୀର ପୁରୁଷ ଲଢ଼ି ଦେଲେ ଆତ୍ମବଳୀ
ଦେଶକୁ ସ୍ୱାଧିନ କରିଲେ ଗୋରାଙ୍କୁ ଦେଇ ଗାଳି।

ଷଢ଼ ବଂଶୀ ନାମେ ବିଖ୍ୟାତ ଏହି ମହାନ ଜାତି
ଅପୂର୍ବ କିରତୀ ତାହାର ନାହିଁ ପରଗଶତି।



ତଥାପି ଇତିହାସ ଯେ ଜାଗା ଦେଲାନି ଆମକୁ
ଦୁର୍ବଳ ଭାବିକି ଏଡ଼ାଇଥିଲା ଗୋଁଣ୍ଡ ଜାତିକୁ।



ସଜାଗ ହେଲେ ବି ସମସ୍ତେ ସଭାସମିତି ବଳେ
ଉନ୍ନତି ପଥେ ନିଶ୍ଚିତ ଆଗେଇ ଯିବା ସକଳେ।

ଅଧ୍ୟାପିକା, ଗ୍ରାମ - କାଣ୍ଡସର, ଲଖନପୁର ବ୍ଲକ

# ମା

ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ



**ମା**
ଆଶୀର୍ବାଦର ଭଣ୍ଡାର,
ସଂସ୍କାରର ଗନ୍ତାଘର,
ସୁଖ ନିଦ୍ରା ଦେଇଥାଏ
ନିଜେ ରହି ଉଜାଗର।





**ମା**
ଯଶୋଦାର ସ୍ନେହ,
ଦେବକୀର କୋହ,
ସନ୍ତାନର ସୁଖ ପାଇଁ
ପିଇଯାଏ ଆଖି ଲୁହ।

**ମା**
ଧୈର୍ଯ୍ୟର ହିମାଳୟ
ସନ୍ତାନର ବିଦ୍ୟାଳୟ
ତା'ରି ପାଇଁ ଏ ସଂସାରେ
ଅଛି ଆମ ପରିଚୟ।





**ମା**
ଲକ୍ଷ୍ମୀ ସିଏ, ଦୁର୍ଗା ସିଏ
ପୁଣି ଅଟେ ମହାକାଳୀ,
ଦୁଷ୍ଟ ବିନାଶନ କରେ
ଧରା ପୃଷ୍ଠେ ନିଜେ ଅବତରି।

# ଜାତିର ଜୟଗୀତି

**ଶ୍ରୀ ଲବ ଭୋଇ**

(ବଙ୍ଗଳାଶ୍ରୀ ବୃତ୍ତେ)

I sought my soul, but my soul I could not see.
I sought my God, but my God cluded me.
I sought my brothers, and found all three.

(Anonymous)

"ଷଡ଼ବଂଶ" ବୋଲି ପରିଚୟ ଯା'ର
ଗଣ୍ଡରାଜପୁତ ଖ୍ୟାତ
ନେଟୀ, ମରପାଡ଼ି ପରେଖ, ଜଗତ
ଅଟି, ମରାହୀ ଯ ଭ୍ରାତ ।।୧।।
ଯଦୁ, ଗଙ୍ଗ, ସୋମ ସୁରୁଜ, କଦମ୍ବ
ଗାରଗବ ବଂଶେ ସ୍ଥିତି
ସୃଷ୍ଟି ସର୍ଜନାର ଆଦିମ କାଳରୁ
ଶୌର୍ଯ୍ୟ, ବୀର୍ଯ୍ୟ, ଧୈର୍ଯ୍ୟ ଖାତି ।।୨।।
ଅନଳ, କଶ୍ୟପ ଦଧୀଚି, ପୌଲସ୍ତ
ପୌଲେସ, ନାଗେଶ ଗୋତ୍ର
ଭରଦ୍ୱାଜ, ପରା ବଶିଷ୍ଠ, ଅଗସ୍ତ୍ୟ
ଆମ୍ଭେ ତାଙ୍କ ପୌତ୍ରୀ, ପୁତ୍ର ।।୩।।
ସୁମେର ଲାହୋର ଲାଜି, ବଇରାଟ
ଚାନ୍ଦା, ଜଗଦଳା ଗଡ଼
ହୀରା, ଗଡ଼ମାଲ୍ଲା ବିଜୟ କେତନ
ରକତେ ବୁଝାଏ ଝଡ଼ ।।୪।।
ତିନି, ଚାରି, ପାଞ୍ଚ ଛଅ, ସାତ ଦେଓ
ପଞ୍ଚଶାଖା ଏକ ମୂଳ
ଏକ ଛାତ ତଳେ ଏକ ପରିବାର
ଜୟ ଏକତା'ର ବଳ ।।୫।।
ଧୃତି, କ୍ଷମା ଦମ ଅସ୍ତେୟ, ଶଉଚ
ଇନ୍ଦ୍ରିୟ ନିଗ୍ରହ, ସତ
ଧୀ, ବିଦ୍ୟା, ସୁମନ କ୍ଷତ୍ର, ଜୀବନ
ଉଚ୍ଚଶୀର, ନୁହେଁ ନତ ।।୬।।
ଆହେ, କାଳାତୀତ କରୁଛୁ ବନ୍ଦନା
ଜନ, ମନ, ପ୍ରାଣ ଦେଇ
ହେ ମୁକ୍ତ ଜୀବନ ଅବର୍ଣ୍ଣ, ଅବନା
ପରଂବ୍ରହ୍ମ ଶୂନ୍ୟ ଦେହୀ ।।୭।।
ଜାତି ନନ୍ଦିଘୋଷ କର ଅଗ୍ରସର
ସ୍ୱାର୍ଥେ, ଅଖ-ଚକ ଭଙ୍ଗା
ତ୍ୟାଗ, ପ୍ରେମ, ମୁକ୍ତି ପ୍ରଦାୟ ଆମକୁ
ଜୟ ଜୟ ଜାତି ଗଙ୍ଗା ।।୮।।

(ଅବିଭକ୍ତ, ବଲାଙ୍ଗୀର - ସୋନପୁର ଜିଲ୍ଲାରେ ବାସ କରୁଥିବା ସମସ୍ତ ଗଣ୍ଡଜାତିର ଏ ଏକ ମୌଳିକ ପରିଚୟ । ଏହାକୁ ନେଇ ଏ ଜାତିର ସ୍ୱତନ୍ତ୍ର ପରିଚୟ ମିଳେ । କେଉଁ ଆଦିମ କାଳରୁ ଏହି ପରିଚୟ ହିଁ, ଏ ଜାତିକୁ ପ୍ରେମର ସୂତ୍ରରେ, ଶୃଙ୍ଖଳିତ ଭାବରେ ଗୁନ୍ଥିତ କରି ଆସୁଅଛି । ଏହା ଭୁଲିଗଲେ ଏ ଜାତିର ଅସ୍ତିତ୍ୱ ଲୋପ ପାଇଯିବ ।)

୫ଦେଓ
କୋଷାଧ୍ୟକ୍ଷ, ସୋନପୁର ମୁଖ୍ୟ ଡାକଘର
ମୋବାଇଲ୍ - ୮୪୫୬୯୫୨୮୬୫

# ଆମେ ଗୋଁଣ୍ଡୱାନା ଗୋଁଣ୍ଡ



**ଚମରା ଧରୁଆ**

ଆମେ ଉଡ଼ବଂଶୀ ଉତ୍କଳର
ଚାରିହଜାର ପାଞ୍ଚଶ ଘର
ଏ ସାରା ସଂସାରେ          ଆମ ପରିଚୟ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ, ଆମେ ତ ସକଳେ ରୁଣ୍ଡ ॥୧॥

ଆମେ ଗୁଣି ଜ୍ଞାନୀ, ସାହିତ୍ୟିକ
ଆମେ ଯନ୍ତ୍ରୀ, ମନ୍ତ୍ରୀ, ବିଧାୟକ
ଆମରି ହାତର          କାଉଁରୀ ସ୍ୱରଶେ
ଲୁହା ହୁଏ ସୁନା ଖଣ୍ଡ, ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥୨॥

ଆମେ ସୌନ୍ଦର୍ଯ୍ୟ ପିପାସୁ ଜନ
ଆମେ ବନ ପ୍ରକୃତି ସନ୍ତାନ
ଆମେରେ ସାହସୀ          ଆମେରେ ନିର୍ଭିକ
ଶତୃ ଦର୍ପ କରୁଁ ପଣ୍ଡ, ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥୩॥

ଆମେ ସମାଜରେ ଗଉରବ
ବନ ପ୍ରକୃତି ଆମ ବିଭବ
ବଡ଼ ଦେଓ ଆମ          ଆରାଧ୍ୟ ଦେବତା
ପଦେ ନଇଁଯାଏ ମୁଣ୍ଡ, ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥୪॥

ଆମ କର୍ମ ଭୂମି ଏ ଭାରତ
ଆମ ଜୀବନ ଉତ୍ସର୍ଗିକୃତ
ଆମର ସଂସ୍କୃତି          ଆମ ପରମ୍ପରା
ଜୀବନର ମାନଦଣ୍ଡ, ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥୫॥

କେତେବେଳେ ଗୋଁଣ୍ଡ କତରଟେକେ
କେତେବେଳେ ଗୋଁଣ୍ଡ ପତର ବିକେ
ଆମେରେ ଶାସକ          ଆମ ଆଧିପତ୍ୟେ
ଥିଲା ଭାରତ ଭୂଖଣ୍ଡ ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥୬॥


ରାଜା, ମହାରାଜା, ଜମିଦାର
ଥିଲେ ପୂର୍ବଜ ଯେ ବଂଶଧର
ଗୋଁଣ୍ଡୱାନା କୁଇନ୍          ରାଣୀ ଦୁର୍ଗାବତୀ
ଲୋଟାଇଲେ ଶରମୁଣ୍ଡ, ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥୭॥
ଅନୁସରି ସେ ଆଦର୍ଶ ପଥ
ଆଜି ନେବାରେ ଦୃଢ଼ ଶପଥ
ଶିକ୍ଷାଦିକ୍ଷା ପଥେ          ଅଗ୍ରଣୀ ହୋଇବା
ଉଇଁକି ଆଶା ମାର୍ତ୍ତଣ୍ଡ, ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥୮॥

ଯହିଁ ଜାତି ଗଙ୍ଗା ଆବିର୍ଭୂତ
ଦେଖି ନୟନ ହେଲା ପବିତ୍ର
ସଭିଙ୍କ ଶିରରେ          ଆଶୀର୍ବାଦ ଝରୁ
ଜୟ ଗୋଣ୍ଡୱାନା ଗୋଁଣ୍ଡ - ଜୟ ଗୋଁଣ୍ଡୱାନା ଗୋଁଣ୍ଡ ॥୯॥

ଖୁଣ୍ଟପାଲି, ବାରପୁତୁଗିଆ, ଚୁଡାପାଲି
ବଲାଙ୍ଗୀର - ୭୬୭୦୨୪
ମୋ - ୮୦୧୮୩୪୪୫୪୩

# ସମର୍ପଣ

**ଅନନ୍ତ ଚରଣ ନାୟକ**



ଶ୍ରୀ ଶ୍ରୀ ଜଙ୍ଘାବଡ଼ଦେଓଙ୍କ ଶ୍ରୀଚରଣେ

ଆଜି ବାଇଆ କରିଛ ଏକା ଜଙ୍ଘା ଠାକୁର
ତୁ ତ ଭକ୍ତ ଭାବ ବିନୋଦିଆ ପରମେଶ୍ୱର ॥୦॥

ଯଶୋଦା ଜୀବ ଜୀବନ
ରାଧିକା ଗଳା ରତନ
ସାଧୁ ସନ୍ଥ ଗଣ୍ଠିଧନ
ଦେବଙ୍କ ମଥାଚନ୍ଦନ
ବିଶ୍ୱ ପ୍ରାଣଧନ ହରି
କରୁତୁ ଆକଣ୍ଠ ପାନ ।
ପ୍ରଭୁ ତୁ କାଳ ସର୍ପେ ରୂପେଣ
କରୁ ସାକାର ॥୧॥

ସତ୍ୟ ଖମ୍ବରୁ ବାହାରି
ଦୁଷ୍ଟ ହିରଣ୍ୟ ବିଦାରୀ
ପ୍ରହଲ୍ଲାଦକୁ ଉଦ୍ଧରି
ସୁଖେ ଦେଲୁ ଇନ୍ଦ୍ରପୁରୀ
ଘେନିଲୁ ତ୍ରିପାଦ ଭୂମି
ତିନିବାର ସତ୍ୟ କରି
ପ୍ରଭୁ ତୁ'ତ ବଳିରାଜାକୁ ଚାପିଲୁ
ପାତାଳ ପୁର ॥୨॥

ତ୍ରେତୟାରେ ବୁଲି ବନେ
ମାତିଲୁ ଦୈତ୍ୟ ନିଧନେ
ବଞ୍ଚିଲୁ ଆନନ୍ଦ ମନେ
ପାଳି ସାଧୁସନ୍ଥ ଜନ
ଉଦ୍ଧରିଲୁ ସୀତା ସତୀ
ମାରି ଦୁଷ୍ଟ ଦଶାନନେ
ପ୍ରଭୁ ତୁ'ତ ଶବରୀ ଅଇଁଠାଫଳ
ଖିଆ ଠାକୁର ॥୩॥

ସୁବଳ ସୁଦାମ ସାଥେ
ଦ୍ୱାପରେ ଯା କଲୁ ଯତନେ
ଗଣିତକ ପାରିଛି ସତେ
ଆଟିକା ଭାଙ୍ଗିଛୁ କେତେ
ରଚିଲୁ କେଳୀ ପସରା
ମାଇଁ ରାଧିକା ସଙ୍ଗତେ
ପ୍ରଭୁ ତୁ'ତ ଗୋପାଳୁଣୀଙ୍କ ପାଇଁ
ବସନ ଚୋର ॥୪॥

କଳିଯୁଗେ ବ୍ରହ୍ମରାଶି
ବଉଦ୍ଧି ରୂପରେ ବସି
ପାପ ତାପ ଦେଉନାଶି
ଭକତ ଜନ ଆଶ୍ୱାସି
ଭାଇ ଭଉଣୀଙ୍କ ସାଥେ
ବଡ଼ଦାଣ୍ଡେ ହସି ହସି
ପ୍ରଭୁ! ତୁ'ତ ପୋଡ଼ପିଠା ଲୋଭେ ଯାଉ
ମାଉସୀ ଘର ॥୫॥

ଥାନ ବ୍ରହ୍ମ ଜଙ୍ଘା ନାମେ
ଲିଙ୍ଗାବୁଢ଼ାଙ୍କ ଗହଣେ
ଆମ୍ବସର ମୁଣ୍ଡା ଗ୍ରାମେ
ବସି ପାଷାଣ ଆସନେ
ଭରିଛୁ ହୃଦେ ଦ୍ୟୋତନା
ଷଡ଼ବଂଶୀ ପ୍ରାଣେ ପ୍ରାଣେ
ପ୍ରଭୁ! ତୁ'ତ ଜଗତ୍‌ନାଥ ଦାରୁବ୍ରହ୍ମ
ବଡ଼ ଠାକୁର ॥୬॥

ଆଜି ବି ଘୋର ଉତ୍ପାତ
କରି ଚାଲିଛନ୍ତି ଦୈତ୍ୟ
ଦିଆଁ ଦେବତା ସତତ
ହେଉଛନ୍ତି ଉପେକ୍ଷିତ
କଲ୍‌କୀ ରୂପେ ଅବତରି
ଖଣ୍ଡା ଧରି ବାରହାତ
ପ୍ରଭୁ! ତୁ'ତ ଦୁଷ୍ଟ ସଂହାରି ଗଢ଼ିବୁ
ସୁସ୍ଥ ସଂସାର ॥୭॥

ଲକ୍ଷେ ଯୋଜନରୁ ଥାଇ
ଡାକ ଶୁଣୁ କର୍ଣ୍ଣଦେଇ
ସୁଜ୍ଞାନବତୀ ଜଳାଇ
ଅଜ୍ଞାନ ଅମା ଦୂରେଇ
କରିବୁ ଅନ୍ନ ସଂସ୍ଥାନ
ଜାତି କର୍ଣ୍ଣଧାର ହୋଇ
ପ୍ରଭୁ! ତୁ'ତ ପୂରାଇବୁ ଆଶା ଆମ
ଧରୁ ପୟର ॥୮॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ସା - ପୋଡ଼ା ପଦର, ପୋ.ଅ. :
ଆମ୍ବସର ମୁଣ୍ଡା
ଆଠମଲ୍ଲିକ, ଅନୁଗୋଳ

# ନାରୀ

୧. ନାରୀଟିଏ ବୋଲି ଭାବ ନାହିଁ ମୋତେ
ମୁଁ ତୁମ୍ଭ ସୃଷ୍ଟିକର୍ତ୍ତା
ଅବଳା ଦୁର୍ବଳା ଭାବି ଆଜି ତୁମ୍ଭେ
ହୀନ କଲ ମୋ ମର୍ଯ୍ୟାଦା

୨. କାହିଁକି ସହୁଛି ଆଜି ମୁଁ କଷ୍ଟ
ଏତେ ବଡ଼ ନିର୍ଯ୍ୟାତନା,
ସହି ନ ପାରିବି ଆଉ କଷ୍ଟ ମୁହିଁ
ନ ସହିବି ତୁମ ଯାତନା।

୩. ଛୋଟ ଦୀପଟିଏ ଜଳି ଦିନେ ହୁଏ
ଲିଭି ଶାନ୍ତ ହୁଏ ତାର ମନ
କିନ୍ତୁ ନାରୀ ଯେବେ ଜଳେ ଏକ ଦିନେ
ନ ହୁଏ ଶାନ୍ତ ତା ପ୍ରାଣ।

୪. ସେହି ନାରୀଟିକୁ ଭାବନା ହିଁ ତୁମ୍ଭେ
ଅବଳା ଦୁର୍ବଳା ସମ,
ସେହି ନାରୀ ସତେ ଚାଲୁଛି ଆଦି
ହୋଇ ଯେ ସର୍ବପ୍ରଥମ।

୫. ଅଗ୍ନିସମ ମୋର, ଦୁଇଟି ନୟନ
ଦୁର୍ଗାସମ ମୋର ଶକ୍ତି
ସେହି ଚକ୍ଷୁ ଶକ୍ତିରେ ଉଷ୍ମ କରିଦେବି
ଏ ଖଳ ଲୋକଙ୍କୁ ମୁହିଁ।

୬. ମୁଁ ତୁମ୍ଭ ମାତା ମୁଁ ତୁମ୍ଭ ଭଗ୍ନି
ମୁଁ ତୁମ୍ଭ ଜନ୍ମଦାତ୍ରୀ
ମୁଁ ତୁମ ସେହି ଶକ୍ତିର ବାରୁଦ
ମୁଁ ତୁମ ଦେଶର ନାରୀ।

୭. ନାହିଁ ମୋ ପାଖରେ ଘୃଣା ଭେଦଭାବ
ନାହିଁ ଛୁଆଁ ଅଛୁଆଁ ଭାବ,
ନାହିଁ ମୋ ପାଖରେ ଘୃଣ୍ୟ ମନ ହୀନ
ନାହିଁ ତୁମ କୃପଣ ମନ।

୮. ସଦାସର୍ବଦା ଭଲପାଅ ମୋତେ
ମୁଁ ତୁମ୍ଭ ମାତା ତୁଲ୍ୟ,
ମା' ହୋଇ ଆଜି ଆଶିର୍ବାଦ ଦେବି
ହେ ମୋର ସନ୍ତାନଗଣ।

ଛଅ ଦେଓ, ବାଘମୁଣ୍ଡା, ଦେଓଗଡ଼



# ସଂକ୍ଷିପ୍ତ ବିବରଣୀ

## ବଡଦେଓ ମନ୍ଦିର୍ - ନଅଗାଁ(ଖ)

ବଲାଙ୍ଗିର ଗଦଜାତ ଅଞ୍ଚଳର ଲୋଇସିଂହା ଜମିଦାରୀ ଅଧିନସ୍ଥ ନଅଗାଁ (ଖ) ଠାରେ ସୋମବଂଶୀ ଜମିଦାରଙ୍କ ଦ୍ୱାରା ସ୍ଥାପିତ ପାଞ୍ଚଟି ଇଷ୍ଟଦେବ ମନ୍ଦିର (ଖଲା ବା ଗୁଡି ) ମଧ୍ୟରୁ ଅନ୍ୟତମ ମନ୍ଦିର ଶ୍ରୀ ଶ୍ରୀମାରାଓ ବଡଦେଓ ଙ୍କ ମନ୍ଦିର ସମ୍ଭବତଃ ସନ୍ ୧୮୮୦ ମସିହା ପାଖାପାଖି ସ୍ଥାପିତ ହୋଇଛି । ଲୋଇସିଂହା ଠାରୁ ଏହାର ଦୂରତା ଉତ୍ତରକୁ ପ୍ରାୟ ୭ କି.ମି ଅଟେ । ଉକ୍ତ ଖଳାରେ ମହାଭାରତର ସୋମବଂଶୀ ଶ୍ରୀମାରାଓ(ପଣ୍ଡୁ)ଙ୍କୁ ପୂଜା କରାଯାଏ । ପାର୍ଶ୍ୱ ଦେବାଦେବୀ ଭାବେ ଉଡେନଛତର, ଚଣ୍ଡୀ ମହାବୀରା ପୂଜା ପାଆନ୍ତି । ସୋମବଂଶୀ ଆତ୍ରେୟ ଗୌତ୍ର ଅଧିନସ୍ଥ କୁଅଁର ବଂଶୀୟ ମାନେ ବଂଶାନୁକ୍ରମରେ ଉକ୍ତ ଦେବତାଙ୍କୁ ପୂଜା କରି ଆସୁଛନ୍ତି । ବର୍ତ୍ତମାନ ଶ୍ରୀ ତ୍ରିଲୋଚନ କୁଅଁର (କୁମୁରା), ଶ୍ରୀ ନୃପ ବିଶି (ବିଶି), ଶ୍ରୀ ମାଧବ କୁଅଁର (ଛତ୍ରିଆ)ଭାବରେ ମନ୍ଦିରର ମୂଖ୍ୟ ପୂଜକ ଅଛନ୍ତି । ଶ୍ରୀ ଚଞ୍ଚଳ କୁଅଁର,ଗୋପବନ୍ଧୁ କୁଅଁର,ହରିଶ ଚନ୍ଦ୍ର ଭୋଇ ଓ ଅନ୍ୟମାନେ ଦେହେଲିଆ କାର୍ଯ୍ୟ କରନ୍ତି । ମନ୍ଦିରର ବିକାଶ ତଥା ଅନ୍ୟାନ୍ୟ କାର୍ଯ୍ୟ ର ସୁପରିଚାଳନା ପାଇଁ ଶ୍ରୀ ବୃନ୍ଦାବନ କୁଅଁର ଓ ଦିଲୀପ କୁଅଁର ପରିଚାଳନା କରୁଛନ୍ତି । ମହୁଲ ଗୁଣ୍ଡି,ଆଷାଢ ଶୁକ୍ଳ ଦଶମୀ,ନବାନ୍ନ ଭକ୍ଷଣ ତଥା ପ୍ରତି ବର୍ଷ ପୌଷ ଶୁକ୍ଳପକ୍ଷ ଦଶମୀ ତିଥିରେ ବଡଦେଓ ଙ୍କ ପୌଷ୍ୟାଭିଷେକ ପର୍ବ ପାଳନ କରାଯାଏ ।





ସଂଗ୍ରାହକ
ଶ୍ରୀ ଚନ୍ଦ୍ରଶେଖର କୁଅଁର
ଅମାମୁଣ୍ଡା,ବଲାଙ୍ଗିର

## *With Best Compliments From :*



**BHUBANESWAR NAIK**
Asst. General Manager
Rourkela Steel Plant



**MRS. BHARATI NAIK**
**President, ABGGM**
**Jharsuguda Zilla Mahila Ayojan Samiti**


**MISS. DIPTI NAIK**
B.Tech. Computer Science

**MISS PRIYANKA NAIK**
Reading in Class - IX

Qr. No. - A/7, Fertilizer Town, Rourkela - 7
Mobile : 8895500633

ପଢ଼ନ୍ତୁ...
ସାଇତି ରଖନ୍ତୁ...

ଶ୍ରୀଶ୍ରୀ ଜଙ୍ଘାଦେବ




## ଗୋଁଣ୍ଡ ଜୀବନ ସଂସ୍କୃତି ଉପରେ
## ପ୍ରକାଶ ପାଇଲା
## 'ଡଙ୍ଗର ଉହାଡ଼େ ଜହ୍ନ'

ଲେଖକ : ଜିତେନ୍ଦ୍ର ପଟ୍ଟନାୟକ
ପ୍ରସାର : ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା,
ଓଡ଼ିଶା ପ୍ରଦେଶ କମିଟି